# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, November 2/2022 Page 16 ₹ 7.00 | ★★★★

୪୮ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 336 | ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

ଧରିତ୍ରୀ
DHARITRI



# ଅଣାୟତ୍ତ ସାଇବର ଠକେଇ

- କାମ କରୁନି ପୋଲିସ କାର୍ଯ୍ୟାନୁଷ୍ଠାନ
- ସଚେତନତା ଦ୍ୱାରା ହିଁ ସାଇବର କ୍ରାଇମ୍ ରୋକିହେବ: ବିଶେଷଜ୍ଞ



**ସତ୍ୟଜିତ୍ ରାଉତ, କାର୍ତ୍ତିକ ସାହୁ, ସୁଭାଶିଷ ପାଢ଼ୀ**
**ଭୁବନେଶ୍ୱର/କଟକ/ସମ୍ବଲପୁର,୧।୧୧**

ଲୋକମାନେ ଅନ୍‌ଲାଇନ ବ୍ୟବସ୍ଥାରେ ଅନେକ ସୁବିଧା ପାଉଛନ୍ତି। ହେଲେ ଲୋକଙ୍କ ପାଇଁ ଏହା ଅନେକ ସମୟରେ ଚିନ୍ତାର କାରଣ ପାଲଟୁଛି। ସାଇବର ଠକମାନେ ଲୋକଙ୍କୁ ବିଭିନ୍ନ ଜାଲରେ ଫସାଇ ବହୁ ଟଙ୍କା ହଡ଼ପ କରୁଛନ୍ତି। ବିଭିନ୍ନ ସ୍କିମ୍ ମାଧ୍ୟମରେ, ଫାର୍ମାସ୍ୟୁଟିକାଲ୍ ଉତ୍ପାଦ କ୍ରୟ ବା ଅନ୍‌ଲାଇନ୍ କାରବାର ସମୟରେ, ମୋବାଇଲ୍ ଟାୱାର ସ୍ଥାପନ ବା ବିଦେଶରୁ ଉପହାର ପାର୍ସଲ ପଠାଇବା ଆଳରେ ଠକିଥାନ୍ତି। ଆଉ କେତେବେଳେ ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ମଧ୍ୟ ଖାଲି କରିଦେଉଛନ୍ତି। ବିଶେଷକରି ବିଦ୍ୟୁତ୍ ବକେୟା ବିଲ୍, ଚାକିରି ଲୋଭ, ଶେୟାର ମାର୍କେଟ, ଋଣ ଦେବା ଆଦି ଆଳରେ ଅଧିକ ଠକେଇ ହେଉଥିବା ଦେଖିବାକୁ ମିଳୁଛି। ଓଡ଼ିଶାରୁ ଗତ ୪ ବର୍ଷ ଅର୍ଥାତ ୨୦୧୮ରୁ ☞ପୃଷ୍ଠା-୨

## ପାର୍ବଣରେ ୪୦% ଭାରତୀୟ ଅନ୍‌ଲାଇନ ଠକେଇର ଶିକାର

**ନୂଆଦିଲ୍ଲୀ,୧।୧୧**

ଦେଶରେ ଅନ୍‌ଲାଇନ ଶପିଂ ବଢ଼ିବା ସହିତ ଦୁର୍ନୀତି ଓ ଠକେଇ ବଢ଼ିଥିବା ଦେଖାଯାଇଛି। ଏକ ସର୍ଭେ ଅନୁଯାୟୀ ଚଳିତ ବର୍ଷ ପାର୍ବଣ ଋତୁରେ ୪୦ ପ୍ରତିଶତ ଭାରତୀୟ ଅନ୍‌ଲାଇନ ଶପିଂ ବେଳେ ଠକେଇର ଶିକାର ହୋଇଛନ୍ତି। ଏହାଦ୍ୱାରା ସେମାନେ ହାରାହାରି ୬,୨୧୬ ଟଙ୍କା କ୍ଷତି ସହିଥିବା ସର୍ଭେରେ କୁହାଯାଇଛି। ବୈଶ୍ୱିକ ସ୍ତରର ସାଇବର ନିରାପତ୍ତା ସଂସ୍ଥା ନୋର୍ଟନ ପକ୍ଷରୁ ଦି ହାଇରିସ୍ ପୋଲ୍ ଏହି ସର୍ଭେ କରିଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ସର୍ଭେରେ ସାମିଲ ହୋଇଥିବା ପ୍ରାପ୍ତବୟସ୍କ ଭାରତୀୟଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ସେମାନଙ୍କର ବ୍ୟକ୍ତିଗତ ବିବରଣୀର ଅପବ୍ୟବହାର କରାଯାଉଥିବା ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ସେହିପରି ତୃତୀୟ ପକ୍ଷ ଖୁଚୁରା ବ୍ୟବସାୟୀଙ୍କ ଦ୍ୱାରା ସେମାନେ ଠକେଇରେ ପଡ଼ିଥିବା ୭୭ ପ୍ରତିଶତ ଅଭିଯୋଗ କରିଛନ୍ତି। ୬୯ ପ୍ରତିଶତଙ୍କ କହିବା ଅନୁଯାୟୀ ସେମାନେ ଗିଫ୍ଟ ଭାବେ ଅନ୍‌ଲାଇନରେ କିଣିଥିବା ଉପକରଣକୁ ହ୍ୟାକ୍ କରାଯାଇଛି। ନୋର୍ଟନ ଇଣ୍ଡିଆ ନିର୍ଦ୍ଦେଶକ ରିତେଶ ଚୋପ୍ରାଙ୍କ କହିବା ଅନୁଯାୟୀ ନିକଟ ଅତୀତରେ ଅନ୍‌ଲାଇନ ଗ୍ରାହକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଏଥିସହିତ ଏଭଳି ଶପିଂରେ ଦୁର୍ନୀତି, ଗିଫ୍ଟ କାର୍ଡରେ ଠକେଇ, ଡାକ ଯୋଗେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ସାହସୀ ଇରାନୀୟ ମହିଳା

## ରାସ୍ତାରେ ମହିଳାଙ୍କୁ ହତ୍ୟା

**ବାରିପଦା ଅଫିସ/କପ୍ତିପଦା, ୧।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଝୁନୁପାଳ ଗ୍ରାମଛକଠାରେ ମଙ୍ଗଳବାର ରାସ୍ତା ମଝିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଜଣେ ବ୍ୟକ୍ତି ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ହତ୍ୟାକାରୀଙ୍କ ସମ୍ପର୍କରେ ସୂଚନା ମିଳି ନ ଥିବା ବେଳେ ପୋଲିସ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଛି। ମୃତ ମହିଳା ହେଲେ ଜେଏସ୍ ଜାମୁଡିହା ପଞ୍ଚାୟତ ଅନ୍ତର୍ଗତ କଣ୍ଟାଗଡ଼ି ଗ୍ରାମର ଶଚ୍ଚିନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ପଦ୍ମିନୀ (୩୬)। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ.୩୧୩/୨୨)ରୁଜୁ କରି ☞ପୃଷ୍ଠା-୨

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଛୁରାମାଡ଼

**କଟକ ଅଫିସ,୧।୧୧**

**ଯୁବକଙ୍କ ଏକତରଫା ପ୍ରେମ**

କଟକ ଜିଲା ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀଠାରେ ଜଣେ ଯୁବକଙ୍କ ଏକତରଫା ପ୍ରେମର କରୁଣ ପରିସ୍ଥିତି ମଙ୍ଗଳବାର ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକଙ୍କ ଛୁରାମାଡ଼ରେ ଜଣେ ଇଞ୍ଜିନିୟରିଂ ଛାତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଛାତ୍ରୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୮୫/୨୨)ରୁଜୁ କରି ☞ପୃଷ୍ଠା-୨




1585-2022



**ଆଜିର ମନ୍ତବ୍ୟ**

"ସଂଯୋଗକାରୀ ପ୍ରକଳ୍ପଗୁଡ଼ିକ ବିଭିନ୍ନ ଦେଶର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ।
– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଭିଲାଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାଇତଳିଆ ବେଉସା,
ଛୋକାରୁଣୀ ମାଇପିଙ୍କ ଓଷା,
ପାଣିବୁହାନ୍ତିଙ୍କ ମୁଣ୍ଡ ଖୋଷା,
ସଖୀ ବଡ଼ ମନ୍ଦ ଏ ।**

ଅନ୍ଧାରୁଆ ଜାଗାରେ ବେପାର ବଣିଜ କରିବା ସେତେଟା ଲାଭଜନକ ହୋଇ ନ ଥାଏ। ଆଚରଣରେ ତଥା ଉଚ୍ଚାରଣରେ ଅଶ୍ଳୀଳତା ପ୍ରଦର୍ଶନ କରୁଥିବା ମହିଳା ଓଷାବ୍ରତ କରିବାରେ ଲାଭ କିଛି ମିଳି ନ ଥାଏ। ସେହିପରି ମୁଣ୍ଡରେ ପାଣି ବୋହୁଥିବା ମହିଳାଙ୍କ ପକ୍ଷେ ମୁଣ୍ଡରେ ଖୋଷା ପାରିବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାସ୍ତବ କ୍ଷେତ୍ରରେ ଏସବୁ ମନ୍ଦ ସାବ୍ୟସ୍ତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଇକି ଛତା,
ପାଣିକି ଜୋତା।**

ଛତା ଖରାରୁ ରକ୍ଷାକରି ଛାଇ ପ୍ରଦାନ କରିବା ସହ ବର୍ଷାରୁ ମଧ୍ୟ ସୁରକ୍ଷା ଦେଇଥାଏ। ସେହିପରି ଜୋତା ପାଦକୁ ବରଷା ପାଣିରୁ ରକ୍ଷା କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ରାସ୍ତାରେ ମହିଳାଙ୍କୁ...

ମୃତଦେହ ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନାକୁ ପଠାଇଛି। ସୂଚନା ଅନୁଯାୟୀ, ପଦ୍ମିନୀ ଅପରାହ୍ନ ୧ଟା ବେଳେ ବସ୍‌ରେ ଆସି ଜୁନୁପାଳ ଛକଠାରେ ଓହ୍ଲାଇଥିଲେ। ସେଠାରୁ ସେ ଚାଲିଚାଲି ଘରକୁ ଫେରୁଥିବା ବେଳେ ଜଣେ ବ୍ୟକ୍ତି ଆସି ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସେ ରାସ୍ତାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନି।

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ...

ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ପ୍ରତାପନଗରୀ ଅଞ୍ଚଳର ସତ୍ୟରଞ୍ଜନ ବେହେରା ଏକତରଫା ଭାବେ ସମ୍ପୃକ୍ତ ଛାତ୍ରୀଙ୍କୁ ଭଲ ପାଉଥିଲେ। ବିବାହର ପ୍ରତିଶ୍ରୁତି ଦେଇ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲେ। ହେଲେ ଛାତ୍ରୀ ଜଣକ ଏଥିରେ ରାଜି ନ ହେବାରୁ ସେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ଛାତ୍ରୀ ଜଣକ ଏକ ଟ୍ରେନିଂ କାର୍ଯ୍ୟକ୍ରମରେ ଯୋଗଦେଇ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ପ୍ରତାପନଗରୀଠାରେ ବସ୍‌ରୁ ଓହ୍ଲାଇଥିଲେ। ପରେ ଚାଲି ଚାଲି ତାଙ୍କ ଘରକୁ ଯାଉଥିଲେ। ଏହି ସମୟରେ ସତ୍ୟରଞ୍ଜନ ଏକ ବୁଲେଟ୍‌ରେ ଆସି ପହଞ୍ଚିବା ପରେ ଛାତ୍ରୀଙ୍କୁ ଟଣାଓଟରା ସହ ଦୁର୍ବ୍ୟବହାର କରିଥିଲେ। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ ସେ ପାଖରେ ରଖିଥିବା ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଛାତ୍ରୀଙ୍କ ହାତ ଓ ଜଂଘରେ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସମ୍ପୃକ୍ତ ଛାତ୍ରୀ ଅନୁସୂଚିତ ଜାତିର ହୋଇଥିବାରୁ ଆକ୍ରମଣ କରିବାବେଳେ ସେ ତାଙ୍କୁ ଜାତିଆଣ ଆକ୍ଷେପ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଛାତ୍ରୀ ଜଣକ ଯନ୍ତ୍ରଣାରେ ଚିତ୍କାର କରୁଥିବାବେଳେ ସତ୍ୟରଞ୍ଜନ ଗାଡ଼ି ନେଇ ଖସି ପଳାଇଥିଲେ। ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଆକ୍ରମଣକାରୀ ଯୁବକ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।

## ଅଣାଯତ୍ତ ସାଇବର...

୨୦୨୨ ମଧ୍ୟରେ ୧୨୨.୪୮ କୋଟି ଟଙ୍କା ଠକେଇ ହୋଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଗତ ବିଧାନସଭା ଅଧିବେଶନରେ ତଥ୍ୟ ରଖିଥିଲେ। ଏପରିକି ଉକ୍ତ ଠକେଇ ଟଙ୍କାରୁ ୨.୮୭ କୋଟି ଫେରାଇ ଅଣାଯିବା ସହ ୨୪ ଆନ୍ତଃରାଜ୍ୟ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ କରିଥିଲେ। ତେବେ ମନ୍ତ୍ରୀଙ୍କ ବୟାନକୁ ଦେଖିଲେ ସାଇବର ଠକେଇ ହେଉଥିବା ପରିମାଣ ଅନୁସାରେ ଉଦ୍ଧାର ହେଉଥିବା ପରିମାଣ ବହୁ କମ୍। ରାଜ୍ୟରେ ବଢୁଥିବା ଆର୍ଥିକ ଠକେଇ ଏବଂ ସାଇବର ଅପରାଧର ମୁକାବିଲା ପାଇଁ ଓଡିଶାରେ ମୋଟ ୧୪ଟି ସାଇବର ଏବଂ ଅର୍ଥନୈତିକ ଅପରାଧ ପୋଲିସ ଷ୍ଟେଶନ ପ୍ରତିଷ୍ଠା କରାଯାଇଛି। ଏପରି କି ଏଥିପାଇଁ ୧୫୪ଟି ପଦବୀ ଏବଂ ୯୦ ଜଣ ବିଶେଷଜ୍ଞ ପଦବୀକୁ ମଞ୍ଜୁର କରାଯାଇଛି। ବର୍ତ୍ତମାନ ରାଜ୍ୟରେ ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, କଟକ, ଭୁବନେଶ୍ୱର, କେନ୍ଦୁଝର, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, ଭବାନୀପାଟଣା, ବଲାଙ୍ଗୀର ଏବଂ କନ୍ଧମାଳଠାରେ ସାଇବର ପୋଲିସ ଷ୍ଟେଶନ ରହିଛି। ଏହାସତ୍ତ୍ୱେ ସାଇବର ଅପରାଧୀମାନେ ବିଭିନ୍ନ ଜାଲରେ ଲୋକଙ୍କୁ ଫସାଇ ଠକିବାରେ ଲାଗିଛନ୍ତି।

ତଥ୍ୟ ଅନୁଯାୟୀ ୨୦୨୦ରେ ରାଜ୍ୟରେ ସାଇବର ଅପରାଧ ସମ୍ପର୍କିତ ୧୯୩୧ଟି ମାମଲା ରୁଜୁ କରାଯାଇଥିବାବେଳେ ୨୦୨୧ରେ ଏଥିରେ ୫.୫% ବୃଦ୍ଧି ପାଇ ୨୦୩୭ଟି ମାମଲା ରୁଜୁ ହୋଇଥିଲା। ରାଜ୍ୟରେ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମଧ୍ୟ ଚିନ୍ତାଜନକ ରହିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ୨୦୨୧ରେ ଦେଶବ୍ୟାପୀ ସାଇବର ଅଶ୍ଳୀଳତା ଓ ମର୍ଫିଂ ମାମଲା ମୋଟ ୨,୫୯୭ ରହିଥିବା ବେଳେ ଏଥିରୁ ଓଡ଼ିଶାରେ ସର୍ବାଧିକ ୨୬ % ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କେବଳ ଅପାଠୁଆ ନୁହେଁ, ବରଂ ଶିକ୍ଷିତ ବର୍ଗର ଲୋକେ ମଧ୍ୟ ସାଇବର ଠକେଇର ଶିକାର ହେଉଛନ୍ତି। ୨୦୨୧ ଡିସେମ୍ବରରେ କୋରାପୁଟ ଜିଲାର ଜଣେ ଆଇଟି ପ୍ରଫେଶନାଲ ସାଇବର ଅପରାଧୀଙ୍କ ପାଇଁ ୪୨.୬୭ ଲକ୍ଷ ଟଙ୍କା ହରାଇଥିଲେ। ତାଙ୍କୁ ଅନ୍‌ଲାଇନରେ ଅଳ୍ପ ସମୟ ମଧ୍ୟରେ ଅଧିକ ରିଟର୍ଣ୍ଣ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇ ଠକେଇ କରାଯାଇଥିଲା।

ରାଜଧାନୀ ଭୁବନେଶ୍ୱରରେ ସାଇବର ଅପରାଧୀ ଅଧିକ ମାତ୍ରାରେ ସକ୍ରିୟ ଅଛନ୍ତି, ଯାହାକି ଗତ ୯ ମାସର ତଥ୍ୟକୁ ଦେଖିଲେ ସ୍ପଷ୍ଟ ଅନୁମେୟ ହେଉଛି। ଏହି ସମୟ ମଧ୍ୟରେ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ଓ ସାଇବର ହେଲ୍ପ ଡେସ୍କକୁ ୨ହଜାରରୁ ଅଧିକ ଅଭିଯୋଗ ଆସିଥିବାବେଳେ ୯.୫୦ କୋଟିରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି ଠକ। ରିପୋର୍ଟ ଅନୁଯାୟୀ, ରାଜଧାନୀବାସୀ ଜାନୁୟାରୀରେ ୧.୩୧ କୋଟି, ଫେବୃୟାରୀରେ ୧.୩୯ କୋଟି, ମାର୍ଚ୍ଚରେ ୯୧.୫୬ ଲକ୍ଷ, ଏପ୍ରିଲରେ ୭୬ ଲକ୍ଷ, ମେ'ରେ ୭୫.୭୫ ଲକ୍ଷ, ଜୁନ୍‌ରେ ୧.୬ କୋଟି, ଜୁଲାଇରେ ୧.୩୮ କୋଟି, ଅଗଷ୍ଟରେ ୮୦ ଲକ୍ଷ ଏବଂ ସେପ୍ଟେମ୍ବରରେ ୧କୋଟି ୭ଲକ୍ଷ ୭୧ ହଜାର ୩୪୮ ଟଙ୍କା ହରାଇଛନ୍ତି। ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ୩୯ ମାମଲା ରୁଜୁ କରାଯାଇଥିବା ବେଳେ ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗତ ୯ ମାସର ଏହି ରିପୋର୍ଟକୁ ଦେଖିଲେ ଅନେକ ଅଭିଯୋଗ ଆସୁଥିଲେ ମଧ୍ୟ ପୋଲିସ କିଛି ବଡ଼ ରାକେଟ ପାଖରେ ପହଞ୍ଚିପାରି ନାହିଁ। କେବଳ ଅକ୍ଟୋବର ୬ରେ ଇଣ୍ଟରନେଟ୍‌ରେ ବିଜ୍ଞାପନ ଦେଇ ବିଭିନ୍ନ ଏସ୍କର୍ଟ ସର୍ଭିସ ଦେବା ଆଳରେ ଠକେଇ କରୁଥିବା ଏକ ଗ୍ୟାଙ୍ଗର ୫ ଜଣଙ୍କୁ ଭୁବନେଶ୍ୱରରୁ ପୋଲିସ ଗିରଫ କରିଥିଲା। ସାଇବର ଠକେଇ ସମ୍ପର୍କରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ କହିବା କଥା, ସାଇବର ଠକେଇ ରୋକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସାଇବର ଥାନା ଦ୍ୱାରା ଟଙ୍କା ଫେରାଇ ଅଣାଯାଇପାରୁଛି। ଧୀରେ ଧୀରେ ଲୋକଙ୍କ ମଧ୍ୟରେ ସଚେତନତା ବଢୁଛି। ଠକେଇର ବହୁଦିନ ପରେ ପ୍ରାୟ ଲୋକ ଅଭିଯୋଗ କରୁଛନ୍ତି। ସେମାନେ ତୁରନ୍ତ ଅଭିଯୋଗ କଲେ ଓ ବ୍ୟବସ୍ଥା ଭଲ ଭାବେ କାର୍ଯ୍ୟ କଲେ ତଦନ୍ତରେ ସଫଳତା ମିଳିବ ବୋଲି ଡିସିପି ସିଂ କହିଛନ୍ତି।

ସେହିପରି ଚଳିତବର୍ଷ ସମ୍ବଲପୁର ସାଇବର ଥାନାରେ ୫୦ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୩୦ଟି ମାମଲାରେ ପୋଲିସ ୨୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ମାମଲା ମଧ୍ୟରେ ୧୦ଟି ଅନ୍ତରଙ୍ଗ ଭିଡିଓ ଭାଇରାଲ ଘଟଣା ରହିଥିବାବେଳେ ସାମାଜିକ ଗଣମାଧ୍ୟମରେ ମିଛ ଆକାଉଣ୍ଟ ଖୋଲି ଚାନ୍ଦା ମାଗିବା ଏବଂ ବିଭିନ୍ନ ପ୍ରସଙ୍ଗରେ ଭାଇରାଲ କରିବାର ୪ ମାମଲା ଏବଂ ଅନ୍ୟ ୩୬ଟି ଲଟେରି ଲାଗିବା, କେୱାଇସି ଅପ୍‌ଡେଟ କରିବା, ଅନ୍‌ଲାଇନ୍ ଶପିଂ କରିବା ଭଳି ପ୍ରଲୋଭନ ଘଟଣା ରହିଛି। କଟକ ସହରରେ ଗତ ୯ମାସ ମଧ୍ୟରେ ସାଇବର ଅପରାଧ ସମ୍ପର୍କିତ ୩୩ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରେ ଆର୍ଥିକ କାରବାର ସମ୍ପର୍କିତ ୨୪ଟି ମାମଲା ରୁଜୁ ହୋଇଥିବାବେଳେ ୪ଟି ମାମଲାରେ ୭ଜଣଙ୍କୁ ଗିରଫ କରାଯାଇଛି। ଏଥିସହିତ ୧୫ଲକ୍ଷ ଟଙ୍କା ଉଦ୍ଧାର କରାଯାଇଛି। ସେହିପରି ସୋସିଆଲ ମିଡିଆ ସମ୍ପର୍କିତ ୯ଟି ମାମଲା ରହିଛି। ସେଥିରୁ ୩ଟି ମାମଲାରେ ୩ଜଣଙ୍କୁ ଗିରଫ କରାଯାଇଥିବା କଟକ ସାଇବର ଥାନା ଅଧିକାରିଣୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି।

ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁଙ୍କ ମତରେ ସାଇବର କ୍ରାଇମର ଶିକାର ହେବା ପରେ ଲୋକମାନେ ପୋଲିସ ପାଖକୁ ଯାଆନ୍ତି। ଗୋଲ୍ଡେନ ଆୱାର କୁହାଯାଇଥିବା ୧ ଘଣ୍ଟା ମଧ୍ୟରେ ଅଭିଯୋଗ ହେଲେ ଅନ୍‌ଲାଇନ ଟୁଲ ମାଧ୍ୟମରେ ପୋଲିସ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରି କିଛି ମାମଲାରେ ଟଙ୍କା ଫେରାଇ ଆଣିପାରେ। ଯେଉଁ ଅପରାଧୀ ଲୁଟ୍ ଟଙ୍କାକୁ ଅନ୍ୟ କୌଣସି ବ୍ୟାଙ୍କକୁ ଟ୍ରାନ୍ସଫର୍ କରି ନ ଥାନ୍ତି, ସେଭଳି ସ୍ଥିତିରେ ଏହା ସମ୍ଭବ ହୁଏ। ଏହାଛଡ଼ା ପୋଲିସ ଆଉ କିଛି କରିପାରେ ନାହିଁ। ଅଧିକ ସାଇବର ଥାନା ଖୋଲାଗଲେ ମଧ୍ୟ ଏହି ଠକେଇ କମିବ ନାହିଁ। ସଚେତନତା ଦ୍ୱାରା ହିଁ ସାଇବର କ୍ରାଇମ୍ ରୋକିହେବ। ଲୋକମାନେ ବୁଝିବା ଭଳି ପ୍ରାୟ ୨ରୁ ୩ ମିନିଟ ବିଶିଷ୍ଟ ସାଇବର ସଚେତନାତ୍ମକ ଭିଡିଓ ଆସିବା ଦରକାର। ସରକାରଙ୍କ ପକ୍ଷରୁ ମଧ୍ୟ ଏକ ସଂସ୍ଥାକୁ ଦାୟିତ୍ୱ ଦେବା ସହ ଏକ ଟୋଲ ଫ୍ରି ନମ୍ବର ଅବା ହ୍ୱାଟ୍‌ସଆପ୍ ନମ୍ବର ଜାରି କରିବା ଦରକାର। ଫଳରେ ଠକେଇ ହେବା ପୂର୍ବରୁ ଲୋକମାନେ ଉକ୍ତ ସାଇବର ହେଲ୍ପଲାଇନ ନମ୍ବର ସାହାଯ୍ୟରେ ପ୍ରଶ୍ନ ପଚାରି ପରାମର୍ଶ ନେଇପାରନ୍ତେ। କୌଣସି ରାଜ୍ୟ ପୋଲିସ ମଧ୍ୟ ସାଇବର ଅପରାଧୀ ଗ୍ୟାଙ୍ଗଙ୍କୁ ଧରିପାରୁ ନାହାନ୍ତି। ଫେକ୍ ସିମ୍ ବ୍ୟବହାର ଦ୍ୱାରା ସାଇବର ଠକମାନେ କଲ୍ କିମ୍ବା ଏସ୍‌ଏମ୍‌ଏସ୍ କରି ଠକେଇ କରୁଛନ୍ତି। ଟେଲିକମ୍ ସଂସ୍ଥା ପକ୍ଷରୁ ମଧ୍ୟ ନିୟମିତ ବ୍ୟବଧାନରେ କେୱାଇସି ହେବା ଦରକାର। କେୱାଇସି କରାଗଲେ ବହୁ ସିମ୍ ଫେକ୍ ବାହାରିବ। ଏପରିକି କଲ୍ ସେଣ୍ଟରରେ କାମ କରୁଥିବା କର୍ମଚାରୀମାନେ ବ୍ୟାଙ୍କ ତଥ୍ୟକୁ ସାଇବର ଠକଙ୍କୁ ବିକ୍ରି କରୁଛନ୍ତି। ଝାଡ଼ଖଣ୍ଡର ଜାମତେରା, ହରିୟାଣାର ମେୱାଟ୍, ରାଜସ୍ଥାନର ଭରତପୁର, ଉତ୍ତରପ୍ରଦେଶର ମଥୁରା ଏବଂ ପଶ୍ଚିମବଙ୍ଗର ଆଶାନ୍‌ସୋଲ୍ ଅଞ୍ଚଳରେ ବହୁ ସାଇବର ଅପରାଧୀ ରହି ସେମାନଙ୍କ ନେଟ୍‌ୱର୍କ ଚଳାଇଛନ୍ତି। ଏସବୁ ଅଞ୍ଚଳରୁ ବାହାରକୁ କେତେ କଲ୍ ଯାଉଛି, ତାହାକୁ ଯାଞ୍ଚ କରାଗଲେ ମଧ୍ୟ ସାଇବର ଅପରାଧୀମାନେ ଧରାପଡ଼ିବେ। ସରକାର ଏଭଳି ପଦକ୍ଷେପ ନେଲେ ସାଇବର ଅପରାଧକୁ ରୋକା ଯାଇପାରିବ ବୋଲି ସାହୁ କହିଛନ୍ତି।

ସାଇବର ଠକେଇର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଥିବା କଟକ ଜିଲାର ସର୍ବପ୍ରସନ୍ନ ପଣ୍ଡା କହିଛନ୍ତି, ଓଡ଼ିଆ ମାଟ୍ରିମୋନିରେ ବିବାହ କରିବାକୁ ଯାଇ ସାଇବର ଠକେଇର ଶିକାର ହୋଇଥିଲି। ସାଇବର ଠକ ଝିଅ ରୂପେ ମୋ ସହ ସମ୍ପର୍କ ସ୍ଥାପନ କରି ଉପହାର ଲୋଭ ଦେଖାଇଥିଲା। ଲୋଭରେ ପଡ଼ି ମୁଁ ୩ ଲକ୍ଷ ୯୫ ହଜାର ଟଙ୍କା ସାଇବର ଅପରାଧୀଙ୍କୁ ଦେଇଥିଲି। ସାଇବର ହେଲ୍ପ ଡେସ୍କ ଓ ସ୍ଥାନୀୟ ନେମାଳ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସେମାନେ ମୋ ଟଙ୍କା ଫେରାଇ ଆଣିପାରି ନ ଥିଲେ। ମୋ ଭଳି ଆଉ କେହି ଠକେଇର ଶିକାର ନ ହୁଅନ୍ତୁ। ସମସ୍ତେ ସଚେତନ ହୁଅନ୍ତୁ ବୋଲି ପଣ୍ଡା କହିଛନ୍ତି।

## ପାର୍ବଣରେ ୪୦% ଭାରତୀୟ...

ସାମଗ୍ରୀ ପଠାଇବାରେ ଜାଲିଆତି ଆଦି ମଧ୍ୟ ବଢ଼ିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସର୍ଭେରେ ଭାଗନେଇଥିବା ୭୮% ଭାରତୀୟ ପ୍ରାପ୍ତବୟସ୍କଙ୍କ ମତ ହେଲା, ସେମାନେ ପାର୍ବଣ ଋତୁରେ ନିଜ ଡିଭାଇସ୍ ଜରିଆରେ ଅନ୍‌ଲାଇନରେ ସମୟ ଅତିବାହିତ କରିବା ସହିତ ଅଧିକ ଲୋକଙ୍କ ସହ ଯୋଗାଯୋଗରେ ଆସିପାରିଛନ୍ତି। ଏହା ସେମାନଙ୍କୁ ମାନସିକ ଭାବେ ସୁସ୍ଥ ରଖିବାରେ ସହାୟକ ହୋଇଛି ବୋଲି ୭୪ ପ୍ରତିଶତ ମତ ଦେଇଛନ୍ତି।



# classifieds Everyday
0674-2580101, 2549302




### BRIDE WANTED

Wanted bride working/ Non working/ any caste for divorced handsome Karan boy, only child, B.Tech, 35years, 5'10", Senior Manager Nationalised Bank, settled at Bhubaneswar. Parents contact: 7978789110, 9853014477. D-71044

Brahmin groom 55 yrs, 5ft. 3 inch, Govt. Service, Caste No Bar, widow and divorced allowed. Mob: 9556803340. D-1850

### GROOM WANTED

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother (IAS Faculty) Mob.: 9990161440. D-1902

Govt. ଚାକିରିଆ 30 ବୟସ୍କା, କରଣ Divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 9124023134. D-1882

42 ବର୍ଷର ମହିଳା EPFO Officeରେ Clerk ଭାବରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7656973285. D-1874

ବିଧବା 49 ବୟସ୍କା ଏକାକୀ ରହୁଥିବା ସରକାରୀ ଚାକିରି କରୁଥିବା କରଣ ଜାତିର ଝିଅଙ୍କୁ ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 8093860535. D-1878




### SALE

CRETA, PETROL, WHITE COLOUR. RUN-47,000KMS. Model-December-2018. Contact: 9861060973. D-1901

CAR SALE: 2015 Excellent condition Audi Q3 top model for sale Rs.-12,80,000/- contact Owner- 9040026465 (BABU BHAI). D-1809




### SALE

Luxurious 4BHK Duplex near Balianta Bazar. Land-1400, Construction- 2200- 85 Lakh. 9938219397, 9861022055. D-1885

Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner-9853926464. (BABU BABU). D-1808

ସତ୍ୟନଗରରେ 20000sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ – 9937910363, 9778928492. D-73657

Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452. D-73990

4000sqft. Own gharabari, boundary plot for sale at Andilo Mouza, Bhubaneswar. Contact: 9658609631. D-73889

Gharabari plot at Balianta Govt. road side. 2BHK & 3BHK flat ready to move near Patia Station. 7437998131. D-71661

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ। 8249422604. D-74141

ପାଇକରାପୁର TPରେ 2Acre plot ଦରକାର। ଯୋଗାଯୋଗ- 9937910363, 9778928492. D-73658

Ready to move studio flat for sale at Narendra Kona, Puri, Occupancy Certificate Obtained. Contact: 9861929740. D-73888

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂର ଏବଂ କଟକ ମଙ୍ଗୁଳି Low cost plot ମିଳୁଛି। 9692213354. D-73993

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1883

Plot sale/ investment in and around Bhubaneswar. Cost starting from 1.00 Lakh. Contact: 9078020885. D-73355

Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685. D-1806

### PURCHASE

Required used readymade 1/2/3/4 BHK flats from direct owners, Bhubaneswar. 6371090682. D-74301




Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-1823




Relax, Refresh your body, Mind at Saikrupa Spa with best therapies. 8984068077. D-1863

Newly open full body massage ladies and gents. 8327740003, 8093860513. D-73992

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994




ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ନିଜର କାର୍ଯ୍ୟସାଧନ ସକାଶେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ଅଭାବବୋଧ ବିଶେଷ ବାଧିବ ନାହିଁ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ପରିବାର ଓ କର୍ମକ୍ଷେତ୍ରର ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କିଛି ଅସୁବିଧା ହେବନି। ସହକର୍ମୀଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** – ଲୁଚି ରହିଥିବା ମନର ଦୁଃଖକୁ ଲୁଚାଇ ବନ୍ଧୁ ମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। କର୍ମକ୍ଷେତ୍ରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** – ଆକସ୍ମିକ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** – ପାରିବାରିକ କ୍ଷେତ୍ରର ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**କନ୍ୟା** – ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ଈର୍ଷାପରାୟଣ ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** – ପରିସ୍ଥିତିକୁ ସମ୍ଭାଳିବା ପରିପ୍ରେକ୍ଷୀରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ବିଛା** – ସାଧାରଣ ଘଟଣାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେଇପାରେ । ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି । ଜ୍ୟେଷ୍ଠାନକ୍ଷତ୍ର ସକାଶେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ଧନୁ** – ପ୍ରତିଦ୍ୱନ୍ଦ୍ୱୀଙ୍କ ସହିତ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ । ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସିଆଲି କାମରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** – ପ୍ରିୟଜନଙ୍କ ସହ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅବଶ୍ୟ ପାରିବାରିକ ସ୍ଥିତିରେ ଉନ୍ନତି କରିବେ। ତଥାପି ମାନସିକ ଅସ୍ଥିରତା କାରଣରୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ । ସରକାରୀ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ବନ୍ଧୁଙ୍କ ସହାୟତାରେ ହଠାତ୍ ହୋଇଯିବ। ବନ୍ଧୁମାନଙ୍କ ଗହଣରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** – ପାରିବାରିକ ସମସ୍ୟା ସମାଧାନରେ ରାସ୍ତା ଖୋଜିବାରେ ସମର୍ଥ ହେବେ । ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୀର୍ଘଦିନର କ୍ରନିକ୍ ରୋଗର ପ୍ରାଦୁର୍ଭାବ ଫଳରେ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଶତ୍ରୁମାନେ ସମ୍ମୁଖରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ସମାଲୋଚନାତ୍ମକ କଥା କହିପାରନ୍ତି।

ଆଜି ନଭେମ୍ବର ୨ ତାରିଖ, କାର୍ତ୍ତିକ ଶୁକ୍ଳପକ୍ଷର ଅଁଳା ନବମୀ ବୁଧବାର, ଜଗଦ୍ଧାତ୍ରୀ ପୂଜା, ପୁରୀ ନିକଟସ୍ଥ ସାକ୍ଷୀଗୋପାଳରେ ଶ୍ରୀରାଧାଙ୍କ ପାଦଦର୍ଶନ, ଭିକାରୀ ବଳ ତିରୋଧାନ ଦିବସ, ରାଶିନକ୍ଷତ୍ର- ଧନିଷ୍ଠା/ମକର ଦିବା ଘ.୦୨.୧୬ମି. ଗତେ କୁମ୍ଭ ଚନ୍ଦ୍ର,-କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୫୧ମି. ଗତେ ଘ.୦୮.୦୭ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୮୪,୩,୨୫୬ | ୬୫,୯୫,୧୦୦ | ୬୧,୫୨,୧୦,୨୦୬ |
| ଭାରତ | ୪,୪୬,୫୪,୬୩୮ | ୫,୨୯,୦୭୭ | ୪,୪୧,୦୭,୯୪୩ |
| ଓଡ଼ିଶା | ୧୩,୩୬,୧୬୯ | ୯୨୦୩(+୫୩) | ୧୩,୨୬,୬୯୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ନିର୍ଦ୍ଦିଷ୍ଟ ଅଭିଯୋଗ ନ ଥିଲେ ଏଡିଟର ଇନ୍ ଚିଫ୍‌ଙ୍କ ବିରୋଧରେ ମାନହାନି ହେବନି



**ନୂଆଦିଲ୍ଲୀ, ୧।୧୧**

ନିର୍ଦ୍ଦିଷ୍ଟ ଏବଂ ପର୍ଯ୍ୟାପ୍ତ ଅଭିଯୋଗ ନ ଥିଲେ କୌଣସି ଗଣମାଧ୍ୟମ ସଂସ୍ଥାର ମୁଖ୍ୟ ସମ୍ପାଦକ(ଏଡିଟର ଇନ୍ ଚିଫ୍)ଙ୍କ ବିରୋଧରେ ମାନହାନି ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୭ରେ ଇଣ୍ଡିଆ ଟୁଡେ ମାଗାଜିନ୍‌ରେ ଏକ ଲେଖା ପ୍ରକାଶିତ ହୋଇଥିଲା। ଉକ୍ତ ଲେଖାକୁ ନେଇ ଇଣ୍ଡିଆ ଟୁଡେ ପ୍ରତିଷ୍ଠାତା ତଥା ଏଡିଟର ଇନ୍ ଚିଫ୍ ଅରୁଣ ପୁରୀଙ୍କ ବିରୋଧରେ ହୋଇଥିବା ଆପରାଧିକ ମାନହାନି (କ୍ରିମିନାଲ ଡିଫାମେଶନ) ମାମଲା ବିରୋଧରେ ଆଗତ ଆବେଦନର ଶୁଣାଣି କରି ପ୍ରଧାନବିଚାରପତି ୟୁ.ୟୁ ଲଳିତ ଏବଂ ବିଚାରପତି ବେଲା ଏମ୍ ତ୍ରିବେଦୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ପ୍ରକାଶ କରିଛନ୍ତି। ପୁରୀଙ୍କ ବିରୋଧରେ ହୋଇଥିବା ମାନହାନି ମାମଲାକୁ ଖାରଜ କରିବା ସମୟରେ ଖଣ୍ଡପୀଠ କହିଥିଲେ ଯେ, ଆବେଦନକାରୀଙ୍କ ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ଏବଂ ପର୍ଯ୍ୟାପ୍ତ ଅଭିଯୋଗ ନାହିଁ। କୌଣସି ଲେଖକଙ୍କ ପାଇଁ ଏଡିଟର ଇନ୍ ଚିଫ୍‌ଙ୍କୁ ଉତ୍ତରଦାୟୀ କରାଯାଇପାରିବ ନାହିଁ। ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ ଅଫ୍ ବୁକ୍ ଆକ୍ଟ-୧୮୬୭ର ଦଫା ୭ ଅନୁସାରେ ସମ୍ଭାବନା ଦୃଷ୍ଟିକୋଣରୁ କୌଣସି ଏଡିଟର ଇନ୍ ଚିଫ୍‌ଙ୍କ ବିରୋଧରେ ଏଭଳି ମାମଲା ରୁଜୁ କରାଯାଇ ପାରିବ ନାହିଁ। ତେବେ ଯେଉଁ ସାମ୍ବାଦିକ ଉକ୍ତ ଲେଖା ଲେଖିଥିଲେ ତାଙ୍କ ଉପରୁ ମାମଲା ପ୍ରତ୍ୟାହାର କରାଯାଇ ନ ଥିବା ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ବ୍ରିଟେନ୍‌ସ୍ଥିତ ଭାରତୀୟ ଦୂତାବାସରେ ଅବସ୍ଥାପିତ ୩ଜଣ ଭାରତୀୟ ବୈଦେଶିକ ଅଧିକାରୀଙ୍କ ବିରୋଧରେ ଇଣ୍ଡିଆ ଟୁଡେ ପତ୍ରିକାରେ 'ମିଶନ୍ ମିସ୍‌କଣ୍ଡକ୍ଟ' ଶୀର୍ଷକ ଏକ ଲେଖା ପ୍ରକାଶ ପାଇଥିଲା। ଯେଉଁଥିରେ ଉକ୍ତ ଅଧିକାରୀଙ୍କ ବିରୋଧରେ ଯୌନ ନିର୍ଯାତନା, ଭିଜା ପ୍ରଦାନରେ ଦୁର୍ନୀତି ଏବଂ ବେଆଇନ ଆପ୍ରବାସନକାରୀଙ୍କୁ ଭାରତୀୟ ପାସ୍‌ପୋର୍ଟ ପ୍ରଦାନ କରିବା ଅଭିଯୋଗରେ ସେମାନଙ୍କୁ ଦେଶକୁ ତୁରନ୍ତ ଫେରାଇ ଅଣାଯାଇଥିବା ସମ୍ପର୍କରେ ଉଲ୍ଲେଖ ରହିଥିଲା। ବିଶେଷକରି ଉକ୍ତ ଲେଖାରେ ୩ ଅଧିକାରୀଙ୍କ ମଧ୍ୟରୁ ଓ. ପି. ଭୋଲାଙ୍କ ନାମ ଉଲ୍ଲେଖ ହୋଇଥିଲା। ତେଣୁ ଭୋଲା ମାନହାନି ମାମଲା ରୁଜୁ କରିଥିଲେ। ଉକ୍ତ ମାନହାନି ମାମଲା ଅରୁଣ ପୁରୀଙ୍କ ସମେତ ଉକ୍ତ ଲେଖାର ଲେଖକ ସୌରଭ ଶୁକ୍ଲାଙ୍କ ବିରୋଧରେ ଆଇପିସି ଦଫା ୩୪, ୧୨୦(ବି), ୪୦୫, ୪୬୮, ୪୭୦, ୪୭୧, ୪୯୯, ୫୦୧ ଏବଂ ୫୦୨ରେ ରୁଜୁ ହୋଇଥିଲା।

# ନୂଆପଡ଼ାରେ ବାଘ ଆତଙ୍କ

**ନୂଆପଡ଼ା ଅଫିସ, ୧।୧୧**

## ଗୁହାଳରୁ ବଳଦକୁ ଟାଣି ନେଇ ଖାଇଲା

ନୂଆପଡ଼ା ଜିଲାରେ କିଛି ଦିନର ବ୍ୟବଧାନରେ ପୁଣି ବାଘ ଆତଙ୍କ ଦେଖାଦେଇଛି । ନୂଆପଡା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ଜାମୁରସାଲେଭଟା ଗ୍ରାମରେ ସୋମବାର ରାତିରେ ଦେଓସିଂ ମାଝିଙ୍କ ଏକ ବଳଦକୁ ଗୁହାଳରୁ ଟାଣି ନେଇ କଲରାପତରିଆ ବାଘ ଖାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଘଟଣାସ୍ଥଳରେ ନୂଆପଡା ବନ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବଳଦର ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି। ସୂଚନା ମୁତାବକ ସୋମବାର ଦେଓସିଂ ବଳଦ ଜଙ୍ଗଲରୁ ଚରାଇ ଆଣି ସନ୍ଧ୍ୟାରେ ଗୁହାଳରେ ବନ୍ଧି ରଖିଥିଲେ। ସକାଳେ ଉଠି ଦେଖିବା ବେଳେ ଗୁହାଳରେ ବଳଦ ନ ଥିଲା। ଖୋଜାଖୋଜି କରିବା ପରେ ଘରଠାରୁ ଶହେ ମିଟର ଦୂର ଗାଁ ମୁଣ୍ଡରେ ବଳଦ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରିବାର କିମ୍ବା ଗ୍ରାମବାସୀ ବାଘକୁ ଦେଖିନାହାନ୍ତି। ହେଲେ ବାଘ ଚିହ୍ନ ରହିଥିବା ଜଣାପଡ଼ିଛି। ବଳଦକୁ କ୍ଷତବିକ୍ଷତ କରିଥିବାରୁ ବାଘ ବୋଲି ସନ୍ଦେହ କରାଯାଉଛି। ପାହାଡ ତଳି ଗାଁରେ ବାଘ, ଭାଲୁ, ହାତୀ ଆତଙ୍କରେ ଲୋକେ ଅତିଷ୍ଠ ହୋଇଗଲେଣି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଲୋକେ ନିଜ ଜମିକୁ ଯିବା ପାଇଁ ଭୟ କରୁଛନ୍ତି। ଏଥିପ୍ରତି ବନ ବିଭାଗ ଲୋକଙ୍କୁ ସଚେତନ କରି ଜଙ୍ଗଲ ଜନ୍ତୁ ପ୍ରତି ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହେଉଛି। ଜଙ୍ଗଲ ସବୁ ପଦା ହେବାରେ ଲାଗିଛି। ଖାଦ୍ୟ ଅନ୍ୱେଷଣରେ ସବୁ ଜୀବଜନ୍ତୁ ଗାଁ ମୁହାଁ ହୋଇ ଆକ୍ରମଣ କରିବା ସହ ଶିକାର ମଧ୍ୟ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ନୂଆପଡା ବନ ବିଭାଗ ଫରେଷ୍ଟର ଚୂଡାନାଥ ସରାଫଙ୍କୁ ପଚାରିବାରୁ ବାଘକୁ କେହି ଦେଖିନାହାନ୍ତି। ପାଦ ଚିହ୍ନରୁ ଏହା କଲରାପତରିଆର ଚିହ୍ନ ବୋଲି ଆମେ ସ୍ପଷ୍ଟ ହେଉଛୁ। ଏହି ଗାଁ ଜଙ୍ଗଲକୁ ଲାଗି ରହିଛି। ଜଙ୍ଗଲ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହ ବାଘର ଗତିବିଧି ଉପରେ ନଜର ରଖିଛୁ। ଆମ ଟିମ୍ ସବୁବେଳେ ସଜାଗ ହୋଇ ରହିଛି ବୋଲି କହିଥିଲେ।

# ତଦନ୍ତ ଆରମ୍ଭ କଲା କ୍ରାଇମ୍‌ବ୍ରାଞ୍ଚ

## ରାଜଧାନୀରୁ ସାପବିଷ ଜବତ ମାମଲା

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ରାଜଧାନୀରେ ନାଗସାପ ବିଷ ଜବତ ମାମଲାର ତଦନ୍ତ ଦୀର୍ଘ ଦେଢବର୍ଷ ପରେ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ମଙ୍ଗଳବାରଠାରୁ କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତ ଆରମ୍ଭ କରିଛି। ୨୦୨୧ ମାର୍ଚ୍ଚ ୨୭ରେ ଭୁବନେଶ୍ୱରରେ ଚୋରାରେ ଡିଲ୍ ବେଳେ ସିଟି ଫରେଷ୍ଟ ଡିଭିଜନ ପକ୍ଷରୁ ଚଢ଼ାଉ କରାଯାଇ ୧ ଲିଟର ୩୦ ମିଲିଲିଟର ନାଗ ସାପ ବିଷ ଜବତ କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ମୋଟ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ତେବେ ସେହି ବିଷ ର୍ୟାକେଟର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବଲାଙ୍ଗୀର ଜିଲାର ବାସିନ୍ଦା ସତ୍ୟନାରାୟଣ ଦାସଙ୍କୁ ବନ ବିଭାଗ ଗିରଫ କରିବାରେ ବିଫଳ ହୋଇଛି। ଦୀର୍ଘ ଦେଢ଼ ବର୍ଷ ପରେ ବି ତଦନ୍ତ ପ୍ରକ୍ରିୟାରେ ବିଶେଷ କିଛି ଅଗ୍ରଗତି ହୋଇନାହିଁ। ଅନ୍ୟପକ୍ଷରେ ଫେରାର ସତ୍ୟ ନାରାୟଣ ଏହି ମାମଲାରେ କୋର୍ଟରୁ ଆଗୁଆ ଜାମିନ ଆଣିଥିବା କୁହାଯାଉଛି। ମଙ୍ଗଳବାର କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ଡିଏସ୍‌ପି ଇ. କିରୋ ସିଟି ଫରେଷ୍ଟ ଡିଭିଜନ କାର୍ଯ୍ୟାଳୟକୁ ଯାଇ ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ଚଢ଼ାଉରେ ସାମିଲ ଥିବା ସିଟି ଫରେଷ୍ଟ ଡିଭିଜନର ଫରେଷ୍ଟରମାନଙ୍କୁ ସେଦିନ ଘଟଣା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ଅପରାଧ ଘଟିଥିବା ସ୍ଥାନ ପରିଦର୍ଶନ କରିଛନ୍ତି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ ଲାଗି ଭୂମିପୂଜା





**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ଆସନ୍ତା ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ମେକଇନ୍ ଓଡ଼ିଶା କନକ୍ଲେଭ-୨୦୨୨ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜନତା ମଇଦାନରେ ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଇଡ୍‌କୋ ଏବଂ ଇପିକଲର ଅଧ୍ୟକ୍ଷ ହେମନ୍ତ କୁମାର ଶର୍ମାଙ୍କ ଉପସ୍ଥିତିରେ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ଏହି ଭୂମି ପୂଜନ କାର୍ଯ୍ୟକୁ ସମାହିତ କରିଛନ୍ତି। ଏହି ଅବସରରେ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ୨୦୧୬ରେ ପ୍ରଥମ ଓ ୨୦୧୮ରେ ୨ୟ ସଂସ୍କରଣ ଆୟୋଜନ ପରେ ଏହା ହେଉଛି ମେକ୍ ଇନ୍ ଓଡ଼ିଶା କନକ୍ଲେଭର ୩ୟ ସଂସ୍କରଣ। ସୋମବାର ମୁଖ୍ୟମନ୍ତ୍ରୀ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୱେବ୍‌ସାଇଟ୍ ଏବଂ ମୋବାଇଲ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଉପଲକ୍ଷେ ପାଭିଲିୟନ୍ ନିର୍ମାଣ ପାଇଁ ଭୂମି ପୂଜନ କରାଯାଇଛି। ମେକ୍ ଇନ୍ ଓଡ଼ିଶାରେ ଯେଉଁମାନେ ଅଂଶଗ୍ରହଣ କରିବେ ସେମାନଙ୍କ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ସମସ୍ତ ପ୍ରସ୍ତୁତି ପାଇଁ ପ୍ରାୟ ୨୦ରୁ ୨୫ ଦିନ ଲାଗିବ। ଆୟୋଜିତ ଏହି ୫ ଦିନିଆ କନ୍‌କ୍ଲେଭକୁ ମୁଖ୍ୟମନ୍ତ୍ରୀ ନଭେମ୍ବର ୩୦ରେ ଉଦ୍‌ଘାଟନ କରିବେ। ଡିସେମ୍ବର ୧ରେ ପ୍ଲିନାରୀ ସେସନ୍ ଅନୁଷ୍ଠିତ ହେବ। ଓଡ଼ିଶାରେ ରସାୟନିକ, ଧାତବ, ଦକ୍ଷତା ବିକାଶ, ଷ୍ଟାର୍ଟଅପ୍, ସାର, ପରିବହନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ପୋଷାକ ଡିଜାଇନିଂ ପ୍ରସ୍ତୁତି, ବ୍ୟବସାୟିକ-କୃଷି ଆଦି କ୍ଷେତ୍ର ଭଳି ଉପଯୋଗୀ ଥିବା ବିଭିନ୍ନ କ୍ଷେତ୍ରରେ ଶିଳ୍ପପତିଙ୍କ ରହିଥିବା ଅଭିଜ୍ଞତା ଏବଂ ଓଡ଼ିଶାରେ ଥିବା ନୂଆ ନୂଆ ବ୍ୟବସାୟିକ ସମ୍ଭାବନାର ସୁଯୋଗ କିପରି ସେମାନେ ନେଇପାରିବେ ସେନେଇ ଆଲୋଚନା କରିବେ। ଡିସେମ୍ବର ୨ ଓ ୩ରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡିକର ଶିଳ୍ପ ନୀତିସଂସ୍କରଣ ପ୍ରକାଶ ପାଇବ। ପାରାଦୀପ, ଧାମରା ଗୋପାଳପୁର ଓ ଆଗାମୀ ଦିନରେ ହେବାକୁ ଯାଉଥିବା ସୁବର୍ଣ୍ଣରେଖା ବନ୍ଦର, ଯେଉଁଠାରେ ଶିଳ୍ପପତିମାନେ ରପ୍ତାନିଭିତ୍ତିକ ବ୍ୟବସାୟ କରିବାକୁ ଚାହିଁବେ ସେମାନଙ୍କ ପାଇଁ ଏହି ସଂସ୍କରଣରେ ଗୁରୁତ୍ୱ ଦିଆଯିବ। କାର୍ଯ୍ୟକ୍ରମସ୍ଥଳର ୩ ପାର୍ଶ୍ୱରେ ପ୍ରଦର୍ଶନୀ ମଣ୍ଡପ, ମଝିରେ ପାଖାପାଖି ୨୦୦୦ ବ୍ୟକ୍ତିଙ୍କ ବସିବା ସୁବିଧା ସହିତ ବିଭିନ୍ନ ପର୍ଯ୍ୟାୟରେ ପ୍ରତ୍ୟହ ୨୦ ରୁ ୨୫ ହଜାର ଦର୍ଶକ ଏହାକୁ ପରିଦର୍ଶନ କରିବାର ବ୍ୟବସ୍ଥା କରାଯାଉଛି। ଏଥି ସହିତ ବ୍ୟବସାୟିକ ଆଲୋଚନା ପାଇଁ ପ୍ଲିନାରୀ ହଲ, ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ଲାଉଞ୍ଜ, ସାଂସ୍କୃତିକ କାର୍ଯ୍ୟ ପରିବେଷଣ ପାଇଁ ପାଭିଲିୟନ ଆଦିର ବ୍ୟବସ୍ଥା ରହିବ।

## ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବ

- ସବୁ ପ୍ରସ୍ତୁତି ସରିବାକୁ ଲାଗିବ ୨୫ ଦିନ
- ଡିସେମ୍ବର ୧ରେ ଅନୁଷ୍ଠିତ ହେବ ପ୍ଲିନାରୀ ସେସନ
- ୨୦ରୁ ୨୫ ହଜାର ଦର୍ଶକଙ୍କୁ ପରିଦର୍ଶନ କରାଇବା ବ୍ୟବସ୍ଥା

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ପରଲୋକ

**ବାଲିକୁଦା, ୧।୧୧(ସ୍ୱ.ପ୍ର.)**



ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଭଗବାନ ସିଣ୍ଡୋଳ ଗାଁର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ସୋମବାର ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କୁ ୧୦୫ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ଗତ ଏକ ସପ୍ତାହ ହେବ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ବାଲିକୁଦା ଗାନ୍ଧୀ ଭାବେ ପରିଚିତ ଦାସ ୧୯୧୭ ଜୁନ ୧୭ରେ ଭଗବାନ ସିଣ୍ଡୋଳ ଗାଁରେ ଜନ୍ମ ଗ୍ରହଣ କରିଥିଲେ। ବାପା ଘନଶ୍ୟାମ ଦାସ ଓ ମା' ବେଲଦେଇଙ୍କ ୨ ସନ୍ତାନ ମଧ୍ୟରେ ସେ ବଡ଼ ଥିଲେ। ଗାଁ ସ୍କୁଲରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଆର୍ଥିକ ଅନଟନ କାରଣରୁ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଥିଲା। ଏହାପରେ ମାତ୍ର ୧୬ ବର୍ଷରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଭାରତଛାଡ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ବିଶ୍ୱନାଥଙ୍କ ସହଯୋଗୀମାନଙ୍କ ସହ ମିଶି କଟକରେ ବ୍ରିଟିଶ ବିରୋଧୀ ସଭା କରିଥିଲେ। ଏହି ସମୟରେ ସେ ୨ଥର କାରାବରଣ କରିଥିଲେ। ୨୦୧୨ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଦ୍ୱାରା ତାଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର ସୈନିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁନର୍ବାର ୨୦୨୦ କ୍ରାନ୍ତିଦିବସ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ବାଲିକୁଦା ପାଇଁ ତାଙ୍କର ଅତୁଳନୀୟ ଅବଦାନ ଥିଲା। ବୟସ ବାର୍ଦ୍ଧକ୍ୟ ସାଜିଥିଲେ ମଧ ମନର ଦମ୍ଭ ତାଙ୍କୁ ବହୁ ଆଗକୁ ନେଇଥିଲା। ଅନେକ ଅନୁଷ୍ଠାନ ସହ ଜଡ଼ିତ ଥିବା ଏହି ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ କେବେ ଥକି ପଡ଼ି ନ ଥିଲେ । ତାଙ୍କ ପରଲୋକରେ ସମଗ୍ର ଜଗତ୍‌ସିଂହପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର ବିଶ୍ୱନାଥଙ୍କ ମୃତଦେହକୁ ପ୍ରଥମେ ଜଗତ୍‌ସିଂହପୁର ସହରସ୍ଥିତ ଅଳକାଶ୍ରମ ସ୍ମୃତି ପରିଷଦ ସ୍ୱାଧୀନତା ସଂଗ୍ରାମୀ ଭବନ ଓ ପରେ ଜିଲା ପ୍ରଶାସନ ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସେଠାରେ ଜିଲାପାଳ ପାରୁଲ ପଟୱାରୀ, ଜିଲାପରିଷଦ ସଭାପତି ମନୋଜ ଭୋଇ, ଅତିରିକ୍ତ ଜିଲାପାଳ ସଚିଦାନନ୍ଦ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜନ୍ମ ମାଟି ଭଗବାନ ସିଣ୍ଡୋଳ ଗ୍ରାମକୁ ଅଣାଯାଇ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଗାଡ୍ ଅଫ୍ ଅନର ଦିଆଯାଇ ଶେଷ ସମ୍ମାନ ଜଣାଯାଇଥିଲା। ବଡ଼ ପୁଅ ରବୀନ୍ଦ୍ରଙ୍କ ଶାରୀରିକ ଅସୁସ୍ଥତା କାରଣରୁ ମଝିଆ ପୁଅ ନରେନ୍ଦ୍ର ଦାସ (ବାନା) ମୁଖାଗ୍ନି ଦେଇଥିଲେ।




# ଖଣି ଲିଜଧାରୀଙ୍କ ଘରେ ଆୟକର ବିଭାଗର ଚଢ଼ାଉ

**ଯୋଡ଼ା, ୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜଣେ ଖଣି ଲିଜ୍‌ଧାରୀଙ୍କ ଘରେ ମଙ୍ଗଳବାର ପୂର୍ବାହ୍ନରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଖଣି ଲିଜ୍‌ଧାରୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନ, ଅଫିସ, ନଇବୁଗାସ୍ଥିତ ଖଣି ଅଫିସ ଓ ଯୋଡ଼ାସ୍ଥିତ ବାସଭବନରେ ଏକକାଳୀନ ଚଢାଉ କରାଯାଇଛି। ଏହାସହିତ ଉକ୍ତ ଲିଜ୍‌ଧାରୀଙ୍କ ଖଣିର ପରିବହନ ଠିକାଦାରଙ୍କ ଘରେ ମଧ ଆୟକର ବିଭାଗ ଯାଞ୍ଚ କରିଛି। ଏ ନେଇ ସମ୍ପୃକ୍ତ ଖଣି ଲିଜ୍‌ଧାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

# ଚନ୍ଦ୍ରପୃଷ୍ଠରେ ସେନ୍‌ସର ଖୋଜିବ ଜଳ

## ୯ରେ ସାଟେଲାଇଟ୍ ପ୍ରେରଣ କରିବ ନାସା

**ୱାଶିଂଟନ୍, ୧।୧୧**

ଚନ୍ଦ୍ରପୃଷ୍ଠରେ ଜୀବସତ୍ତାର ସନ୍ଧାନ ନେଇ ବହୁବର୍ଷ ଧରି ନାସା (ନ୍ୟାଶନାଲ ଏରୋନେଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ୍)ର ବୈଜ୍ଞାନିକମାନଙ୍କ ଅଧ୍ୟୟନ ଜାରି ରହିଛି। ଚନ୍ଦ୍ର ସମ୍ବନ୍ଧୀୟ ଅନେକ ତଥ୍ୟ ବୈଜ୍ଞାନିକଙ୍କ ହସ୍ତଗତ ହୋଇସାରିଛି। ଜୀବଜଗତ ପାଇଁ ଜଳର ଆବଶ୍ୟକତା ଥିବାବେଳେ ଚନ୍ଦ୍ରରେ ବରଫ ଆକାରରେ ଥିବା ଜଳ ସମ୍ପର୍କିତ ଅଧିକ ତଥ୍ୟ ସଂଗ୍ରହ ଲାଗି ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଚନ୍ଦ୍ର ପୃଷ୍ଠକୁ ଏକ ସାଟେଲାଇଟ୍ ବା ଉପଗ୍ରହ ପ୍ରେରଣ କରିବାକୁ ଯାଉଛି। ଆସନ୍ତା ୯ ତାରିଖରେ ନାସା ସ୍ପେସ୍‌ଏକ୍ସ ଫାଲକୋନ-୯ ରକେଟ୍ ଜରିଆରେ ଏହି କ୍ଷୁଦ୍ର ଉପଗ୍ରହକୁ ଚନ୍ଦ୍ରକୁ ପଠାଇବ। ବରଫ ଆକାରରେ ଥିବା ଜଳକୁ କିପରି ବିଶୁଦ୍ଧ କରି ବ୍ୟବହାର ଉପଯୋଗୀ କରାଯାଇପାରିବ ଏବଂ ଏଥିରେ କେଉଁ ଉପାଦାନ ସବୁ କେତେ ପରମାଣରେ ରହିଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ସାଟେଲାଇଟ୍ ଜରିଆରେ ସଂଗ୍ରହ କରାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଉପଗ୍ରହରେ ସ୍ୱତନ୍ତ୍ର ଟର୍ଚ୍ଚ ଲାଇଟ୍ ବା ଫ୍ଲସ୍ ଲାଇଟ୍‌ର ବ୍ୟବହାର କରାଯିବ। ଏଥିରେ ଲାଗିଥିବା ସେନ୍‌ସର ଚନ୍ଦ୍ରପୃଷ୍ଠରେ ଜଳର ସ୍ଥିତିକୁ ଖୋଜି ବାହାର କରିବାରେ ସହାୟକ ହେବ। ଲୁନାର ଫ୍ଲାସ୍ ଲାଇଟ୍‌ରେ ଏକ ଲେଜର ବ୍ୟବହର କରାଯାଇଛି, ଯାହା ଜଳ ଥିବା ସ୍ଥାନରେ ପଡ଼ିବା ମାତ୍ରକେ ଏକ ଚମକ ଉତ୍ପନ୍ନ ହେବ। ପୂର୍ବରୁ ମିଳିଥିବା ତଥ୍ୟ ମୁତାବକ ଚନ୍ଦ୍ରର ଦକ୍ଷିଣ ମେରୁରେ କମ୍ ପରିମାଣର ସୂର୍ଯ୍ୟ କିରଣ ପଡୁଥିବାରୁ ଏଠାରେ ଅଧିକ ମାତ୍ରାରେ ଜଳ ବରଫ ଆକାରରେ ଗଚ୍ଛିତ ହୋଇରହିଛି। ଚନ୍ଦ୍ରପୃଷ୍ଠରୁ ୭୦,୦୦୦ କି.ମି. ଦୂରରେ ଏହି ସାଟେଲାଇଟ୍ ଅବସ୍ଥାପିତ ହେବ, ଯାହା ଲୁନାର ସର୍ଫେସ୍‌ଠାରୁ ମାତ୍ର ୧୫ କି.ମି ଦୂରରେ ରହିବ। ଏହି ଉପଗ୍ରହକୁ ସାଇନ୍ସ ଅର୍ବିଟ ନିକଟରେ ପହଞ୍ଚିବାକୁ ୩ ମାସ ସମୟ ଲାଗିବ। ଚନ୍ଦ୍ରପୃଷ୍ଠର ଯେଉଁ ଭାଗରେ ମହାକାଶଚାରୀ ପହଞ୍ଚିବା କଷ୍ଟକର, ସେହି ସ୍ଥାନରୁ ଏହି ସାଟେଲାଇଟ୍ ଜଳର ସନ୍ଧାନ କରିବ ବୋଲି ମିଶନ୍ ପ୍ରୋଜେକ୍ଟ ମ୍ୟାନେଜର୍ ଜନ୍ ବ୍ୟାକର୍ ସୂଚନା ଦେଇଛନ୍ତି।



# ଗେଷ୍ଟ ହାଉସରେ ଦେହବେପାର: ୧୨ ଗିରଫ

**ବ୍ରହ୍ମପୁର ଅଫିସ, ୧।୧୧**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ନିକଟ ଟାଟାବେଞ୍ଜ ଛକରେ ଥିବା ତୁଳସୀ ଗେଷ୍ଟ ହାଉସ୍ ରୁମ୍ ନମ୍ବର ୧୪, ୧୬ ଓ ୧୭ରେ ଦେହ ବେପାର ହେଉଥିଲା। ଖବର ପାଇ ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣ ବିବେକ ଏମ୍‌ଙ୍କ ନେତୃତ୍ୱରେ ସୋମବାର ରାତିରେ ସେଠାରେ ଚଢ଼ାଉ କରାଯାଇ ୩ଜଣ ଯୁବତୀଙ୍କୁ ଅସଂଯତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଉକ୍ତ ୩ଟି ରୁମ୍‌ରୁ ପୋଲିସ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ, ୧୨ ମୋବାଇଲ ଫୋନ ଓ ୩୧,୯୫୦ଟଙ୍କା ଜବତ କରିଥିଲା। ରୁମ୍‌ରୁ ଉଦ୍ଧାର ହୋଇଥିବା ଯୁବତୀମାନେ କଲିକତାରୁ ଆସିଥିବା ଜଣାପଡ଼ିଥିଲା। ସେହିପରି ଏହି ଦେହ କାରବାର ଚଳାଇଥିବା କିଙ୍ଗ୍‌ପିନ୍ ସମେତ ୧୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫଙ୍କ ମଧ୍ୟରେ କିଙ୍ଗ୍‌ପିନ୍ କୁହାଯାଉଥିବା ମୁଖ୍ୟ ଆସ୍କା ବଜାର ସାହି ଏମ୍‌ଜି ରୋଡ୍‌ର ଗୋପୀ ବେହେରା ଓରଫ୍ ରଜନୀକାନ୍ତ (୩୮), ଗେଷ୍ଟ ହାଉସକୁ ଲିଜ୍‌ରେ ନେଇ ଚଳାଉଥିବା ସୋରଡ଼ା ବଡ଼ଗଡ଼ ଥାନା ଅଞ୍ଚଳର ରାଜେଶ କୁମାର ବିଶୋଇ(୩୦), ଏଜେଣ୍ଟ ଭାବେ କାମ କରୁଥିବା କେ.ନୂଆଗାଁର ସୁମନ ସାହୁ (୧୮), ପ୍ରଫୁଲ୍ଲ କୁମାର ସାହୁ (୧୮), ରାଜା ପ୍ରଧାନ (୧୮), ଚନ୍ଦନ କୁମାର ସାହୁ (୧୯) ଅଛନ୍ତି। ଗ୍ରାହକ ଭାବେ ଆସିଥିବା ୬ ଜଣ ମଧ୍ୟ ଅଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଇନ୍ଦ୍ରାକ୍ଷୀ ଅଞ୍ଚଳର କେ.ଦିବାକର ରେଡ୍ଡୀ(୨୨), ନିତେ ଶ ସାହୁ (୧୮), ଏସ୍.କିରନ୍ ରେଡ୍ଡୀ(୧୮), ଏସ୍.ଭାଗୀରଥି ରେଡ୍ଡୀ(୨୨), ସଦର ଥାନା ବାଲିପଡ଼ାର ରବି କୁମାର ସାହୁ (୨୬), ବୈଦ୍ୟନାଥପୁର ଥାନା କମାପଲ୍ଲୀ ରାମନଗରର କେ.ଶଙ୍କର ଆଚାରୀ (୪୮)।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
आंध्रा Andhra | कार्पोरेशन Corporation

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

**ବିକ୍ରୟ ନୋଟିସ**
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ ''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି'' ଏବଂ ''ସେଠାରେ ଯାହା ବି ଅଛି'' ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର / ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| **ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ** ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାୟର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରୀ ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୫୦,୦୦୦/- | ୧୮।୧୧।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ଜଣାନାହିଁ |
| | ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ ''ଗ୍ରାଣ୍ଡ ସାଭାନା'' ରାଜ ନଗର ଏକ୍ସଟେନ୍ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୁର ନଗର, ପରଗଣା ଲୋନୀ, ତହସିଲ ଓ ଜିଲ୍ଲା - ଗାଜିଆବାଦ, ୟୁପି। ଚଉହଦୀ: ପୂର୍ବ - ଫ୍ଲାଟ୍‌ର ପ୍ରବେଶ ପଥ/ସାଧାରଣ କରିଡର୍, ପଶ୍ଚିମ- ଅନ୍ୟ ଫ୍ଲାଟ୍, ଉତ୍ତର - ଖୋଲା ଜାଗା/ରାସ୍ତା ଆଗକୁ ପାର୍କ, ଦକ୍ଷିଣ- ଫ୍ଲାଟ୍ ନଂ. ଏଫ୍-୧୦୧ | ସାଙ୍କେତିକ ଦଖଲ | | ଟ.୩୬.୦୦ ଲକ୍ଷ / ଟ.୩.୬୦ ଲକ୍ଷ / ଟ.୫୦,୦୦୦/- | | |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୧୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮/୫୧୧୭ | ଏ.୦.୫୭୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗ ଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦
ତାରିଖ: ୦୧।୧୧।୨୦୨୨, ସ୍ଥାନ: ନୂଆଦିଲ୍ଲୀ
ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **–ଶ୍ରୀମା**



# ସାହସୀ ଇରାନୀୟ ମହିଳା

ମହସା ଅମିନ୍‌ଙ୍କ ମୃତ୍ୟୁ ପରେ ଇରାନ୍‌ରେ ହିଜାବ ବିରୋଧୀ ଆନ୍ଦୋଳନ ଦେଢ଼ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ରକ୍ଷଣଶୀଳ ଶାସକଙ୍କୁ ବିରୋଧ କରି ଇରାନ୍ ମହିଳାଙ୍କ ସହ ସେଠାକାର ପୁରୁଷମାନେ ଯେଭଳି ପ୍ରତିବାଦ କରୁଛନ୍ତି, ତାହା ଏକ ବିପ୍ଳବର ରୂପ ନେଇଛି। ନିକଟରେ ସେଲିବ୍ରିଟି ସେଫ୍ ମେହରଶଦ ଶାହିଦି ହିଜାବ ବିରୋଧୀ ଆନ୍ଦୋଳନରେ ସାମିଲ ହେବା ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ହାଜତରେ ଥିବା ବେଳେ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡଙ୍କ ମାଡ଼ରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଇରାନ୍‌ରେ ଗୃହଯୁଦ୍ଧ ଭଳି ସ୍ଥିତି ଉପୁଜିଲାଣି। ଇରାନ୍ ମାନବ ଅଧିକାର ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, ଗତ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଦେଶବ୍ୟାପୀ ବିକ୍ଷୋଭରେ ଇତିମଧ୍ୟରେ ୨୦୧ ଜଣଙ୍କ ମୃତ୍ୟୁ ଘଟିଲାଣି।

ପାଶ୍ଚାତ୍ୟ ଦେଶଗୁଡ଼ିକ ସାଧାରଣତଃ ଇରାନ୍ ସମେତ ଅନ୍ୟାନ୍ୟ ଆରବୀୟ ଓ ମଧ୍ୟପ୍ରାଚ୍ୟ ରାଷ୍ଟ୍ରକୁ ନ୍ୟୂନ ଦୃଷ୍ଟିରେ ଦେଖି ରକ୍ଷଣଶୀଳ ଓ ଧର୍ମାନ୍ଧ ଆଖ୍ୟା ଦେଇଥାଆନ୍ତି। ହେଲେ ଏବେ ଯେଭଳି ଭାବେ ଇରାନ୍‌ର ମହିଳା ରାସ୍ତାକୁ ଓହ୍ଲାଇ ସେମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଲାଗି ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି, ତାହା ବିକଶିତ ଓ ପାଶ୍ଚାତ୍ୟ ରାଷ୍ଟ୍ରକୁ ବ୍ୟଥିତ କରିବା କଥା। ଉଦାହରଣ ସ୍ୱରୂପ, ଆମେରିକାର ଅନେକ ରାଜ୍ୟରେ ମହିଳାଙ୍କ ବହୁ ଅଧିକାର ସମେତ ଗର୍ଭପାତ ଭଳି ବ୍ୟକ୍ତିଗତ ପସନ୍ଦକୁ ସଙ୍କୁଚିତ କରିଦିଆଯାଇଛି। ଏଥିରୁ ବୁଝାପଡୁଛି ଯେ, ପ୍ରଗତିଶୀଳ ଚିନ୍ତାଧାରା ପୋଷଣ କରି ବିଶ୍ୱକୁ ସର୍ବଦା ନୂଆ ବାର୍ତ୍ତା ଦେଉଥିବା ଆମେରିକୀୟଙ୍କ କ୍ଷେତ୍ରରେ ଇରାନ୍ ମହିଳାଙ୍କ ଭଳି ସାହସ ଦେଖିବାକୁ ମିଳିନାହିଁ। ବ୍ୟକ୍ତିର ନିଜ ଶରୀର ଓ ଚିନ୍ତା ଉପରେ ଅଧିକାର ନିହିତ ରହିଛି। ତାହାକୁ ଛଡ଼ାଇ ନେବାକୁ ଚାହୁଁଥିବା ବର୍ଗକୁ ସବୁଆଡୁ ବିରୋଧ ହେବା ଦରକାର। ସମ୍ଭବତଃ ଦୀର୍ଘବର୍ଷ ଧରି ଅତ୍ୟାଚାରିତ ହୋଇ ଆସୁଥିବା ଇରାନ୍ ମହିଳାମାନେ ହୃଦୟଙ୍ଗମ କରିବା ପରେ ଅନ୍ଦୋଳନ ବ୍ୟାପକ ହୋଇଛି। ସେମାନଙ୍କୁ ସହଯୋଗ କରିବା ଲାଗି ପୁରୁଷମାନେ ଆଗେଇ ଆସିବା ଏକ ସକାରାତ୍ମକ ବାର୍ତ୍ତା ଦେଇଛି। ଜଣେ ବ୍ୟକ୍ତି କ'ଣ ପିନ୍ଧିବେ, ଖାଇବେ, କାହାକୁ ବିବାହ କରିବେ, ପସନ୍ଦ କ'ଣ ରହିବ ସବୁକିଛି ତାଙ୍କ ଇଚ୍ଛାଧୀନ ହେବା କଥା। ଗୋଟେ ବର୍ଗ ବା ଗୋଷ୍ଠୀ ତାଙ୍କ ଉପରେ କଟକଣା ଲଗାଇବା ବ୍ୟକ୍ତି ସ୍ୱାଧୀନତାକୁ କୁଠାରାଘାତ କରିଥାଏ। ଭାରତରେ ମଧ୍ୟ କିଛି ବର୍ଷ ହେବ ଧର୍ମୀୟ ଚିନ୍ତା ଲୋକଙ୍କ ଉପରେ ଲଦି ଦିଆଯିବା ଓ ଅସହିଷ୍ଣୁତାଜନିତ ବିବାଦ ଯୋଗୁ ଅନେକ ଲୋକଙ୍କ ଜୀବନ ଯାଇଛି। ଏଠାରେ ଯୁବତୀ ବା ମହିଳାଙ୍କୁ ବଳାତ୍କାର କରାଗଲେ, ଦୋଷ ସେମାନଙ୍କ ପୋଷାକ ଆଡ଼କୁ ଯାଉଛି। ଗୋଟିଏ ପଟେ ଭାରତ ସୁପରପାୱାର ହେବ ବୋଲି କୁହାଯାଉଥିବା ବେଳେ ଅପରପକ୍ଷରେ ରକ୍ଷଣଶୀଳ ଚିନ୍ତାଧାରା ଅନେକ ନେତାଙ୍କୁ ଜାବୁଡ଼ି ଧରିଛି।

ଇରାନ୍‌ରେ ଏବେ ମହିଳାମାନେ ଯେଭଳି ପଦକ୍ଷେପ ନେଇ ସେଠାକାର ସରକାରଙ୍କୁ ସମଗ୍ର ବିଶ୍ୱରେ ନିନ୍ଦିତ କରାଇ ଦେଇଛନ୍ତି, ସମ୍ଭବତଃ ନିକଟ ଅତୀତରେ ଅନ୍ୟ କୌଣସି ରାଷ୍ଟ୍ରରେ ଏଭଳି ଦେଖିବାକୁ ମିଳି ନ ଥିଲା। କେବଳ କୁହାଯାଇପାରିବ ନାହିଁ, ସବୁ ଅଭିନବ ଓ ନୂତନ ଚିନ୍ତାଧାରା ବିକଶିତ ରାଷ୍ଟ୍ରଗୁଡ଼ିକଠାରୁ ଆସିବ। ପୃଥିବୀର ଯେକୌଣସି କୋଣରେ ଯେଉଁମାନେ ଯେଉଁଭଳି ଭାବେ ନିଷ୍ପେଷିତ ହେଉଛନ୍ତି, ସେମାନେ ସ୍ୱର ଉଠାଇଲେ ଅତ୍ୟାଚାରୀବର୍ଗ ଦବିଯିବେ। ଟ୍ୟୁନିସିଆରେ 'ଜସ୍ମିନ୍ ରିଭୋଲ୍ୟୁଶନ' ହେବା ପରେ ଅନେକ ଏକଚ୍ଛତ୍ରବାଦୀ ରାଷ୍ଟ୍ରରେ ତତ୍‌କ୍ଷଣାତ୍ ପରିବର୍ତ୍ତନ ଆସିପାରିଥିଲା। ବର୍ତ୍ତମାନ ରୁଷିଆ ଓ ଚାଇନା ସମେତ କେତେକ ରାଷ୍ଟ୍ରର ଏକଚ୍ଛତ୍ରବାଦୀ ନେତାଙ୍କ ଗତିବିଧିକୁ ଅନେକ ଗଣତାନ୍ତ୍ରିକ ରାଷ୍ଟ୍ରର ନେତୃବର୍ଗ ଅନୁସରଣ କରି ଏକଚାଟିଆ ନିଷ୍ପତ୍ତି ନେଉଛନ୍ତି। ଏହା ଭବିଷ୍ୟତରେ ବିଶ୍ୱ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିପାରେ। ନାଗରିକଙ୍କୁ ମୁକ୍ତ ଭାବେ ବଞ୍ଚିବାକୁ ନ ଦେଇ ଯେଉଁ ନେତାମାନେ ନିଜ ସ୍ୱାର୍ଥ ରକ୍ଷା ଲାଗି କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ବିରୋଧ କରିବାର ତରିକା ବିଶ୍ୱ ନାଗରିକମାନେ ସାହସୀ ଇରାନୀୟ ମହିଳାଙ୍କଠାରୁ ଶିଖିବାର ସମୟ ଆସିଲାଣି।

# ଦ୍ୱନ୍ଦ୍ୱରେ କପ୍‌୨୭

ନଭେମ୍ବର ୬ରୁ ୧୮ ପର୍ଯ୍ୟନ୍ତ ଇଜିପ୍ଟରେ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍‌୨୭ ଅନୁଷ୍ଠିତ ହେବ। ପ୍ରଖ୍ୟାତ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗ କପ୍‌୨୫ ଓ କପ୍‌୨୬ ସମ୍ମିଳନୀରେ ଯୋଗ ଦେଇଥିଲେ ମଧ୍ୟ ଏବେ ପର୍ଯ୍ୟଟନ ଦେଶ ଇଜିପ୍ଟରେ ମୌଳିକ ମାନବ ଅଧିକାର ଉଲ୍ଲଂଘନ ହେଉଥିବା ଅଭିଯୋଗ ଆଣି କପ୍‌୨୭ରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ସେ କହିଛନ୍ତି, ପରିବେଶଗତ ପ୍ରଭାବକୁ କମ୍ କରିବା ଲାଗି ବାସ୍ତବ ପଦକ୍ଷେପ ଗ୍ରହଣ ନ କରି ସବୁଜକରଣ ପାଇଁ ଅର୍ଥ ଓ ସମୟ ଉପଯୋଗ କରିବା କଥା ଯାହା କୁହାଯାଉଛି ତାହା ଏକ ମିଥ୍ୟା ଓ ଠକାମିକୁ ସୂଚାଉଛି। ସ୍ମରଣଯୋଗ୍ୟ, ପୂର୍ବରୁ ସେ ପରିବେଶ ସୁରକ୍ଷାକୁ ନେଇ କହିଥିଲେ 'ବ୍ଲା ବ୍ଲା ବ୍ଲା', ଅର୍ଥାତ୍ ସମସ୍ତେ କେବଳ କହୁଛନ୍ତି, କିନ୍ତୁ କିଛି କରୁନାହାନ୍ତି। ଅନ୍ୟ ଏକ ଘଟଣାଚକ୍ରରେ ବ୍ରିଟେନର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଋଷି ସୁନକ ଏହାକୁ 'ନେତୃତ୍ୱର ବିଫଳତା' ବୋଲି ଦୋଷ ଲଦି ସମ୍ମିଳନୀକୁ ଯିବା ଲାଗି ପୂର୍ବରୁ ମନା କରିଥିଲେ ମଧ୍ୟ ଏବେ ସେଥିରେ ଭାଗ ନେବା ଲାଗି କହିଛନ୍ତି। ତାଙ୍କ ଉପରେ ରାଜନୈତିକ ଚାପ ପଡ଼ିବାରୁ ସେ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏବଂ କିଛି ଦିନ ତଳେ ଲିଜ୍ ଟ୍ରସ ଉକ୍ତ ସମ୍ମିଳନୀରେ ଭାଗ ନେବା ଲାଗି ଘୋଷଣା କରିଥିଲେ, ଯାହା ସୁନକଙ୍କୁ ଏଭଳି ନିଷ୍ପତ୍ତି ନେବା ଲାଗି ବାଧ୍ୟ କରିଥିବା କୁହାଯାଉଛି। କାରଣ ସେ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀମାନଙ୍କଠାରୁ ପୃଥିବୀର ସୁରକ୍ଷା ସମ୍ପର୍କରେ ଅଧିକ ସଚେତନ ବୋଲି ପ୍ରତିପାଦିତ କରିବାକୁ ଚାହିଁଛନ୍ତି। ସମ୍ମିଳନୀକୁ ନେଇ ଏଭଳି ନାଟକୀୟ ମୋଡ଼ ଦେଖାଯାଇଥିବାବେଳେ କ୍ଲାଇମେଟ୍ ଫାଇନାନ୍ସ ଡେଲିଭରି ପ୍ଲାନ୍ ପ୍ରୋଗ୍ରେସ ରିପୋର୍ଟ ପ୍ରକାଶ ପାଇବା ପରେ ଧନୀଦେଶଗୁଡ଼ିକର ମୁଖା ଖୋଲିଯାଇଛି। ଏଥିରେ କୁହାଯାଇଛି ଯେ, ଜଳବାୟୁ ପ୍ରଭାବକୁ ରୋକିବା ଲାଗି ବିକଶିତ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ଠିକ୍ ଭାବେ ଆର୍ଥିକ ସଞ୍ଚାଳନ କରିପାରିନାହାନ୍ତି। ରିପୋର୍ଟ ସୂଚାଇ ଦେଇଛି, କେବଳ ୧୦୦ ବିଲିୟନ ଆମେରିକୀୟ ଡଲାର ଯୋଗାଡ଼ କରିଦେଲେ ଚଳିବ ନାହିଁ ବରଂ ଏଥିପାଇଁ ବୈଶ୍ୱିକ ନିବେଶର ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟକୁ ନିୟନ୍ତ୍ରଣ କରିବାକୁ ହେଲେ ପାଣ୍ଠି ସଂଗ୍ରହ ଓ ତା'ର ସମବଣ୍ଟନ ଦରକାର। କିନ୍ତୁ ପାଣ୍ଠି ଯୋଗାଡ଼ କରି ତାହାକୁ ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ଯୋଗାଇ ଦେବାରେ ଧନିକ ବିଶ୍ୱ ବିଫଳ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାର୍ବନ ନିର୍ଗମନଜନିତ ବିପଦ ଦୂର ପାଇଁ ୨୦୨୦ ପରେ ପ୍ରତିବର୍ଷ ଧନୀଦେଶଗୁଡ଼ିକ ୧୦୦ ବିଲିୟନ ଆମେରିକୀୟ ଡଲାର ସଂଗ୍ରହ କରି ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ଦେବା ଲାଗି ୨୦୦୯ କପ୍‌୧୫ରେ ସଙ୍କଳ୍ପ ନେଇଥିଲେ। ଏକ ଦଶନ୍ଧି ପୂର୍ବର ଧାର୍ଯ୍ୟ ଲକ୍ଷ୍ୟ ଓ ବାସ୍ତବତା ମଧ୍ୟରେ ବହୁ ପ୍ରଭେଦ ଦେଖାଯାଇଛି। ଲକ୍ଷ୍ୟଚ୍ୟୁତ ହେବାର କାରଣଗୁଡ଼ିକ ମଧ୍ୟରେ ରହିଛି ଆର୍ଥିକ ପ୍ରତିଯୋଗିତା, ଅବିଶ୍ୱାସ ଓ ବୈଧାନିକ ସଙ୍କଟ ଏବଂ ଯୁଦ୍ଧ ଭଳି ସ୍ଥିତି। ଏବେ ରୁଷିଆର ୟୁକ୍ରେନ ଆକ୍ରମଣ ଯୋଗୁ ଜଳବାୟୁ ପ୍ରଭାବ ହ୍ରାସ କରିବାରେ ଜଡ଼ିତ ଧନୀ ଦେଶଗୁଡ଼ିକ ଯୁଦ୍ଧମୁହାଁ ହୋଇଛନ୍ତି। ଏଥିରେ ଏମାନଙ୍କ ସହ ବିକାଶଶୀଳ ଦେଶଗୁଡ଼ିକ ସାମିଲ ହେବାରେ ଲାଗିଛନ୍ତି। ଅନ୍ୟପଟେ ବିଶ୍ୱରେ ୪୦%ରୁ ଊର୍ଦ୍ଧ୍ୱ କାର୍ବନ ଡାଇଅକ୍ସାଇଡ ନିର୍ଗମନ କରୁଥିବା ଚାଇନା ଓ ଆମେରିକାର କଥା ଏବଂ କାମରେ ପ୍ରଭେଦ ରହୁଛି। ଦେଖିବାକୁ ଗଲେ ବିଶ୍ୱରେ ଶୀତଳ ଯୁଦ୍ଧ ମଧ୍ୟରେ ଏକ ଛାୟା ଯୁଦ୍ଧ ଚାଲିଛି। ଫଳରେ ଜଳବାୟୁ ପରିବର୍ତ୍ତନ ଲଢ଼େଇରେ ଧନୀଦେଶଗୁଡ଼ିକର ଯୋଗଦାନ ନାଟକବାଜିଠାରୁ ଅଧିକ ବାସ୍ତବବାଦୀ ହୋଇପାରିନାହିଁ।

ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମ୍ମୁଖରେ ଏକ ବିରାଟ ଆହ୍ୱାନ ଭାବେ ଉଭାହୋଇଛି। ଏଭଳି ସ୍ଥିତିରେ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ କରି ଏକ ପରିବେଶ ସହନୀୟ ବିଶ୍ୱ ନିଶ୍ଚିତ କରିବା ଲାଗି ଗରିବ ଓ ବିକାଶଶୀଳ ଦେଶଗୁଡ଼ିକୁ ପାଣ୍ଠି ଯୋଗାଣର ଆବଶ୍ୟକତା ଅଧିକ ରହିଛି। ଧନୀଦେଶଗୁଡ଼ିକ ମଧ୍ୟରେ ସାମଗ୍ରିକ ସହଯୋଗ ବୃଦ୍ଧି ପାଇଲେ ଅନେକ କିଛି ହାସଲ କରାଯାଇପାରନ୍ତା। କିନ୍ତୁ ଆଜିର ନୂଆ ବିଶ୍ୱରେ ସହଯୋଗଭିତ୍ତିକ କୂଟନୀତି କମ୍ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଧନୀବିଶ୍ୱର ଛଳନା ସ୍ଥିତିକୁ ଜଟିଳ କରୁଛି। ତେବେ ବୁଝିବାକୁ ହେବ ଯେ, ଆମ ସମ୍ମୁଖରେ ବହୁ ଆହ୍ୱାନ ରହିଥିଲେ ବି ଅଧିକ ସୁଯୋଗ ଅଛି। ଧନୀଦେଶଗୁଡ଼ିକ ପଛଘୁଞ୍ଚା ନ ଦେଇ ପ୍ରତିଶ୍ରୁତିବଦ୍ଧ ପାଣ୍ଠି ଯୋଗାଡ଼ ଓ ତା'ର ନିବେଶକୁ ନିଶ୍ଚିତ କରିବାକୁ ହେବ। ତେବେ ସେମାନେ ବିଶ୍ୱରେ ପ୍ରଭାବ ଜାହିର କରିବାକୁ ପ୍ରତିଯୋଗିତା କରିବେ ନା ବିଶ୍ୱକୁ ସମ୍ମିଳିତ ଭାବେ ରକ୍ଷା କରିବାକୁ ସକ୍ଷମ ହେବେ, ତାହା ଆଗକୁ ସ୍ପଷ୍ଟ ହୋଇଯିବ।

# ଆସ ଫେଲ୍ ହେବା



ସନ୍ତୋଷ କୁମାର ମହାପାତ୍ର

ଜୀବନରେ ପ୍ରାୟ ସମସ୍ତେ ତାଙ୍କ ପିଲା ସଫଳତାର ଶୀର୍ଷରେ କିପରି ପହଞ୍ଚିବେ, ନିଜ ଶ୍ରେଣୀରେ ପ୍ରଥମ ହେବେ, ବିଭିନ୍ନ ପରୀକ୍ଷାରେ ସଫଳତା ପାଇବେ ତାହା କହିଥା'ନ୍ତି। ବିଶେଷକରି କେତେ ଅଧିକ ସଫଳତା ମିଳିବ ଏବଂ ସର୍ବାଧିକ ନମ୍ବର ରଖୁଥିବା ପିଲାଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ପରାମର୍ଶ ଦେଇଥା'ନ୍ତି। କିନ୍ତୁ କୌଣସି ମା'ବାପା ପିଲାଙ୍କୁ ଶ୍ରେଣୀରେ ଖରାପ ପ୍ରଦର୍ଶନ କରୁଥିବା ପିଲାଙ୍କ ସହିତ ତୁଳନା କରି ଖୁସି ମନାଇବାକୁ କହିନଥା'ନ୍ତି। ଜୀବନର ଲକ୍ଷ୍ୟ ହେଉଛି ଶୀର୍ଷରେ ପହଞ୍ଚିବା, ଉଚ୍ଚାଭିଳାଷୀ ହେବା, ନିଜ ପ୍ରତିଭାର ସଦୁପଯୋଗ କରି ଉନ୍ନତି କରିବା। କିନ୍ତୁ ନିଜ ଅଭିଳାଷ ସତ୍ ଉପାୟରେ ହାସଲ କରିବା ଉଚିତ। ସେହିପରି ଏକ ଦେଶର ସରକାରଙ୍କ କର୍ତ୍ତବ୍ୟ ହେଲା ନିଜର ଦୁର୍ବଳତା ଦୂରକରିବା। ବିଭିନ୍ନ ସମସ୍ୟା ସମାଧାନ କରି କିପରି ଅଧିକ ପ୍ରଗତି କରିବା, ଅଧିକ ଉନ୍ନତ ଦେଶ ସହିତ ପ୍ରତିଯୋଗିତା କରି ଆହୁରି ଅଧିକ ଶକ୍ତିଶାଳୀ ଦେଶ ଭାବେ ଉଭା ହେବା।

କିନ୍ତୁ ବର୍ତ୍ତମାନ ସରକାର ଏକ ଶକ୍ତିଶାଳୀ ଦେଶ ହେବା ପାଇଁ ଚେଷ୍ଟା କରିବା ପରିବର୍ତ୍ତେ ସର୍ବଦା ନିଜ ବିଫଳତା ଘୋଡ଼ାଇବା ପାଇଁ ପୂର୍ବ ସରକାର ବା ଅନ୍ୟ ଦେଶର ସେହିପରି ବିଫଳତା ସହିତ ତୁଳନା କରୁଛନ୍ତି; ଠିକ୍ ଯେପରି ଏକ ଶ୍ରେଣୀରେ ଏକ ଗଧ ବା ବିଫଳ ଛାତ୍ରୀ/ଛାତ୍ର ସହିତ ତୁଳନା କରିବା। ଅର୍ଥାତ୍ ଫେଲ ପାଇଁ ଚେଷ୍ଟା କରିବା। କେବଳ ସେତିକି ନୁହେଁ, ବିଫଳତା ପାଇଁ ଭଗବାନ୍‌ଙ୍କୁ ଦାୟୀ କରାଯାଉଛି ଏବଂ ବିଫଳତାକୁ ସଫଳତା ରୂପେ ଗଣମାଧ୍ୟମରେ ଅହରହ ପ୍ରଚାର କରାଯାଉଛି। ଭାବାବେଗ ସହିତ ଜଡ଼ିତ ପ୍ରସଙ୍ଗକୁ ବାରମ୍ବାର ପ୍ରଦର୍ଶନ କରାଯାଉଛି। ଚାଇନା–ପାକିସ୍ତାନ ଯୁଦ୍ଧ ଆଦି ପ୍ରସଙ୍ଗ ବାରମ୍ବାର ଗଣମାଧ୍ୟମରେ ଦେଖାଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି ଏବଂ ମୁଖ୍ୟ ସମସ୍ୟାଠାରୁ ଦୂରେଇ ରଖାଯାଉଛି। ଯିଏ ସରକାରଙ୍କ ବିଫଳତା ଦେଖାଇଲା, ତାକୁ ନକାରାତ୍ମକ ଚିନ୍ତାଧାରାର ଲୋକ କହି ନିନ୍ଦା କରାଯାଉଛି। ଏକ ସରକାରଙ୍କ ଅବଧି ୫ ବର୍ଷ ଏବଂ ସେହି ପାଞ୍ଚ ବର୍ଷରେ କ'ଣ କରିବେ କହିବା କଥା। ସରକାର କ'ଣ କରିଛନ୍ତି ନ କହି ବା ତାଙ୍କ ଶାସନ ଅବଧିରେ କ'ଣ କରିବେ ନ କହି ଖାଲି ଭବିଷ୍ୟତରେ ଏପରିକି ୨୦ରୁ ୨୫ ବର୍ଷ ପରେ କ'ଣ କରିବେ ବୋଲି କହୁଛନ୍ତି। କାରଣ ଭବିଷ୍ୟତରେ ସମସ୍ତେ ମୃତ ଏବଂ ଆସନ୍ତାକାଲି କେହି ଦେଖିନାହିଁ।

ବର୍ତ୍ତମାନ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହୋଇଚାଲିଛି। ଦିନକୁ ଦିନ ଏହା ନିମ୍ନସ୍ତରକୁ ଖସିଆସି ଅନେକଥର ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଛି। ବର୍ତ୍ତମାନ ୧ ଡଲାର ମୂଲ୍ୟ ୮୨ ଟଙ୍କାରୁ ୮୩ ଟଙ୍କା ମଧ୍ୟରେ ରହିଛି। ଯଦି ଟଙ୍କାର ବିନିମୟ ମୂଲ୍ୟ ଏହିପରି ହ୍ରାସ ପାଇଚାଲେ, ତେବେ ଆମଦାନୀ ଆହୁରି ମହଙ୍ଗା ହୋଇଯିବ ଏବଂ ଏହାର ସିଧାସଳଖ ପ୍ରଭାବ ଜନତାଙ୍କ ପକେଟ ଉପରେ ପଡ଼ିବ। ଏହି ସମସ୍ୟାକୁ ସ୍ୱୀକାର କରିବା ପରିବର୍ତ୍ତେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ୍ କହିଛନ୍ତିଯେ, ଟଙ୍କା ଦୁର୍ବଳ ହୋଇନି ବରଂ ଡଲାର ମଜଭୁତ ହୋଇଛି। କରୋନା ମହାମାରୀଜନିତ ସଙ୍କଟର ମୁକାବିଲା କରିବାବେଳେ ନିଜ ବିଫଳତା ଘୋଡ଼ାଇବା ପାଇଁ ମହାମାରୀକୁ ଭଗବାନ୍‌ଙ୍କ କାର୍ଯ୍ୟ ଭାବେ ଦର୍ଶାଇଥିଲେ।



ସେହିପରି ନିକଟରେ ବିଶ୍ୱ କ୍ଷୁଧା ସୂଚକାଙ୍କ ୨୦୨୨ ରିପୋର୍ଟ ପ୍ରକାଶ ପାଇଛି। ୧୨୧ ଦେଶ ଭିତରୁ ଭାରତ ୧୦୭ତମ ସ୍ଥାନରେ ରହିଛି, ଅର୍ଥାତ୍ ୧୦୬ଟି ଦେଶ ତଳେ ରହିଛି। ରିପୋର୍ଟ ଅନୁଯାୟୀ ଭାରତରେ କ୍ଷୁଧା ସ୍ତର ଗମ୍ଭୀର। କୁପୋଷଣରେ ବିଶ୍ୱରେ ୮୨.୮ କୋଟି ପୀଡ଼ିତ ହୋଇଥିଲାବେଳେ ଭାରତରେ ସେହି ସଂଖ୍ୟା ୨୨.୪୩ କୋଟି। ଶିଶୁ ଷ୍ଟଣ୍ଟିଂ ହାର ୩୫.୫%, ଶିଶୁ ମୃତ୍ୟୁହାର ୩.୩%, ଶିଶୁ ଅପଚୟରେ ୧୯.୩% ରହିଛି। ଶିଶୁ ଅପଚୟରେ ପୂର୍ବ ରେକର୍ଡ ସ୍ତରଠାରୁ ଖରାପ। ସରକାର ଏହି ବିଫଳତାକୁ ଗ୍ରହଣ କରିବା ପରିବର୍ତ୍ତେ କ୍ଷୁଧା ସୂଚକାଙ୍କ ପ୍ରସ୍ତୁତିର ପଦ୍ଧତିକୁ ପ୍ରଶ୍ନ କରିଛନ୍ତି ଏବଂ ରିପୋର୍ଟକୁ ଅବାସ୍ତବ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଛନ୍ତି। ନିକଟରେ ୟୁଏନ୍ ପକ୍ଷରୁ ୨୦୨୧–୨୨ ବର୍ଷର ମାନବ ବିକାଶ ରିପୋର୍ଟରେ ବିଶ୍ୱର ୧୯୧ଟି ଦେଶ ମଧ୍ୟରେ ୧୩୨ ସ୍ଥାନରେ ରହିଛି। ଅର୍ଥାତ୍ ମାନବ ବିକାଶ ଦୃଷ୍ଟିରୁ ଭାରତ ୧୩୧ଟି ଦେଶ ତଳେ। ଅର୍ଥାତ୍ ଦ୍ରୁତ ଅଭିବୃଦ୍ଧି ମାନବ ବିକାଶରେ ସହାୟକ ହେଉନି। କିନ୍ତୁ ସରକାର ଏହାକୁ ଗ୍ରହଣ କରିବାକୁ ନାରାଜ। ସେହିପରି ଦି ରିପୋର୍ଟର୍ସ ଉଦାଉଟ୍ ବର୍ଡର୍ସର ବାର୍ଷିକ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୨୦୨୧ରେ ଭାରତ ୧୮୦ଟି ଦେଶ ମଧ୍ୟରୁ ୧୪୨ ସ୍ଥାନରେ ଥିଲାବେଳେ ୨୦୨୨ ସୂଚକାଙ୍କରେ ୧୫୦ ସ୍ଥାନକୁ ଖସି ଆସିଛି। କିନ୍ତୁ ସରକାର ଏହି ସୂଚକାଙ୍କକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆହୁରି ମଧ୍ୟ ୨୦୨୨ ଫେବୃୟାରୀରେ ଦି ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ ଦ୍ୱାରା ପ୍ରକାଶିତ ବିଶ୍ୱ ଗଣତନ୍ତ୍ର ସୂଚକାଙ୍କ ୨୦୨୧ରେ ଭାରତ ୧୬୭ ଦେଶ ମଧ୍ୟରେ ୪୬ ସ୍ଥାନରେ ରହି ପୂର୍ବପରି ଏକ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ଭାବେ ପରିଗଣିତ ହୋଇଛି, କିନ୍ତୁ ସରକାର ଏହି ସୂଚକାଙ୍କକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ସେହିପରି ବର୍ତ୍ତମାନ ଭାରତରେ ମୁଦ୍ରାସ୍ଫୀତି ଓ ବେରୋଜଗାରି ଭୟଙ୍କର ରୂପ ଧାରଣ କରିଛି, ଯାହା ଷ୍ଟାଗ୍‌ଫ୍ଲେସନର ଏକ ପ୍ରକାର ପ୍ରତିଫଳନ। ଭାରତର ଖୁଚୁରା ମୁଦ୍ରାସ୍ଫୀତି ସେପ୍ଟେମ୍ବର ୨୦୨୨ ସୁଦ୍ଧା ୯ ମାସ ପାଇଁ ଲଗାତର ଭାବେ ୬%ରୁ ଅଧିକ ରହିଛି। ସେହିପରି ପାଇକାରୀ ମୁଦ୍ରାସ୍ଫୀତି ଏପ୍ରିଲ ୨୦୨୧ରୁ କ୍ରମାଗତ ୧୮ ମାସ ଧରି ଦୁଇ ଅଙ୍କରେ ରହିଛି। ମୁଦ୍ରାସ୍ଫୀତି ରୋକିବାରେ ବିଫଳତା ଲୁଚାଇବା ପାଇଁ ସରକାରଙ୍କ ତରଫରୁ କେତେବେଳେ ପ୍ରଚାର କରାଯାଉଛି ଯେ, ବିଶ୍ୱର ସବୁ ଦେଶରେ ମୁଦ୍ରାସ୍ଫୀତି ହାର ଅଧିକ ରହିଛି, ଆଉ କେତେବେଳେ କୁହାଯାଉଛି ଏହା ଆମଦାନୀଭିତ୍ତିକ ମୁଦ୍ରାସ୍ଫୀତି। ବେଳେବେଳେ ସରକାର କହୁଛନ୍ତି ଯେ, ମୁଦ୍ରାସ୍ଫୀତି ଧନୀମାନଙ୍କୁ ଅଧିକ ପ୍ରଭାବିତ କରିଛି।

ଭାରତରେ ବେକାରି ହାର ଅଧିକା ଓ ନିଯୁକ୍ତି ହାର କମ୍। ବ୍ରିଟେନ୍‌ରେ ବେକାରି ହାର ୩.୭%, ଚାଇନାରେ ୩.୮%, ଆମେରିକାରେ ୩.୫%, ଜାପାନ ୩%, ଜର୍ମାନୀ ୪% ଥିବାବେଳେ ଭାରତରେ ଏହା ୭ରୁ ୮% ମଧ୍ୟରେ ରହିଛି। ଭାରତରେ ମହାମାରୀ ପୂର୍ବରୁ, ୨୦୧୭–୧୮ରେ ବେକାରି ହାର ୪୫ ବର୍ଷରେ ରେକର୍ଡ ସର୍ବାଧିକ ୬.୧%ରେ ପହଞ୍ଚିଥିଲା। ନିଯୁକ୍ତି ହାର ଆମେରିକାରେ ୭୦%, ଜାପାନରେ ୭୦.୩%, ଜର୍ମାନୀରେ ୬୮.୩%, ବ୍ରିଟେନ୍‌ରେ ୭୫.୬%, ଚାଇନାରେ ୬୭.୪% ଥିବାବେଳେ ଭାରତ କ୍ଷେତ୍ରରେ ଏହା ମାତ୍ର ୪୦%। ବିଶ୍ୱ ହାରାହାରି ନିଯୁକ୍ତି ହାର ୫୫% ଛୁଇଁବା ପାଇଁ ମଧ୍ୟ ଭାରତକୁ ୧୯ କୋଟିର ଅତିରିକ୍ତ ନିଯୁକ୍ତି ଆବଶ୍ୟକ। ଭାରତରେ ୭୬% ବେକାରି ଅସୁରକ୍ଷିତ। କିନ୍ତୁ ଅତ୍ୟନ୍ତ ଚିନ୍ତାଜନକ ହେଉଛି, ସରକାର କହୁଛନ୍ତି ନିଯୁକ୍ତି ସୃଷ୍ଟି କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ପୁନଶ୍ଚ ମହାମାରୀ ସମୟରେ ଚାଇନା ପରି ବୃହତ୍ ଦେଶରେ ଗରିବଙ୍କ ସଂଖ୍ୟା ବୃଦ୍ଧି ନ ପାଇଲାବେଳେ ଭାରତରେ ୫.୬ କୋଟି ବୃଦ୍ଧିପାଇଛି। ସରକାର ଦ୍ରୁତ ଅଭିବୃଦ୍ଧି କଥା କହୁଛନ୍ତି, କିନ୍ତୁ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ବିଶ୍ୱରେ ଭାରତ ୧୪୧ଟି ଦେଶ ତଳେ ଅଛି। ୧୯୮୦ ଦଶକରେ ଚାଇନାର ଜିଡିପି ଭାରତ ସହିତ ସମାନ ଥିଲା। କିନ୍ତୁ ବର୍ତ୍ତମାନ ଚାଇନା ଅର୍ଥନୀତିର ଆକାର ଭାରତ ଅର୍ଥନୀତି ଆକାରର ୫.୭ ଗୁଣା ହୋଇଛି। ସରକାର ଏସବୁ କ୍ରୁର ବାସ୍ତବତା ଗ୍ରହଣ କରି ବିହିତ ପଦକ୍ଷେପ ନେବା ପରିବର୍ତ୍ତେ ନିଜ ବିଫଳତା ଘୋଡ଼ାଇବା ପାଇଁ ଖାଲି ସ୍ଲୋଗାନ୍ ଦେଇ ଚାଲିଛନ୍ତି।

ମୋ: ୯୪୩୭୨୦୮୭୬୨

## ଏଇ ଭାରତରେ

୯ ଏକର ଶୁଷ୍କ ଜମିରେ ପରିସଂସ୍ଥା ସହନୀୟ ପର୍ଯ୍ୟଟନ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ମଣିପୁରର ସ୍ଥପତି ମନ୍ନାର ରାୟ। କଟଲାମାରା ଅଞ୍ଚଳରେ ସେ ଏହି ବାଉଁଶ ଗାଁ ବିକାଶ କରିଛନ୍ତି। ଏହାର ନାମ ଦେଇଛନ୍ତି ବାଶଗ୍ରାମ। ଏଠାରେ ସେ ୧୪ ପ୍ରକାର ବାଉଁଶ ରୋପଣ କରିଛନ୍ତି। ବାଶଗ୍ରାମରେ ଯୋଗ କେନ୍ଦ୍ର, ଖେଳପଡ଼ିଆ, ସ୍କୁଲ ଓ ଛାତ୍ରାବାସ ରହିଛି। ସବୁ ଘର ବାଉଁଶରେ ନିର୍ମିତ ଓ ଏଥିରେ ସ୍ଥାନୀୟ ପ୍ରାକୃତିକ ସଂସାଧନ ଉପଯୋଗ କରାଯାଇଛି। ତା' ମଧ୍ୟରେ ଥିବା କ୍ଷୀଣ ଜଳସ୍ରୋତ ଉପରେ ବାଉଁଶରେ ପୋଲ ଓ ରାସ୍ତା ମଧ୍ୟ ବାଉଁଶରେ ନିର୍ମାଣ ହୋଇଛି। ରାୟ ଏହି ପର୍ଯ୍ୟଟନ ଗାଁକୁ ଚୂଡ଼ାନ୍ତ ରୂପ ଦେବା ଲାଗି ୬୦ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ବାଶଗ୍ରାମରେ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରିଛନ୍ତି। ପରିବେଶକୁ କ୍ଷତି ନ କରି ପ୍ରାକୃତିକ ସଂସାଧନରେ କଟଲାମାରା ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ ତଥା ପରିବେଶ ସହନୀୟ ପର୍ଯ୍ୟଟନ କେନ୍ଦ୍ର କରିବାକୁ ସେ ଯୋଜନା କରିଛନ୍ତି।

# ଜ୍ଞାନକୌଶଳ ଆପଣାଇବାକୁ ହେବ



ଈପ୍ସିତା ମହାନ୍ତି

ଲେଖାଟି ଦେଶର ଏକ ପ୍ରମୁଖ ରାଜ୍ୟ ଗୁଜରାଟ, ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀ ଏବଂ ଆମ କୋରାପୁଟ ଜିଲା ବୈପାରୀଗୁଡ଼ାର ଘଟଣାବଳୀକୁ ନେଇ ଆଲୋଚିତ। ଗତ ଦିନରେ ଗୁଜରାଟ କ୍ୟାଡରର ବରିଷ୍ଠ ପୋଲିସ ଅଧିକାରୀ ଗୌତମ ପାରମାର ଜଣେ ସାଧାରଣ ନାଗରିକଙ୍କ ଭଳି କିଛି ଥାନା ପରିଦର୍ଶନ କରିଥିଲେ। ସାଧାରଣ ନାଗରିକଙ୍କ ଭଳି ତାଙ୍କୁ ମଧ୍ୟ ସମାନ ଧରଣର ଅନୁଭବ ହୋଇଥିଲା। ଏହାପରେ ବିଶୃଙ୍ଖଳିତ ଆଚରଣ ପାଇଁ ଏକାଧିକ ପୋଲିସ କର୍ମଚାରୀଙ୍କୁ ଦଣ୍ଡିତ କରାଗଲା। ଗୁଜରାଟର ଏହି ପୋଲିସ ଅଧିକାରୀ ଦେଶର ପ୍ରଥମ ଅଧିକାରୀ ନୁହନ୍ତି ଯିଏ ଅକସ୍ମାତ୍ ଥାନା ପରିଦର୍ଶନରେ ଯାଇ ବିଶୃଙ୍ଖଳିତ କର୍ମଚାରୀଙ୍କୁ ଦଣ୍ଡିତ କରିଛନ୍ତି। ପ୍ରତ୍ୟେକ ସହର ଓ ଅଞ୍ଚଳରେ ଏପରି ଘଟଣା ଘଟୁଛି। ସାଧାରଣତଃ କୌଣସି ଅଞ୍ଚଳରେ ଜଣେ ନୂତନ ଅଧିକାରୀ ନିଯୁକ୍ତି ହେଲେ ନିଜ ଉପସ୍ଥିତି ତଥା କର୍ତ୍ତୃତ୍ୱ ଜାହିର ପାଇଁ ସେ ଏଭଳି ପଦକ୍ଷେପ ନେଇଥା'ନ୍ତି। କିନ୍ତୁ ଏହାର ପ୍ରଭାବ ଦିନ କେଇଟାରେ ମିଳେଇ ଯାଏ। ତଥାପି ଏହା ଏକ ଉତ୍ତମ ପ୍ରୟାସ। ଯଦିଓ ବାରମ୍ବାର ପୁନରାବୃତ୍ତି ଦ୍ୱାରା ଏହା ପ୍ରଭାବଶାଳୀ ହୋଇଥାଏ କିନ୍ତୁ ସେପରି ହେଉନାହିଁ।

ଆଜିର ବୈଷୟିକ ଯୁଗରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସକୁ ନୂତନ ଢଙ୍ଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ଦିଲ୍ଲୀ ପରି ମହାନଗରୀରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଏକ ହେଲ୍ପଲାଇନ ନମ୍ବର ଜାରି ହୋଇଛି। ଯାହା ମାଧ୍ୟମରେ ଦିଲ୍ଲୀବାସୀ ପ୍ରମୁଖ ମାର୍ଗର ଟ୍ରାଫିକ୍ ସମସ୍ୟା ବିଷୟରେ ଟ୍ରାଫିକ୍ ପୋଲିସକୁ ଅବଗତ କରାଉଛନ୍ତି। ଲୋକଙ୍କ ଅଧିକାଂଶ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉଛି। ଏହି କାରଣରୁ ଦିଲ୍ଲୀର ଟ୍ରାଫିକ୍ ବ୍ୟବସ୍ଥାରେ ଅନେକ ସୁଧାର ଆସିଛି। ୨୦୧୦ରେ ଦିଲ୍ଲୀ ଟ୍ରାଫିକ୍ ପୋଲିସ ନିଜ ଫେସ୍‌ବୁକ ପେଜ୍‌ରେ ଜନତାଙ୍କୁ ଟ୍ରାଫିକ୍ ନିୟମ ଉଲ୍ଲଂଘନର ଚିତ୍ର ମାଗିବା ଆରମ୍ଭ କରିଥିଲା। କାର୍ଯ୍ୟାନୁଷ୍ଠାନ ଭୟରେ ଟ୍ରାଫିକ୍ ନିୟମ ପାଳିବାରେ ଲୋକେ ଅଭ୍ୟସ୍ତ ହେଲେ। ପୁଣି ଜରିମାନା ନାମରେ ରାଜକୋଷକୁ ପର୍ଯ୍ୟାପ୍ତ ଅର୍ଥ ଆସିଲା।

ଧୀରେ ଧୀରେ ଦିଲ୍ଲୀ ପରି ଦେଶର ଅନ୍ୟାନ୍ୟ ସହରର ଟ୍ରାଫିକ୍ ପୋଲିସ ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ସହରର ଟ୍ରାଫିକ୍ ପୋଲିସ ଅତି ସତର୍କତା ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। କିନ୍ତୁ ସମୟକ୍ରମେ ସେ ମଧ୍ୟ ଢିଲା ହୋଇଗଲା। ଦିଲ୍ଲୀ ଟ୍ରାଫିକ୍ ପୋଲିସ ନିକଟରେ ପୂର୍ବର ସେହି ତତ୍ପରତା ଆଉ ଦେଖିବାକୁ ମିଳୁନାହିଁ। କିଛିଦିନ ତଳେ ମୋର ଜଣେ ବନ୍ଧୁ ଦିଲ୍ଲୀର ଏକ ପ୍ରମୁଖ ରାସ୍ତାର ଟ୍ରାଫିକ୍ ଜାମ୍ ଖବରକୁ ନିଜ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣାଇବାରୁ ଟ୍ରାଫିକ୍ ପୋଲିସଠାରୁ ଉତ୍ତର ଆସିଥିଲା 'ଦୟାକରି ଏଥି ସମ୍ପର୍କିତ ଭିଡିଓ ପଠାନ୍ତୁ'। ଏହି ସମୟରେ ବନ୍ଧୁ ଜଣକ ଉକ୍ତ ସ୍ଥାନ ଅତିକ୍ରମ କରି ଢେର୍ ଆଗକୁ ଚାଲି ଯାଇଥିଲେ। ତେଣୁ ଗୁଗଲ୍ ମାନଚିତ୍ର ସାହାଯ୍ୟରେ ସେ ସ୍କ୍ରିନ୍‌ସଟ୍ ପଠାଇ ଟେକ୍ନୋଲୋଜି (ବୈଷୟିକ କୌଶଳ)ର ସାହାଯ୍ୟ ନେବାକୁ ଟ୍ରାଫିକ୍ ବିଭାଗକୁ ପରାମର୍ଶ ଦେଇଥିଲେ। ସେପଟରୁ କୌଣସି ପ୍ରତିକ୍ରିୟା ନ ଆସିବାରୁ ଟ୍ରାଫିକ୍ ପୋଲିସ ଓ ବନ୍ଧୁଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ସ୍କ୍ରିନ୍‌ସଟ୍‌କୁ ସେ ଦିଲ୍ଲୀ ଟ୍ରାଫିକ୍ ପୋଲିସର ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରିଦେଲେ। ତତକ୍ଷଣାତ୍ ମୋ ବନ୍ଧୁଙ୍କ ନିକଟକୁ ସୂଚନା ଆସିଥିଲା ଯେ, ସେହି ଅଞ୍ଚଳର ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଖବର ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠେ ଯେ ମୋ ବନ୍ଧୁଙ୍କ ଦ୍ୱାରା ପ୍ରେରିତ ଅଭିଯୋଗକୁ ଗୁଗଲ୍ ମାନଚିତ୍ରର ସାହାଯ୍ୟ ନେଇ ଟ୍ରାଫିକ୍ ନିୟନ୍ତ୍ରଣ କକ୍ଷରେ ବସିଥିବା ଅଧିକାରୀ କ'ଣ ଯାଞ୍ଚ କରିପାରିବେ ନାହିଁ ? ପ୍ରକୃତରେ ଗୁଗଲ୍ ମାନଚିତ୍ର ପରି ବୈଷୟିକ ଜ୍ଞାନ କୌଶଳ ଆପଣାଇ ଟ୍ରାଫିକ୍ ନିୟନ୍ତ୍ରଣ କକ୍ଷରେ ବସିଥିବା ଅଧିକାରୀମାନେ ଆଞ୍ଚଳିକ ଅଧିକାରୀମାନଙ୍କୁ ଟ୍ରାଫିକ୍ ଜାମ୍ ଥିବା ଅଞ୍ଚଳର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସୂଚିତ କରିପାରିବେ।



ଏହା ମଧ୍ୟ ଦେଖାଯାଉଛି ଯେ ଜାତୀୟ ଦିବସର ଅବ୍ୟବହିତ ପୂର୍ବରୁ ଅବା କିଛି ନିର୍ଦ୍ଦିଷ୍ଟ (ମନୋନୀତ) ଦିନଗୁଡ଼ିକରେ ପୋଲିସର ଯାଞ୍ଚ କାର୍ଯ୍ୟ ବୃଦ୍ଧିପାଏ। ଏ ଖବର ଜନତାଙ୍କୁ ଅଛପା ରହେନାହିଁ। ପୋଲିସ ଆଜି ଯାଞ୍ଚ କରିବ ! ତେଣୁ ସେହି ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ନୀତିନିୟମ ଏବଂ ଆଇନକାନୁନର ଅନୁପାଳନରେ ଜନତା ବେଶ୍ ତତ୍ପର ହୋଇଉଠନ୍ତି। କଥା ହେଉଛି, ନିରନ୍ତର ଭାବେ ପୋଲିସ ଏଭଳି କାର୍ଯ୍ୟକ୍ରମ ଅବ୍ୟାହତ ରଖିଲେ ନୀତିନିୟମ ପ୍ରତି ଜନସାଧାରଣ କେବଳ ସଚେତନ ରହିବେ ତାହା ନୁହେଁ ବରଂ ଅପରାଧରେ ମଧ୍ୟ ରୋକ ଲାଗି ପାରିବ। ଗତ କିଛି ମାସ ହେଲା ଥାନା ନିକଟରେ ବୈପାରୀଗୁଡ଼ା ପୋଲିସ ନିୟମିତ ହେଲ୍‌ମେଟ ସହ ଗାଡିମୋଟରର କାଗଜପତ୍ର ଯାଞ୍ଚ କରୁଛି। ଅବଶ୍ୟ ବୈପାରୀଗୁଡ଼ା ପୋଲିସର ଏଭଳି କାର୍ଯ୍ୟ ସେହି ଗୋଟିଏ ପଥରେ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଯଦିଓ କିଛି ପରିମାଣରେ ସଚେତନତା (ଦଣ୍ଡ ଭୟରେ ଅବା ନିଜ ସୁରକ୍ଷା ପାଇଁ) ସୃଷ୍ଟିରେ ସହାୟକ ହୋଇଛି କିନ୍ତୁ ଅନ୍ୟାନ୍ୟ ପଥରେ ଯାତାୟାତ କରୁଥିବା ଚାଳକଙ୍କ ବେପରୁଆ ମନୋଭାବରେ ଏହା କୌଣସି ପ୍ରଭାବ ପକାଉ ନାହିଁ କିମ୍ବା ସେମାନଙ୍କ ମନରେ ସେଭଳି କୌଣସି ପରିବର୍ତ୍ତନ ଆଣିଦେଇନାହିଁ। ବାସ୍ତବରେ ସହର ଭିତରେ ଅବା ଥାନା ନିକଟରେ ସର୍ବଦା ଯାଞ୍ଚ ନ କରି ସହର ବାହାରେ ବିଭିନ୍ନ ପଥରେ ନିୟମିତ ଅନ୍ତରାଳରେ ଏଭଳି କାର୍ଯ୍ୟକ୍ରମ କରାଗଲେ ତାହାର ଲାଭ ସମାଜ ପାଇପାରନ୍ତା।

ଗୁଜରାଟର ଜଣେ ବରିଷ୍ଠ ପୋଲିସ ଅଧିକାରୀ ଅକସ୍ମାତ୍ ସାଦା ପୋଷାକରେ ଯଦି ଥାନା ଉପରେ ଚଢ଼ାଉ କରିପାରୁଛନ୍ତି, ଦୋଷୀ କର୍ମଚାରୀଙ୍କୁ ଦଣ୍ଡିତ କରିପାରୁଛନ୍ତି; ତେବେ ରାସ୍ତା କଡ଼ରେ ଅବା ଜନଗହଳି ସ୍ଥାନରେ ଚାଲିଥିବା ଖୋଲାଖୋଲି ମଦ୍ୟପାନ ଉପରେ କାହିଁକି କଟକଣା ଲାଗୁ ହୋଇପାରିବ ନାହିଁ ? ଏଥିପାଇଁ କୌଣସି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଜାଗର ରହିବାକୁ ପଡ଼ିବ ନାହିଁ। ଅଧିକାରୀମାନଙ୍କୁ କେବଳ ବୈଷୟିକ ଜ୍ଞାନ କୌଶଳ ଆପଣାଇବାକୁ ପଡ଼ିବ। ସିସିଟିଭି ଅବା ସାମାଜିକ ଗଣମାଧ୍ୟମ ସାହାଯ୍ୟରେ ସେମାନେ ଏହାକୁ ନିୟନ୍ତ୍ରଣ କରିପାରିବେ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ– ୬୩୭୦୬୭୯୪୦୫**

## ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୭

- ମଣିପୁରର ସେନାପତି ଜିଲ୍ଲାରେ କୁକି ଉଗ୍ରପନ୍ଥୀମାନଙ୍କ ଅଚାନକ ଗୁଳିମାଡ଼ରେ ୧୦ ଯବାନ ନିହତ।
- ଆସାମର ଗୋଆଲପାରା ଜିଲ୍ଲାରେ ଅଜ୍ଞାତ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ପୂର୍ବତନ କଂଗ୍ରେସ ବିଧାୟକ ଶେଖ୍ ସାମାନ୍ ଅଲ୍ଲୀ ନିହତ।

## ଚିରନ୍ତନୀ

ଯୁବକ ଯୁବତୀ ଧରମ ସେ ତ
ବୟସ ଦାବି
ଗୋପନୀୟ ତେବେ କି ଅଛି ତହିଁ
କହ ତ ଭାବି।
–(ପ୍ରାଚୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 9 | | | | 2 | | |
| 4 | | 7 | 8 | | | | 9 | |
| 5 | | 8 | | | | | | 6 |
| | | 5 | | 1 | 6 | | | |
| | | | | | | 5 | 3 | |
| | 7 | | | | | | | |
| 1 | | 3 | | 5 | | | 6 | |
| | 8 | | 9 | | | | 2 | |
| | | | | 7 | | | 1 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 1 | 7 | 2 | 5 | 4 | 3 | 9 |
| 5 | 4 | 9 | 1 | 3 | 6 | 2 | 8 | 7 |
| 3 | 2 | 7 | 8 | 9 | 4 | 1 | 5 | 6 |
| 9 | 5 | 2 | 3 | 1 | 8 | 7 | 6 | 4 |
| 1 | 3 | 8 | 4 | 6 | 7 | 9 | 2 | 5 |
| 7 | 6 | 4 | 9 | 5 | 2 | 3 | 1 | 8 |
| 8 | 1 | 3 | 6 | 7 | 9 | 5 | 4 | 2 |
| 2 | 7 | 6 | 5 | 4 | 3 | 8 | 9 | 1 |
| 4 | 9 | 5 | 2 | 8 | 1 | 6 | 7 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଲେଜରେ ରାଗିଂ ନ ରହୁ

ମହାଶୟ, ରାଜ୍ୟରେ ଥିବା କଲେଜରୁ ରାଗିଂ ବନ୍ଦ କରାଯାଉ। ନିକଟ ଅତୀତରେ ଜଣେ ଛାତ୍ରୀ ରାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିଲେ। ଏପରି ଅମାନବୀୟ ଘଟଣା ଭବିଷ୍ୟତରେ ନ ଘଟୁ। ଶିକ୍ଷାନୁଷ୍ଠାନରେ କେବଳ ଶିକ୍ଷା ଗ୍ରହଣ କରିବା ବିଧି ବ୍ୟବସ୍ଥା ରହିଛି। ସରକାରୀ କିମ୍ବା ଘରୋଇ ହେଉ, ଏଥିପ୍ରତି କଦାପି କୋହଳ ମନୋଭାବ କରା ନ ଯାଉ। ନୂତନ ପିଢ଼ିଙ୍କ ପ୍ରତି ସମ୍ମାନ ଦେବା, ପୁରାତନ ଛାତ୍ରୀଛାତ୍ରଙ୍କ ପରମ କର୍ତ୍ତବ୍ୟ। ଉଚ୍ଚ କର୍ତ୍ତୃପକ୍ଷ ସଚେତନ ରହି ଦୃଷ୍ଟି ଦେବେ। **–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com:miku11@yahoo.com (Use only for advertisements,commercial queries)

# ଭାରତ ଯୋଡ଼ୋ ଯାତ୍ରାରେ ଖାର୍ଗେ

**ହାଇଦ୍ରାବାଦ,୧।୧୧**

କଂଗ୍ରେସ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ପ୍ରଥମ ଥର ପାଇଁ ଦଳର ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଛନ୍ତି। ଅପରାହ୍ନରେ ସେ ହାଇଦ୍ରାବାଦରେ ପହଞ୍ଚି ନେକ୍‌ଲେସ୍ ରୋଡ୍‌ସ୍ଥିତ ଇଣ୍ଡିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇଥିଲେ। ଚାର୍‌ମିନାରଠାରେ ରାହୁଲ ଗାନ୍ଧୀ ଦଳର ଅନ୍ୟ ନେତା ଏବଂ ସମର୍ଥକମାନଙ୍କ ଗହଣରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ତାଙ୍କ ବାପା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଫଟୋରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ହାଇଦ୍ରାବାଦରେ ଆୟୋଜିତ ଭାରତ ଯୋଡ଼ୋ ଯାତ୍ରାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ।

ସୂଚନାଯୋଗ୍ୟ, ୩୨ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ ଅକ୍ଟୋବର ୧୯ରେ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାଜୀବ ଗାନ୍ଧୀ ଚାର୍‌ମିନାରୁ ତାଙ୍କର ସଦ୍‌ଭାବନା ଯାତ୍ରା ଆରମ୍ଭ କରିଥିଲେ। ମଙ୍ଗଳବାର ଭାରତ ଯୋଡ଼ୋ ଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ, ଦିଗ୍‌ବିଜୟ ସିଂ ତେଲଙ୍ଗାନା ପ୍ରଦେଶ କଂଗ୍ରେସ ସଭାପତି ରେଭନ୍ଥ ରେଡ୍ଡୀ ପ୍ରମୁଖ ଯୋଗ ଦେଇଥିଲେ। ସେଠାରୁ ସେମାନେ ପଦଯାତ୍ରାରେ ଆସି ଅପରାହ୍ନରେ ନେକଲେସ୍ ରୋଡ୍‌ରେ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଖାର୍ଗେ ସେଠାରେ ପହଞ୍ଚି ସେମାନଙ୍କ ସହ ସାମିଲ ହୋଇଥିଲେ।

ଅଧ୍ୟକ୍ଷ ନିର୍ବାଚିତ ହେବା ପୂର୍ବରୁ ଖାର୍ଗେ ଗତମାସ ୧୬ ତାରିଖରେ କର୍ନାଟକର ବେଲାରୀରେ ରାହୁଲ ଗାନ୍ଧୀଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ୧୭ ତାରିଖରେ ଶଶୀ ଥରୁରଙ୍କୁ ପରାସ୍ତ କରି ଖାର୍ଗେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ।

# ବାହାର ନେତାଙ୍କୁ ଧାମନଗର ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ନିର୍ଦ୍ଦେଶ

**ଭଦ୍ରକ ଅଫିସ,୧।୧୧**

ଧାମନଗର ଉପନିର୍ବାଚନ ଆସନ୍ତା ୩ ତାରିଖରେ ହେବାକୁ ଥିବାବେଳେ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ମତଦାନ ଶେଷ ସମୟର ୪୮ ଘଣ୍ଟା ପୂର୍ବରୁ ବାହାରୁ ଆସିଥିବା ସମସ୍ତ ରାଜନୈତିକ ଦଳର ନେତା ଓ କର୍ମୀ ଧାମନଗର ନିର୍ବାଚନମଣ୍ଡଳୀ ଏରିଆ ଛାଡ଼ିବାକୁ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆହୂତ ଖବରଦାତା ସମ୍ମିଳନୀରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି। ଜିଲାପାଳ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନାଙ୍କ ମିଳିତ ଖବରଦାତା ସମ୍ମିଳନୀରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଥିଲା। ନିର୍ବାଚନମଣ୍ଡଳୀର ସମସ୍ତ ସୀମାକୁ ସିଲ୍ କରାଯିବା ସହ ହୋଟେଲ, କଲ୍ୟାଣ ମଣ୍ଡପ ଓ କମ୍ୟୁନିଟି ସେଣ୍ଟରଗୁଡ଼ିରେ କଡ଼ାକଡ଼ି ଭାବେ ତଲାସି ନିଆଯିବ। ମୋଟ୍ ୨୫୨ ବୁଥ୍ ପାଇଁ ୩୦ ସେକ୍ଟର ଅଫିସର ଓ ୧୧ ମାଜିଷ୍ଟ୍ରେଟ ନିୟୋଜିତ ଥିବାବେଳେ ୧୨୬ ବୁଥ୍‌ରେ ମତଦାନ ସମୟର ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଆଚରଣବିଧି ଉଲ୍ଲଂଘନ ନେଇ ୭ ମାମଲା ରୁଜୁ ହୋଇଥିବା ବେଳେ ୨ଜଣଙ୍କୁ ନିଲମ୍ବନ କରାଯାଇଛି। ସମସ୍ତ ବୁଥ୍‌ରେ ଶୌଚାଳୟ, ପାନୀୟଜଳ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଥିବା ଜିଲାପାଳ କହିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ST. XAVIER'S HIGH SCHOOL
NEAR CHECK GATE, SAMANTARAPUR, BHUBANESWAR
URGENTLY REQUIRED ACCOUNT OFFICER
Qualification : Minimum B.Com/M.Com, BBA/MBA Finance.
Experience : Relevant 2 - 3 years experience.
Age : 25 - 35 Yrs.
Computer Skill : Must have strong knowledge of MS Office, Excel & Tally, ERP. Should handle Account process independently.
Candidate fulfilling the above criteria should send their updated resume within 7 days by E-mail: stxavierbbsr@gmail.com
NUMBER OF POSTS VACANT - 24
SELECTED CANDIDATES WILL BE POSTED IN DIFFERENT DISTRICTS IN ODISHA.
Only shortlisted Candidate will be Contacted

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ମେଶିନ ଅପରେଟର
• ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବେ। ଆଇଟିଆଇ ଶିକ୍ଷା ହାସଲ କରିଥିବା ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ।
• ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନା ଓ କଲର୍ ପ୍ରିଣ୍ଟିଂରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଉପରେ ପ୍ରାଧାନ୍ୟ ଦିଆଯିବ।
• ପ୍ରାର୍ଥୀଙ୍କର ବୟସ ୪୫ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ।
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

# ସରିଲା ପ୍ରଚାର: ଦ୍ୱନ୍ଦ୍ୱରେ ପ୍ରାର୍ଥୀ

**ଧାମନଗର,୧।୧୧(ଡି.ଏନ.ଏ.)**

ଧାମନଗର ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ମଇଦାନରେ ୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ ହେଁ ମୁଖ୍ୟତଃ ଧାମନଗର ମଙ୍ଗ ଧରିବା ପାଇଁ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଚାଲିଛି। କିନ୍ତୁ ବିଜେଡି ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ରାଜେନ୍ଦ୍ର ଦାସ ଓ କଂଗ୍ରେସ ପ୍ରାର୍ଥୀ ହରେକୃଷ୍ଣ ସେଠୀଙ୍କ ଭୋଟ ହାର ନିର୍ଣ୍ଣାୟକ ଭୂମିକା ନେବ। ତେବେ ସମସ୍ତ ପ୍ରାର୍ଥୀ ଏବେ ଦ୍ୱନ୍ଦ୍ୱରେ ଅଛନ୍ତି। ଉପନିର୍ବାଚନରେ ୨ଲକ୍ଷ ୩୮ ହଜାର ୪୧୭ ଭୋଟର ମତଦାନ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ୧ ଲକ୍ଷ ୨୩ ହଜାର ୧୩ ଜଣ ପୁରୁଷ ଏବଂ ୧ ଲକ୍ଷ ୧୫ ହଜାର ୩୧୪ ଜଣ ମହିଳା ଭୋଟର ଅଛନ୍ତି। ଏଥର ଉପନିର୍ବାଚନରେ ଭାଜପା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟର ବହୁ ନେତୃବୃନ୍ଦ, ବିଧାୟକ, ବିଭିନ୍ନ ମୋର୍ଚ୍ଚାର ରାଜ୍ୟ ସଭାପତି ସାମିଲ ହୋଇ ବିଭିନ୍ନ ପଞ୍ଚାୟତରେ ଡେରା ପକାଇଥିଲେ। ପ୍ରଚାର ମଇଦାନରେ ଧାମନଗରର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ମନମୋହନ ସାମଲ ମୁଖ୍ୟ ଭୂମିକା ନେଇଥିବା ବେଳେ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରଚାର ଶୈଳୀ ଭୋଟରଙ୍କୁ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଛି। ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗର ଅନୁକମ୍ପା ଭୋଟ୍ ହାତେଇବା ପାଇଁ ସୂର୍ଯ୍ୟବଂଶୀ ଉଦ୍ୟମ ଜାରି ରଖିଛନ୍ତି। ଏପରିକି ଭାଜପା ପକ୍ଷରୁ ନବୀନ ସରକାରଙ୍କ ବିଭିନ୍ନ ଦୁର୍ନୀତି, ନାରୀ ନିର୍ଯାତନା ସହ ଧାମନଗରର ବିକାଶ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ବିଜେଡି ପକ୍ଷରୁ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ରହିଥିବାରୁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସମେତ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପ୍ରୀତି ରଞ୍ଜନ ଘଡ଼େଇ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ ପ୍ରମୁଖ ପ୍ରଚାର, ରାଜ୍ୟ ସଭା ଏମ୍‌ପି ମୁନା ଖାଁ ମଇଦାନରେ ଥିଲେ। ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ପ୍ରଚାର କରିଛନ୍ତି। ତେବେ ବିଜେଡି ପାଇଁ ଘାତକ ସାଜିପାରନ୍ତି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର। ରାଜେନ୍ଦ୍ରଙ୍କ ଲାଗି ଦଳୀୟ କର୍ମୀଙ୍କ ଭିତରେ ରହିଥିବା ସମର୍ଥନ ବିଜେଡି ପାଇଁ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିପାରେ। ମିଶନ ଶକ୍ତି ଜରିଆରେ ମହିଳା ଭୋଟ୍ ହାତେଇବାକୁ ବିଜେଡି ଲକ୍ଷ୍ୟ ରଖିଥିବା ବେଳେ ଏକାଧିକ ସ୍ଥାନରେ ଟଙ୍କା ବଣ୍ଟା ନେଇ ଭିଡିଓ ଭାଇରାଲ ଯୋଗୁ ଏହାକୁ ନେଇ ଲୋକଙ୍କ ଭିତରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଠାରେ ରାଜୁଙ୍କ ସାଙ୍ଗଠନିକ ଦବ୍‌ଦବା ରହିଥିବାରୁ ଅନେକ କର୍ମୀ ଖୋଲାଖୋଲି ପ୍ରଚାରରେ ସାମିଲ ହେଉ ନ ଥିଲେ ମଧ୍ୟ ଅନ୍ତଃସ୍ରୋତର ଫାଇଦା ନେଇ ସମ୍ମାନଜନକ ସ୍ଥିତିରେ ରହିପାରନ୍ତି। ଏହା ଭାଜପା ପାଇଁ ସହାୟକ ହୋଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ତା'ର ପୂର୍ବ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ସୁରେଶ ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ପ୍ରଚାର କରିଛନ୍ତି। ଏଥର ନିଜର ସମ୍ମାନ ବୃଦ୍ଧି ପାଇଁ କଂଗ୍ରେସ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି। ତେବେ ଏସବୁ ଭିତରେ ବନ୍ୟା ନିୟନ୍ତ୍ରଣରେ ବିଫଳତା ଏବଂ ଯାଜପୁର ନେତୃତ୍ୱଙ୍କ ପ୍ରତି ସ୍ଥାନୀୟ ଭୋଟର ଅସୂୟା ଭାବ ସୃଷ୍ଟି ହେବା ପରିଲକ୍ଷିତ ହେଉଛି। ଏହା ଯଦି ଭୋଟ୍‌କୁ ରୂପାନ୍ତରିତ ହୁଏ ତାହା ବିଜେଡି ଭୋଟ୍ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ଚର୍ଚ୍ଚା ହେଉଛି।



ଧାମନଗର ଧୁଷୁରୀଠାରେ ଭାଜପାର ଜନସମାବେଶରେ ଉପସ୍ଥିତ ଦଳୀୟ ପ୍ରାର୍ଥୀ ଏବଂ ନେତୃବୃନ୍ଦ।

**ଧାମନଗର ଉପନିର୍ବାଚନ**

## ବିଜେଡି ନାଁରେ ଟଙ୍କା ବଣ୍ଟା ଅଭିଯୋଗ ଆଣିଲେ ବିରୋଧୀ

### ପରାଜୟ ଜାଣି ମିଛର ଆଶ୍ରୟ ନେଇଛି ଭାଜପା: ବିଜେଡି

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ରାଜନୀତି ପାଣି ଗୋଳିଆ କରିବାର ୨୨ ବର୍ଷର ଅଭିଜ୍ଞତା ବିଜେଡି ପାଖରେ ଅଛି। ଅତୀତରେ ହୋଇଥିବା ଉପନିର୍ବାଚନରେ କଳ, ବଳ, କୌଶଳ ବ୍ୟବହାର କରି ଶାସକ ଦଳ ବୁଥ୍ ରିଗିଂ, ଭୋଟ ବାକ୍ସ ବୋହିନେବା, ଜୋର ଜବରଦସ୍ତ ବାଲଟ ପେପର ଉପରେ ମୋହର ମାରିବା ଆଦି ଅଗଣତାନ୍ତ୍ରିକ କାର୍ଯ୍ୟ କରି ଭୋଟ ହାତେଇଥିଲା। ଏଥର ମଧ୍ୟ ଧାମନଗର ଉପନିର୍ବାଚନରେ ବିଜେଡି ପୋଲିସ ପ୍ରଶାସନ ଓ ଏସ୍‌ଏଚ୍‌ଜିର ସିଆରପି, ଏମବିକେ ମହିଳାଙ୍କ ସହାୟତାରେ ଟଙ୍କା ବାଣ୍ଟୁଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଆସନ୍ତା ୩ ତାରିଖ ନିର୍ବାଚନ ଥିବାରୁ ମଙ୍ଗଳବାର ଏବଂ ବୁଧବାର ୨ଦିନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅବାଧ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ନିମନ୍ତେ ସିଇଓ ବ୍ୟାପକ ଏବଂ କଡ଼ାକଡ଼ି ବ୍ୟବସ୍ଥା ଗ୍ରହଣ କରିବା ସହ କେନ୍ଦ୍ରୀୟ ଫୋର୍ସ ମୁତୟନ କରିବାକୁ ଲେଖାଶ୍ରୀ ଅନୁରୋଧ କରିଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ବିଜେଡି ଉପନିର୍ବାଚନରେ ବିଜୟୀ ହେବା ପାଇଁ ବ୍ୟାପକ ଅର୍ଥ କାରବାର ଚଳାଇଛି। ମିଶନ ଶକ୍ତି ମହିଳାଙ୍କ ଜରିଆରେ ବ୍ୟାପକ ଅର୍ଥ କାରବାର ଚାଲିଛି। ସେହିପରି ସରକାରୀ କଳ, ବଳ ସବୁ ଶାସକ ଦଳ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଲାଗିପଡିଛନ୍ତି। ପ୍ରଶାସନିକ ଅଧିକାରୀମାନେ ନିରପେକ୍ଷତା ଅବଲମ୍ବନ କରୁ ନ ଥିବା ସୁରେଶ ଅଭିଯୋଗ କରିଛନ୍ତି। ବିଜେଡି କିନ୍ତୁ ଉଭୟ ଭାଜପା ଏବଂ କଂଗ୍ରେସ କଥାକୁ ସମାଲୋଚନା କରିଛି। ବିଜେଡି ନେତା ଲେନିନ ମହାନ୍ତି କହିଛନ୍ତି, ଭାଜପା ମିଛର ଭଣ୍ଡାର ଖୋଲିଛି। ଏବେଠାରୁ ଏହି ଉପନିର୍ବାଚନରେ ପରାଜୟ ଜାଣି ଭାଜପା ନେତାମାନେ ସବୁଦିନ ମିଛ କଥା କହିଚାଲିଛନ୍ତି।

75 Azadi Ka Amrit Mahotsav
ସତର୍କତା ଜାଗରଣ ସପ୍ତାହ
31 ଅକ୍ଟୋବର ରୁ 6 ନଭେମ୍ବର, 2022
"ଦୁର୍ନୀତି ମୁକ୍ତ ଭାରତ-ବିକଶିତ ଭାରତ"
ଉପଭୋକ୍ତାମାନଙ୍କୁ ନିବେଦନ
➤ ଦୟାକରି ବୈଧ ଦେୟଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ ।
➤ ଯେଉଁ ଅର୍ଥରାଶି ପୈଠ କରୁଛନ୍ତି ସେଥି ଲାଗି ରସିଦ୍/ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ ।
➤ ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣଙ୍କ ଅଭିଯୋଗ ସିନିୟର ଡେପୁଟି ଜେନେରାଲ ମ୍ୟାନେଜର (SDGM), ପୂର୍ବତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଫୋନ୍ ନଂ.0674-2300230, ଫ୍ୟାକ୍ସ ନଂ.0674-2301328 କିମ୍ବା ଇ-ମେଲ୍ ଆଇଡ଼ି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ ।
➤ ଦୟାକରି ଅଭିଯୋଗକୁ ସ୍ୱାକ୍ଷର କରିବା ସହିତ ସଠିକ୍ ଠିକଣା ପ୍ରଦାନ କରନ୍ତୁ । ଇ-ମେଲ୍ ଅଭିଯୋଗରେ ସଂପୂର୍ଣ୍ଣ ଡାକ ଠିକଣା ସହିତ ଏକ ହସ୍ତାକ୍ଷର କପି ସଂଲଗ୍ନ କରିବା ଉଚିତ ।
➤ ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସମ୍ପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, ଦି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ, ସତର୍କତା ଭବନ, ବ୍ଲକ 'ଏ', ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023 ଠିକଣାରେ ପ୍ରେରଣ କରନ୍ତୁ । ଲଫାପା ଉପରେ "ଜନହିତ ପ୍ରକଟୀକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧୀନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ ।
➤ ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲପଲାଇନ୍ ନଂ.8455885031 କୁ କଲ୍ କରି ସୂଚନା ଦେଇପାରିବେ ।
ଭିଜିଲାନ୍ସ ହେଲପଲାଇନ୍ ନଂ 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR/651/N/22-23

ଦ.ପୂ. ରେଳପଥ - ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୫୫-ଜିଆରସି-ସିଇ-ସି-ଏସ୍‌ଓ-୬୩-୨୦୨୨, ତାରିଖ: ୩୧।୧୦।୨୦୨୨ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/ସାଉଥ୍/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଦ.ପୂ. ରେଳପଥର ଡେପୁଟି ସିଇ/ସିଓଏନ୍/ରାଉରକେଲାଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ରାଉରକେଲା ୪ର୍ଥ ଲାଇନ୍ (୧୬୩.୪ କିମି) ମଧ୍ୟରେ ଚୂଡ଼ାନ୍ତ ଅବସ୍ଥିତି ସର୍ବେକ୍ଷଣ, ମୃତ୍ତିକା ତଦନ୍ତ, ୟାର୍ଡ ପ୍ଲାନ୍ ପ୍ରସ୍ତୁତି, ସ୍ଲୋପ୍ ଷ୍ଟାବିଲିଟି ବିଶ୍ଳେଷଣ ତଥା ବିଭିନ୍ନ ସବିଶେଷ ଡିଜାଇନ୍ ଓ ଡ୍ରଇଂ ଦାଖଲ କାର୍ଯ୍ୟ ସଂକ୍ରାନ୍ତରେ ସବିଶେଷ ପ୍ରକଳ୍ପ ରିପୋର୍ଟ ତଥା ସବିଶେଷ ଡିଜାଇନ୍ କନ୍‌ସଲଟାନ୍ସି ନିମନ୍ତେ ପରାମର୍ଶ ସେବା । ଆନୁମାନିକ ମୂଲ୍ୟ: ₹୨.୮୪ କୋଟି । ବିଡ୍ ଅମାନତ: ₹୨,୯୨,୨୦୦/- । ସମାପ୍ତି ଅବଧି: ୦୬ ମାସ । ବନ୍ଦ ହେବା ତାରିଖ: ୨୩।୧୧।୨୦୨୨ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ଲାଗି ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-738)

इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाईट देखने हेतु स्कैन करें Scan to visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ/ଅଭିଯୋଗ କ୍ଷେତ୍ରରେ ଦୟାକରି ଲଗ୍‌ଇନ୍ କରନ୍ତୁ http://cgrs.ibps.in/
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୩-୨୪ର ଖାଲିପଦବୀଗୁଡ଼ିକ ନିମନ୍ତେ ସିଆର୍‌ପି ଏସ୍‌ପିଏଲ୍-XII)
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ନିମ୍ନ ତାଲିକା ଅନୁଯାୟୀ ସ୍ପେଶାଲିଷ୍ଟ ଅଫିସର୍ସ କ୍ୟାଡର୍ ପଦବୀରେ କର୍ମଚାରୀ ଚୟନ ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆରପି) ଲାଗି ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଏବଂ ମେନ୍) ଡିସେମ୍ବର ୨୦୨୨/ଜାନୁୟାରୀ ୨୦୨୩ରେ ଅନୁଷ୍ଠିତ ହେବା ସମ୍ଭାବନା ଅଛି ।

| କ୍ର.ସଂ. | ପଦବୀ | ସମ୍ଭାବ୍ୟ ଖାଲିପଦବୀ |
|---|---|---|
| ୦୧ | ଆଇ.ଟି. ଅଫିସର୍ (ସ୍କେଲ୍-I) | ୪୪ |
| ୦୨ | ଏଗ୍ରିକଲ୍ଚରାଲ ଫିଲ୍ଡ ଅଫିସର୍ (ସ୍କେଲ୍ I) | ୫୧୬ |
| ୦୩ | ରାଜଭାଷା ଅଧିକାରୀ (ସ୍କେଲ୍ I) | ୨୫ |
| ୦୪ | ଲ' ଅଫିସର୍ (ସ୍କେଲ୍ I) | ୧୦ |
| ୦୫ | ଏଚ୍‌ଆର୍/ପର୍ସୋନେଲ୍ ଅଫିସର୍ (ସ୍କେଲ୍ I) | ୧୫ |
| ୦୬ | ମାର୍କେଟିଂ ଅଫିସର୍ (ସ୍କେଲ୍ I) | ୧୦୦ |

 କାର୍ଯ୍ୟକ୍ରମର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୧୧।୨୦୨୨ – ୨୧।୧୧।୨୦୨୨ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୧୧।୨୦୨୨ – ୨୧।୧୧।୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଡିସେମ୍ବର ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **୨୪।୧୨।୨୦୨୨/୩୧।୧୨।୨୦୨୨** |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ଜାନୁୟାରୀ ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା-ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନଲୋଡ୍ | ଜାନୁୟାରୀ ୨୦୨୩ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **୨୯।୦୧।୨୦୨୩** |
| ଅନ୍‌ଲାଇନ୍ ମେନ୍ ପରୀକ୍ଷାର ପରୀକ୍ଷାଫଳ ଘୋଷଣା | ଫେବୃୟାରୀ ୨୦୨୩ |
| ସାକ୍ଷାତ୍‌କାର ପାଇଁ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଫେବୃୟାରୀ ୨୦୨୩ |
| ସାକ୍ଷାତ୍‌କାର ସଞ୍ଚାଳନ | ଫେବୃୟାରୀ/ମାର୍ଚ୍ଚ ୨୦୨୩ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୩ |

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ପ୍ରାଧିକୃତ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୧୧।୨୦୨୨ ନିର୍ଦ୍ଦେଶକ

VISA STEEL LIMITED
CIN: L51109OR1996PLC004601
Registered Office : 11 Ekamra Kanan, Nayapalli, Bhubaneswar 751 015, Odisha Phone: (+91-674) 255 2479, Fax: (+91-674) 255 4661
website: www.visasteel.com
Email ID for registering Investor Grievances: cs@visasteel.com
Extract of Unaudited Standalone/Consolidated Financial Results for the Quarter and Half Year ended 30 September 2022
(Rs. In Million, except EPS)

| Sl. No. | Particulars | Standalone | | | | Consolidated | |
|---|---|---|---|---|---|---|---|
| | | Unaudited | Unaudited | Unaudited | Unaudited | Unaudited | Unaudited |
| | | Quarter Ended | | Half Year Ended | | Quarter Ended | Half Year Ended |
| | | 30 September 2022 | 30 September 2021 | 30 September 2022 | 30 September 2021 | 30 September 2022 | 30 September 2022 |
| 1 | Total Income from Operations (net) | 1,694.07 | 2,463.63 | 3,126.31 | 3,526.41 | 1,930.81 | 3,899.47 |
| 2 | Net Profit / (Loss) for the period (before tax, Exceptional and / or Extraordinary items) | (146.84) | (127.20) | (262.27) | (324.21) | (213.88) | (468.04) |
| 3 | Net Profit / (Loss) for the period before tax (after Exceptional and / or Extraordinary items) | (146.84) | (127.20) | (262.27) | (324.21) | (213.88) | (468.04) |
| 4 | Net Profit / (Loss) for the period after tax (after Exceptional and / or Extraordinary items) | (146.84) | (127.20) | (262.27) | (324.21) | (213.88) | (468.04) |
| 5 | Total Comprehensive Income for the Period [Comprising Profit/(Loss) for the period (after tax) and Other Comprehensive Income (after tax)] | (146.92) | (130.42) | (262.43) | (330.65) | (212.91) | (466.10) |
| 6 | Equity Share Capital (face value of Rs. 10/- each) | 1,157.90 | 1,157.90 | 1,157.90 | 1,157.90 | 1,157.90 | 1,157.90 |
| 7 | Other Equity* | | | | | | |
| 8 | Earnings Per Share (of Rs. 10/- each) (Basic and Dliuted) | (1.27) | (1.10) | (2.27) | (2.80) | (1.85) | (4.04) |

* Other Equity as on 31 March 2022 stands at Rs.(4,246.84) Millions and Rs.(25,489.54) Millions respectively for the Standalone and Consolidated Financial Results.
Notes : 1. The above is an extract of the detailed format of Financial Results for the quarter and half year ended 30 September 2022, filed with the Stock Exchanges under Regulation 33 of the Securities and Exchange Board of India (Listing Obligations and Disclosure Requirements) Regulations, 2015. The full format of the Financial Results for the quarter and half year ended 30 September 2022 are available on the Company's website: www.visasteel.com and also available on the Stock Exchange websites, NSE: www.nseindia.com & BSE: www.bseindia.com.
By Order of the Board
For VISA Steel Limited
Sd/-
Vishal Agarwal
Vice Chairman & Managing Director
DIN 00121539
Place : Kolkata
Date : 31 October 2022

PRASHANTI HOSPITAL
(A UNIT OF PRASHANTI SUPER SPECIALIST HOSPITAL PVT.LTD)
An upcoming 300 bedded Super Speciality Hospital in Bhubaneswar invites applications for Part time / Full time Consultants for morning & evening session in the field of
CARDIOLOGY, GENERAL MEDICINE, GENERAL SURGERY, NEUROLOGY, UROLOGY, GYNAECOLOGY, PEDIATRIC, RADIOLOGY, ORTHOPEDICS, DENTAL, OPHTHALMOLOGY & ENT
Applications are invited for the following posts.
Physiotherapist / Occupational Therapist / Rehabilitation Therapist / Nursing Superintendent / Staff Nurse / Paramedical Staff-All Departments Pathology-Radiology-Nursing-Admin. / Staff-Guest Relation Executive, Receptionist-Hospital Administration- X-Ray Technician-MRI/CT Scan/Cath Lab/ OT Technician / Security Officer/Security Supervisor/Security Guard / Security Gunman/Garden Supervisor/ Transport Supervisor/Ambulance Driver/ Driver / Ward Boy / Nursing Asst. / Compounder / Pharmacists / Billing Asst./ Accounts Asst. / Electrical Supervisor / Electrician/Plumber/ Oxygen Plant Operator / ICU In-charge / ICU Attendants / Bio-Medical Engineer
Attractive Salary & Packages as per company norms.
Drop/Send your CV by 15TH NOVEMBER 2022
- Walk-in- interview on -
5th & 6th, 12th & 13th,19th & 20th Nov 2022
Venue: Hotel Park Premium
Tosali Apartment, Near Durgamandap,Satyanagar ,Bhubaneswar-751007
E.mail: hospitalprashanti@gmail.com, info@prashantihospital.com

## ସଂକ୍ଷେପରେ

### ୧୫ ଦିନରେ ଡେରାବିଶରେ ୨ ତହସିଲଦାର

#### ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା

ଡେରାବିଶ, ୧।୧୧(ସ୍ୱ.ପ୍ର.): ଡେରାବିଶ ତହସିଲରେ ୧୫ଦିନ ମଧ୍ୟରେ ୨ଜଣ ତହସିଲଦାର ଦାୟିତ୍ୱ ଗ୍ରହଣ କରିଥିବାରୁ ତହସିଲ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଦୀଘଦିନ ଧରି ଏଠାରେ ତହସିଲଦାର ପଦବୀ ଖାଲି ପଡ଼ିବା ପରେ ନମିତା ବାରିକ ତହସିଲଦାର ଭାବେ ୨୦୨୧ ନଭେମ୍ବରରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ୨୦୨୨ ସେପ୍ଟେମ୍ବରରେ ବାରିକ ପଞ୍ଚାୟତିରାଜ ବିଭାଗକୁ ବଦଳି ହୋଇ ଡେରାବିଶ ବିଡିଓ ଭାବେ ନିଯୁକ୍ତି ପାଇଥିଲେ। ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଭାରପ୍ରାପ୍ତ ତହସିଲଦାର ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ନୂଆପଡ଼ା ଜିଲାରେ ସହକାରୀ ଜିଲାପାଳ ଭାବେ ଅବସ୍ଥାପିତ ଥିବା ସୁରେନ୍ଦ୍ର ସାହୁ ଡେରାବିଶ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ୧୫ ଦିନ କାର୍ଯ୍ୟ କରିବା ପରେ ସାହୁଙ୍କୁ ପୁନର୍ବାର ପଞ୍ଚାୟତିରାଜ ବିଭାଗକୁ ବଦଳି କରାଯାଇଛି। ତେବେ ସାହୁଙ୍କ ସ୍ଥାନରେ ଜଣେ ଅତିରିକ୍ତ ତହସିଲଦାର ପାହ୍ୟାର ଅଧିକାରୀ ପୁରୁଷୋତ୍ତମ ଦାସଙ୍କୁ ଜିଲା କାର୍ଯ୍ୟାଳୟରୁ ବଦଳି କରାଯାଇ ଭାରପ୍ରାପ୍ତ ତହସିଲଦାର ଭାବେ ନିଯୁକ୍ତ ଦିଆଯାଇଛି। ଦୀର୍ଘବର୍ଷ ହେବ ଜଣେ ସ୍ଥାୟୀ ତହସିଲଦାର ଏଠାରେ ନିଯୁକ୍ତ ଦିଆ ନ ଯିବାରୁ ତହସିଲ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି ବୋଲି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି। ଏହି ତହସିଲ ଅଧୀନରେ ୨୬ଟି ପଞ୍ଚାୟତ ରହିଥିବାବେଳେ ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ ଓ ଜମିର ମ୍ୟୁଟେସନ୍ ଆଦି କାର୍ଯ୍ୟ ପାଇଁ ସାଧାରଣ ଲୋକ ଖର୍ଚ୍ଚାନ୍ତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସୁଯୋଗରେ ଅସାଧୁ କର୍ମଚାରୀଙ୍କ ସହଯୋଗରେ ସରକାରୀ ଜମିକୁ ହଡ଼ପ କରିବା ପାଇଁ କିଛି ଜମି ବ୍ୟବସାୟୀ ସଫଳ ହେଉଥିବା ନେଇ ସଂଘ ସଭାପତି ମିଶ୍ର ସୂଚନା ଦେଇଛନ୍ତି। ଏହାରି ମଧ୍ୟରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟରତ ଥିବା ସୁଜିତ କୁମାର ସ୍ୱାଇଁ ତାଲିମ ପାଇଁ ଯାଇଛନ୍ତି। ଏଠାରେ ତୁରନ୍ତ ଜଣେ ଅଭିଜ୍ଞ ଓଏଏସ୍ କ୍ୟାଡ଼ର ଅଧିକାରୀଙ୍କୁ ତହସିଲଦାର ଭାବେ ନିଯୁକ୍ତି ଦେବା ପାଇଁ ମିଶ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଦେଶୀ, ବିଦେଶୀ ମଦ ଜବତ: ଜଣେ ଗିରଫ

ମାର୍ଶାଘାଇ,୧।୧୧ (ଡି.ଏନ.ଏ.): ମାର୍ଶାଘାଇ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ଏଏସ୍ଆଇ ଲୋଭାବତୀ ସାହୁଙ୍କ ନେତୃତ୍ୱରେ ଚାଲିଛି। ଜଣେ ଚୋରା ମଦ ବିକ୍ରେତାଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଚଢ଼ାଉ ଅଭିଯାନ ବେଳେ ମାର୍ଶାଘାଇ ଗାଁର ଭାସ୍କର ଜେନା ଓରଫ ହଗନା ସ୍ଥାନୀୟ ଲକ୍ ଛକରେ ମଦ ବିକ୍ରି କରୁଥିବା ବେଳେ ତାକୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ୪୭ଟି ଆସ୍କା ଫର୍ଟି ଓ ୧୦ ଟି ବାକାଡି ବ୍ଲାକ ରମ ଜବତ କରାଯାଇଛି। ଥାନାରେ ନଂ. ୪୨୨/୨୨ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରିଣୀ କୌଶରିକା ରାଉତରାୟ କହିଛନ୍ତି।

# ସ୍ୱେଚ୍ଛାସେବୀ ସଂସ୍ଥା ଗୃହରେ ପଢ଼ାଇବାକୁ ମନା କଲେ କର୍ତ୍ତୃପକ୍ଷ



ହଗପାଟଣା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଶ୍ରେଣୀ ଗୃହ ଅଭାବରୁ ରାସ୍ତାରେ ବୁଲୁଛନ୍ତି।

ମହାକାଳପଡ଼ା,୧।୧୧(ଡି.ଏନ.ଏ.)

- ଖ୍ରୀଷ୍ଟିଆନପଡ଼ା ହଗପାଟଣା ବିଦ୍ୟାଳୟ
- ପିଲାମାନେ ରାସ୍ତାରେ ବୁଲିଲେ
- ଗାଁ କ୍ଲବ ଘର ବାରଣ୍ଡାରେ ବସିବା ଘଟଣା
- ଅଧାପନ୍ତରିଆ ବିଦ୍ୟାଳୟ ଗୃହ ନିର୍ମାଣ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ବଉଳକଣି ପଞ୍ଚାୟତର ଟାଙ୍କୀବେଲାରି (ଖ୍ରୀଷ୍ଟିଆନପଡ଼ା) ଗ୍ରାମ ସ୍ଥିତ ହଗପାଟଣା ପ୍ରାଥମିକ ବିଦ୍ୟାଳୟ ଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ରହିଛି। ବିଦ୍ୟାଳୟ ପିଲାମାନେ ନିକଟ ସେଚ୍ଛାସେବୀ ସଂସ୍ଥା ୟଙ୍ଗ ମେନ୍ ଖ୍ରୀଷ୍ଟିଆନ ଆସୋସିଏଶନ୍ ପକ୍ଷରୁ ଏକ ବହୁ ମୁଖି ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ ଗୃହରେ କିଛି ମାସ ହେବ ଶିକ୍ଷାଦାନ ହେଉଥିଲା। ହଠାତ୍ ମଙ୍ଗଳବାର ପୂର୍ବାହ୍ନରେ ପିଲାମାନଙ୍କୁ ଉକ୍ତ ବାତ୍ୟା ଆଶ୍ରୟସ୍ଥଳ ଗୃହରେ ପାଠପଢା ବନ୍ଦ କରାଯାଇଥିଲା। ଫଳରେ ପିଲାମାନେ ଉକ୍ତ ସ୍ଥାନ ଛାଡ଼ି ରାସ୍ତାରେ ବୁଲିଥିଲେ। ଖବରପାଇ ସ୍ଥାନୀୟ ସିଆରସିସି ପ୍ରଦ୍ୟୁମ୍ନ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ନିକଟ କ୍ଲବ ଗୃହରେ ଥଇଥାନ କରିଥିଲେ।

ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ସଂଖ୍ୟା ୪୪। ଆଗାମୀଦିନରେ ପିଲାମାନେ କିପରି ପାଠ ପଢିବେ ବୋଲି ଗ୍ରାମର ବିଟୁ ସ୍ୱାଇଁ କହିଛନ୍ତି। ତେବେ ଅଧାପନ୍ତରିଆ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଗାଁର ମୁରବୀମାନେ ବହୁବାର ପ୍ରଶାସନ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ପିଲା ବାହାରେ ବହୁ ସମୟ ବୁଲୁଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆଝ ଗୁଡୁଙ୍କୁ ପଚାରିବାରେ ବିଦ୍ୟାଳୟ ବନ୍ଦ ହେବା ନେଇ ପୂର୍ବର କିଛି ସୂଚନା ମିଳି ନ ଥିଲା। ତେବେ ପାଠପଢା ଯାଉଥିବା ବାତ୍ୟା ଆଶ୍ରୟସ୍ଥଳ ସେଚ୍ଛାସବୀ ସଂସ୍ଥା ଗୃହ ଦାୟିତ୍ୱରେ କର୍ତ୍ତୃପକ୍ଷ ଜଣକ ମନା କରିବାରୁ ମଙ୍ଗଳବାର ଏହି ଘଟଣା ଘଟିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ଏହି ବିଦ୍ୟାଳୟରେ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟର ପିଲାମାନେ ପାଠ ପଢିଥାନ୍ତି। ବିଦ୍ୟାଳୟଟି ବହୁ ପୁରାତନ। ବ୍ରିଟିଶ୍ ଶାସନ ସମୟରେ ଗୋରା ହଗ୍ ସାହେବ ଏହାକୁ ନିର୍ମାଣ କରିଥିଲେ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଏହି ଗୋରା ସାହେବଙ୍କ ନାମ ଅନୁସାରେ ବିଦ୍ୟାଳୟ ନାମକରଣ କରାଯାଇଛି। ପୂର୍ବରୁ ଏହି ବିଦ୍ୟାଳୟରେ ବହୁ ଛାତ୍ରୀଛାତ୍ର ଦେଶ ବିଦେଶରେ ବଡ଼ ପଦ ପଦବୀରେ ଅବସ୍ଥାପିତ ଅଛନ୍ତି ବୋଲି କୁହାଯାଏ। ଅପରପକ୍ଷରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଏହି ଘଟଣା ନଜରକୁ ଆସିନାହିଁ। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସେବା ଶିବିର



ଶିବିରରେ ଯୋଗ ଦେଇଥିବା ଅତିଥିମାନେ।

ରାହାମା,୧।୧୧(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ରାହାମାସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଆପୋଲୋ ହସ୍ପିଟାଲ ଓ ମଦର ଟେରେସା ଫାଉଣ୍ଡେଶନ ଓଡିଶା ଶାଖାର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଡାକ୍ତର ଆସି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରିଥିଲେ। ମଦର ଟେରେସା ଫାଉଣ୍ଡେଶନର ରାଜ୍ୟ ଅଧ୍ୟକ୍ଷ ସାମାଜିକ କର୍ମୀ ଡ. ସୁନାକର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ସମ୍ମାନିତ ଅତିଥିଭାବେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ପୂର୍ବତନ ଏମ୍ପି ଡା.କୁଳମଣି ସାମଲ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁଜଙ୍ଗ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରସନ୍ନ କୁମାର ପଣ୍ଡା,ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା, ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ପୋତାନଈ ସରପଞ୍ଚ ବ୍ରଜକିଶୋର ମହାରାଜ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ସିଡିପିଓ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇଥିଲେ। ଆପୋଲୋ ହସ୍ପିଟାଲ ମେଡିସିନ ବିଭାଗର ବରିଷ୍ଠ ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ, ହୃଦରୋଗ ବିଶେଷଜ୍ଞ ଡାକ୍ତର ସବ୍ୟସାଚୀ ରାଉତ, ଡା.ସଚିନ ନାହାକ,ଚକ୍ଷୁ ଡାକ୍ତର ଏସକେ ଶତପଥୀ, ଦାନ୍ତ ଡାକ୍ତର ସୌମ୍ୟଶ୍ରୀ ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ। ଏହି ଅବସରରେ ୪୩୬ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ଆଳିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ମନ୍ତ୍ରୀ ପ୍ରତାପ ଦେବ ଓ କର୍ମୀମାନେ।

ଆଳି,୧।୧୧(ଡି.ଏନ.ଏ.)

ରାଜ୍ୟବାସୀଙ୍କ ନିକଟରେ ପହଞ୍ଚି ସୁଖଦୁଃଖ ବୁଝିବା ସହ ଘରୁକୁ ଘର ସରକାରୀ ଯୋଜନା ପହଞ୍ଚିଛି କି ନାହିଁ ତାହା ପରଖିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମେ ପ୍ରତିବର୍ଷ ଗାନ୍ଧୀ ଜୟନ୍ତୀଠାରୁ ଏକ ମାସ ଧରି ବିଜେଡି ପକ୍ଷରୁ ସମଗ୍ର ରାଜ୍ୟରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ମଙ୍ଗଳବାର ଆଳି ନିର୍ବାଚନ ମଣ୍ଡଳୀର ଆଳି ବ୍ଲକରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ଦେବ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରି ବାହାରକୁ ଆସିବା ପରେ ବାହାରେ ଅପେକ୍ଷା କରିଥିବା କର୍ମୀମାନେ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ କର୍ମୀମାନଙ୍କ ଗହଣରେ ପଦଯାତ୍ରାରେ ବାହାରି ଦେମାଳ, ଆଳି ନୂଆବଜାର, ନିଆଳ ପଞ୍ଚାୟତର ଗୌଡ଼ପାଟଣା, ନିଆଳ, ଭାଟପଡା, ମେଣ୍ଢପୁର ପଞ୍ଚାୟତର ମେଣ୍ଢପୁର, କଣ୍ଟିପୁର, ଗୋପ, ପଦନପୁର, ରସୁଲପୁର, କଳାପାହାଡ଼, ବ୍ରଜସୁନ୍ଦର ଦେବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶେଷ ହୋଇଥିଲା। ଏହି ଜନସମ୍ପର୍କ ପଦଯାତ୍ରାରେ ବିଜେଡିର ଯୁବ, ଛାତ୍ର, ମହିଳା ସଙ୍ଗଠନର କର୍ମୀ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ, ରାଜ୍ୟ ସରକାର ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ବିଶେଷକରି ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ଯେଉଁ ସବୁ ଯୋଜନା କରିଛନ୍ତି ତାହାର ପ୍ରତିଫଳନ ପଦଯାତ୍ରାରେ ସାମିଲ ହୋଇଥିବା ମହିଳାଙ୍କୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଏହି ପଦଯାତ୍ରାରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ଜିଲା ପରିଷଦ ସଭ୍ୟ ଜୟରାମ ସାହୁ, କନକଲତା ବେହେରା,ସ୍ୱାଗତିକା ରାଉତ, ପୂର୍ବତନ ଜିଲା ପରିଷଦ ସଭ୍ୟ ଧନରଞ୍ଜନ ବୋଷ, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ଦେମାଳ ସରପଞ୍ଚ ରିତାରାଣୀ ପରିଡା, ବାଳକାଟୀ ସରପଞ୍ଚ ସୁକାନ୍ତି ପରିଡା, ମେଣ୍ଢପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ସାହୁ, ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ,କୋଳିଡିହ ସରପଞ୍ଚ ହେମନ୍ତ ଧଳ, ଅଟାଳ ସରପଞ୍ଚ ସମ୍ପଦ ବଳ, ଚଣ୍ଡିଆଗଡି ସରପଞ୍ଚ ସନାତନ ସାହୁ, ଅରେହିକଣା ସରପଞ୍ଚ ହିମାଂଶୁ ପଣ୍ଡା, ନରେନ୍ଦ୍ରପୁର ସରପଞ୍ଚ ଇନ୍ଦୁମତୀ ସ୍ୱାଇଁ, ଗୋବିନ୍ଦପୁର ସରପଞ୍ଚ ସୀମାରାଣୀ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ। ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ନିରଞ୍ଜନ ସେନାପତି, ସୁବ୍ରତ ଦାଶ, ନିର୍ମଳ ବେହେରା, ପ୍ରୀତିରଞ୍ଜନ ପୁହାଣ ପ୍ରମୁଖ ପରିଚାଳନା କରିଥିଲେ।

### ସମାଧାନ ପାଇଁ ପୋଲିସ ଉଦ୍ୟମ କରୁଥିବା ଅଭିଯୋଗ

#### ନାବାଳିକାଙ୍କୁ ଅପହରଣ ଘଟଣା

ପାରାଦୀପ,୧।୧୧(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଗତ ୨୯ ତାରିଖରୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ମାମଲା (ନଂ.୩୫୧/୨୨)ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଅପରପକ୍ଷେ ସମ୍ପୃକ୍ତା ନାବାଳିକାଙ୍କୁ ଅଭିଯୁକ୍ତଙ୍କ ମା’ ମଙ୍ଗଳବାର ଥାନାରେ ଜିମାଦେଇ ଚାଲିଯାଇଛନ୍ତି। ଏହାପରେ ପୋଲିସ ତାଙ୍କୁ ନେଇ କନ୍ୟାଶ୍ରମରେ ରଖିଛି। ବୁଧବାର ଜଗତ୍‌ସିଂହପୁର କୋର୍ଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯିବ ବୋଲି ଥାନାଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ମାମଲା ସମାଧାନ କରିବା ପାଇଁ ଚାପ ପକାଉଛି ବୋଲି ସମ୍ପୃକ୍ତା ନାବାଳିକାଙ୍କ ମା’ ବାପା ଓକିଲ ଜରିଆରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅକ୍ଟୋବର ୨୯ ଅପରାହ୍ନରେ ସମ୍ପୃକ୍ତା ନାବାଳିକା ଶୌଚ ପାଇଁ କେନାଲ ବନ୍ଧ ପାଖକୁ ଯିବାବେଳେ ଅଭିଯୁକ୍ତ ରାଜୁ ଦାସ ତାଙ୍କୁ ବାଇକରେ ବସାଇ ଅପହରଣ କରିନେଇଥିଲେ। ଏନେଇ ମାମଲା ରୁଜୁ ପରେ ପୋଲିସ ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଦାସ ନାବାଳିକାଙ୍କୁ କୋଲକାତା ନେଇ ପଳାଇଥିଲେ। ପୋଲିସ ଏହା ଜାଣିବା ପରେ ଅଭିଯୁକ୍ତଙ୍କୁ ଥାନାକୁ ଆସିବା ପାଇଁ କହିଥିଲା।

# ୧୨ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ





ଟିବି ରୋଗୀଙ୍କୁ ଔଷଧ ଓ ଖାଦ୍ୟ ବିଧାୟକ ଧ୍ରୁବ ସାହୁ ଦେଉଛନ୍ତି।

ରାଜନଗର, ୧।୧୧(ଡି.ଏନ.ଏ.)

ଦେଶରେ ୨୦୨୫ ସୁଦ୍ଧା ଟିବି ରୋଗକୁ ସମ୍ପୂର୍ଣ୍ଣ ମୂଳପୋଛ କରିବାକୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ପ୍ରୋଗ୍ରାମ ହାତକୁ ନେଇଛନ୍ତି। କେନ୍ଦ୍ର ସରକାର ୯ ସେପ୍ଟେମ୍ବର ୨୦୨୨ରେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତ ରାଜ୍ୟକୁ ଚିଠି କରିଥିଲେ। ୧୮ ଅକ୍ଟୋବରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୈଠକ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ବ୍ଲକ ଭାବେ ରାଜନଗରରେ ୧୨ଜଣ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। ରାଜନଗର ବ୍ଲକରେ ୪୬ଜଣ ଟିବି ରୋଗୀ ଅଛନ୍ତି। ସରକାର ପ୍ରତିମାସରେ ମେଡିସିନ ସହ ୫ ଶହ ଟଙ୍କା ଯୋଗାଇ ଦେଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ଟିବି ରୋଗୀଙ୍କ ସଂଖ୍ୟା ନ କମିବାରୁ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ରୋଗକୁ ମୂଳପୋଛ କରିବାକୁ ଏହି ପଦକ୍ଷେପ ହାତକୁ ନିଆଯାଇଛି। ପୋଷ୍ୟ ଭାବେ ଗ୍ରହଣ କରି ଏହି ରୋଗୀଙ୍କୁ ଉତ୍ତମ ଖାଦ୍ୟ ୬ ମାସ ଧରି ଯୋଗାଇ ଦିଆଯିବ। ଏଥିସହ ଟିବି ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବ ପଦକ୍ଷେପ ନେଇପାରିବେ। ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସ୍ୱେଚ୍ଛାସେବୀ ସଙ୍ଗଠନ ନେଚର୍ସ କ୍ଲବ, ରାଜନଗର ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତୁଳ ବଳ, ବିବେକାନନ୍ଦ ନାୟକ, ରାଜମନ୍ଦିର କ୍ଲଥ ଷ୍ଟୋର, ଲତା ଲୁବ୍ରିକାଣ୍ଟ ସାନବଡଗୋପାଳପୁର, ଆଶୋତୋଷ ମେଡିକାଲ ଷ୍ଟୋର ରାଜନଗର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ଆଶୁତୋଷ ବାରିକ ପ୍ରମୁଖ ୧୨ଜଣ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ପ୍ରଥମ ମାସର ସୁଷମ ଖାଦ୍ୟ ପାଇଁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଉତ୍ସବରେ ବିଧାୟକ ସାହୁଙ୍କ ସହ ସିଡି ଡାଃ. ଅନିତା ପଟ୍ଟନାୟକ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ପଂଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ପ୍ରମୁଖ ଯୋଗଦେଇଥିଲେ।

# ଆସିବ ଏକ୍ସରେ ମେଶିନ, ନିଯୁକ୍ତି ପାଇବେ ଡାକ୍ତର

ରାଜନଗର, ୧।୧୧(ଡି.ଏନ.ଏ.)

**ରାଜନଗର ରୋଗୀ କଲ୍ୟାଣ ସମିତି ବୈଠକ**

ରାଜନଗର ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜନଗରର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ ସହ କିପରି ରୋଗୀମାନେ ଠିକ୍ ଭାବେ ସେବା ପାଇପାରିବେ, ସେ ନେଇ ଆଲୋଚନା କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପଦବୀ ଦୀର୍ଘବର୍ଷ ଧରି ଖାଲି ପଡିଛି। ସ୍ତ୍ରୀ ଓ ପ୍ରସୂତି ରୋଗ ଡାକ୍ତର ନିଯୁକ୍ତି ପାଇଁ ରୋଗୀ କଲ୍ୟାଣ ସମିତିର ସଦସ୍ୟ ସୂର୍ଯ୍ୟ ନାରାୟଣ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ପଢିହାରୀ ପ୍ରସଙ୍ଗ ଉଠାଇଥିଲେ। ଖୁବ୍‌ଶୀଘ୍ର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଡାକ୍ତର ପଦବୀ ପୂରଣ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶକୁ ସୁସ୍ଥ ସୁନ୍ଦର ରଖିବା ସହ ସମସ୍ତ ଜବରଦଖଲ ହଟାଇବାକୁ ନିଷ୍ପତ୍ତି ହୋଇଥିଲା। ମେଡିକାଲ ନିକଟରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ ସମସ୍ତ ମେଡିସିନ ଷ୍ଟୋରକୁ ସ୍ଥାନାନ୍ତର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିସରକୁ ଜବରଦଖଲ ମୁକ୍ତ କରାଯିବ। ଚଳିତବର୍ଷ କାୟାକଳ୍ପ ପୁରସ୍କାର କିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇବ, ସେ ନେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ସରକାରୀ ଜାଗାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ତାରିଣୀ ମନ୍ଦିର ଗଡାରୁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପୋଲ ଗଡାଣିର ସ୍ୱାସ୍ଥ୍ୟକେନ୍ଦ୍ର ଉଭୟପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପଞ୍ଚାୟତ ପକ୍ଷରୁ କରାଯିବାକୁ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ରୋଗୀ କଲ୍ୟାଣ ସମିତି ଓ ନିଦାନରୁ ସରକାରଙ୍କ ପକ୍ଷରୁ ମିଳିଥିବା ଅର୍ଥ ଓ ଖର୍ଚ୍ଚ ହୋଇଥିବା ଅର୍ଥ ସମ୍ପର୍କରେ ଆଲୋଚନା ହୋଇଥିଲା। ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ପୁନଶ୍ଚ ମାପ କରାଯାଇ ଜବରଦଖଲ ହଟାଇବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ୨୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପାଇଁ ଜାଗା, ପାଚେରୀ, ଖୁସି ନାପକିନ ରଖିବାକୁ ଷ୍ଟୋରେଜ ରୁମ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁନ୍ଦର ଓ ସୁସ୍ଥ ରଖିଥିବା ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିକଟରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତିର ବିଲ୍ଡିଂ ଓ ଜାଗାକୁ ରାଜନଗର ସ୍ୱାସ୍ଥ୍ୟାକେନ୍ଦ୍ରକୁ ହସ୍ତାନ୍ତର କରି ଅନ୍ୟସ୍ଥାନରେ ସମବାୟ ସମିତିର କାର୍ଯ୍ୟାଳୟ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ସ୍ଥାନ ଚିହ୍ନଟ ପରେ ଏହି ପ୍ରସଙ୍ଗ ଉପରେ ନିଷ୍ପତ୍ତି ନିଆଯିବ। ଏଥିସହ ପାଖରେ ଥିବା ୧୨ ଡେସିମିଲ ଜାଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରିବା ସମ୍ପର୍କରେ ବିଧାୟକ ତହସିଲଦାରଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ଡା. ପ୍ରଣବ କୁମାର ଶୁକ୍ଳା, କେନ୍ଦ୍ରାପଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନଟବର ପ୍ରଧାନ, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ , ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଦଧିବାମନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ନ ଆସି ଦରମା ନେଉଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ

କେନ୍ଦ୍ରାପଡ଼ା ଅଫିସ ୧।୧୧:



ଶୈଳେନ୍ଦ୍ର ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ରଙ୍ଗଣୀ ପଞ୍ଚାୟତ ଶୈଳେନ୍ଦ୍ର ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ବର୍ଷବର୍ଷ ଧରି ବିଭିନ୍ନ ଆଳ ଦେଖାଇ ସ୍କୁଲ ଆସୁନାହାନ୍ତି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨ ଶହ ଛାତ୍ରୀଛାତ୍ର ପାଠପଢୁଥିବାବେଳେ ୫ଟି ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ତେବେ ପ୍ରତିଦିନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆରମ୍ଭ କରି ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲ ଆସୁନାହାନ୍ତି। ଏପରି କି ସ୍କୁଲ ଗେଟ୍ ମଧ୍ୟ ଠିକ୍ ସମୟରେ ଖୋଲା ଯାଉନାହିଁ। ଫଳରେ ସ୍କୁଲ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ରଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଛନ୍ତି ବୋଲି ଅଭିଭାବକମାନେ କହିଛନ୍ତି। ବ୍ଲକ ଶିକ୍ଷାଧିକରୀଙ୍କ କାର୍ଯ୍ୟାଳୟ ପ୍ରାୟ ୪୦ କିମି ଦୂର ହୋଇଥିବାରୁ ଗ୍ରାମବାସୀ ବିଇଓଙ୍କ ନିକଟରେ ଅଭିଯୋଗ କରି ପାରୁନାହାନ୍ତି ବୋଲି କହିଛନ୍ତି।

ଅଭିଭାବକ ମହାସଙ୍ଘ ସମ୍ପାଦକ ନରେନ୍ଦ୍ର ଧଳ କୁହନ୍ତି, ଶିକ୍ଷା କ୍ଷେତ୍ରରେ ସୁଦ୍ଧାର ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ସରକାରଙ୍କ ପକ୍ଷରୁ ପର୍ଯ୍ୟାୟକ୍ରମେ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଉଛି। ବିଦ୍ୟାଳୟ ଓ ଶିକ୍ଷକମାନଙ୍କୁ ତଦାରଖ କରିବାକୁ ବ୍ଲକ ଓ ଜିଲା ସ୍ତରରେ ପଦାଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ମାତ୍ର ଏହାର ବ୍ୟତିକ୍ରମ ଦେଖାଦେଇଛି ଶୈଳେନ୍ଦ୍ରନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର ସିଆରସିସି, ବିଆରସିସି ଥାଇ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜୁମଞ୍ଜରୀ ସିଂ ନିୟମିତ ସ୍କୁଲ ଅସୁନାହାନ୍ତି। ମାତ୍ର ସିଆରସିସି, ବିଆରସିସିଙ୍କ କାଗଜ କଲମରେ ସବୁ ସୀମିତ ହୋଇରହିଛି ବୋଲି ଅଭିଯୋଗ ହେଉଛି। ଏହି ଦୁର୍ନୀତିରେ ବିଦ୍ୟାଳୟର ସିଆରସିସି ଓ ବିଆରସିସି ସାମିଲ ଅଛନ୍ତି ବୋଲି ପ୍ରତୀୟମାନ ହେଉଛି ବୋଲି ସେ କହିଛନ୍ତି। ଅଭିଭାବକ ଅଶୋକ କୁମାର ଜେନା କହିଛନ୍ତି, ଶୈଳେନ୍ଦ୍ରନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସିଂ ଚାକିରି କରିବା ଦିନଠୁ ଏ ପର୍ଯ୍ୟନ୍ତ କେବେ ବି ନିୟମିତ ଭାବେ ବିଦ୍ୟାଳୟକୁ ଆସନ୍ତି ନାହିଁ। ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସୁଦ୍ଧାର ଆସିବ ବୋଲି ସରକାର ସ୍ୱପ୍ନ ଦେଖାଉଛନ୍ତି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଦୌ ବିଦ୍ୟାଳୟ ଆସୁ ନ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ନକଲି ଦସ୍ତଖତ ବିଦ୍ୟାଳୟର ଅନ୍ୟ ଜଣ ଶିକ୍ଷକ କରନ୍ତି। କେବେ ରେଜିଷ୍ଟ୍ରାର ତାଙ୍କ ଘରକୁ ନେଇ ଦସ୍ତଖସ୍ତ କରାଇ ଆଣନ୍ତି ବୋଲି ଜଣାପଡିଛି। ପ୍ରତି ମାସ ଦରମା ସେ ନେଉଛନ୍ତି ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯଦି ୭ ଦିନ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ଆଗାମୀ ଦିନରେ ବିଦ୍ୟାଳୟ ସମ୍ମୁଖରେ ଧାରଣ ଦିଆଯିବ ଚେତାବନୀ ଦିଆଯାଇଛି ବୋଲି ସେ କହିଛନ୍ତି। ଏ ବାବଦରେ ବିଇଓ ମନୋରଞ୍ଜନ ସେଠୀଙ୍କୁ ପଚାରିବାରେ ଶୈଳେନ୍ଦ୍ର ନାରାୟଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସିଂ ବିରୋଧରେ ଆଗରୁ ଅଭିଯୋଗ ହୋଇଥିଲା। ଗତ ୫ ମାସ ତାଙ୍କ ଦରମା ବନ୍ଦ କରାଯାଇଥିଲା। ପୁଣି ଏଭଳି ଅଭିଯୋଗ ଆସିଛି। ତଦନ୍ତ ପରେ ସତ୍ୟାସତ୍ୟ ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ବନ୍ୟଜନ୍ତୁ ଦାଉରୁ ଫସଲ ରକ୍ଷା ପାଇଁ ରାତି ଅନିଦ୍ରା

■ ବିଅଳି ଧାନ, ପନିପରିବାକୁ ନଷ୍ଟ କରୁଛନ୍ତି ବାର୍‌ହା

■ ଆପ୍‌ ମାଧ୍ୟମରେ ଅଭିଯୋଗରେ ମିଳୁଛି କ୍ଷତିପୂରଣ

**କେନ୍ଦ୍ରାପଡ଼ା ଅଫିସ, ୧।୧୧**



ଚାଷ ଜମିକୁ ବାର୍‌ହା ଓ ହରିଣ ପଶି ଆସୁଥିବାରୁ ଲୋକମାନେ ରାତିରେ ଜଗି ରହିଛନ୍ତି।



କେନ୍ଦ୍ରାପଡ଼ା ଜିଲା ଉପାନ୍ତ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଉତ୍ପାତ ବଢ଼ିଯାଇଛି। ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ପାଚିଲା ଧାନ ଓ ପନିପରିବା ଫସଲକୁ ନଷ୍ଟ କରୁଛନ୍ତି। ବନ୍ୟଜନ୍ତୁଙ୍କ ଏହି ଉତ୍ପାତ ସ୍ଥାନୀୟ ଅଧିବାସୀଙ୍କ ନିଦ ହଜାଇ ଦେଇଛି। ମହିଳାପୁରୁଷମାନେ ମେଳି କରି ରାତି ଅନିଦ୍ରା ହୋଇ ଫସଲ ଜଗୁଛନ୍ତି। ଏପରିସ୍ଥିତିରେ ଋଣ ଶୁଝିବା ନେଇ ଆଶଙ୍କା ସୃଷ୍ଟ ହୋଇଛି। ବିଶେଷକରି ବାର୍‌ହାଙ୍କ ଭୟ ସର୍ବଦା ଲାଗି ରହୁଛି। ଅପରପକ୍ଷରେ ବନ ବିଭାଗ ପକ୍ଷରୁ କୁହାଯାଉଛି ଯେ, ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଆପ୍ ମାଧ୍ୟମରେ ଅଭିଯୋଗ କଲେ କ୍ଷତିପୂରଣ ମିଳୁଛି।

ଜୟନଗର ଗ୍ରାମର ହାଡିବନ୍ଧୁ ପ୍ରଧାନ କହିଛନ୍ତି, ଭିତରକନିକା ଜାତୀୟ ଉଦ୍ୟାନରେ ବାର୍‌ହା ଓ ହରିଣଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧିପାଇଛି। ବନାଞ୍ଚଳକୁ ଡେଇଁ ଚାଷୀଙ୍କ କ୍ଷେତରେ ଏହି ବନ୍ୟଜନ୍ତୁ ପଶୁଛନ୍ତି। ଏବେ ବିଅଳି ଧାନ ପାଚିବା ପରେ କ୍ଷେତରୁ ଅମଳ ଆରମ୍ଭ ହୋଇଯାଇଛି। ସେହିପରି ପନିପରିବା ମଧ୍ୟ ଚାଷୀଙ୍କ ରୋଜଗାରର ଆଶା ହୋଇଛି। ଭିତରକନିକା ସଂଲଗ୍ନ ୩ ବ୍ଲକ ଅଞ୍ଚଳରେ ଏହି ବନ୍ୟଜନ୍ତୁ ଏବେ ଚାଷୀଙ୍କ ପାଇଁ ବିପଦ ସାଜିଛନ୍ତି। ରାତିରେ ଏହି ବନ୍ୟଜନ୍ତୁ କ୍ଷେତରେ ପଶି ଫସଲ ଉଜାଡି ଦେଉଥିବାରୁ ରାତି ଅନିଦ୍ରା ହୋଇ ଜଗିବାକୁ ପଡୁଛି। ଗୁପ୍ତିର ସୁଦର୍ଶନ ଦାସ କହିଛନ୍ତି, ବିଅଳି ଧାନ ଚାଷରେ ବର୍ଷକ ପାଇଁ ଖର୍ଚ୍ଚ ମିଳିଯାଏ। ଚଳିତବର୍ଷ ବ୍ୟାଙ୍କ ଓ ସୋସାଇଟି ମାଧ୍ୟମରେ ଋଣ କରି ଚାଷ କରିଛି। ପାଚିଲା ଧାନ ବାର୍‌ହାଙ୍କୁ ଆକୃଷ୍ଟ କରିଥିବା ବେଳେ ଅନ୍ୟ ବନ୍ୟଜନ୍ତୁ ପନିପରିବା ଫସଲକୁ ଉଜାଡି ଦେଉଛନ୍ତି। ଏବେ ସୁଦ୍ଧା ପ୍ରାୟ ୨ ଏକର ଜମିର ଧାନ ଫସଲ ବନ୍ୟଜନ୍ତୁ ନଷ୍ଟ କରି ସାରିଲେଣି। ବନ ବିଭାଗ ପକ୍ଷରୁ ବନାଞ୍ଚଳକୁ ତାରବାଡରେ ଘେରାଇ ରଖିବା ପାଇଁ ସେ ଦାବି କରିଛନ୍ତି। କୋହ୍ଲ ଗ୍ରାମର ମାଳତି ବିଶ୍ୱାଳ କହିଛନ୍ତି, ଫସଲ ପାଇଁ ଜୀବନ ଜୀବିକା ବାଜିରେ ଲାଗିଛି। ସ୍ଥାନୀୟ ଅଞ୍ଚଳରେ କୁମ୍ଭୀର ଭୟ ସର୍ବଦା ଲାଗି ରହିଛି। ରାତିରେ ବନ୍ୟଜନ୍ତୁ ପଶି ଆସୁଛନ୍ତି। କ୍ଷେତର ସୁରକ୍ଷା ପାଇଁ ମେଳି ହୋଇ ଗ୍ରାମବାସୀ ଜଗୁଛନ୍ତି। ସ୍ୱାମୀଙ୍କ ସହ ସେ ମଧ୍ୟ ହାରକିନ ଲାଇଟ୍ ନେଇ କ୍ଷେତ ଜଗିବାକୁ ଯାଉଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ। ଏହି ସମୟରେ ପ୍ରଚୁର ଖାଦ୍ୟର ଆବଶ୍ୟକତା ରହିଛି। ଏଥିସହ ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ। ଜଙ୍ଗଲ ଆଖାପାଖ ଅଞ୍ଚଳରେ ପାଚିଲା ଧାନ ସହଜଲବ୍ଧ ଖାଦ୍ୟ ହୋଇଥିବାରୁ କ୍ଷେତକୁ ଚାଲି ଆସିଥାନ୍ତି। ବନ୍ୟଜନ୍ତୁ ଗ୍ରାମ ଓ କ୍ଷେତକୁ ପଶି ଆସୁଥିବା ଅଭିଯୋଗ ପୂର୍ବରୁ ବେଶି ଆସୁଥିଲା। ଏବେ କ୍ଷେତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ତାରବାଡ ଲଗାଯାଇଛି। ସେହିପରି ବନ କର୍ମଚାରୀ ରାତ୍ରିକାଳୀନ ପାଟ୍ରୋଲିଂ କରୁଛନ୍ତି। ବନ୍ୟଜନ୍ତୁଙ୍କ ପାଇଁ ନଷ୍ଟ ହେଉଥିବା ଫସଲର କ୍ଷତିପୂରଣ ପାଇଁ ଅନୁକମ୍ପା ଆପ୍ ମାଧ୍ୟମରେ ଅଭିଯୋଗ ଚାଷୀ ଦାଖଲ କରିପାରିବେ। ୧୫ ଦିନ ମଧ୍ୟରେ ତଦନ୍ତ କରାଯାଇ ଏକର ପ୍ରତି ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଉଛି। ସୂଚନାଯୋଗ୍ୟ, ବନ୍ୟଜନ୍ତୁଙ୍କ ଦ୍ୱାରା ନଷ୍ଟ ହେଉଥିବା କ୍ଷତିର ଭରଣା ପାଇଁ ପିସିସିଏଫ୍ (ପ୍ରିନ୍ସିପାଲ ଚିଫ୍ କଞ୍ଜରଭେଟର ଅଫ ଫରେଷ୍ଟ), ଓଡ଼ିଶା ଷ୍ଟେଟ ଚିଫ ୱାଇଲ୍ଡ ଲାଇଫ ୱାର୍ଡେନଙ୍କ ସହ ଭୁବନେଶ୍ୱରସ୍ଥ ଓଡ଼ିଶା ସ୍ପେସ ଆପ୍ଲିକେଶନ ସେଣ୍ଟର ସହଯୋଗରେ ଏହି ଅନୁକମ୍ପା ଆପ୍ ପ୍ରସ୍ତୁତ ହୋଇଛି।

## ୫ କୋଟି ୩୫ ଲକ୍ଷ ବ୍ୟୟରେ ହେବ ନୂଆ ବିଲ୍ଡିଂ

### ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରାଜନଗର, ୧।୧୧(ଡି.ଏନ.ଏ.)**

ଦୀର୍ଘ ୭୦ ବର୍ଷ ତଳେ ନିର୍ମାଣ ହୋଇଥିବା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ବିଲ୍ଡିଂ ଭାଙ୍ଗି ରୁଜି ଗଲାଣି। ଏହାକୁ ମରାମତି କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋର ଚାଲିଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ବିଲ୍ଡିଂ ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ କରାଯାଇଛି। ୫ କୋଟି ୩୫ ଲକ୍ଷ ୧୩ ହଜାର ୮ଶହ ଟଙ୍କା ବ୍ୟୟରେ ୪ ମହାଲା ବିଶିଷ୍ଟ ଆଉଟଡୋର ବିଲ୍ଡିଂ ନିର୍ମାଣ ହେବ। ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ସିଡିଏମ୍‌ଓ ଡା. ଅନିତା ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ବ୍ଲକ ପବ୍ଲିକ ହେଲ୍‌ଥ ଅଫିସର ଡା. ପ୍ରଣବ କୁମାର ଶୁକ୍ଳା, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନଟବର ପ୍ରଧାନ, କନିଷ୍ଠଯନ୍ତ୍ରୀ ଦେବାଶିଷ ସାମଲ, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ସମିତିସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟବିତ୍ ଅରୁଣ କୁମାର ସାହୁ, ବିଜେଡି ନେତା ବିଜୟ ନାୟକ, ଚିତ୍ତ ରଞ୍ଜନ ଦାସ ଉମେଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଲେଙ୍କା, ସର୍ବେଶ୍ୱର ମହାନ୍ତି, ଗଙ୍ଗାଧର ସେଠୀ, ବାବାଜୀ ମିଶ୍ର, ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ ଗୃହକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ୩ ଅଭିଯୁକ୍ତ ଜେଲ୍ ଗଲେ

### ଚଟୁମାରୀ ହତ୍ୟା ଘଟଣା

■ ଚୋରି ସୁନାଗହଣା, ୨ ମୋବାଇଲ ଜବତ

■ କେନ୍ଦ୍ରାପଡ଼ା ଜିଲାରୁ ୨ ଅଭିଯୁକ୍ତ ଗିରଫ



ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ।



ଜବତ ହୋଇଥିବା ସୁନାଗହଣା, ମୋବାଇଲ।

**ବରୀ,୧।୧୧(ଡି.ଏନ.ଏ.)**

ଗତ ସେପ୍ଟମ୍ବର ୨୬ରେ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଭଅଁରା ପଞ୍ଚାୟତ ଚଟୁମାରୀ ଗ୍ରାମରେ କେତେଜଣ ଦୁର୍ବୃତ୍ତ ଚୋରୀ କରିବାକୁ ଆସି ଧରା ପଡିବା ଭୟରେ ଘର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେହି ଆକ୍ରମଣରେ ଘର ମାଲିକ ବିଶ୍ୱ ରଞ୍ଜନ ବିଶ୍ୱାଳ (୪୨) ଗୁରୁତର ହୋଇଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ସମ୍ପର୍କୀୟ ଅରକ୍ଷିତ ବିଶ୍ୱାଳଙ୍କ ଅଭିଯୋଗକୁ ଭିତ୍ତି କରି ବରୀ ପୋଲିସ ଏକ ମାମଲା(ନଂ.୩୦୨/୨୦୨୨)ରୁଜୁ କରି ତନାଘନା ଚଳାଇଥିଲା। ଏଥିପାଇଁ ଏକାଧିକ ଟିମ୍ ଗଠନ କରାଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ମାଟିଆକେଳା ସାହି ଗ୍ରାମର ବୋଇତ ଦାସ (୨୭), ଡେରାବିଶ ଥାନା ଅଧୀନ ଇଛାପୁର ଗ୍ରାମର ବୁବୁନା ଦାସ(୩୫) ଏବଂ ଚୋରି ସୁନାଗହଣା କିଣିଥିବା ତିଲଙ୍ଗା ଗ୍ରାମର ବିଚିତ୍ରାନନ୍ଦ କୁଣ୍ଡୁ(୪୬)। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ବରୀ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣାରେ ୮ ଜଣ ସମ୍ପୃକ୍ତ ଥିଲେ। ଅନ୍ୟ ୫ଜଣଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ବୋଲି ମଙ୍ଗଳବାର ଅପରାହ୍ନରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୨ ମୋବାଇଲ, ସୁନାଗହଣା ଓ ଏକ ବାଇକ୍ ଜବତ କରାଯାଇଛି। ଜବତ ମୋବାଇଲର କଲ୍ ରେକର୍ଡ ଯାଞ୍ଚ କଲେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ କହିଛି।

## ନାବାଳିକାଙ୍କୁ ଅପହରଣ ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ପାଟକୁରା, ୧।୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଡହକ ଆଡିସନାଲ ସେସନସ କୋର୍ଟ ତଥା ଫାଷ୍ଟଟ୍ରାକ କୋର୍ଟରେ ୨୦୧୭ର ପଟ୍ଟାମୁଣ୍ଡାଇ ତାନା ଅଞ୍ଚଳର ନାବାଳିକା ଅପହରଣ ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ଏହି ମାମଲା (ପିଏସ୍ କେସ ନଂ. ୧୩୪/୧୭)ରେ ଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ବାଇପଡା ଗାଁର ସୁକାନ୍ତ ମଲ୍ଲିକ ଓରଫ ପପୁଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୫ ହଜାର ଟଙ୍କାର ଜରିମାନା ଅନାଦେୟରେ ଅଧିକ ଦେଢ଼ ବର୍ଷ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ସ୍ପେଶାଲ ପିପି ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି, ୨୦୧୭ ମେ ୧ରେ ୧୭ ବର୍ଷର ନାବାଳିକା ରାତିରେ ଶୌଚ ହେବା ପାଇଁ ଘରୁ ପଦାକୁ ଆସିଥିଲେ। ଏହି ସମୟରେ ସୁକାନ୍ତ ତାଙ୍କୁ ଅପହରଣ କରି ନେଇଥିଲେ। ବାଙ୍ଗାଲୋରରେ ରଖି ବଳାତ୍କାର କରିବା ପରେ ପୀଡିତା ଗର୍ଭବତୀ ହୋଇଥିଲେ। ଏହା ଏକ ପୋକ୍‌ସୋ ମାମଲା ହୋଇଥିବାରୁ ଏହି ଦଣ୍ଡ ହୋଇଥିବା ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ୯୨ ବର୍ଷର ବୃଦ୍ଧଙ୍କୁ ଜେଲ

**ପାଟକୁରା, ୧।୧୧(ଡି.ଏନ.ଏ.):**

୯ ବର୍ଷର ନାବାଳିକାଙ୍କୁ ଅସଦା ଆଚରଣ କରିଥିବା ୯୨ ବର୍ଷର ବୃଦ୍ଧ ହରଡଘଣାରେ ପଡିଛନ୍ତି। ତାଙ୍କୁ ୩ ବର୍ଷ ଜେଲ ସହିତ ୩ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। କେନ୍ଦ୍ରାପଡ଼ା ଜିଲା ଆଡହକ ଆଡିଶନାଲ ସେସନ୍ସ କୋର୍ଟ ତଥା ଫାଷ୍ଟଟ୍ରାକ କୋର୍ଟରେ ୨୦୧୯ର ମାର୍ଶାଘାଇ ଥାନା ଅଞ୍ଚଳର ନାବାଳିକାଙ୍କୁ ଅସଦା ଆଚରଣ ମାମଲାର ଶୁଣାଣି ଶୁକ୍ରବାର ଶେଷ ହୋଇଛି। ଏହି ମାମଲା (ପିଏସ୍ କେସ୍ ନଂ. ୨୦/୧୯)ରେ ଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ମାର୍ଶାଘାଇ ଥାନା ଦଅରମୁଣ୍ଡା ଗାଁର ବ୍ରହ୍ମାନନ୍ଦ ଦାସଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଏ ସମ୍ପର୍କରେ ସ୍ପେଶାଲ ପିପି ମନୋଜ କୁମାର ସାହୁ କହିଛନ୍ତି, ୨୦୧୯ ଜାନୁୟାରୀ ୨୬ରେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ମା'ବାପା କ୍ଷେତକୁ ଧାନ ଅମଳ ପାଇଁ ଯାଇଥିଲେ। ଏହି ସମୟରେ ବ୍ରହ୍ମାନନ୍ଦ ଘର ମଧ୍ୟକୁ ପଶି ନାବାଳିକାଙ୍କୁ ଭିଡି ଧରିବାକୁ ଚେଷ୍ଟା କରିଥିଲେ। ନାବାଳିକା ତାଙ୍କୁ ଧକ୍କା ମାରିବା ପରେ ବ୍ରହ୍ମାନନ୍ଦ ନିଜର ଗୁପ୍ତାଙ୍ଗକୁ ଦେଖାଇଥିଲେ। ଏହି ଘଟଣାରେ ନାବଳିକା ଘର ବାହାରକୁ ପଳାଇ ଯାଇଥିଲେ। ପରେ ଥାନାରେ ତାଙ୍କ ମା' ଏନେଇ ଅଭିଯୋଗ କରିଥିଲେ ବୋଲି ସ୍ପେଶାଲ ପିପି ସାହୁ ପ୍ରକାଶ କରିଛନ୍ତି।

## ପେଣ୍ଠ ବେଳାଭୂମିରେ ପୁଣି ହେବ ଇକୋ ରିଟ୍ରିଟ୍

**ରାଜନଗର, ୧।୧୧(ଡି.ଏନ.ଏ.)**



ଜିଲାପାଳ ଅମୃତ ଋତୁରାଜ ପେଣ୍ଠଠାରେ ହେବାକୁ ଥିବା ଇକୋ ରିଟ୍ରିଟ୍ ସ୍ଥାନ ବୁଲି ଦେଖୁଛନ୍ତି। ପାଖରେ ଅନ୍ୟ ଅଧିକାରୀମାନେ।

ଭିତରକନିକାକୁ କିପରି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ସେ ନେଇ ରାଜ୍ୟ ସରକାର ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ୨୦୨୦ରେ ପ୍ରଥମଥର ପାଇଁ ଭିତରକନିକାର ନଳିତାପାଟିଆଠାରେ ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଥିଲା। ୮୨ଦିନ ଧରି ଏହି ଇକୋ ରିଟ୍ରିଟ୍‌ର ସଫଳ ଆୟୋଜନ ହୋଇଥିଲା। ଭିତରକନିକାକୁ କିପରି ଗତବର୍ଷଠାରୁ ଅଧିକ ପର୍ଯ୍ୟଟକ ଆସିବେ, ସକାରାତ୍ମକ ଓ ନିଆରା ଅନୁଭୂତି ନେଇ ଫେରିବେ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ୍ ହେବ। ସେ ନେଇ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ, ଉପଜିଲାପାଳ ନିରଞ୍ଜନ ବେହେରା, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ନଟବର ପ୍ରଧାନ, କନିଷ୍ଠଯନ୍ତ୍ରୀ ଦେବାଶିଷ ସାମଲ, ତଟବନ୍ଧ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଅଞ୍ଜନ କୁମାର ବେହେରା, ସହକାରୀ ଯନ୍ତ୍ରୀ ଭଞ୍ଜପ୍ରସାଦ ରାଉତ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କ ସହ ପାନୀୟଜଳ ଓ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଦୋବନ୍ଧିଠାରୁ ପେଣ୍ଠ ମଧ୍ୟରେ ପ୍ରାୟ ୧୮ଶହ ମିଟର ଅଞ୍ଚଳରେ ଗତବର୍ଷ ଇକୋ ରିଟ୍ରିଟ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆଉ ୩ ଶହ ଫୁଟ ଅଧିକ ଜାଗାରେ ଇକୋ ରିଟ୍ରିଟ ହେବ। ଡିସେମ୍ବର ପ୍ରଥମ ସପ୍ତାହରେ ଇକୋ ରିଟ୍ରିଟ୍ ଆରମ୍ଭ ହେବ। ଟେଣ୍ଟ ଭିତରେ ରହି ପର୍ଯ୍ୟଟକମାନେ ଯେପରି ସମୁଦ୍ରର ଶୋଭା ଉପଭୋଗ କରିବେ, ସେ ନେଇ ବ୍ୟବସ୍ଥା କରାଯିବ। ଦିନବେଳା ଇକୋ ରିଟ୍ରିଟରେ ଥିବା ପର୍ଯ୍ୟଟକମାନେ ଭିତରକନିକା ପରିଦର୍ଶନରେ ଯିବେ। ରାତିରେ ବେଳାଭୂମିର ମଜା ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବେ। ସମୁଦ୍ର କୂଳରେ ପର୍ଯ୍ୟଟକମାନଙ୍କ ପାଇଁ

### ସ୍ଥିତିର ସମୀକ୍ଷା କଲେ ଜିଲାପାଳ

ବିଭିନ୍ନ ଖେଳର ବ୍ୟବସ୍ଥା କରାଯିବ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ବସାଯିବ। ବାତ୍ୟା ଆଶ୍ରୟସ୍ଥଳଠାରୁ ଇକୋ ରିଟ୍ରିଟସ୍ଥଳ ଯାଏଁ ଷ୍ଟ୍ରିଟ ଲାଇଟ ଲାଗିବ। ଲୁଣା ଘେରିବନ୍ଧରୁ ସମୁଦ୍ର କୂଳକୁ ଖସିବା ଏବଂ ଇକୋ ରିଟ୍ରିଟ ସ୍ଥଳ ଯାଏଁ ପୂର୍ତ୍ତ ବିଭାଗ ପକ୍ଷରୁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ। ଛୋଟ ଓ ବଡ ଗାଡି ରହିବା ପାଇଁ ପାର୍କିଂର ବ୍ୟବସ୍ଥା ରହିବ। ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ରୂପରେଖ ସ୍ପଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ପେଣ୍ଠ ବେଳାଭୂମିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲେ ଇକୋ ରିଟ୍ରିଟ୍ ରହଣି ପର୍ଯ୍ୟଟକଙ୍କ ବାଦେ ଅନ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ସେଥିପାଇଁ ଗତବର୍ଷଠାରୁ ନଳିତାପାଟିଆ ପରିବର୍ତ୍ତେ ପେଣ୍ଠଠାରେ ଇକୋ ରିଟ୍ରିଟ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକି



@ ରୋଜିତ୍



@ ସିଡୁ



@ ଏସ୍.କେ. ଅମାନତ



@ ସୁଜାତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ମହାରାଷ୍ଟ୍ର ଡୋମ୍ବିଭାଲିର ବିଶାକ କ୍ରିଷ୍ଣାସ୍ୱାମୀ (୨୯) ଦିନକୁ ୪୨ କି.ମି. ଲେଖାଏ କ୍ରମାଗତ ୬୧ ଦିନ ଦୌଡ଼ି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। କ୍ରିଷ୍ଣାସ୍ୱାମୀ ସୋମବାର ୪୨.୧୯୫ କି.ମି. ଦୌଡ଼ିଥିଲେ। ପୂର୍ବରୁ ପୁଣେର ଆଶିଷ କାସୋଡେକରଙ୍କ ନାମରେ ୬୦ ଦିନ ଦୌଡ଼ିବାର ରେକର୍ଡ ରହିଛି। ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା କ୍ରିଷ୍ଣାସ୍ୱାମୀ ବିଶ୍ୱ ରେକର୍ଡ ହାସଲ କରିବା ପରେ କଲ୍ୟାଣ-ଡୋମ୍ବିଭିଲ୍ ମ୍ୟୁନିସିପାଲ କମିଶନର ଡ. ଭାଉସାହେବ ଡାଙ୍ଗାଡେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



## ସଂକ୍ଷେପରେ

### ସଲମାନଙ୍କୁ ୱାଇ ପ୍ଲସ୍ ସୁରକ୍ଷା



**ବେଙ୍ଗାଲୁରୁ,୧।୧୧:** ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହତ୍ୟା ଧମକ ପରେ ବଲିଉଡ୍ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କ ଜୀବନ ପ୍ରତି ବିପଦ ଥିବାରୁ ମହାରାଷ୍ଟ୍ର ସରକାର ତାଙ୍କ ସୁରକ୍ଷାକୁ ବଢ଼ାଇ ଦେଇଛନ୍ତି। ତାଙ୍କୁ ଏଣିକି ୱାଇ ପ୍ଲସ୍ ସୁରକ୍ଷା ମିଳିବ। ହତ୍ୟା ଧମକ ମିଳିବା ପରେ ସଲ୍‌ମାନଙ୍କୁ ମୁମ୍ବାଇ ପୋଲିସ ନିୟମିତ ସୁରକ୍ଷା ଯୋଗାଇ ଆସୁଥିଲା। ଏବେ ୱାଇ ପ୍ଲସ୍ ସୁରକ୍ଷାରେ ୪ ଜଣ ସଶସ୍ତ୍ର ସୁରକ୍ଷା ଯବାନ ୨୪ ଘଣ୍ଟା ତାଙ୍କ ସହ ରହିବେ। ସୁରକ୍ଷା ବାବଦ ଖର୍ଚ୍ଚ ସଲମାନଙ୍କୁ ଭରିବାକୁ ପଡ଼ିବ। ସେହିପରି ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବଂ ଅନୁପମ ଖେର୍‌ଙ୍କୁ ଏକ୍ସ ସୁରକ୍ଷା ଯୋଗାଇ ଦେବାକୁ ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

### ବିକାଶ ଦୁବେଙ୍କ ୧୦ କୋଟି ଟଙ୍କାର ବେନାମୀ ସମ୍ପତ୍ତି ଜବତ

**ନୂଆଦିଲ୍ଲୀ,୧।୧୧(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ଗ୍ୟାଙ୍ଗଷ୍ଟର ବିକାଶ ଦୁବେଙ୍କ ୧୦ କୋଟି ଟଙ୍କା ମୂଲ୍ୟର ବେନାମୀ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଜବତ କରିଛି। ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିବା ଗ୍ୟାଙ୍ଗଷ୍ଟର ତାଙ୍କ ସମ୍ପର୍କୀୟ ଓ ସହଯୋଗୀଙ୍କ ନାମରେ ଏହି ସମ୍ପତ୍ତି କିଣିଥିଲେ। ଦୁବେଙ୍କ ଘନିଷ୍ଠ ଜୟକାନ୍ତଙ୍କ ନାମରେ କାନପୁର ଓ ଏହାର ଆଖପାଖ ଅଞ୍ଚଳରେ ଏହି ସମ୍ପତ୍ତି ରହିଥିଲା। ଇଡି ଚଢ଼ାଉ ବେଳେ ଦୁବେଙ୍କ ନାମରେ ୨୮ରୁ ଊର୍ଦ୍ଧ୍ୱ ବେଆଇନ ସମ୍ପତ୍ତି ଥିବା ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ୨୦୨୦ ଜୁଲାଇ ୩ରେ ଗ୍ୟାଙ୍ଗଷ୍ଟର ଦୁବେଙ୍କ କାନ୍‌ପୁରସ୍ଥିତ ଘର ଉପରେ ଚଢ଼ାଉ କରିବା ଲାଗି ପୋଲିସ ଟିମ୍ ଯାଇଥିବାବେଳେ ସେ ଓ ତାଙ୍କ ସହଯୋଗୀମାନଙ୍କ ଗୁଳିରେ ୮ ଜଣ ପୋଲିସ ପ୍ରାଣ ହରାଇଥିଲେ। ଏହାର ସପ୍ତାହେ ମଧ୍ୟରେ ପୋଲିସ ଏନ୍‌କାଉଣ୍ଟରରେ ଦୁବେ ଓ ତାଙ୍କ ଗ୍ୟାଙ୍ଗର ୫ ସଦସ୍ୟ ନିହତ ହୋଇଥିଲେ।

### ଆମେରିକୀୟ ର୍‍ୟାପରଙ୍କୁ ଗୁଳି କରି ହତ୍ୟା



**ୱାଶିଂଟନ୍, ୧।୧୧:** ଆମେରିକୀୟ ର୍‍ୟାପର୍ ଟେକ୍‌ଅଫ୍‌ଙ୍କୁ ମଙ୍ଗଳବାର ଗୁଳି କରି ହତ୍ୟା କରାଯାଇଛି। ଟେକ୍ସାସ୍ ହୋଷ୍ଟନ୍‌ରେ ଥିବା ବୋଲିଙ୍ଗ ଆଲିରେ ଡାଇସ୍ ଗେମ୍‌କୁ କେନ୍ଦ୍ର କରି ଟେକ୍‌ଅଫ୍ ଓ କେତେଜଣ ଯୁବକଙ୍କ ସହ କଥା କଟାକଟି ହୋଇଥିଲା। ପାଟିତୁଣ୍ଡ କାରଣରୁ ସେଠାରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଜମା ହୋଇଯାଇଥିଲେ। ଗହଳି ଭିତରୁ କେହିଜଣେ ଟେକ୍‌ଅଫ୍‌ଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଅନ୍ୟ ୨ ଜଣ ଆହତ ହୋଇଥିବାବେଳେ ନିକଟସ୍ଥ ଡାକ୍ତରଖାନାରେ ସେମାନଙ୍କ ଚିକିତ୍ସା ଚାଲିଛି। ନିଜର ଏକ ମ୍ୟୁଜିକ୍ ଭିଡିଓ ଲଞ୍ଚ ପାଇଁ ଟେକ୍‌ଅଫ୍ ବୋଲିଙ୍ଗ ଆଲି ଯାଇଥିବା କୁହାଯାଉଛି। ୨୮ ବର୍ଷୀୟ ର୍‍ୟାପର୍ ଗ୍ରାମୀ ଆୱାର୍ଡ ପାଇଁ ନୋମିନେଟେଡ୍ ହୋଇଥିଲେ। ୨୦୧୫ରେ 'ୟଙ୍ଗ୍ ରିଚ୍ ନେଶନ୍' ଜରିଆରେ ଟେକ୍‌ଅଫ୍ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିକୁ ପ୍ରବେଶ କରିଥିଲେ।

### ପୁଲ୍‌ୱାମା ବିସ୍ଫୋରଣରେ ଖୁସି ମନାଇଥିବା ଇଞ୍ଜିନିୟରିଂ ଛାତ୍ରଙ୍କୁ ୫ ବର୍ଷ ଜେଲ

**ବେଙ୍ଗାଲୁରୁ,୧।୧୧:** ୨୦୧୯ ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣ ଘଟଣାକୁ ନେଇ ଫେସବୁକ୍ ଜରିଆରେ ଖୁସି ମନାଇଥିବା ବେଙ୍ଗାଲୁରୁର ୨୩ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ରଙ୍କୁ ଏକ ସ୍ୱତନ୍ତ୍ର ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୯ ଫେବୃୟାରୀ ୧୪ରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ଆତଙ୍କବାଦୀ ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ସିଆରପିଏଫ୍‌ର ଏକ ଗାଡ଼ି ସହ ବିସ୍ଫୋରକ ଭର୍ତ୍ତି ଯାନ ଧକ୍କା କରାଇବାରୁ ୪୦ ଯବାନ ଶହୀଦ ହୋଇଥିଲେ। ଯବାନଙ୍କ ମୃତ୍ୟୁରେ ତୃତୀୟ ବର୍ଷ ଇଲେକ୍ଟ୍ରୋନିକ୍ ଓ କମ୍ୟୁନିକେଶନ ଛାତ୍ର ଫୈଜ୍ ସୋସିଆଲ ମିଡିଆରେ ଖୁସି ମନାଇଥିଲେ। ଘଟଣାର ୩ ଦିନ ପରେ ଗିରଫ ହୋଇ ସେ ବେଙ୍ଗାଲୁରୁ କେନ୍ଦ୍ରୀୟ କାରାଗାରରେ ରହିଥିଲେ।

## ଅନେକ ସଂସାର ଉଜାଡ଼ିଛି ମୋର୍‌ବି ଝୁଲାପୋଲ

# ମୋର ସବୁକିଛି ଚାଲିଗଲା

**ଅହମ୍ମଦାବାଦ,୧।୧୧**

ରବିବାର ଛୁଟି ଥିବାରୁ ସ୍ୱାମୀଙ୍କ ସହ ୯ ବର୍ଷୀୟା ଝିଅ ଓ ୭ ବର୍ଷର ପୁଅ ସହ ଝୁଲାପୋଲକୁ ବୁଲି ଯାଇଥିଲୁ। ସେମାନେ ବ୍ରିଜ୍ ଉପରକୁ ଯାଇଥିଲେ। ଗର୍ଭବତୀ ଥିବାରୁ ମୁଁ ପୋଲକୁ ନ ଚଢ଼ି ମାଛୁ ନଦୀ କୂଳରେ ରହିଥିଲି। କିଛି ସମୟ ପରେ ହଠାତ୍ ଝୁଲାପୋଲ ଦୋହଲି ଯାଇଥିଲା। ଚାହୁଁ ଚାହୁଁ ତାହା ଖସିପଡ଼ିଥିଲା। ସେମାନେ ପାଣିରେ ପଡ଼ିଗଲେ, ଆଉ ଫେରିଲେ ନାହିଁ ବୋଲି କୋହଭରା କଣ୍ଠରେ ପରିବାରକୁ ହରାଇଥିବା ଜଣେ ମହିଳା କହିଛନ୍ତି। ଗଣମାଧ୍ୟମ ଆଗରେ ସେଦିନର ଅନୁଭୂତି ବଖାଣି ମହିଳା ଜଣକ କାନ୍ଦି କାନ୍ଦି କହିଛନ୍ତି,



ନିଜ ପରିବାରକୁ ହରାଇଥିବା ଜଣେ ମହିଳା ଦୁଃଖରେ ଭାଙ୍ଗିପଡ଼ିଛନ୍ତି।

ମୋର ସବୁକିଛି ଚାଲିଗଲା। ଏବେ ଆଉ କିଏ ଅଛି? ଆଗକୁ ଏକୁଟିଆ ଜୀବନ ବିତାଇବାକୁ ପଡ଼ିବ। କିଛି ସହାୟତା ମିଳିନାହିଁ। ସରକାର ମୋତେ ସାହାଯ୍ୟ କରନ୍ତୁ। ଏହା ହେଉଛି ଜଣେ ହତଭାଗା ମହିଳାଙ୍କ ଦୁଃଖଦ କାହାଣୀ। ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଲୋକଙ୍କ ଏପରି ଅନେକ କାହାଣୀ ରହିଛି। କିଏ ନିଜ ପରିବାରକୁ ହରାଇ ଅସହାୟ ହୋଇପଡ଼ିଛନ୍ତି ତ ଆଉ କାହାର ସ୍ୱପ୍ନଭଙ୍ଗ ହୋଇଯାଇଛି। ମାଛୁ ନଦୀର ସସ୍ପେନ୍‌ଶନ ବ୍ରିଜ୍ ଦୁର୍ଘଟଣା ବହୁ ଲୋକଙ୍କ ଭବିଷ୍ୟତ ଛଡ଼ାଇନେଇଛି। ଜଣେ ବୃଦ୍ଧ କହିଛନ୍ତି, ତାଙ୍କ ଜ୍ୱାଇଁ ଝୁଲାପୋଲରେ କାମ କରୁଥିବା ଜଣେ ଶ୍ରମିକ। ଛୁଟି ଥିବାରୁ ସେ ନିଜ ୨ ପିଲାଙ୍କୁ ବ୍ରିଜ୍ ଦେଖାଇବାକୁ ନେଇଥିଲେ। ସେମାନେ ଆଉ ଫେରିଲେ ନାହିଁ। ପ୍ରଶାସନିକ ଅବହେଳା ଯୋଗୁ ଏହି ଅଘଟଣ ଘଟିଥିଲେ ମଧ୍ୟ କୌଣସି ସରକାରୀ ସହାୟତା ପାଇ ନ ଥିବା ବୃଦ୍ଧ ଜଣକ କହିଛନ୍ତି। ସେହିପରି ଅହମ୍ମଦାବାଦର ଝିଅ ହର୍ଷିନୀ ନିଜ ମା'ବାପାଙ୍କ ସହ ମୋର୍‌ବି ଯାଇଥିଲେ। ବ୍ରିଜ୍ ଭାଙ୍ଗିବା ପରେ ୭ ବର୍ଷୀୟା ହର୍ଷିନୀଙ୍କୁ ଉଦ୍ଧାର କରାଯାଇଛି କିନ୍ତୁ ସେ ଅନାଥ ହୋଇଯାଇଛନ୍ତି। ପଶ୍ଚିମବଙ୍ଗର ପୂର୍ବ ବର୍ଦ୍ଧମାନ ଜିଲା ବାସିନ୍ଦା ୧୭ ବର୍ଷୀୟ ହବିବୁଲ ଶେଖ୍ ଚାକିରି ଅନ୍ୱେଷଣରେ ଗୁଜରାଟର ମୋର୍‌ବିକୁ ଯାଇଥିଲେ। ସେ ତାଙ୍କ ଦାଦାଙ୍କ ସୁନା ଦୋକାନରେ କାମ କରୁଥିଲେ। ରବିବାର ସାଙ୍ଗମାନଙ୍କ ସହ ଝୁଲାପୋଲକୁ ଯାଇ ଆଉ ଫେରି ନ ଥିଲେ। ବିଳମ୍ବିତ ରାତିରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେ ମା'ବାପାଙ୍କ ଏକମାତ୍ର ସନ୍ତାନ ଥିଲେ।

## ଘଣ୍ଟା କମ୍ପାନୀକୁ ବ୍ରିଜ୍ ଦାୟିତ୍ୱ





ମୋର୍‌ବି ବ୍ରିଜ୍ ଭୁଶୁଡ଼ିବା ଘଟଣାର ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଗୁଜରାଟ ଭବନ ଆଗରେ ବିକ୍ଷୋଭରତ ଜଣେ ମହିଳାଙ୍କୁ ପୋଲିସ ଧରିନେଉଛି।

ବ୍ରିଟିଶ ଅମଳର ଶତାବ୍ଦୀ ପୁରୁଣା ବ୍ରିଜ୍‌ର ମରାମତି, ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଓରେଭା କମ୍ପାନୀକୁ କାହିଁକି ଦିଆଯାଇଥିଲା ବୋଲି ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ଓରେଭା ଗ୍ରୁପ୍ ହେଉଛି ଅଜନ୍ତା କାନ୍ଥଘଣ୍ଟା, ସିଏଫ୍‌ଲ୍ ବଲ୍‌ବ ଏବଂ ଇ-ବାଇକ୍ ନିର୍ମାଣକାରୀ କମ୍ପାନୀ, ଯାହାର ବ୍ରିଜ୍ ନିର୍ମାଣ କ୍ଷେତ୍ରରେ କୌଣସି ଅଭିଜ୍ଞତା ନାହିଁ। ଏହି କମ୍ପାନୀ ଉକ୍ତ ବ୍ରିଜ୍‌କୁ ଗତ ୨୬ ତାରିଖରେ ଖୋଲିବା ପୂର୍ବରୁ ମୋର୍‌ବି ପୌରପାଳିକାଠାରୁ ଫିଟ୍‌ନେସ୍ ସାର୍ଟିଫିକେଟ୍ ନେଇ ନ ଥିଲା। ରକ୍ଷଣାବେକ୍ଷଣ ପାଇଁ ଅନ୍ୟୂନ ୮ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଏହାକୁ ବନ୍ଦ ରଖାଯିବା କଥା। କିନ୍ତୁ ଅତି ତରବରିଆ ଭାବେ ଗୁଜରାଟୀ ନବବର୍ଷରେ ଏହାକୁ ଲୋକଙ୍କ ପାଇଁ ଖୋଲାଯାଇଥିଲା। ଏହା ଗମ୍ଭୀର ଦାୟିତ୍ୱହୀନତା ବୋଲି ପୋଲିସ ଏଫ୍‌ଆଇଆର୍‌ରେ ଦର୍ଶାଇଛି। ରବିବାର ଛୁଟି ଥିବାରୁ ବ୍ରିଜ୍‌ରେ ପ୍ରବଳ ଗହଳି ହୋଇଥିଲା। ଟିକେଟ ପିଛା ୧୨ରୁ ୧୭ ଟଙ୍କାରେ ବିକ୍ରି କରାଯାଇଥିଲା, ଯାହାକି ପିଲାଙ୍କ ପାଇଁ ୧୦ ଓ ବୟସ୍କଙ୍କ ଲାଗି ୧୫ ଟଙ୍କା ରଖିବାକୁ ପୂର୍ବରୁ ଧାର୍ଯ୍ୟ ହୋଇଥିଲା। ୧୫୦ ଧାରଣ କ୍ଷମତା ବିଶିଷ୍ଟ ଝୁଲାପୋଲ ଉପରକୁ ୬୫୦ରୁ ଅଧିକ ଲୋକ ଯିବା ପରେ ପୁରୁଣା ମେଟାଲ କେବୁଲ ଛିଣ୍ଡି ପଡ଼ିଥିଲା। କଳଙ୍କି ଲାଗିଯାଇଥିବା କେବୁଲଗୁଡ଼ିକୁ ଗତ ୭ ମାସର ମରାମତି ସମୟରେ ବଦଳାଯାଇ ନ ଥିଲା ବୋଲି ଗୁଜରାଟ ଫରେନ୍‌ସିକ୍ ଲାବରେଟୋରି ଜାଣିବାକୁ ପାଇଛି। ଏହି ମାମଲାରେ ୯ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଓରେଭାର ୨ ମ୍ୟାନେଜର, ୨ ଟିକେଟ୍ କଲେକ୍ଟର, ବ୍ରିଜ୍ ମରାମତି କରିଥିବା ୨ କଣ୍ଟ୍ରାକ୍ଟର ଓ ୩ ଜଣ ସିକ୍ୟୁରିଟି ଗାର୍ଡ ଥିବା ରାଜକୋଟ ରେଞ୍ଜ ପୋଲିସ ଆଇଜି ଅଶୋକ ଯାଦବ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଓରେଭା ଗ୍ରୁପ୍ ଏଥିରେ ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଥିବାରୁ ଉକ୍ତ ଅର୍ଥ ଆଦାୟ କରିବା ଲାଗି ତରବରିଆ ଭାବେ ଖୋଲିଥିବା କୁହାଯାଉଛି।

### ସୁପ୍ରିମକୋର୍ଟରେ ପିଆଇଏଲ୍: ୧୪ରେ ଶୁଣାଣି

**ନୂଆଦିଲ୍ଲୀ,୧।୧୧**

ଗୁଜରାଟର ମୋର୍‌ବିରେ ରବିବାର ବ୍ରିଟିଶ ଅମଳର ଝୁଲାପୋଲ ଭୁଶୁଡ଼ିବା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ମାଛୁ ନଦୀ ଉପରେ ନିର୍ମିତ ପ୍ରାୟ ୧୫୦ ବର୍ଷ ପୁରୁଣା ବ୍ରିଜ୍‌ରେ କେଉଁ କାରଣରୁ ଦୁର୍ଘଟଣା ଘଟି ୧୩୪ ଜଣଙ୍କ ମୃତ୍ୟୁ ଘଟିଲା ତାହାର ତଦନ୍ତ ଲାଗି ଏକ ନ୍ୟାୟିକ କମିଶନ ଗଠନ କରାଯାଉ। ସୁପ୍ରିମକୋର୍ଟଙ୍କ ଜଣେ ଅବସରପ୍ରାପ୍ତ ବିଚାରପତି ଉକ୍ତ ପ୍ୟାନେଲର ଅଧ୍ୟକ୍ଷତା କରନ୍ତୁ ବୋଲି ଆଇନଜୀବୀ ବିଶାଳ ତିୱାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଏଥିରେ ସେ ବ୍ରିଜ୍ ଭୁଶୁଡ଼ିବା ଘଟଣା ପାଇଁ ସରକାରୀ ବିଫଳତାକୁ ଦାୟୀ କରିଛନ୍ତି। ଗତ ଦଶନ୍ଧିରେ ଦେଶରେ ପରିଚାଳନାଗତ ତ୍ରୁଟି, କର୍ତ୍ତବ୍ୟରେ ଅବହେଳା, ରକ୍ଷଣାବେକ୍ଷଣର ଅଭାବ ଆଦି ଯୋଗୁ ଅନେକ ସ୍ଥାନର ଅଘଟଣ ଘଟି ବହୁ ଲୋକ ମୃତାହତ ହୋଇଛନ୍ତି, ଯାହାକୁ ଏଡ଼ାଯାଇ ପାରିଥାଆନ୍ତା ବୋଲି ଏଥିରେ କୁହାଯାଇଛି। ସିଜେଇ ୟୁ.ୟୁ. ଲଳିତଙ୍କ ଖଣ୍ଡପୀଠ ନଭେମ୍ବର ୧୪ରେ ଏହାର ଶୁଣାଣି କରିବେ।

## ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ



### ଆହତଙ୍କୁ ହସ୍ପିଟାଲରେ ଭେଟିଲେ ପ୍ରଧାନମନ୍ତ୍ରୀ

**ମୋର୍‌ବି,୧।୧୧**

ଗୁଜରାଟର ମୋର୍‌ବି ଝୁଲାପୋଲ ଭୁଶୁଡ଼ିବା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉକ୍ତ ଅଘଟଣରୁ ଶିକ୍ଷାଲାଭ କରି ତାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ଏକ ଉଚ୍ଚସ୍ତରୀୟ ବୈଠକରେ କହିଛନ୍ତି। ନିର୍ବାଚନମୁହାଁ ଗୁଜରାଟରେ ଥିବା ପ୍ରଧାନମନ୍ତ୍ରୀ ନିଜ ପ୍ରଚାର କାର୍ଯ୍ୟସୂଚୀ ବଦଳାଇ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ପ୍ରଭାବିତ ପରିବାରଙ୍କୁ ଯଥାସମ୍ଭବ ସହାୟତା ପ୍ରଦାନ ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ମୋଦି ସରକାରୀ ହସ୍ପିଟାଲରେ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀଙ୍କ ମୋର୍‌ବି ସିଭିଲ ହସ୍ପିଟାଲ ପରିଦର୍ଶନକୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି ଉକ୍ତ ହସ୍ପିଟାଲର କାନ୍ଥଗୁଡ଼ିକରେ ରଙ୍ଗ ବୋଳାଯାଇଛି। ରିପ୍ୟାଣ୍ଟିଂ ପାଇଁ ସୋମବାର ରାତି ସାରା ୪୦ ଜଣ ପ୍ୟାଣ୍ଟରଙ୍କୁ ନିୟୋଜିତ କରାଯାଇଥିଲା। ଗ୍ରାଉଣ୍ଡ, ଟଏଲେଟ୍ ଓ ଅନ୍ୟାନ୍ୟ ଭିତ୍ତିଭୂମିରେ ଉନ୍ନତି ଅଣାଯାଇଛି। ହସ୍ପିଟାଲରେ ନୂଆ ୱାଟର କୁଲର ରଖାଯାଇଛି, ଯହିଁରୁ ପାଣି ବାହାରୁ ନାହିଁ। ସେଠାରେ ଚିକିତ୍ସିତ ହେଉଥିବା ଆହତଙ୍କ ବେଡ୍‌ଗୁଡ଼ିକରେ ନୂଆ ଚାଦର ବିଛାଯାଇଛି। ଏସବୁର ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଶାସକ ଭାଜପାକୁ ଟାର୍ଗେଟ କରିଛନ୍ତି। ରୋଗୀଙ୍କ ଯତ୍ନ ନେବା ପରିବର୍ତ୍ତେ ମୋଦିଙ୍କ ଗସ୍ତ ବେଳେ ଇଭେଣ୍ଟ ମ୍ୟାନେଜମେଣ୍ଟ ଓ ଫଟୋଶୁଟ୍‌କୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି ବୋଲି ବିରୋଧୀ ସମାଲୋଚନା କରିଛନ୍ତି।

### ଟୁଇଟରରେ 'ଗୋ ବ୍ୟାକ୍ ମୋଦି' ଟ୍ରେଣ୍ଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜ୍ୟ ଗୁଜରାଟରେ ଝୁଲାପୋଲ ଭୁଶୁଡ଼ିବା ଘଟଣାକୁ ନେଇ ସୋସିଆଲ ନେଟ୍‌ୱର୍କିଂ ସାଇଟ୍ ଟୁଇଟରରେ ୟୁଜର୍ସ ନାନା ପ୍ରତିକ୍ରିୟା ପ୍ରକାଶ କରିବାରେ ଲାଗିଛନ୍ତି। ବିରୋଧୀ ୟୁଜର୍ସଙ୍କ 'ହ୍ୟାଶ୍‌ଟ୍ୟାଗ୍ ଗୋ ବ୍ୟାକ୍ ମୋଦି' ଟ୍ରେଣ୍ଡ୍ କରୁଥିବାବେଳେ ଏହାର ମୁକାବିଲା ପାଇଁ ଆଉ କେତେଜଣ ୟୁଜର୍ସ 'ହ୍ୟାଶ୍‌ଟ୍ୟାଗ୍ ଗୁଜରାଟ ୱିଥ୍ ମୋଦି' ଲେଖି ଟୁଇଟ୍ କରୁଛନ୍ତି। ମଙ୍ଗଳବାର ଅପରାହ୍ନ ୨ଟା ୩୦ ସୁଦ୍ଧା ମୋଦି ବିରୋଧୀ ୨୦,୦୦୦ରୁ ଊର୍ଦ୍ଧ୍ୱ ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଥିବାବେଳେ ସପକ୍ଷବାଦୀଙ୍କ ଟୁଇଟ୍ ସଂଖ୍ୟା ୧୫,୩୦୦ରେ ପହଞ୍ଚିଥିଲା। ଜଣେ ୟୁଜର ଲେଖିଛନ୍ତି, ଆମେ ଏପରି ଜଣେ ପ୍ରଧାନମନ୍ତ୍ରୀଙ୍କୁ ଚାହୁଁଛୁ, ଯିଏକି କ୍ୟାମେରା ପରିବର୍ତ୍ତେ ଦେଶର ବିକାଶ ଉପରେ ଗୁରୁତ୍ୱ ଦେବେ। ଆଉ ଜଣେ ବ୍ୟକ୍ତି 'ମୋଦି ସେଲିଂ ଇଣ୍ଡିଆ' ଉଲ୍ଲେଖ କରିଛନ୍ତି।

## ଜେଲରେ ସୁରକ୍ଷା ପାଇଁ ୧୦ କୋଟି ନେଇଛନ୍ତି ସତ୍ୟେନ୍ଦ୍ର

**ନୂଆଦିଲ୍ଲୀ,୧।୧୧**

### ସୁକେଶ ଚନ୍ଦ୍ରଶେଖରଙ୍କ ସଙ୍ଗିନ ଅଭିଯୋଗ

ଜେଲ୍‌ରେ ଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ଦିଲ୍ଲୀର ଏଏପି ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ମନ୍ତ୍ରୀ ଜୈନ୍ ଅନେକ ସମୟରେ ତିହାର ଜେଲ୍‌କୁ ଆସି ତାଙ୍କୁ ଭେଟିଥିଲେ। ଜେଲ୍‌ରେ ସୁରକ୍ଷା ଯୋଗାଇ ଦେବା ଲାଗି ୧୦ କୋଟି ଟଙ୍କା ଲାଞ୍ଚ ଦେବାକୁ ୨୦୧୯ରେ ମନ୍ତ୍ରୀ ତାଙ୍କୁ ବାଧ୍ୟ କରିଥିଲେ। ଏପରି କି ଟଙ୍କା ନ ଦେଲେ ପରିଣାମ ଭୟାବହ ହେବ ବୋଲି ମନ୍ତ୍ରୀ ଧମକ ଦେଇଥିଲେ ବୋଲି ସୁକେଶ କହିଛନ୍ତି। କେବଳ ସେତିକି ନୁହେଁ, ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଏବଂ ରାଜ୍ୟ ସଭା ଆସନ ପାଇଁ ସେ ଏଏପିକୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିବା ସୁକେଶ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍‌ସେନାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଅକ୍ଟୋବର ୭ରେ ଲେଖାଯାଇଥିବା ଏହି ଚିଠି ଏଏପି ଏକ ଠକ ପାର୍ଟିର



ପ୍ରମାଣ ବୋଲି ଭାଜପା କହିଛି।

ଅନ୍ୟପକ୍ଷରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ଲାଞ୍ଚ ଅଭିଯୋଗକୁ ସମ୍ପୂର୍ଣ୍ଣ ମନଗଢ଼ା ବୋଲି କହିଛନ୍ତି। ଗୁଜରାଟ ନିର୍ବାଚନ ଏବଂ ଝୁଲା ପୋଲ ଦୁର୍ଘଟଣାରୁ ଲୋକଙ୍କ ନଜର ହଟାଇବା ଲାଗି ଏଭଳି ମିଛ ଅଭିଯୋଗ ଅଣାଯାଇଥିବା ସେ କହିଛନ୍ତି। ଦୁର୍ଘଟଣା ଖବର ସୋମବାର ଗଣମାଧ୍ୟମରେ ଛାଇ ହୋଇଯାଇଥିବାବେଳେ ମଙ୍ଗଳବାର ଏହି ନ୍ୟୁଜ୍ ଉଭାନ ହୋଇଯାଇଛି।

## ଭାରତରେ ୫୪ ହଜାର ଆକାଉଣ୍ଟ ବ୍ୟାନ୍ କଲା ଟୁଇଟର

**ନୂଆଦିଲ୍ଲୀ,୧।୧୧**

### ଯୌନ ବିଷୟବସ୍ତୁ ଓ ଆତଙ୍କବାଦ ପ୍ରସାର ଅଭିଯୋଗ

ଭାରତରେ ଗତ ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୨୫ ମଧ୍ୟରେ ଶିଶୁ ଯୌନ ଶୋଷଣ, ଅସହମତ ନଗ୍ନତା ଏବଂ ଆନୁଷଙ୍ଗିକ ବିଷୟବସ୍ତୁ ପ୍ରସାରଣ କରିଥିବା ୫୨,୧୪୧ ଆକାଉଣ୍ଟ ଉପରେ ଟୁଇଟର୍ ପ୍ରତିବନ୍ଧକ ଲଗାଇଛି। ଏହା ବ୍ୟତୀତ ଦେଶରେ ଆତଙ୍କବାଦର ପ୍ରସାର କରାଉଥିବା ୧,୯୮୨ଟି ଆକାଉଣ୍ଟକୁ ମଧ୍ୟ ଏଲନ୍ ମସ୍କଙ୍କ ମାଇକ୍ରୋ-ବ୍ଲଗିଂ ପ୍ଲାଟ୍‌ଫର୍ମ ନିଷେଧ କରିଛି। ନୂଆ ଆଇଟି ନିୟମାବଳୀ, ୨୦୨୧ ଅନୁଯାୟୀ ଟୁଇଟର ଦାଖଲ କରିଥିବା ମାସିକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏହା ଭାରତୀୟ ୟୁଜରମାନଙ୍କଠାରୁ ଉପରୋକ୍ତ ସମୟ ମଧ୍ୟରେ ୧୫୭ଟି ଅଭିଯୋଗ ପାଇଥିଲା। ସେଥିରୁ ୧୨୯ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟୁଇଟର ଆକାଉଣ୍ଟ ସସ୍ପେଣ୍ଡ ପାଇଁ ଅପିଲ କରାଯାଇଥିବା ୪୩ଟି ଅଭିଯୋଗ ଉପରେ ବିଚାର କରାଯାଉଥିବା ରିପୋର୍ଟରେ କୁହାଯାଇଛି।

## ଲିଙ୍ଗାୟତ ମହନ୍ତଙ୍କୁ ହନିଟ୍ରାପ୍‌ରେ ଫସାଇଥିଲେ ଇଞ୍ଜିନିୟରିଂ ଛାତ୍ରୀ

**ବେଙ୍ଗାଲୁରୁ,୧।୧୧**

କର୍ଣ୍ଣାଟକର ଲିଙ୍ଗାୟତ ସନ୍ଥ ବାସବଲିଙ୍ଗା ସ୍ୱାମୀ ଆତ୍ମହତ୍ୟାକୁ ନେଇ ତଦନ୍ତ ଚଳାଇଥିବା ପୋଲିସ ଜଣେ ୨୧ ବର୍ଷୀୟା ଇଞ୍ଜିନିୟରିଂ ଛାତ୍ରୀ ଓ ଉକ୍ତ ମଠର ଜଣେ ବିଦ୍ରୋହୀ ସନ୍ଥଙ୍କୁ ଗିରଫ କରିଛି। ସେମାନେ ବାସବଲିଙ୍ଗା ସ୍ୱାମୀଙ୍କୁ ବ୍ଲାକ୍‌ମେଲ୍ କରୁଥିଲେ। ଛାତ୍ରୀ ଜଣଙ୍କ ମହନ୍ତଙ୍କ ସହ ସମ୍ପର୍କ ରଖିବା ପରେ ଗତ ଏପ୍ରିଲରେ ତାଙ୍କ ସହ ଅନ୍ତରଙ୍ଗ ଭିଡିଓ କଲ୍‌କୁ ରେକର୍ଡ କରାଇଥିଲେ। ଭିଡିଓ ସହାୟତାରେ ସେ ଓ କନ୍ନୁର ମଠ ମହନ୍ତ ମୃତ୍ୟୁଞ୍ଜୟ ସ୍ୱାମୀ ବ୍ଲାକମେଲ୍ କରୁଥିଲେ। ଗତ ୨୪ରେ ମହନ୍ତ ତାଙ୍କ କଞ୍ଚୁଗାଲ ବନ୍ଦେ ମଠ ପ୍ରାର୍ଥନା କକ୍ଷରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।





ବ୍ରାଜିଲ ନିର୍ବାଚନରେ ବାମପନ୍ଥୀ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ବିଜୟ ପରେ ବିଦାୟୀ ରାଷ୍ଟ୍ରପତି ଜୈର ବଲସୋନାରୋଙ୍କ ସମର୍ଥକ ସାଓଉଲୋସ୍ଥିତ ଗୁଆରୁଲୋସ ଏୟାପୋର୍ଟ ବାହାରେ ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୩ ଜଣିଆ ଖଣ୍ଡପୀଠରେ ହେବ ଫ୍ରିବିଜ୍ ଶୁଣାଣି

**ନୂଆଦିଲ୍ଲୀ,୧।୧୧(ପି.ଟି.)**

### ନିର୍ବାଚନ ପୂର୍ବରୁ ମାଗଣା ସହାୟତା ପ୍ରତିଶ୍ରୁତି

ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଲୋଭିତ କରିବା ଲାଗି ରାଜନୈତିକ ଦଳଗୁଡ଼ିକ ଦେଉଥିବା ମାଗଣା ସହାୟତା ପ୍ରତିଶ୍ରୁତି ବିରୋଧରେ ହୋଇଥିବା ପିଟିଶନର ଶୁଣାଣି ଲାଗି ଏହାକୁ ୩ ଜଣିଆ ଖଣ୍ଡପୀଠରେ ତାଲିକାଭୁକ୍ତ କରିବା ନିମନ୍ତେ ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଭଳି ପିଟିଶନ୍‌ଗୁଡ଼ିକର ଶୁଣାଣି ବୃହତ୍ତର ଖଣ୍ଡପୀଠରେ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ ଏବଂ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ କହିଥିଲେ। ସୁବ୍ରମଣ୍ୟମ ବାଲାଜୀ ମାମଲାରେ ପୂର୍ବ ରାୟର ସମୀକ୍ଷା ଉଦ୍ଦେଶ୍ୟରେ ଜନସ୍ୱାର୍ଥ ମାମଲାର ଶୁଣାଣି ବୃହତ୍ତର ଖଣ୍ଡପୀଠରେ ହେବ ବୋଲି ଅନ୍ୟତମ ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟ କହିଛନ୍ତି। ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ଅବାସ୍ତବ ମାଗଣା ଉପହାର ପ୍ରତିଶ୍ରୁତିଗୁଡ଼ିକୁ ନିୟନ୍ତ୍ରଣ କରିବା ନିମନ୍ତେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଆଇନଜୀବୀ ଉପାଧ୍ୟାୟ ପ୍ରସ୍ତାବ ଦେଇଥିଲେ। ରିଜର୍ଭ ବ୍ୟାଙ୍କ ଗଭର୍ନର, ଅର୍ଥ କମିଶନ ଅଧ୍ୟକ୍ଷ, ନୀତି ଆୟୋଗ ଉପାଧ୍ୟକ୍ଷ, ସିଏଜି, ଜିଏସ୍‌ଟି କାଉନସିଲର ସଚିବ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଉକ୍ତ କମିଟିରେ ସଦସ୍ୟ ରହିବାକୁ ଉପାଧ୍ୟାୟ କହିଥିଲେ। ଏ ସମ୍ପର୍କିତ ନିଷ୍ପତ୍ତି ବୃହତ୍ତର ଖଣ୍ଡପୀଠ ନେବେ।

### ଇଭିଏମ୍‌ରୁ ଦଳୀୟ ଚିହ୍ନ ହଟାଇବା ଆବେଦନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଗୁଡ଼ିକରୁ ଦଳୀୟ ଚିହ୍ନ ହଟାଇ ଏହା ବଦଳରେ ପ୍ରାର୍ଥୀମାନଙ୍କୁ ବୟସ, ଶିକ୍ଷାଗତ ଯୋଗ୍ୟତା ଓ ଫଟୋ ରଖିବା ନିମନ୍ତେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଶୁଣାଣି ପାଇଁ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ନିର୍ବାଚନ କମିଶନ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଆବେଦନ କରିବାକୁ ପିଟିଶନର ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କୁ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତ ଏବଂ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଆବେଦନକାରୀ ତାଙ୍କ ପିଆଇଏଲ୍‌ରେ ଦର୍ଶାଇଥିଲେ ଯେ, ଇଭିଏମ୍ ଏବଂ ବାଲଟରୁ ଦଳୀୟ ଚିହ୍ନ ହଟାଗଲେ ବିଜ୍ଞ, କର୍ମଠ ଏବଂ ସଚ୍ଚୋଟ ପ୍ରାର୍ଥୀଙ୍କୁ ବାଛିବାରେ ଏହା ଭୋଟରଙ୍କୁ ସହାୟକ ହୋଇପାରିବ ଏଥିସହିତ ଟିକେଟ ବଣ୍ଟନରେ ରାଜନୈତିକ ଦଳ ମୁଖ୍ୟଙ୍କ ଏକଚ୍ଛତ୍ରବାଦକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## କମିବ ନାହିଁ ତୈଳ ମୂଲ୍ୟ

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ତୈଳ ବିପଣନକାରୀ କମ୍ପାନିଗୁଡିକ ପକ୍ଷରୁ କୁହାଯାଇଥିଲା କି ମଙ୍ଗଳବାରଠାରୁ ତୈଳ ଦର (ପେଟ୍ରୋଲ ଓ ଡିଜେଲ) ଲିଟର ପିଛା ୪୦ ପଇସା ହ୍ରାସ ପାଇବ ବୋଲି ସୋମବାର ମଧ ରାତ୍ରରେ ଘୋଷଣା କରିଥିଲେ। ହେଲେ ମଙ୍ଗଳବାର ଏକ ଜରୁରୀକାଳୀନ ବୈଠକରେ ତୈଳ ଦର ହ୍ରାସ ନିଷ୍ପତ୍ତିକୁ ବଦଳାଇବା ସହ ନୂଆ ମୂଲ୍ୟ ଲାଗୁ ହେବ ନାହିଁ ବୋଲି କମ୍ପାନିଗୁଡିକ ମତପ୍ରକାଶ କରିଥିଲେ। ଏପରିକି ପେଟ୍ରୋଲ ଓ ଡିଜେଲ ଦରର ୪୦-୪୦ ପଇସା ହ୍ରାସ କରିବା ନେଇ ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଥିଲେ। ଯାହା ଖାଉଟିଙ୍କ ପାଇଁ ବଡ ଆଶ୍ୱସ୍ତି କର ଥିଲା।

# ଅକ୍ଟୋବରରେ ୧.୫୧ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

- ୨୦୨୨ ଏପ୍ରିଲ ପରେ ଦ୍ୱିତୀୟ ସର୍ବାଧିକ ଜିଏସ୍‌ଟି ଆଦାୟ
- ଲଗାତର ୯ ମାସ ଧରି ମାସିକ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧.୪ ଲକ୍ଷ କୋଟି ଟଙ୍କାରୁ ଅଧିକ
- ୨ୟ ଥର ପାଇଁ ମାସିକ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ୧.୫ ଲକ୍ଷ କୋଟି



**ନୂଆଦିଲ୍ଲୀ,୧।୧୧**

ଚଳିତ ବର୍ଷ ଅକ୍ଟୋବରରେ ରେକର୍ଡ ପରିମାଣର ଟିକସ ଆଦାୟ ହୋଇଥିବା ଜଣାପଡ଼ିଛି। ଏପରିକି ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୧.୫୧ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅକ୍ଟୋବରରେ ମୋଟ ୧,୫୧,୭୧୮କୋଟି ଟଙ୍କାର ଟିକସ ସଂଗ୍ରହ ହୋଇଥିବା ବେଳେ ଏହା ଏପର୍ଯ୍ୟନ୍ତର ୨ୟ ସର୍ବାଧିକ ଜିଏସ୍‌ଟି ସଂଗ୍ରହ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ୨୦୨୨ ଏପ୍ରିଲରେ ସବୁଠୁ ଅଧିକ ଜିଏସ୍‌ଟି ସଂଗ୍ରହ ହୋଇଥିବାର ରେକର୍ଡ ରହିଛି। ତେବେ ଅକ୍ଟୋବରରେ ୧୬.୬% ବୃଦ୍ଧି ହୋଇ ୧.୫୧ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଲଗାତର ୮ମ ଥର ପାଇଁ ଜିଏସଟି କଲେକ୍ସନ ୧.୪ଲକ୍ଷ କୋଟି ଟଙ୍କା ପାରକରିଛି, ଯାହା ସରକାରଙ୍କ ଲାଗି ବାସ୍ତବିକ ଆଶ୍ୱସ୍ତିକର ବୋଲି କୁହାଯାଉଛି। ଚଳିତ ବର୍ଷ ଅକ୍ଟୋବରରେ ସଂଗୃହୀତ ମୋଟ ଜିଏସଟିରୁ ୨୬,୦୩୯କୋଟି ଟଙ୍କା ସିଜିଏସଟି ବାବଦକୁ ଆଦାୟ ହୋଇଥିବା ବେଳେ ଏସଜିଏସଟିରେ ୩୩,୩୯୬ କୋଟି ଟଙ୍କା, ଆଇଜିଏସଟିରେ ୮୧,୭୭୮ କୋଟି ଟଙ୍କା ଆଦାୟ ହୋଇଛି। ଏଥିରେ ରପ୍ତାନି ସାମଗ୍ରୀ (ଇମ୍ପୋର୍ଟ ଗୁଡ୍‌ସ) ବାବଦରେ ୩୭,୨୯୭ କୋଟି ଟଙ୍କା ମିଳିଥିବା ବେଳେ ୧୦,୫୦୫ ସେସ୍ ବାବଦକୁ ଆଦାୟ ହୋଇଛି। ଅପରପକ୍ଷରେ ଦେଶରେ ସାମଗ୍ରୀ ଓ ସେବା କର ଲାଗୁ ହେବା ପରଠାରୁ ରାଜକୋଷକୁ ପ୍ରତି ମାସରେ ଲକ୍ଷାଧିକ ଟଙ୍କାର ଶୁଳ୍କ ଆମଦାନୀ ହେଉଛି। ୨୦୨୨ ସେପ୍ଟେମ୍ବରରେ ମୋଟ୍ ୮.୩ କୋଟି ଇ-ୱେ ବିଲ୍ ପ୍ରସ୍ତୁତ ହୋଇଥିଲା, ଯାହାକି ୨୦୨୨ ଅଗଷ୍ଟରେ ପ୍ରସ୍ତୁତ ହୋଇଥିବା ୭.୭ କୋଟି ଇ-ୱେ ବିଲ୍‌ଠାରୁ ଉଲ୍ଲେଖନୀୟ ଭାବେ ଅଧିକ ରହିଛି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରେ ୨୦୨୨ ଅକ୍ଟୋବରରେ ୩,୭୬୯ କୋଟି ଟଙ୍କାର ଜିଏସଟି ରାଜସ୍ୱ ସଂଗୃହୀତ ହୋଇଛି। ଗତବର୍ଷ ସମାନ ମାସ ତୁଳନାରେ ରାଜ୍ୟରେ ଜିଏସଟି ସଂଗ୍ରହ ୫% ପ୍ରତିଶତ ବୃଦ୍ଧି ପାଇଛି। ଅକ୍ଟୋବର ୨୦୨୧ରେ ଓଡ଼ିଶାରୁ ୩,୫୯୩ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଥିଲା।

# ବାଇକ୍ ଶୋରୁମ୍' ଉଦ୍‌ଘାଟିତ



**ଭଦ୍ରକ ଅଫିସ, ୧।୧୧**

ଭଦ୍ରକ ମୋଟେଲ ଛକ ନିକଟରେ ପିଏନ୍ ଗ୍ରୁପ ଦ୍ୱାରା ଜାଭା ଏବଂ ଏସ୍‌ଦି ମୋଟର ସାଇକେଲର ଏକ ଶୋରୁମ୍' ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପିଏନ୍ ଗ୍ରୁପର ମୁଖ୍ୟ ଶେଖର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମୟ ଏବଂ ଚାହିଦାକୁ ନେଇ ଦେଶର ସର୍ବପୁରାତନ ଜାଭା ଏବଂ ଏସ୍‌ଦି କମ୍ପାନୀ ଦ୍ୱାରା ପ୍ରସ୍ତୁତ ବାଇକ୍ ଯୁବପିଢ଼ିଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିବ ବୋଲି ଶେଖର କହିଥିଲେ। ପିଏନ୍ ଗ୍ରୁପର କିଶୋର ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସୀତାଂଶୁ ଶେଖର ମହାପାତ୍ର, ହିମାଂଶୁ ମହାପାତ୍ର, ଦୀପାଂଶୁ ମହାପାତ୍ର, ପ୍ରବୀର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଆଜିଓରେ ନୂତନ ବ୍ରାଣ୍ଡ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧।୧୧**

ରିଲାଏନ୍ସ ରିଟେଲ୍‌ର ଇ-କମର୍ସ ପ୍ଲାଟଫର୍ମ 'ଆଜିଓ ବିଜ୍‌ନେସ' ପକ୍ଷରୁ ଏକ ନୂତନ ବ୍ରାଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଅନ୍ତଃରାଷ୍ଟ୍ରୀୟ କମ୍ପାନୀ ଆଥଲେସିଓର ବ୍ରାଣ୍ଡ୍ ଆକ୍ସଲରେଟ କମ୍ପାନୀର ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି। ଏପରିକି ଉକ୍ତ ବ୍ରାଣ୍ଡ୍ କ୍ରୀଡ଼ା ଓ ଫିଟନେସ୍ ଉତ୍ସାହୀମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତାଗୁଡ଼ିକୁ ପୂରଣ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଭାରତୀୟ କ୍ରିକେଟ ଦଳର ଯୁବ ଅଲ-ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ମଧ କମ୍ପାନୀ ତା'ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଯେଉଁମାନେ ସେମାନଙ୍କର ଫିଟନେସ୍ ଯାତ୍ରାରେ ଷ୍ଟାଇଲ୍ ଓ ଆରାମକୁ ଅଧିକ ଚାହିଁଥାନ୍ତି। ସେମାନେ ଆକ୍ସଲରେଟର ଉତ୍ପାଦଗୁଡ଼ିକୁ ପସନ୍ଦ କରିଥାନ୍ତି। ସେହିପରି ଆକ୍ସଲରେଟ ଦ୍ୱାରା ପ୍ରଦାନ କରାଯାଉଥିବା ସମଗ୍ର ରେଞ୍ଜର କ୍ରୀଡ଼ା ସାମଗ୍ରୀଗୁଡ଼ିକ ଉପରେ କିଛି ନା କିଛି ଅଫର ମଧ ଉପଲବ୍ଧ କରାଉଛି। ଉଲ୍ଲେଖଯୋଗ୍ୟ ଯେ ବ୍ରାଣ୍ଡ୍‌ର ସ୍ପୋର୍ଟସ ସୁଜ୍, ଆଥଲେଟିକ୍ ଆଣ୍ଡ ଲାଇଫଷ୍ଟାଇଲ୍ ଫୁଟୱେୟର ସହ ଆପାରେଲ୍‌ରେ ମଧ ଟ୍ରାକ୍ ପ୍ୟାଣ୍ଟ, ଟି-ଶାର୍ଟ, ସର୍ଟସ ଓ ଅନ୍ୟାନ୍ୟ ଆସେସୋରିଜ୍ ଅନ୍ତର୍ଭୁକ୍ତ ରହିଛି। ଆକ୍ସଲରେଟ ଉତ୍ପାଦଗୁଡ଼ିକ ସ୍ୱତନ୍ତ୍ର ଭାବେ ଆଜିଓ ବିଜ୍‌ନେସ ପ୍ଲାଟଫର୍ମରେ ଉପଲବ୍ଧ।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍‌ର ପ୍ରେସିଡେଣ୍ଟ ଓ ସିଇଓ (ଫେଶନ ଓ ଲାଇଫଷ୍ଟାଇଲ୍) ଅଖିଳେଶ ପ୍ରସାଦ କହିଛନ୍ତି, ଆକ୍ସଲରେଟ ନିଶ୍ଚିତ ଭାବେ ମୂଲ୍ୟ ପ୍ରତି ସଚେତନ ଥିବା ଗ୍ରାହକମାନଙ୍କୁ ଉନ୍ନତ ଓ ସୁଲଭ ମୂଲ୍ୟ ଯୁକ୍ତ ଉତ୍ପାଦ ମାଧ୍ୟମରେ ଆନନ୍ଦ ପ୍ରଦାନ କରିବ। ସେହିଭଳି ଆମର ବ୍ରାଣ୍ଡ୍ ଆମ୍ବାସାଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିବନ୍ଧକକୁ ଖାତିର ନକରି ଜୀବନରେ ଆଗକୁ ବଢ଼ିବା ପାଇଁ ଯୁବକମାନଙ୍କୁ ପ୍ରେରଣା ପ୍ରଦାନ କରିଥାନ୍ତି। ବିଶେଷ କରି ଆମର କ୍ୟାମ୍ପେନ 'ଡୋଣ୍ଟ ବ୍ରେକ୍,ଆକ୍ସଲରେଟ' ଯୁବକମାନଙ୍କର ଉତ୍ସାହ ଓ ଆଗ୍ରହକୁ ଦର୍ଶାଇଥାଏ। ଯେଉଁମାନେ କଦାପି ହାର ନ ମାନିବାର ଆଭିମୁଖ୍ୟ ସହ କାର୍ଯ୍ୟ କରିଥାନ୍ତି।

# ଶ୍ରୀଦୁର୍ଗା ପକ୍ଷରୁ ମେଗା ଲକି ଡ୍ର ବିଜେତାଙ୍କ ନାମ ଘୋଷଣା

## ୭୩ ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ଉପହାର




**ନୂଆଦିଲ୍ଲୀ,୧।୧୧**

ରାଜ୍ୟର ପ୍ରମୁଖ ତଥା ବ୍ରହ୍ମପୁରର ସର୍ବବୃହତ୍ ଶାଢ଼ି ଏବଂ ଗାର୍ମେଣ୍ଟସ୍ ପ୍ରତିଷ୍ଠାନ 'ଶ୍ରୀଦୁର୍ଗା' ଫ୍ୟାମିଲି ଷ୍ଟୋର ପକ୍ଷରୁ ମେଗା ଲକି ଡ୍ର'ର ବିଜେତା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରହ୍ମପୁରସ୍ଥିତ ସ୍ଥାନୀୟ ଶୁଭମ୍ ସେଲିବ୍ରେସନ୍ସଠାରେ ଷ୍ଟୋର ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେଗା ଲକି ଡ୍ର'ର ବିଜେତାମାନଙ୍କୁ ସମ୍ମାନିତ ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଗଞ୍ଜାମ ଚାମ୍ବର ଅଫ୍ କମର୍ସର ସଭାପତି ଇପାରି ଶିବପ୍ରସାଦ ରାଓ, ସମ୍ପାଦକ ଭି.ସନ୍ତୋଷ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲକି ଡ୍ର'ର ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ସୋମପେଟା ସହରର ଅଚ୍ୟୁତ ଚୌଧୁରୀ ପ୍ରଥମ ଭାଗ୍ୟଶାଳୀ ବିଜେତା ଭାବେ ସ୍କୁଟର ଜିତିଥିବା ବେଳେ ୬ ଜଣ ରେଫ୍ରିଜରେଟର, ୬ ଜଣ ୱାଶିଂ ମେଶିନ ଏବଂ ୬୦ ଜଣ ଇଣ୍ଡକ୍ସନ କୁକର ଜିତିବାର ସୁଯୋଗ ମଧ ପାଇଛନ୍ତି। ସର୍ବମୋଟ ୭୩ ଜଣ ଭାଗ୍ୟଶାଳୀ ବିଜେତା ଲକି ଡ୍ର ଜରିଆରେ ଉପହାର ଜିତିଛନ୍ତି। ସୂଚନାଯୋଗ୍ୟ ଯେ ଶାରଦୀୟ ପୂଜା ଅବସରରେ ଆରମ୍ଭ ହୋଇଥିବା 'ଯେତେ କିଣିବେ ସେତେ ଜିତିବେ' ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଉକ୍ତ ଅଫର୍ ଚଳିତ ବର୍ଷ ସେପ୍ଟେମ୍ବର ୩ ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ 'ଶ୍ରୀଦୁର୍ଗା'ର ସମସ୍ତ ଷ୍ଟୋରରେ ଜାରି ରହିଥିଲା। ଯେଉଁଥିରେ ପ୍ରତ୍ୟେକ ୯୯୯ ଟଙ୍କାର କ୍ରୟ ଉପରେ ଗ୍ରାହକଙ୍କୁ ଲକି ଡ୍ର' କୁପନ ପ୍ରଦାନ କରାଯାଇଥିଲା। ମେଗା ଲକି ଡ୍ର ବ୍ୟତୀତ ସାପ୍ତାହିକ ଲକି ଡ୍ର'ରେ ମୋଟ ୧୨ ଜଣ ଭାଗ୍ୟଶାଳୀ ବିଜେତା ୱେଟ ଗ୍ରାଇଣ୍ଡର ଜିତିଥିଲେ। ଏହି କ୍ରମରେ ଚଳିତ ବିବାହ ଋତୁ ପାଇଁ ମଧ ଷ୍ଟୋର ପକ୍ଷରୁ ଆସନ୍ତା ୪ ମାସ ପର୍ଯ୍ୟନ୍ତ 'ବାଏ ଏବଂ ଫ୍ଲାଏ' ଅଫର ସମ୍ପର୍କରେ ଶ୍ରୀଦୁର୍ଗା ଫ୍ୟାମିଲି ଷ୍ଟୋରର ମୁଖ୍ୟ ଦର୍ଶନ କୁମାର ଘୋଷଣା କରିଛନ୍ତି।

# ବେଦାନ୍ତ ଝାରସୁଗୁଡ଼ା ପକ୍ଷରୁ ସଚେତନତା ଅଭିଯାନ

**ଭୁବନେଶ୍ୱର,୧।୧୧**

ବିଶ୍ୱ ହାତଧୁଆ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀର କାର୍ଯ୍ୟପରିସର ନିକଟବର୍ତ୍ତୀ ଅଞ୍ଚଳଗୁଡିକରେ ଦୀର୍ଘ ଏକ ସପ୍ତାହ ବ୍ୟାପୀ ଏହି ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ବିଶେଷ କରି ହାତଧୁଆ ବା ଉକ୍ତ ଦିବସ ସମ୍ପର୍କରେ ବ୍ୟାପକ ସଚେତନତାର ବାର୍ତ୍ତା ମଧ ପ୍ରଚାର-ପ୍ରସାର କରାଯାଇଥିଲା। ସେହିଭଳି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଉପଯୁକ୍ତ ଭାବେ ହାତ ଧୋଇବା ଓ ସ୍ୱଚ୍ଛତା ଅଭ୍ୟାସ ପାଳନ କରିବା ଉପରେ ମଧ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିପରି ସ୍ଥାନୀୟ ଗୋଷ୍ଠୀକୁ ସଚେତନ ପାଇଁ ଏକ ସପ୍ତାହ ବ୍ୟାପୀ ଉକ୍ତ ଅଭିଯାନର ଆୟୋଜନ କରାଯାଇଥିଲା। ଉକ୍ତ ଅଭିଯାନରେ ଝାରସୁଗୁଡ଼ାର ୨୮ଟି ଗ୍ରାମର ଗ୍ରାମବାସୀ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ଅନ୍ୟାନ୍ୟ ଗୋଷ୍ଠୀର ପ୍ରାୟ ୧୬୦୦ ଲୋକଙ୍କ ପାଖରେ ଏହି ବାର୍ତ୍ତା ଉପସ୍ଥାପନ କରାଯାଇଥିଲା। ଉକ୍ତ ଅଭିଯାନର ଏକ ଅଂଶ ଭାବେ କମ୍ପାନୀର ଭ୍ରାମ୍ୟମାଣ ହେଲଥ ୟୁନିଟ ସହାୟତାରେ ସାବୁନ ଓ ପାଣି ଦ୍ୱାରା ଗ୍ରାମବାସୀ ଓ ଅନ୍ୟମାନଙ୍କୁ ମଧ ହାତ ଧୋଇବାର ୬ଟି ସୋପାନ ବିଷୟରେ ସ୍ୱାସ୍ଥ୍ୟକର୍ମୀମାନେ ଅବଗତ କରାଇଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ବେଦାନ୍ତ ଲି଼,ଝାରସୁଗୁଡ଼ା) ସୁନୀଲ ଗୁପ୍ତା କହିଛନ୍ତି, ବିଶ୍ୱ ହାତଧୁଆ ଦିବସ ଅବସରରେ ଆମ ଅଞ୍ଚଳର ଲୋକମାନଙ୍କୁ ମୌଳିକ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ସମ୍ପର୍କରେ ଏକ ବାର୍ତ୍ତା ଦେଉଛି। ଆମେ ଆଶା କରୁ ଯେ ଆମ ଅଞ୍ଚଳର ଲୋକମାନେ ଏହି ମହତ୍ତ୍ୱକୁ ଉପଲବ୍ଧ କରିବେ। ଆମର ସ୍ୱାସ୍ଥ୍ୟ ଶିବିର, ମୋବାଇଲ ହେଲଥ ୟୁନିଟ, ଆମ୍ବୁଲାନସ ସେବା ଇତ୍ୟାଦି ମାଧ୍ୟମରେ ସୁବିଧା ସୁଯୋଗରୁ ବଞ୍ଚିତ ଲୋକମାନେ ନିଶ୍ଚିତ ସହାୟତା ପାଇପାରିବେ।

## ଫୁରସତ୍

# ମାଙ୍କଡ଼ ପାଇଁ ଚିନ୍ତାରେ ମଦ ଦୋକାନୀ

### ଲୋକଙ୍କ ବୋତଲ ଛଡ଼ାଇ ନେଉଛି



**ଲକ୍ଷ୍ନୌ**

ଉତ୍ତର ପ୍ରଦେଶ ରାଇ ବରେଲିରେ ଗୋଟିଏ ମାଙ୍କଡ଼ ସ୍ଥାନୀୟ ମଦ ଦୋକାନୀଙ୍କ ଚିନ୍ତା ପାଲଟିଯାଇଛି, ଯାହାକୁ ନେଇ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏ ନେଇ ବନ ବିଭାଗରେ ଅଭିଯୋଗ ହୋଇଥିଲେ ହେଁ ମଦୁଆ ମାଙ୍କଡ଼କୁ ଧରିବାରେ ବିଭାଗ ଅସଫଳ ହୋଇଛି। ତେବେ ମାଙ୍କଡ଼କୁ ଧରିବା ପାଇଁ ବିଭାଗ ପକ୍ଷରୁ ସବୁ ପ୍ରକାର ପ୍ରଚେଷ୍ଟା ଚାଲିଥିବା ଅବକାରୀ ବିଭାଗ ଅଫିସର ପ୍ରତାପ ସିଂ କହିଛନ୍ତି। ନୀୟମିତ ଭାବେ ମଦ ପିଉଥିବା ଏହି ମାଙ୍କଡ଼ ଲୋକଙ୍କଠାରୁ ମଦ ବୋତଲ ଛଡ଼ାଇ ନେଇଯାଉଥିବାବେଳେ ମଦ ପାଇଁ ଦୋକାନ ଭାଙ୍ଗି ମଦ ନେଇଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଯେ କୌଣସି ବ୍ୟକ୍ତି ଯଦି ଉକ୍ତ ମାଙ୍କଡ଼କୁ ମଦ ନେବାରୁ ବାରଣ କରୁଛନ୍ତି ତେବେ ମାଙ୍କଡ଼ ତାଙ୍କ ଉପରକୁ ଆକ୍ରମଣ କରିବାକୁ ପଛାଉ ନାହିଁ।

ଅଳ୍ପଦିନ ପୂର୍ବେ ସମାନ ପ୍ରକାର ଘଟଣା ଉତ୍ତର ପ୍ରଦେଶର କାନପୁରରୁ ଆସିଥିଲା। ଗୋଟିଏ ମାଙ୍କଡ଼ ନୀୟମିତ ଭାବେ ପ୍ରତ୍ୟେକ ଦିନ ଗୋଟିଏ ଦୋକାନକୁ ଯାଇ ମଦ ପିଏ। ଜଣେ ଗାହକ ପ୍ରତ୍ୟେକ ଦିନ ମାଙ୍କଡ଼ ପାଇଁ ମଦ କିଣୁଥିଲେ। ସବୁଦିନ ମଦ ପିଇବା ପରେ ମାଙ୍କଡ଼ଟି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲା। ପ୍ରତିଦିନ ମଦ ପିଇବା ଯୋଗୁ ଯକୃତ ରୋଗରେ ଆକ୍ରାନ୍ତ ହେବା ପରେ ତା'ର ମୃତ୍ୟୁ ହୋଇଯାଇଥିଲା।

# ପ୍ରିୟଙ୍କାଙ୍କ ଭାରତ ବାହୁଡ଼ାକୁ ନେଇ ଚର୍ଚ୍ଚା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସଙ୍କ ଭାରତ ଫେରିବାକୁ ନେଇ ସିନେପ୍ରେମୀଙ୍କ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୩ ବର୍ଷ ପରେ ପ୍ରିୟଙ୍କା ଭାରତ ଫେରିଛନ୍ତି। ଏ ନେଇ ସେ ଉତ୍ସାହିତ ଥିବା ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଜଣାଇଥିଲେ। ମଙ୍ଗଳବାର ସକାଳେ ପ୍ରିୟଙ୍କା ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କର ବହୁ ପ୍ରଶଂସକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନିଜ ଫ୍ୟାନ୍ସଙ୍କୁ ନୂଆ ଫିଲ୍ମ ଭେଟି ଦେବା ଲାଗି ପ୍ରିୟଙ୍କା ଭାରତ ଆସିଥିବା ଆଲୋଚନା ହେଉଛି। ଏଥିସହ ଆଗାମୀ ପ୍ରୋଜେକ୍ଟ ବାବଦରେ ପ୍ରିୟଙ୍କା ଫିଲ୍ମ ନିର୍ଦ୍ଦେଶକ ସଞ୍ଜୟ ଲିଲାଭଂସାଲି ଏବଂ ବିଶାଳ ଭରଦ୍ୱାଜ୍‌ଙ୍କୁ ଭେଟିବାକୁ ଯିବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। କିନ୍ତୁ ଏ ନେଇ ପ୍ରିୟଙ୍କା ନିଜର କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଫିଲ୍ମ 'ସାତ୍ ଖୁନ୍ ମାଫ୍' ଓ 'କମିନେ' ରେ ପ୍ରିୟଙ୍କାହ ବିଶାଳଙ୍କ ସହ କାମ କରିସାରିଥିବାବେଳେ 'ଗୋଲିଓକି ରାସ୍ ଲିଲା ରାମ-ଲିଲା'ରେ ସଞ୍ଜୟ ଲିଲା ଭଂସାଲିଙ୍କ ସହ ମଧ ପ୍ରିୟଙ୍କା କାମ କରିସାରିଛନ୍ତି। ପ୍ରିୟଙ୍କା ଏବେ ବଲିଉଡ୍ ବ୍ୟତୀତ ହଲିଉଡ୍‌ରେ ବେଶ୍ ସକ୍ରିୟ। ଶେଷଥର ପାଇଁ ପ୍ରିୟଙ୍କା ନେଟ୍‌ଫ୍ଲିକ୍ସରେ ପ୍ରସାରିତ ଫିଲ୍ମ 'ହ୍ୱାଇଟ୍ ଟାଇଗର'ରେ ଦେଖାଯାଇଥିଲେ। ଏଥିରେ ପ୍ରିୟଙ୍କାଙ୍କ ସହ ରାଜକୁମାର ରାଓ ମଧ ସ୍କ୍ରିନ୍ ଶେୟାର କରିଥିଲେ।

# କବାଟର ରଙ୍ଗ ପାଇଁ ୧୯ ଲକ୍ଷ ଫାଇନ୍



**ଇଡେନବର୍ଗ**

ସ୍କଟଲାଣ୍ଡ ଇଡେନବର୍ଗର ଜଣେ ମହିଳା ତାଙ୍କ ଘର ମୁଖ୍ୟ କବାଟର ରଙ୍ଗ ଗୋଲାପୀ କରିଥିବାରୁ ସେଠାକାର ସରକାର ତାଙ୍କ ଉପରେ ୧୯ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ୪୮ ବର୍ଷୀୟା ମିରାଣ୍ଡା ଡିକ୍‌ସନ୍ ଇଡେନବର୍ଗର ନ୍ୟୁ ଟାଉନ୍ ଏରିଆରେ ରୁହନ୍ତି। ଗତବର୍ଷ ଘରର ମରାମତି ସମୟରେ ସେ ମୁଖ୍ୟ କବାଟ ଗୋଲାପୀ ରଙ୍ଗ କରିଥିଲେ। କିନ୍ତୁ ସିଟି କାଉନ୍‌ସିଲ ତୁରନ୍ତ କବାଟର ରଙ୍ଗ ବଦଳାଇ ଧଳା କରିବାକୁ ନୋଟିସ୍ ଜାରି କରିଛି। ମିରାଣ୍ଡା ଯଦି ନୋଟିସ୍ ଅନୁସାରେ କାର୍ଯ୍ୟ ନ କରନ୍ତି ତେବେ ତାଙ୍କୁ ଜରିମାନା ବାବଦକୁ ୧୯ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଘରର କବାଟକୁ ମାରାଣ୍ଡା ବର୍ତ୍ତମାନ ଡାର୍କ ରେଡ୍ ରଙ୍ଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଘରକୁ ଫେରିବା ବେଳେ କବାଟର ଗୋଲାପୀ ରଙ୍ଗ ଦେଖିବା ପରେ ମନରେ ଖୁସି ଭାବ ଜାତ ହେଉଥିବା ମିରାଣ୍ଡା କହିଛନ୍ତି। ମିରାଣ୍ଡାଙ୍କ କବାଟର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ବ୍ରିଟେନ ସହରଗୁଡ଼ିକରେ ଲୋକ ସେମାନଙ୍କ ଘରର ମୁଖ୍ୟ ଫାଟକକୁ ଅତି ଉଜ୍ଜ୍ୱଳ ରଙ୍ଗ ଦେଇଥାନ୍ତି। ସେହିପରି ଜର୍ଜିଆ ଲୋକମାନେ ସେମାନଙ୍କ ଘର କବାଟ, ଝରକାକୁ ଗାଲାପୀ ରଙ୍ଗ ଦେଇଥାନ୍ତି। କାରଣ ସେଠାରେ ଅଧିକାଂଶ ଲୋକ ଏହି କଲର୍‌କୁ ପସନ୍ଦ କରୁଥିବା ମିରାଣ୍ଡା କହିଛନ୍ତି। ଇଡେନବର୍ଗ କଉନ୍ସିଲ ନିୟମ ଅନୁସାରେ ଘରର ମୁଖ୍ୟ ଫାଟକର ରଙ୍ଗ ଧଳା କିମ୍ବା ହାଲୁକା ରଙ୍ଗ ହେବା ଆବଶ୍ୟକ।

# ଇ-ମେଲ୍ ଯୋଗେ କ୍ଷମା ମାଗିଲେ ଚୋର




**କେପ୍‌ଟାଉନ୍**

ପ୍ରତ୍ୟେକ ଦିନ ଅଜବ ଘଟଣା ସବୁ ଖବରକାଗଜ ହେଉ ଅବା ନ୍ୟୁଜ୍ ଚ୍ୟାନେଲରେ ପ୍ରସାରିତ ହେଉଛି। ସାମାଜିକ ଗଣମାଧ୍ୟମରେ ଅସଂଖ୍ୟ ଘଟଣାବଳୀ ଶେୟାର ମଧ ହେଉଛି। ନିକଟରେ ଦକ୍ଷିଣ ଆଫ୍ରିକାରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ଚୋର ଲାପ୍‌ଟପ୍ ଚୋରି କରିବା ପରେ ମେଲ୍ ଜରିଆରେ ଲାପ୍‌ଟପ ମାଲିକଙ୍କୁ କ୍ଷମା ମାଗିବା ସହ ସଥିରେ ଥିବା ରିସର୍ଚ୍ଚ ପେପରର ଆଟାଚ୍‌ମେଣ୍ଟକୁ ମଧ ମେଲ୍ କରିଛନ୍ତି। ଉକ୍ତ ମେଲ୍‌ର ସ୍କ୍ରିନ୍ ସଟ୍ ଲ୍ୟାପ୍‌ଟପ୍ ମାଲିକ ଗୁଲୁଭା ଟୁଇଟରରେ ଶେୟାର କରିଛନ୍ତି। ଲାପ୍‌ଟପ୍ ଚୋରି ହେବା ପରେ ମନ ଦୁଃଖ ଥିବା ଗୁଲୁଭା ଚୋର ନିକଟରୁ ମେଲ୍ ଆସିବା ପରେ ସାମାନ୍ୟ ଆଶ୍ୱସ୍ତ ହୋଇଥିବା କ୍ୟାପ୍‌ଶନ୍ ଜରିଆରେ ଲେଖିଛନ୍ତି। ରିସର୍ଚ୍ଚ କାମରେ ଗୁଲୁଭା ବ୍ୟସ୍ତ ଥିଲେ ହେଁ ଚୋର ଜଣକ ନିଜ ଆବଶ୍ୟକତା ପୂରଣ କରିବା ଲାଗି ବାଧ ହୋଇ ଚୋରି କରିଥିବା ମେଲ୍‌ରେ ଲେଖିଥିବା ଜଣାପଡ଼ିଛି। ଯଦି ରିସର୍ଚ୍ଚ ପେପର ସମ୍ବନ୍ଧୀୟ ଆଉ କୌଣସି ତଥ୍ୟ ଆବଶ୍ୟକ ତେବେ ସୋମବାର ମଧ୍ୟାହ୍ନ ପୂର୍ବରୁ ତାଙ୍କୁ ମେଲ୍ କରିବାକୁ ଚୋର ଜଣକ କହିଛନ୍ତି। ମେଲ୍‌ର ରିପ୍ଲାଏ ଦେଇ ଗୁଭୁଲା ୨୨, ୫୪୯ ଟଙ୍କା ଦେଇ ଲାପ୍‌ଟପ୍ ନେଇଆସିବାକୁ ଚୋରକୁ ପ୍ରସ୍ତାବ ଦେଇଛନ୍ତି। ଏଥିସହ ଘଟଣା ସମ୍ପର୍କରେ ଗୁଲୁଭା ପୋଲିସକୁ ଜଣାଇବେ ନାହିଁ ବୋଲି ମଧ କହିଛନ୍ତି।

# ସ୍ମାର୍ଟକେମ୍ କମ୍ପାନୀ କାର୍ଯ୍ୟକୁ ବିରୋଧ ଜାରି

## ପୁଣି ଗ୍ରାମବାସୀ-ପୋଲିସ ଧସ୍ତାଧସ୍ତି, ୬ରୁ ଊର୍ଦ୍ଧ୍ୱ ଆହତ

**ଛତ୍ରପୁର,୧।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ କାଳିପଲ୍ଲୀ ଗ୍ରାମ ନିକଟରେ ଟାଟା କମ୍ପାନୀର ଇଣ୍ଡଷ୍ଟ୍ରିଆଲ ପାର୍କପରିସରରେ ସ୍ମାର୍ଟକେମ୍ ଟେକ୍ନୋଲୋଜି ନାମକ ଏକ କାରଖାନା ନିର୍ମାଣକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି। ପ୍ରକଳ୍ପ ସ୍ଥଳରେ ସୋମବାର ଭଳି ମଙ୍ଗଳବାର ମଧ୍ୟ ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏଥିରେ ଉଭୟ ପକ୍ଷରୁ ୬ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଠାରେ ଏହି ବିଷାକ୍ତ ପ୍ରକଳ୍ପ ବନ୍ଦ କରି ଅନ୍ୟ କିଛି ଶିଳ୍ପ କାରଖାନା କରାଯାଉ ବୋଲି କାଳିପଲ୍ଲୀ ପଞ୍ଚାୟତବାସୀ ଜିଦ୍ ଧରି ଆନ୍ଦୋଳନ ଜାରି ରଖିଛନ୍ତି।

ପୂର୍ବରୁ ବିରୋଧ ଯୋଗୁ ସ୍ମାର୍ଟକେମ୍ ପ୍ରକଳ୍ପ କାମ ବନ୍ଦ ରହିଥିଲା। ପରେ କମ୍ପାନୀ କୋର୍ଟଙ୍କ ନିୟମ ମୁତାବକ ପୋଲିସ ଫୋର୍ସ ଉପସ୍ଥିତିରେ ପୁଣି କାମ ଆରମ୍ଭ କରିଥିଲା। ଏହାକୁ ବିରୋଧ କରିବାରୁ ପୋଲିସ-ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମଙ୍ଗଳବାର ଗ୍ରାମବାସୀ ଏକ ବୈଠକରେ ଏ ସମ୍ପର୍କରେ ଆଲୋଚନା କରିବା ପରେ ପ୍ରକଳ୍ପସ୍ଥଳକୁ ଯାଇ ଧସେଇ ପଶିଥିଲେ। ସେଠାରେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଗ୍ରାମ ନିକଟରେ ଏହି ବିଷାକ୍ତ କମ୍ପାନୀ ହେଲେ ଲୋକେ ବିଭିନ୍ନ ରୋଗରେ ପଡ଼ିବେ। ଏପରି କି କମ୍ପାନୀ ନିର୍ମାଣ ନେଇ କୌଣସି ଜନଶୁଣାଣି ମଧ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି।



ପ୍ରକଳ୍ପ ସ୍ଥଳରେ ପୋଲିସ ଗ୍ରାମବାସୀଙ୍କୁ ଅଟକାଉଛି।

### ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ

ସ୍ମାର୍ଟକେମ୍ କମ୍ପାନୀ ପ୍ରକଳ୍ପ ବିରୋଧରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ ହୋଇଥିବା ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ଜନଶୁଣାଣି କରାଯାଇନି। ଭୁଲ୍ ତଥ୍ୟ ଦେଇ ଏହାକୁ ଏନ୍ଓସି ଦିଆଯାଇଥିବା ଉକ୍ତ ପିଟିଶନରେ ଦର୍ଶାଯାଇଛି। ଉକ୍ତ ମାମଲାରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ସଚିବ, ମିନିଷ୍ଟ୍ରି ଅଫ୍ କମ୍ପାନୀ ରେଜିଷ୍ଟ୍ରେଶନ ସଚିବ, ଚେୟାରମ୍ୟାନ୍ କେନ୍ଦ୍ର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଗଞ୍ଜାମ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଉକ୍ତ ମାମଲାକୁ ଓକିଲ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି।

# ଜାତୀୟ ରାଜପଥ, ରାଜ୍ୟ ରାଜପଥରେ କଡ଼ାକଡ଼ି ହେବ ଯାଞ୍ଚ

**ଦୁର୍ଘଟଣା ରୋକିବା ପ୍ରୟାସ**

- ଆରମ୍ଭ ହେଲା ୨ ମାସିଆ ସ୍ୱତନ୍ତ୍ର ଡ୍ରାଇଭ
- ବିନା ହେଲ୍ମେଟ, ସିଟ୍ବେଲ୍ଟ, ମୋବାଇଲ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ସଡ଼କ ଦୁର୍ଘଟଣା ଘଟୁଛି। ରାଜ୍ୟ ପରିବହନ ବିଭାଗ ପରିସଂଖ୍ୟାନର ୧ ମାସର ବିଶ୍ଳେଷଣରୁ ଏହା ଜଣାପଡ଼ିଛି। ଏହି ମାସଗୁଡ଼ିକରେ କୁହୁଡି ଦ୍ୱାରା କମ୍ ଦୃଶ୍ୟମାନ ଯୋଗୁ ଦୁର୍ଘଟଣା ହୋଇଥାଏ। ଏହାଛଡ଼ା ବଡ଼ଦିନ ଏବଂ ନୂଆବର୍ଷ ସମେତ ରାଜ୍ୟରେ ଛୁଟି ଦିନରେ ପିକ୍ନିକ୍ ସ୍ପଟ୍ ଏବଂ ପର୍ଯ୍ୟଟନସ୍ଥଳୀକୁ ଯିବା କାରଣରୁ ରାସ୍ତାରେ ଯାନବାହନ ଚଳାଚଳ ବୃଦ୍ଧି ପାଇଥାଏ। ଏହି ସମୟରେ ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଦ୍ରୁତ ଗତିରେ ଗାଡ଼ି ଚଳାଇବା ଯୋଗୁ ଅନେକ କ୍ଷେତ୍ରରେ ଦୁର୍ଘଟଣା ଘଟି ମୃତ୍ୟୁସଂଖ୍ୟା ବଢ଼ିଯାଉଛି। ଏହାକୁ ଦୃଷ୍ଟିରେ ରଖି ନଭେମ୍ବର ପହିଲାରୁ ରାଜ୍ୟ ପରିବହନ ପ୍ରାଧିକରଣ କର୍ତ୍ତୃପକ୍ଷ (ଏସ୍ଟିଏ) ୨ ମାସର ସ୍ୱତନ୍ତ୍ର ଏନ୍ଫୋର୍ସମେଣ୍ଟ ଡ୍ରାଇଭ୍ ଆରମ୍ଭ କରିଛନ୍ତି।

ଯେଉଁମାନେ ମୋଟର ଯାନ ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିନା ହେଲ୍ମେଟ, ସିଟ୍ବେଲ୍ଟ ବିନା ଗାଡି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା, ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲର ବ୍ୟବହାର, ନାବାଳକ/ନାବାଳିକାମାନେ ଗାଡ଼ି ଚଳାଇବା, ରାସ୍ତାରେ ଗାଡ଼ି ଚାଲିବା ଯୋଗ୍ୟ କି ନାହିଁ ସେଥିପାଇଁ ଗାଡ଼ିର ଫିଟ୍ନେସ ଯାଞ୍ଚ, ଭୁଲ ପାର୍ଶ୍ୱରେ ଡ୍ରାଇଭିଂ, ବିନା ପଞ୍ଜୀକରଣରେ ଡ୍ରାଇଭିଂ ଏବଂ ବିପଦପୂର୍ଣ୍ଣ ପାର୍କିଂ ଉପରେ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ ଧ୍ୟାନ ଦେବ।

ଦୁର୍ଘଟଣାପ୍ରବଣ ଜୋନ୍, ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ପ୍ରମୁଖ ଜଙ୍କ୍ଶନ ନିକଟରେ ପୋଲିସ ସହିତ ମିଳିତ ଭାବେ ଏହି ସ୍ୱତନ୍ତ୍ର ଏନ୍ଫୋର୍ସମେଣ୍ଟ ଡ୍ରାଇଭ୍ କରାଯିବ ବୋଲି ପରିବହନ ଅତିରିକ୍ତ କମିଶନର ଲାଲମୋହନ ସେଠୀ କହିଛନ୍ତି। ଶୀତ ଋତୁରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁହାର ରୋକିବା ପାଇଁ ଯାନବାହନ ଚାଳକଙ୍କ ମଧ୍ୟରେ ଏକ ଦାୟିତ୍ୱବୋଧକ ମନୋଭାବ ସୃଷ୍ଟି କରିବା ଏହି ଡ୍ରାଇଭ୍ର ମୂଳ ଉଦ୍ଦେଶ୍ୟ। ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ଅଧିକ ଦୁର୍ଘଟଣା ଏବଂ ମୃତ୍ୟୁ ଘଟିଥିବା ଦେଖାଯାଇଛି। ତେଣୁ ଏହା କିପରି ହ୍ରାସ ପାଇବ ସେ ଦିଗରେ ଏହା ଏକ ପ୍ରୟାସ ବୋଲି ସେ କହିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଅଭିଲାଷା ଖମାରୀ
ବୁଗବୁଗା (ଗହ୍ମାଟିକ୍ରା), ବରଗଡ଼
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ଅଷ୍ଟମ ଜନ୍ମଦିନ ପାଳନରେ ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ପ୍ରିୟାଂଶା, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା, ଅଭିଜିତ୍, ସତ୍ୟଜିତ୍।
ଧ-୧୯୦୩

# ପିଜି ବଳକା ସିଟ୍ ନାମଲେଖା: ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ଖାଲିପଡ଼ିଥିବା ପିଜି ସିଟ୍ରେ ନାମଲେଖା ପାଇଁ ମଙ୍ଗଳବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେଉଁମାନେ ଏକକ ପିଜି ପ୍ରବେଶିକା ପରୀକ୍ଷା ଦେଇଥିଲେ, ସେମାନେ ହିଁ ଆବେଦନ କରିପାରିବେ। ତେବେ ଯେଉଁ ଛାତ୍ରୀଛାତ୍ରମାନେ ପ୍ରଥମ, ଦ୍ୱିତୀୟ କିମ୍ବା ସ୍ପଟ୍ ନାମଲେଖା ସମୟରେ ନାମ ଲେଖାଇ ପରବର୍ତ୍ତୀ ସମୟରେ ସିଏଲ୍ସି ବା ଯୁଏଲ୍ସି ନେଇଯାଇଛନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ ନାହିଁ। ଏଥିସହ ଛାତ୍ରୀଛାତ୍ରମାନେ ଯେଉଁ ବିଷୟରେ ଏକକ ପିଜି ପ୍ରବେଶିକା ପରୀକ୍ଷା ଦେଇଥିବେ ସେମାନେ ଅନ୍ୟ କୌଣସି ବିଷୟରେ ନାମଲେଖା ଲାଗି ଆବେଦନ କରିପାରିବେ ନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ଗାଇଡ୍ଲାଇନ ଜାରି ହୋଇଛି। ଆସନ୍ତା ୩ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ। ୪ ତାରିଖ ଅପରାହ୍ଣ ୨ଟାରେ ଆବେଦନ କରିଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷାଫଳ ସହିତ କ୍ୟାରିୟର ମାର୍କକୁ ମିଶାଇ ମୋଟ ମାର୍କର ତାଲିକା ପ୍ରକାଶ ପାଇବ। ସେହିପରି ୫ ତାରିଖରୁ ୨୧ତାରିଖ ମଧ୍ୟରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନାମଲେଖା ସମ୍ପର୍କିତ ସମସ୍ତ କାର୍ଯ୍ୟ ଶେଷ କରିବେ। ସୂଚନାଯୋଗ୍ୟ, ରାଜ୍ୟରେ ଗତ ୧୭ ତାରିଖରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇସାରିଛି।

# ମହିଳାଙ୍କୁ ହତ୍ୟା ପରେ ଗାଡ଼ିଆରେ ପୋତିଦେଲେ

## ସପ୍ତାହେ ହେଲା ନିଖୋଜ ଥିଲେ

**ବିଶୋଇ,୧।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଲୁହାକାନି ପଞ୍ଚାୟତ ଅନ୍ତର୍ଗତ କାଶୀପେଣ୍ଠ ଗ୍ରାମ ନିକଟ ବିଲ ଭିତରେ ଥିବା ଏକ ଛୋଟ ଗାଡ଼ିଆରେ ପୋତା ହୋଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତ ମହିଳା ହେଲେ ସେହି ଗ୍ରାମର ସ୍ୱର୍ଗତ ଲେଡ଼ା ସିଂଙ୍କ ଦ୍ୱିତୀୟ ସ୍ତ୍ରୀ ସଖୀ ସିଂ(୪୫)। ତାଙ୍କୁ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗତ ୨୫ତାରିଖରୁ ସଖୀ ନିଖୋଜ ଥିଲେ। ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ପାଖ ବିଲକୁ ଯାଇଥିବା ବେଳେ ସେଠାରେ ଥିବା ଏକ ଗାଡ଼ିଆରେ ମୃତଦେହ ପୋତା ହୋଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମଙ୍ଗଳବାର ସକାଳେ ରାଇରଙ୍ଗପୁର ଏସ୍ଡିପିଓ ଗୋକୁଳାନନ୍ଦ ସାହୁ ଓ ବିଶୋଇ ଥାନା ଅଧିକାରୀ ମିନି ଭୋଇ ପହଞ୍ଚି ମୃତଦେହ ଜବତ କରିଥିଲେ। ମହିଳାଙ୍କ ମୁଣ୍ଡକୁ ଏକ ଧାରୁଆ ଅସ୍ତ୍ରରେ ଆଘାତ କରାଯାଇଥିବା ଓ ତାଙ୍କ ବେକରେ ଗାମୁଛା ଗୁଡ଼ା ଯାଇଥିବା ଦେଖିବାକୁ ମିଳିଛି। ସେହିପରି ଗାଡ଼ିଆ ନିକଟରେ ଥିବା ଏକ ଚଟାଣରେ ରକ୍ତ ଛିଟା ଲାଗିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା(ନଂ. ୧୫୭/୨୨) ରୁଜୁ ହୋଇଛି। ପୋଲିସ ମୃତ ମହିଳାଙ୍କ ସାବତ ବୋହୂ ପୁଅଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି।

# ଖୋଲିଲା ଶିମିଳିପାଳ

- ଆଦିବାସୀ ନୃତ୍ୟଗୀତରେ ସ୍ୱାଗତ
- ୩୫ ଗାଡ଼ିରେ ପ୍ରବେଶ କଲେ ୧୮୮ ପର୍ଯ୍ୟଟକ

**ବାରିପଦା ଅଫିସ,୧।୧୧**

ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବମଣ୍ଡଳ ଭାବେ ପ୍ରସିଦ୍ଧିଲାଭ କରିଥିବା ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ମଙ୍ଗଳବାରଠାରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଇଛି। ବାରିପଦାର ପିଠାବଟା ଓ ଯଶିପୁରର କାଳିଆଣି ତନଖି ଫାଟକ ଦେଇ ସକାଳ ୬ଟାରୁ ପୂର୍ବାହ୍ଣ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର, ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରନ ଓ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ୍ ଗୌଡ଼ା, ରେଞ୍ଜର ଓ କର୍ମଚାରୀମାନେ ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ଉଭୟ ଗେଟ୍ ଦେଇ ମୋଟ ୩୫ଟି ଗାଡ଼ିରେ ୧୮୮ ପର୍ଯ୍ୟଟକ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ। ସେମାନଙ୍କ ମଧ୍ୟରୁ ୨୭ଜଣ ଅଣଓଡ଼ିଆ ରହିଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ପ୍ରତି ବର୍ଷ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ନିମନ୍ତେ ସାନ୍ତାଳୀ ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶ କୁଟୀର ଓ ଟ୍ରି ହାଉସ ଭଳି ବ୍ୟବସ୍ଥା କରାଯାଇଛି। ସେହିପରି ମାଟି ପାତ୍ରରେ ଚା' ସହିତ କଞ୍ଚା ଶାଳପତ୍ରରେ ଖାଦ୍ୟ ପରିଷାଯିବାର ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟ ଭିତରକୁ ପ୍ରବେଶ ଲାଗି ସାଙ୍ଗରେ ଗାଇଡ୍ ନେବା ବାଧ୍ୟତା ମୂଳକ ରହିଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି।



ଶିମିଳିପାଳ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରାଯାଉଛି।

କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କୁହନ୍ତି, ପର୍ଯ୍ୟଟକଙ୍କ ସୁବିଧାନିମନ୍ତେ ଅନ୍ଲାଇନ ପୋର୍ଟାଲ ଖୋଲାଯାଇଛି। ରହିବା, ଖାଇବା ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଅଭୟାରଣ୍ୟକୁ ପଲିଥିନମୁକ୍ତ କରିବା ପାଇଁ କାଗଜ ବ୍ୟାଗର ବ୍ୟବସ୍ଥା କରାଯାଇଛି।

# ଜେଲ ଫେରନ୍ତା ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

**ବୈଶିଙ୍ଗା, ୧।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ପଞ୍ଚାୟତର ପୁରୁଣାପାଣି ଗ୍ରାମରେ ଜେଲ ଫେରନ୍ତା ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ବୈଶାଖୀ ସିଂ(୫୫)। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌରମୋହନ ସିଂ (୬୫)ଙ୍କୁ କୋର୍ଟଚାଲାଣ କରିଛି।

ସୋମବାର ବିଳମ୍ବିତ ରାତିରେ କୌଣସି କାରଣରୁ ଗୌରମୋହନ ଏକ ଟାଙ୍ଗିଆରେ ସ୍ତ୍ରୀ ବୈଶାଖୀଙ୍କ ମୁଣ୍ଡକୁ ହାଣି ଦେଇ ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକଙ୍କଠାରୁ ଖବରପାଇ ବୈଶିଙ୍ଗା ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପରେ ଠାକୁରତୋଟା ରେଳ ଷ୍ଟେଶନରେ ଲୁଚି ରହିଥିବା ଅଭିଯୁକ୍ତ ଗୌରମୋହନଙ୍କୁ ପୋଲିସ ଗିରଫ କରିଥିଲା। ମୃତ ବୈଶାଖୀଙ୍କ ପୁଅ କମଳାକାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୩୪୧/୨୨) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉଲ୍ଲେଖଯୋଗ୍ୟ, ୨୦୦୬ରେ ବାଲେଶ୍ୱର ଜିଲା ରାଇବଣିଆ ଥାନା ପୋଲିସ ଦ୍ୱାରା ଏକ ହତ୍ୟା ମାମଲା(ନଂ.୭୪/୨୦୦୬)ରେ ଗିରଫ ହୋଇଥିବା ଗୌରମୋହନ ଜେଲରେ ସଜା କାଟୁଥିଲେ। ୪ ମାସ ତଳେ ସେ ବାଲେଶ୍ୱର ଜେଲରୁ ମୁକୁଳି ଥିଲେ।

# ୧୪ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

- ୪ ଚାକିରିରୁ ବିଦା, ୪ ଜଣଙ୍କୁ ବାଧ୍ୟତାମୂଳକ ଅବସର, ୬ ଜଣଙ୍କ ପେନ୍ସନ ବନ୍ଦ
- ୫-ଟି, ମୋ ସରକାରରୁ ମିଳିଥିବା ମତାମତରୁ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୂନ ସହନଶୀଳତା ଆଭିମୁଖ୍ୟ ପୋଷଣ କରି ଆସିଛନ୍ତି। ତଦନୁଯାୟୀ ମଙ୍ଗଳବାର ରାଜ୍ୟ ସରକାର ଆଉ ୧୪ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିରୁ ୪ ଜଣଙ୍କୁ ଚାକିରିରୁ ବିଦା କରାଯାଇଥିବା ବେଳେ ୪ ଜଣଙ୍କୁ ବାଧ୍ୟତାମୂଳକ ଅବସର ଏବଂ ଅନ୍ୟ ୬ ଜଣଙ୍କ ପେନ୍ସନ ସ୍ଥାୟୀ ଭାବେ ସ୍ଥଗିତ କରାଯାଇଛି। ୫-ଟି ଓ ମୋ ସରକାର ଉପକ୍ରମ ଜରିଆରେ ମିଳିଥିବା ମତାମତ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

କଟକ ପିଏଚ୍ଡି ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ନବକିଶୋର ସାମଲଙ୍କ ନାମରେ ଟେଣ୍ଡର ଓ ଚୁକ୍ତି ପରିଚାଳନା ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ଥିଲା। ତାଙ୍କୁ ପୂର୍ବରୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

କୋରାପୁଟ ଲମତାପୁଟ ବ୍ଲକର ପୂର୍ବତନ ସିଡିପିଓ ସ୍ୱର୍ଣ୍ଣଭା ଦାସଙ୍କୁ ଲାଞ୍ଚ ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯାଇଛି। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ପୂର୍ବତନ ବିଡିଓ ଦାମୋଦର ମହାଲିକ ଏକ ଲାଞ୍ଚ ଗ୍ରହଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତାଙ୍କୁ ଚାକିରିରୁ ବିଦା କରାଯାଇଛି। ନୟାଗଡ଼ ଖଣ୍ଡପଡ଼ା ତହସିଲର ପୂର୍ବତନ ତହସିଲଦାର ପଞ୍ଚାନନ ବାରିକ ଲାଞ୍ଚ ଗ୍ରହଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ପେନ୍ସନକୁ ସ୍ଥାୟୀ ଭାବେ ବନ୍ଦ ରଖାଯାଇଛି। ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁର ପୂର୍ବତନ ଡିଏସ୍ପି ମଳୟ କିଶୋର ନାୟକଙ୍କ ନାମରେ ଲାଞ୍ଚ ଗ୍ରହଣ ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲା ଥିଲା। ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଗଜପତି ଜିଲା ମୋହନା ବ୍ଲକ ପୂର୍ବତନ ସପ୍ଲାଇ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ପାତ୍ର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କ ପେନ୍ସନ ସରକାର ବନ୍ଦ କରିଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଜୁନିୟର ଇଞ୍ଜିନିୟର ମନୋଜ କୁମାର ବେଉରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବାରୁ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ଆସିଷ୍ଟାଣ୍ଟ ଇଞ୍ଜିନିୟର ଜୟନ୍ତ ନାରାୟଣ ପଣ୍ଡାଙ୍କୁ ଅପାରଗତା କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଢେଙ୍କାନାଳ ଆର୍ଡବ୍ଲ୍ୟୁଏସ୍ଏସ୍ ଡିଭିଜନର ପୂର୍ବତନ ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରସନ୍ନ କୁମାର ପାଣି ଅର୍ଥ ଆତ୍ମସାତ୍ ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିବାରୁ ତାଙ୍କ ପେନ୍ସନ ଓ ଗ୍ରାଚ୍ୟୁଟିକୁ ସ୍ଥଗିତ ରଖାଯାଇଛି। କୋରାପୁଟ ନନ୍ଦପୁର ବ୍ଲକ ଦାୟିତ୍ୱରେ ଥିବା ପୂର୍ବତନ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ନାୟକ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଭୁବନେଶ୍ୱର ଓବିସିସିର ପୂର୍ବତନ ସିନିୟର ମ୍ୟାନେଜର(ଟେଣ୍ଡର) ସୋମନାଥ ପଣ୍ଡା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱର ଆଇଆରସି ଭିଲେଜ ମେଣ୍ଟେନାନ୍ସ ସେକ୍ସନର ପୂର୍ବତନ ଜୁନିୟର ଇଞ୍ଜିନିୟର କୁଞ୍ଜବିହାରୀ ମହାପାତ୍ରଙ୍କ ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଗୋଟିଏ ଦୁର୍ନୀତି ମାମଲା ଥିଲା। ସେଥିରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଅସାଧୁତା କାରଣରୁ ସେମାନଙ୍କ ପେନ୍ସନକୁ ବନ୍ଦ ରଖାଯାଇଛି।

ତାଳଚେର ମ୍ୟୁନିସିପାଲିଟିର ପୂର୍ବତନ ଟ୍ୟାକ୍ସ କଲେକ୍ଟର କ୍ଷୀରୋଦ ଚନ୍ଦ୍ର ରାଉତଙ୍କୁ ଅପାରଗତା କାରଣରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସୁନ୍ଦରଗଡ଼ ବଡଗାଁ ରେଞ୍ଜର ଦିଲୀପ କୁମାର ଦିଗଲ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ପୂର୍ବରୁ ୧୭୩ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା।

# ବୀମା କ୍ଷତିପୂରଣ ନ ଦେଲେ ଭୋଟ୍ରେ ଜବାବ ଦେବୁ

- ପଦ୍ମପୁରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ
- ସରକାରଙ୍କୁ ଚେତାବନୀ ଦେଲା କୃଷକ ସଙ୍ଗଠନ
- ଉପଜିଲାପାଳଙ୍କ ଅଫିସରେ ଧାରଣା

**ପଦ୍ମପୁର,୧।୧୧(ଡି.ଏନ.ଏ.)**

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଛି। ଅଥଚ ଦେଶର ଚାଷୀମାନେ ଆଜି ମଧ୍ୟ ଶୋଷିତ, ଋଣଗ୍ରସ୍ତ ଏବଂ ଅବହେଳିତ ଅବସ୍ଥାରେ ରହିଛନ୍ତି। କୃଷକଙ୍କ ବୃତ୍ତି ଓ ଭବିଷ୍ୟତ ପୁଞ୍ଜିପତିଙ୍କ ହାତରେ ବନ୍ଧା ପଡ଼ିଛି। ସରକାରଙ୍କ ଭୁଲନୀତି ଯୋଗୁ କୃଷକଙ୍କୁ ତାର ହକ୍ ମିଳୁନାହିଁ। ହକ୍ ପାଇଁ ସେମାନଙ୍କୁ ଲଢ଼େଇ କରିବାକୁ ପଡୁଛି। ବରଗଡ଼ ଜିଲା ପଦ୍ମପୁର ଗୋରୁ ବଜାରରେ ମଙ୍ଗଳବାର ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ହୋଇଥିବା କୃଷକ ଚେତାବନୀ ସମାବେଶରେ ଚାଷୀନେତାମାନେ ଉଦ୍ବୋଧନ ଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀଙ୍କ ପ୍ରତି ଏଭଳି ଅତ୍ୟାଚାର, ଅଣଦେଖାକୁ ବରଦାସ୍ତ କରାଯିବନାହିଁ ବୋଲି ଚେତାବନୀ ଦିଆଯାଇଛି। ସମାବେଶ ସରିବା ପରେ ଚାଷୀ ପ୍ରତିନିଧିମାନେ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଚାଷୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷକମାରଣ ନୀତିକୁ କଠୋର ସମାଲୋଚନା କରିବା ସହ ଆଗାମୀ ପଦ୍ମପୁର ଉପନିର୍ବାଚନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଚାଷୀଙ୍କୁ ଯେତେଦିନ ପର୍ଯ୍ୟନ୍ତ ବୀମା କ୍ଷତିପୂରଣ ଏବଂ ଇନପୁଟ୍ ସବସିଡ଼ି ନ ମିଳିଛି, ସେତେଦିନ ଯାଏ ଧାରଣା ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।



ସମାବେଶରେ ଉପସ୍ଥିତ ହଜାର ହଜାର ମହିଳା ପୁରୁଷ ଚାଷୀ।

ମଙ୍ଗଳବାର ସକାଳ ୧୦ଟାରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ପାରମ୍ପରିକ ବାଦ୍ୟ, ଲଙ୍ଗଳ, ଦା' ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ କୋଶଳ ମୁକ୍ତି ମୋର୍ଚ୍ଚା, କୋଶଳ ସେନା ଓ ଅନେକ ଗ୍ରାମ୍ୟ କୃଷକ ସଙ୍ଗଠନ ସାମିଲ ହୋଇଥିଲେ। ପରେ ଗୋରୁବଜାର ପ୍ରାଙ୍ଗଣରେ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକଙ୍କ ଅଧ୍ୟକ୍ଷତାରେ ବୀମା କ୍ଷତିପୂରଣ ଓ ଇନ୍ପୁଟ ସବ୍ସିଡି ସମେତ ୧୩ ଦଫା ଦାବିରେ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନ ଆବାହକ ଅଶୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରମେଶ ମହାପାତ୍ର ଓ ଲିଙ୍ଗରାଜ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାବେଶରେ ବରିଷ୍ଠ ସାମ୍ବାଦିକ ରତ୍ନମଣି ଶତପଥିଙ୍କୁ ସମର୍ପିତ ସେବା ସମ୍ମାନ-୨୦୨୨, ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟଙ୍କୁ କମିହାଁ କବି ସମ୍ମାନ-୨୦୨୨ ଓ ଯୁବଚାଷୀ ଅଜିତ ବିଶ୍ୱାଳଙ୍କୁ ଆଦର୍ଶ ଯୁବ କୃଷକ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଥିଲା। ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ନିରଞ୍ଜନ ବିଦ୍ରୋହୀ, ଅଶୋକ ପଧାନ, ବ୍ୟୋମକେଶ ଠାକୁର, ପ୍ରବକ୍ତା ସରୋଜ ମହାନ୍ତି, ଦେବେନ ପ୍ରଧାନ, ମୁରାରୀ ପୁରୋହିତ, ଠାକୁରରାମ ପଟେଲ, ଉତ୍ପନ୍ନ ଭୋଇ, ଆଇନ ପରାମର୍ଶଦାତା ଅଜିତ ଶତପଥି, ଅଶୋକ ସାହୁ, ଉପଖଣ୍ଡ ଅଧୀନ ସମସ୍ତ ବ୍ଲକ ସଙ୍ଗଠନ ସଭାପତିଗଣ ଉପସ୍ଥିତ ଥିଲେ।

ମନେ ପଡ଼ନ୍ତି

ବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି
ବରୁଣେଇସାହି, ଖୋର୍ଦ୍ଧା
ତିରୋଧାନ: ଅଁଳା ନବମୀ- ୨୦୦୨
ବାପା, ଆପଣଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଆଜି ଆପଣଙ୍କର ପବିତ୍ର ଶ୍ରାଦ୍ଧ ବାର୍ଷିକୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଆପଣଙ୍କର ପିଲାମାନେ
ଧ-୧୮୩୦

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ୱପ୍ନାରାଣୀ ବିଶ୍ୱାଳ
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଅଁଳା ନବମୀ (୨୦୨୨)
ତୁମେ ଆଜି ନାହଁ, ହେଲେ ତୁମ ସ୍ମୃତି ଆମ ପାଖରେ ସର୍ବଦା ସତେଜ। ତୁମେ ଆମ ସହ ଥିଲ, ଏବେ ଅଛ, ଆଗକୁ ମଧ୍ୟ ରହିଥିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଆମ ପରିବାର, ତୁମ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୯୦୪

# ସୂର୍ଯ୍ୟମୁଖୀ ମଞ୍ଜି ବୁଣା

ଚଳିତ ମାସ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟମୁଖୀ ମଞ୍ଜିବୁଣା କାମ ଶେଷ କରନ୍ତୁ । ଉନ୍ନତ କିସମ ଯଥା :- ମୋର୍‌ଡେନ୍, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା - କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୪୪, ପି.ଏ.ସି.-୩୬, ଏମ୍.ଏସ୍.ଏଫ୍.ଏଚ୍.-୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କଲେ ଭଲ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ



। ଉନ୍ନତ କିସମ ସକାଶେ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ଲାଗି ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

# ଫୁଲଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ। ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ। ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# କୁକୁଡ଼ା ପାଳନ

ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡାପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପଲ୍ଲୀରାଜା ଏକ ରଙ୍ଗୀନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟୀକା ଦିଅନ୍ତୁ।



# ପିଆଜ ତଳି ପ୍ରସ୍ତୁତି



ପିଆଜ ଚାଷ ଲାଗି ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମିପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ଼େ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ। ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ। ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ। ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ। ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ। ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଓ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ମାସ ୨୦ ତାରିଖରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ। ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

# ଅଧିକ ଅମଳକ୍ଷମ ଆଖୁ ଲାଗି...



ଉନ୍ନତ କିସମର ଆଖୁ ବିହନ ଯଥା- ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଳି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲୁ.ପି. ମିଶ୍ରିତ ଫିମ୍ପିନାଶକ ଔଷଧ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

# ମଧ୍ୟମ କିସମ ଧାନ ଅମଳ

## ଏ ମାସର କୃଷି ସୂଚନା



ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ। ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ଲାଗି ମିଶାଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨-୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ । ଧାନରେ ମାଟିଆ ଗୁଣ୍ଡିପୋକ ଲାଗିଥିଲେ ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ୧ ମି.ଲି.ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ପାଇମେଟ୍ରୋଜାଇନ୍ ୩୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ଟ୍ରାଇଫ୍ଲୁମେଜୋପାଇରିନ୍ ୨୫୦ ମି.ଲି. ହେକ୍ଟର ପ୍ରତି ସ୍ପ୍ରେ କରନ୍ତୁ । ଗନ୍ଧିପୋକ ଲାଗିଥିଲେ ମାଲାଥିଅନ୍ ଗୁଣ୍ଡ ୨୦-୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ଦମନ ପାଇଁ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରିବା ସହିତ କ୍ଲୋରପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ। ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍‌ବ୍ଲାଷ୍ଟ ହେକ୍ସାକୋନାଜୋଲ୍ ୧.୫ ମି.ଲି. ପ୍ରତି ଲିଟର ପାଣି/ ଟ୍ରାଇ ସାଇକ୍ଲାଜୋଲ୍ ୧.୫ ଗ୍ରାମ୍ ଦୁଇ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ଭାଲିଡ଼ା ମାଇସିନ୍ ୩% ଏଲ୍ ୨ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇ.ସି. ୧.୫ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ଡାଲିଜାତୀୟ ଫସଲରେ ଚୂନ ଓ ଜୈବସାର ପ୍ରୟୋଗ :** ଡାଲି ଜାତୀୟ ଫସଲ ଏବଂ ଚିନାବାଦାମରେ ଶେଷଓଡ଼ ଚାଷ ସମୟରେ କିମ୍ବା ବିହନ ବୁଣା ସମୟରେ ଚୂନ ବା କାଗଜ କଳ ମଇଳା ହେକ୍ଟର ପ୍ରତି ୫ କ୍ୱିଣ୍ଟାଲ ହିସାବରେ ମାଟିରେ ଦେଇ ସାରିବା ପରେ ଖତ ସହିତ ମିଶାଇ ପି.ଏସ୍.ଏମ୍. ୪-୬ କି.ଗ୍ରା. ହେକ୍ଟର ପ୍ରତି ପ୍ରୟୋଗ କରନ୍ତୁ । ରାଇଜୋବିୟମ୍ କଲ୍‌ଚର ବିହନ ମଞ୍ଜିରେ କି.ଗ୍ରା. ପ୍ରତି ୨୫ ଗ୍ରାମ୍ ଉପଚାର କରନ୍ତୁ ।

**ତୈଳବୀଜ ଫସଲ**

**ସୋରିଷ :** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିସାନ୍, ପୁଷା ମସ୍‌ଟାର୍ଡ଼-୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନ କରି ୩୦ ସେ.ମି. ଓ ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗ କରି କୋଡ଼ାଖୁସା କରନ୍ତୁ ।

**କପା**

ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା'ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

**ପ୍ରାଣୀପାଳନ**

ଗୋରୁ ଗୁହାଳକୁ ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ । ପ୍ରାଣୀଙ୍କୁ କୃମିନାଶକ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଖୁଆନ୍ତୁ । ପ୍ରାଣୀଙ୍କୁ ପରିଷ୍କାର କୂଅ ଓ ନଳକୂଅ ପାଣି ପିଇବାକୁ ଦିଅନ୍ତୁ। ପ୍ରାଣୀ ରୋଗାକ୍ରାନ୍ତ ହେଲେ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରି ଔଷଧ ଦିଅନ୍ତୁ। ଫାଟୁଆ ରୋଗର ପ୍ରତିଷେଧକ ଟିକାକରଣ ପାଇଁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

**ପନିପରିବା ଫସଲ**

କୁଫ୍ରି ଜ୍ୟୋତି, କୁଫ୍ରି ସୂଯର୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କ୍ୱିଣ୍ଟାଲ୍ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନ କରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫-୬୦ ସେ.ମି. x ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ବିଲାତି ବାଇଗଣ ଓ ବାଇଗଣ ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧.୫ ଗ୍ରାମ୍ ବାଭିଷ୍ଟିନ୍ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ କିମ୍ବା ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ । ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଫୁଲକୋବି ଫସଲରେ ସଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

-କୃଷି ବୈଷୟିକ ସୂଚନାକେନ୍ଦ୍ର,
ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

# ଗହମ ଚାଷ ପାଇଁ ଜମି

ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାମାନଙ୍କରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକୀୟ ଅନୁମୋଦିତ ବିହନ ଯଥା - ସୋନାଲିକା,ପି.ବି.ଡବ୍ଲୁ.-୩୪୩, ପି.ବି.ଡବ୍ଲୁ-୪୪୩, ୟୁ.ପି.-୨୬୨, ଏଚ୍.ଡି.-୨୨୮୫ ଆଦି ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।



# ଡାଲି ଜାତୀୟ ଫସଲ ବୁଣିବା ପୂର୍ବରୁ...

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଉନ୍ନତ ମୁଗ କିସମ : ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩ । ଉନ୍ନତ ବିରି କିସମ : ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପି.ୟୁ.-୧୯, ଉଜାଲା, ମହୁରୀ, ଶଶି । ଉନ୍ନତ ବୁଟ କିସମ : ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮ । ଉନ୍ନତ ମଟର କିସମ : ରଚନା, ଏଚ୍.ୟୁ.ଡି.ପି.-୧୫, ଜେ.ପି.-୮୮୫, ଉତ୍ତରା, ଡି.ଡି.ଆର୍.-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲରେ ପାଉଁଶିଆ ରୋଗ ଦମନ ପାଇଁ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ଦମନ ଲାଗି ୧୫ ଲିଟର ପାଣିରେ ୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ। ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯାଇପାରେ।



# ଚିନାବାଦାମର ଉନ୍ନତ କିସମ

ଚିନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬, ଧରଣୀ। ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡି.ଏ.ପି. (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨/୨୦୨୨ Bhubaneswar, Wednesday, November 2/ 2022

# ବିଜୟ ସହ ପ୍ରମୋଦଙ୍କ ଅଭିଯାନ



**ଭୁବନେଶ୍ୱର, ୧।୧୧ (କ୍ରୀଡ଼ା ପ୍ରତିନିଧି):** ଜାପାନର ଟୋକିଓରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ଦିବସରେ ପ୍ରମୋଦ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପେରୁର ଆଲବର୍ଟ ମାନୁଏଲ୍ ଫୁଏଣ୍ଟେଙ୍କୁ ୨୧-୩, ୨୧-୧୦ରେ ପରାସ୍ତ କରିଛନ୍ତି। ପୂର୍ବ ସଂସ୍କରଣରେ ପ୍ରମୋଦ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରଥମ ଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରିଥିବା ଦୀପ୍ ରଞ୍ଜନ ବିଶୋଇ ଓ ଅର୍ବାଜ୍ ଅନସାରୀ ଯୋଡ଼ି ନିଜର ପ୍ରଥମ ମ୍ୟାଚରେ ହାରି ଯାଇଛନ୍ତି। ଏହି ଯୋଡ଼ି ଡବଲ୍ସର ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ମୋଙ୍ଗଖୋନ ବୁନସୁନ ଓ ସିରିପୋଙ୍ଗଙ୍କଠାରୁ ୧୬-୨୧,୨୧-୨୩ ରେ ପରାଜିତ ହୋଇଛନ୍ତି। ପ୍ରଥମ ମ୍ୟାଚ ହାରିଥିବାରୁ ଦୀପ୍ ଓ ଅର୍ବାଜ୍‌ଙ୍କୁ ଲିଗ୍ ପର୍ଯ୍ୟାୟର ପରବର୍ତ୍ତୀ ୨ଟି ଯାକ ମ୍ୟାଚ ଜିତିବାକୁ ହେବ।

# ଇଂଲଣ୍ଡର ସେମିଫାଇନାଲ ଆଶା ଉଜ୍ଜୀବିତ



ଶଟ୍ ଖେଳିବା ଅବସରରେ ଜୋସ୍ ବଟଲର।

**ଟି୨୦ ବିଶ୍ୱକପ୍**

**ବ୍ରିସ୍‌ବେନ, ୧।୧୧**

ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ଗ୍ରୁପ୍-୧ ସୁପର-୧୨ ମ୍ୟାଚରେ ଇଂଲଣ୍ଡ ୨୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୭୯ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନରେ ସୀମିତ ରହି ଯାଇଥିଲା। ୪୭ ବଲ୍‌ରୁ ସର୍ବାଧିକ ୭୩ (୭ ଚୌକା, ୨ ଛକା) ରନକରି ଇଂଲଣ୍ଡକୁ ବଡ଼ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଜୋସ୍ ବଟଲର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିଜୟ ସହ ଇଂଲଣ୍ଡର ସେମିଫାଇନାଲ ଆଶା ଉଜ୍ଜୀବିତ ହୋଇଛି। ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ହରାଇଥିବା ଇଂଲଣ୍ଡ ଦ୍ୱିତୀୟ ମ୍ୟାଚରେ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ଆୟର୍ଲାଣ୍ଡଠାରୁ ୫ ରନରେ ହାରି ଯାଇଥିଲା। ଅଷ୍ଟ୍ରେଲିଆ ବିପକ୍ଷ ପରବର୍ତ୍ତୀ ମ୍ୟାଚ ବର୍ଷାଯୋଗୁ ବାତିଲ ହେବାରୁ ଦଳର ସେମିଫାଇନାଲ ପ୍ରବେଶ ଆଶଙ୍କା ଘେରକୁ ଚାଲିଯାଇଥିଲା। ନ୍ୟୁଜିଲାଣ୍ଡକୁ ହରାଇବା ପରେ ଇଂଲଣ୍ଡ ୫ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୫ ପଏଣ୍ଟ ସହ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ୫ ପଏଣ୍ଟ ପାଇ ସାରିଥିବା ଅନ୍ୟତମ ଦଳ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନ ଅଧିକାର କରିଛି। ତେଣୁ ଗ୍ରୁପ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ କେଉଁ ଦଳ ନକ୍‌ଆଉଟକୁ ଯିବ ତାହା ଧାର୍ଯ୍ୟ କରିବ। ଇଂଲଣ୍ଡ ଏହାର ଶେଷ ଗ୍ରୁପ୍ ମ୍ୟାଚ ଶ୍ରୀଲଙ୍କା ସହିତ ୫ ତାରିଖରେ ଖେଳିବ।

ବ୍ରିସ୍‌ବେନ୍‌ର ଗାବା ଗ୍ରାଉଣ୍ଡରେ ଟସ୍ ଜିତି ବ୍ୟାଟିଂ ନେଇଥିଲା ଇଂଲଣ୍ଡ। ଅଧିନାୟକ ବଟଲର ନିଜ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ରନ ସ୍କୋରିଂରେ ଅଗ୍ରଣୀ ଭୂମିକା ନେଇଥିବାବେଳେ ତାଙ୍କୁ ଉଚିତ ସହଯୋଗ କରିଥିଲେ ଆଲେକ୍ସ ହାଲେସ। ଦୁହେଁ ଓପନିଂ ଯୋଡ଼ିରେ ୬୨ ବଲ୍‌ରୁ ୮୧ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ। ହାଲେସ ୪୦ ବଲ୍‌ରୁ ୫୨ (୭ ଚୌକା, ୧ ଛକା) ରନ କରି ମିଚେଲ ସାଣ୍ଟନରଙ୍କ ବଲ୍‌ରେ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଭଲ ଆରମ୍ଭ କରିଥିଲେ ହେଁ ଇଂଲଣ୍ଡ ମିଡିଲ ଅର୍ଡରଙ୍କ ବିଫଳତା ଯୋଗୁ ରନ ହାରକୁ ଆବଶ୍ୟକତା ଅନୁସାରେ ଆଗେଇ ନେଇପାରି ନ ଥିଲା। ମୋଇନ ଅଲୀ ୫, ଲିଆମ ଲିଭିଙ୍ଗଷ୍ଟୋନ ୨୦, ହ୍ୟାରି ବ୍ରୁକ୍ ୭ ରନ କରି ଆଉଟ ହୋଇ ଯାଇଥିଲେ। ତେବେ ବଟଲର ଚାପର ବଶବର୍ତ୍ତୀ ନ ହୋଇ ଦଳକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ୧୯ତମ ଓଭରରେ ସେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ ୨ଟି ଏବଂ ଟିମ୍ ସୌଦୀ, ମିଚେଲ ସାଣ୍ଟନର ଓ ଇଶ୍ ସୋଧି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଏଠାରେ ୧୮୦ ରନ ଚେଜ୍ କରିବା ଯଦିଓ କଷ୍ଟସାଧ ନ ଥିଲା ତେବେ ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ଲକ୍ଷ୍ୟହୀନ ପ୍ରଦର୍ଶନ ମହଙ୍ଗା ପଡ଼ିଥିଲା। ଦୁଇ ଓପନର ଫିନ୍ ଆଲେନ ୧୬ ଓ ଡେଭନ କନୱେ ୩ ରନକରି ଆଉଟ ହୋଇ ଯାଇଥିବାବେଳେ ୪୦ ରନ କରିବା ପାଇଁ ଅଧିନାୟକ କେନ୍ ୱିଲିୟମସନ ୪୦ଟି ବଲ୍‌ର ସହାୟତା ନେଇଥିଲେ। ୩୬ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୬୨ ରନ କରିଥିବା ଗ୍ଲେନ ଫିଲିପ୍ସ ଦଳ ପାଇଁ ଏକାକୀ ଲଢ଼େଇ କରିଥିଲେ ହେଁ ତାଙ୍କୁ କେହି ଉପଯୁକ୍ତ ସହାୟତା ଦେଇପାରି ନ ଥିଲେ। ଜେମ୍ସ ନିଶାମ ୬ ଓ ଡାରେଲ ମିଚେଲ ୩ ରନରେ ଆଉଟ ହେବାରୁ ନ୍ୟୁଜିଲାଣ୍ଡ କ୍ରମେ ବିଜୟ ଲକ୍ଷ୍ୟଠାରୁ ଦୂରେଇ ଯାଇଥିଲା। ଇଂଲଣ୍ଡ ବୋଲର ଲାଇନ୍ ଓ ଲେନ୍ଥ ରକ୍ଷା କରି ବୋଲିଂ ମଧ୍ୟ କରିଥିଲେ। ସାମ୍ କୁରାନ ଓ କ୍ରିସ୍ ୱୋକ୍ସ ୨ଟି ଲେଖାଏ ଏବଂ ମାର୍କ ଉଡ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୋଇନ୍ ଅଲୀ ୧ ଓଭରରେ ମାତ୍ର ୪ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୭୯/୬ (ଜୋସ ବଟଲର-୭୩, ଆଲେକ୍ସ ହାଲେସ-୫୨, ଲୋକି ଫର୍ଗୁସନ-୨/୪୫, ଟିମ୍ ସୌଦୀ-୧/୪୩, ମିଚେଲ ସାଣ୍ଟନର-୧/୨୫, ଇଶ୍ ସୋଧି-୧/୨୩)। ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୯/୬(ଗ୍ଲେନ ଫିଲିପ୍ସ-୬୨, କେନ୍ ୱିଲିୟମସନ-୪୦, କ୍ରିସ୍ ୱୋକ୍ସ-୨/୩୩, ସାମ୍ କୁରାନ-୨/୨୬, ମାର୍କ ଉଡ୍-୧/୨୫, ବେନ୍ ଷ୍ଟୋକ୍ସ-୧/୧୦)।

# ଭାରତୀୟ ବ୍ୟାଟରଙ୍କ ଉପରେ ନଜର

**ବ୍ରିସବେନ୍,୧।୧୧(ପି.ଟି.)**

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ବୁଧବାର ଭାରତ ଓ ବାଂଲାଦେଶ ମଧ୍ୟରେ ସୁପର-୧୨ ମ୍ୟାଚ ଖେଳାଯିବ। ବ୍ରିସ୍‌ବେନର ଗାବାରେ ଖେଳାଯିବାକୁ ଥିବା ଏହି ମ୍ୟାଚ ପାଇଁ ଭାରତୀୟ ବ୍ୟାଟରଙ୍କ ଉପରେ ସଭିଙ୍କ ନଜର ରହିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଭାରତୀୟ ବ୍ୟାଟର ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟର ପର୍ଥର ପେସ୍ ଓ ବାଉନ୍ସ ସହିତ ଖାପଖୁଆଇ ପାରି ନ ଥିଲେ। ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ରିଷଭ ପନ୍ତ ଏହି ମ୍ୟାଚ ଖେଳିବାକୁ ଯାଉଛନ୍ତି। ଫର୍ମରେ ନ ଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ରିଷଭ ପନ୍ତଙ୍କୁ ଭାରତ ଓପନିଂରେ ଖେଳାଇବାର ସମ୍ଭାବନା ରହିଛି। ତେବେ ଅପେକ୍ଷାକୃତ ଦୁର୍ବଳ ବାଂଲାଦେଶ ବିପକ୍ଷରେ ରାହୁଲଙ୍କୁ ଏକ ସୁଯୋଗ ଦେବାକୁ ଚାହିଁବ ଭାରତୀୟ ମ୍ୟାନେଜମେଣ୍ଟ। ଏହି ମ୍ୟାଚ ପାଇଁ ଭାରତ ଫେଭରିଟ୍ ଥିଲେ ହେଁ ସାମାନ୍ୟ ଭୁଲରେ ଭାରତୀୟ ଦଳକୁ ବଡ କ୍ଷତି ସହିବାକୁ ପଡିପାରେ। ରାହୁଲ ଅଦ୍ୟାବଧି ୩ ମ୍ୟାଚରୁ ମାତ୍ର ୨୨ ରନ୍ ସଂଗ୍ରହ କରିଛନ୍ତି। କ୍ୱାଲିଟି ବୋଲିଂ ଲାଇନଅପ୍ ସାମ୍ନାରେ ରାହୁଲଙ୍କ ବ୍ୟାଟ ଚାଲୁନାହିଁ। ଚଳିତ ଟୁର୍ନାମେଣ୍ଟରେ ବାଂଲାଦେଶର ବୋଲିଂ ଅତ୍ୟନ୍ତ ସାଧାରଣ ରହିଛି। ଏହି ବୋଲିଂ ବିପକ୍ଷରେ ତାଙ୍କୁ ଆଉ ଏକ ସୁଯୋଗ ପ୍ରଦାନ ସପକ୍ଷରେ ମତ ଦେଇଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍।

**ମ୍ୟାଚ ସ୍ଥାନ : ଗାବା, ବ୍ରିସ୍‌ବେନ୍**
**ସମୟ: ଅପରାହ୍ନ ୧.୩୦**

## ଟି୨୦ କ୍ରିକେଟ ବିଶ୍ୱକପ୍ ପଏଣ୍ଟ ତାଲିକା

ଗ୍ରୁପ୍ ଏ (ସୁପର-୧୨)

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୨ | ୧ | ୧ | ୫ |
| ଇଂଲଣ୍ଡ | ୪ | ୨ | ୧ | ୧ | ୫ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ | ୫ |
| ଶ୍ରୀଲଙ୍କା | ୪ | ୨ | ୨ | ୦ | ୪ |
| ଆୟର୍ଲାଣ୍ଡ | ୪ | ୧ | ୨ | ୧ | ୩ |
| ଆଫଗାନିସ୍ତାନ | ୪ | ୦ | ୨ | ୨ | ୨ |

ଗ୍ରୁପ୍ ବି

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବିନା ଫଳାଫଳ | ପଏଣ୍ଟ |
|---|---|---|---|---|---|
| ଦ. ଆଫ୍ରିକା | ୩ | ୨ | ୦ | ୧ | ୫ |
| ଭାରତ | ୩ | ୨ | ୧ | ୦ | ୪ |
| ବାଂଲାଦେଶ | ୩ | ୨ | ୧ | ୦ | ୪ |
| ଜିମ୍ବାୱେ | ୩ | ୧ | ୧ | ୧ | ୩ |
| ପାକିସ୍ତାନ | ୩ | ୧ | ୨ | ୦ | ୨ |
| ନେଦରଲାଣ୍ଡ୍ସ | ୩ | ୦ | ୩ | ୦ | ୦ |

# ଅଫ୍‌ଲାଇନ୍‌ରେ ଉପଲବ୍ଧ ହେଲା ଓଏଫ୍‌ସି ଜର୍ସି




ଜର୍ସି ସହ ଓଡ଼ିଶା ଏଫ୍‌ସି କର୍ମକର୍ତ୍ତା ଓ ଅନ୍ୟମାନେ।

**ଭୁବନେଶ୍ୱର,୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୨୦୨୨-୨୩ ସିଜନ୍ ପାଇଁ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଫ୍ରାଞ୍ଚାଇଜ ପକ୍ଷରୁ ଏହାର ଜର୍ସି ଅଫ୍‌ଲାଇନରେ ଲଞ୍ଚ କରାଯାଇଛି। କ୍ଲବ୍ ପକ୍ଷରୁ ୩ଟି କିଟ୍ ଲଞ୍ଚ କରାଯାଇଥିବା ବେଳେ ଅଫ୍‌ଲାଇନରେ ବିକ୍ରି ପାଇଁ ମଧ୍ୟ ଉପଲବ୍ଧ କରାଯାଇଛି। ଦଳର ପାରମ୍ପରିକ ବାଇଗଣୀ ରଙ୍ଗର ଜର୍ସି ସହିତ କଳା ଓ ଧଳା ରଙ୍ଗର ଦୁଇଟି ନୂତନ ଜର୍ସି ଲଞ୍ଚ ହୋଇଛି। ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ କଳା ଓ ମନ୍ଦିର ମାଳିନୀ ଭୁବନେଶ୍ୱରର କଳା ଓ ଐତିହ୍ୟ ଉଦ୍ଦେଶ୍ୟରେ ଧଳା ଜର୍ସି ଲଞ୍ଚ କରାଯାଇଛି। କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବର୍ମା ସ୍ପୋର୍ଟ୍ସ ଷ୍ଟୋରରେ ଏହି ଜର୍ସି ଉପଲବ୍ଧ ହେବ। ଏହି ଅଫ୍‌ଲାଇନ୍ ଲଞ୍ଚ ଇଭେଣ୍ଟରେ ଓଏଫ୍‌ସିର କ୍ଲବ ସଭାପତି ରାଜ ଅଠାୱଲେ ଏବଂ ଓଏଫ୍‌ସି ମହିଳା ଫୁଟବଲ ଦଳ ଉପସ୍ଥିତ ଥିଲେ।

# ମୁମ୍ବାଇ, ବିଦର୍ଭ, ପଞ୍ଜାବ, ହିମାଚଳ ସେମିରେ

**ନୂଆଦିଲ୍ଲୀ,୧।୧୧:** ବିସିସିଆଇ ପକ୍ଷରୁ ଆୟୋଜିତ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ମୁମ୍ବାଇ, ବିଦର୍ଭ, ପଞ୍ଜାବ ଓ ହିମାଚଳ ପ୍ରଦେଶ ୪ ଦଳ ଭାବେ ସେମି ଫାଇନାଲରେ ପହଞ୍ଚିଛନ୍ତି। ଆସନ୍ତା ୩ ତାରିଖରେ ଉଭୟ ସେମିଫାଇନାଲ ଖେଳାଯିବ। ଶୁବମାନ ଗିଲ୍‌ଙ୍କ ବିସ୍ଫୋରକ ଶତକ ବଳରେ କର୍ନାଟକକୁ ୯ରନରେ ହରାଇଥିଲା ପଞ୍ଜାବ। ଗିଲ୍ ୫୫ ବଲରୁ ୧୨୬(୧୧ ଚୌକା, ୯ ଛକା) ରନ କରିଥିଲେ। ଦିଲ୍ଲୀ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ମୁକାବିଲାକୁ ୧ ରନରେ ଜିତି ନେଇଛି ବିଦର୍ଭ। ପ୍ରଥମେ ବ୍ୟାଟିଂ କରି ବିଦର୍ଭ ୫ ଉଇକେଟରେ ୧୫୭ ରନ୍ କରିଥିବା ବେଳେ ଦିଲ୍ଲୀ ୬ ଉଇକେଟ ହରାଇ ୧୫୬ ରନ କରିଥିଲା। ଅନ୍ୟଏକ ମ୍ୟାଚରେ ବେଙ୍ଗଲ ବିପକ୍ଷ ମ୍ୟାଚରେ ଅନ୍ତିମ ବଲରେ ବିଜୟୀ ହୋଇଛି ହିମାଚଳ। ସେହିପରି ଅଲରାଉଣ୍ଡର ଶିବମ ଦୁବେଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ସୌରାଷ୍ଟ୍ରକୁ ୨ ଉଇକେଟରେ ହରାଇଛି ମୁମ୍ବାଇ। ଶିବମ ଦୁବେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ହୋଟେଲ ରୁମ୍ ଘଟଣା ନିରାଶାଜନକ: ଦ୍ରାବିଡ୍

**ଆଡିଲେଡ୍,୧।୧୧(ପି.ଟି.)**

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ ହେବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ। ଏପରି ଅନୁପ୍ରବେଶ ଅତ୍ୟନ୍ତ ନିରାଶାଜନକ ବୋଲି ବାଂଲାଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଦ୍ରାବିଡ୍ ନିଜ ବକ୍ତବ୍ୟରେ କହିଛନ୍ତି। ଭାରତୀୟ କ୍ରିକେଟରଙ୍କ ଉପରେ ସର୍ବଦା ଫ୍ୟାନଙ୍କ ନଜର ରହିଥାଏ। ଏଭଳି ସ୍ଥିତିରେ ହୋଟେଲ ରୁମ୍ ଏମିତି ଏକ ସ୍ଥାନ ଯେଉଁଠି ଖେଳାଳିମାନେ ନିଜକୁ ସୁରକ୍ଷିତ ମନେକରିଥାନ୍ତି। ମାତ୍ର ହୋଟେଲ ରୁମ୍‌ରେ ଖେଳାଳିଙ୍କ ସହିତ ଏମିତି ଘଟିବା ଆଦୌ ଗ୍ରହଣୀୟ ନୁହେଁ। ଭାରତୀୟ ଦଳ ପର୍ଥ କ୍ରାଉନ୍ ହୋଟେଲରେ ଅବସ୍ଥାନ କରୁଥିବା ସମୟରେ କୋହଲିଙ୍କ ରୁମ୍‌ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ହାଉସକିପିଂ କର୍ମଚାରୀଙ୍କ ଦ୍ୱାରା ଏହି ଭିଡିଓ ଉତ୍ତୋଳନ କରାଯାଇ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିଲା। ଏହାପରେ ପର୍ଥ କ୍ରାଉନ୍ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯିବା ସହିତ ସମ୍ପୃକ୍ତ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏଭଳି ଘଟଣା ନିହାତି ଭାବରେ ନିରାଶାଜନକ, କେବଳ ବିରାଟ ନୁହନ୍ତି କୌଣସି ବି ଖେଳାଳିଙ୍କ ସହିତ ଏପରି ଘଟଣା ଘଟିବା ଅତ୍ୟନ୍ତ ଅଶୋଭନୀୟ। ଏନେଇ ଆମେ ଆଇସିସିର ଅଧିକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଛୁ। ତେବେ ବିରାଟ ଯେଉଁଭଳି ଢଙ୍ଗରେ ଏହି ମାମଲାରେ ନିଜକୁ ସମ୍ଭାଳିଲେ ତାହା ବେଶ୍ ପ୍ରଶଂସନୀୟ ବୋଲି କହିଛନ୍ତି ଭାରତୀୟ କୋଚ୍। ଏହି ମାମଲାକୁ ନେଇ ସୋମବାର କୋହଲି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ ହେଁ ପରବର୍ତ୍ତୀ ସମୟରେ ଅଭ୍ୟାସରେ ଯୋଗ ଦେଇଥିଲେ। କୋହଲି ଏବେ ସମ୍ପୂର୍ଣ୍ଣ ଠିକ୍ ଅଛନ୍ତି ବୋଲି ଦ୍ରାବିଡ୍ କହିଛନ୍ତି। ସୋମବାର ବିରାଟ କୋହଲି ଇନ୍‌ଷ୍ଟାଗ୍ରାମ ଜରିଆରେ ଭିଡିଓଟିକୁ ରି ଶେୟାର କରିବା ସହିତ ଏଭଳି ଘଟଣା ଗ୍ରହଣୀୟ ନୁହେଁ ବୋଲି ଲେଖିଥିଲେ। ପତ୍ନୀ ଅନୁଷ୍କା ଶର୍ମା ଓ ଏକାଧିକ ବଲିଉଡ୍ ସେଲିବ୍ରିଟି ବ୍ୟକ୍ତିଗତ ଗୋପନୀୟତା ଉପରେ ଆକ୍ରମଣ ବୋଲି କହିବା ସହିତ ନିନ୍ଦା କରିଥିଲେ।

# ଶ୍ରୀଲଙ୍କାର ଦ୍ୱିତୀୟ ବିଜୟ

**ବ୍ରିସବେନ୍,୧।୧୧(ପି.ଟି.)**




ଉଇକେଟ ନେବାପରେ ୱାନିନ୍ଦୁ ହସରଙ୍ଗାଙ୍କ ପ୍ରତିକ୍ରିୟା।

ବ୍ରିସ୍‌ବେନରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଆଫଗାନିସ୍ତାନକୁ ୬ ଉଇକେଟରେ ହରାଇ ଶ୍ରୀଲଙ୍କା ନିଜର ସେମିଫାଇନାଲ ଆଶା ବଳବତ୍ତର ରଖିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୮ ଉଇକେଟରେ ୧୪୪ ରନ୍ କରିଥିଲା। ଜବାବରେ ୯ ବଲ୍ ବାକିଥାଇ ଶ୍ରୀଲଙ୍କା ୪ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଆଫଗାନିସ୍ତାନ ସ୍ପିନର ୱାନିନ୍ଦୁ ହସରଙ୍ଗା ଓ ପେସ ବୋଲର ଲାହିରୁ କୁମାରାଙ୍କ ବୋଲିଂର ସାମ୍ନା କରିପାରି ନ ଥିଲା। ଟପ୍ ୪ ବ୍ୟାଟର ରେହମାନଉଲ୍ଲା ଗୁରବାଜ (୨୮), ଉସମାନ ଘନି(୨୭), ଇବ୍ରାହିମ ଜଦ୍ରାନ(୨୨) ଓ ନଜିବୁଲ୍ଲା(୧୮)ଙ୍କୁ ଭଲ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ ସ୍କୋରରେ ପରିଣତ କରିପାରି ନ ଥିଲେ। ହସରଙ୍ଗା ୧୩ ରନରେ ୩ ଓ ଲାହିରୁ କୁମାରା ୨ ଉଇକେଟ ନେଇଥିଲେ। ୧୪୫ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ପକ୍ଷରୁ ଧନଞ୍ଜୟ ଡି ସିଲ୍‌ଭା ଅପରାଜିତ ୬୨ ରନ୍ କରିବା ସହିତ ୯ ବଲ ପୂର୍ବରୁ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା ଶ୍ରୀଲଙ୍କା। ୪୨ ବଲର ଏହି ଇନିଂସରେ ୬ ଚୌକା ଓ ୨ ଛକା ସାମିଲ ଥିଲା। ରଶିଦ୍ ଖାନ୍ ଓ ମୁଜିବ୍ ଉର୍ ରେହମାନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ହସରଙ୍ଗାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୪୪/୮ (ରେହମାନଉଲ୍ଲା ଗୁରବାଜ -୨୮, ଉସମାନ ଘନି-୨୭, ଇବ୍ରାହିମ ଜଦ୍ରାନ-୨୨, ୱାନିନ୍ଦୁ ହସରଙ୍ଗା-୩/୧୩, ଲାହିରୁ କୁମାରା-୨/୩୦, ଧନଞ୍ଜୟ ଡି ସିଲଭା-୧/୯)।

ଶ୍ରୀଲଙ୍କା ୧୮.୩ ଓଭରରେ ୧୪୮/୪ ( ଧନଞ୍ଜୟ ଡି ସିଲଭା-୬୨*, କୁଶଲ ମେଣ୍ଡିସ୍-୨୫, ଚରିଥ୍ ଅସଲଙ୍କା-୧୯, ମୁଜିବ୍ ଉର୍ ରେହମାନ-୨/୨୪, ରଶିଦ୍ ଖାନ୍-୨/୩୧)।

# ପୂର୍ବାଞ୍ଚଳ ରୋଲ୍‌ବଲ୍ ପାଇଁ ଓଡ଼ିଶା ଦଳ ମନୋନୀତ

**ଭୁବନେଶ୍ୱର, ୧।୧୧ (କ୍ରୀଡ଼ା ପ୍ରତିନିଧି)**

ପୂର୍ବାଞ୍ଚଳ ଜାତୀୟ ରୋଲବଲ୍ ଚାମ୍ପିୟନଶିପ୍ (୧୪ ବର୍ଷରୁ କମ୍)ର ଦ୍ୱିତୀୟ ସଂସ୍କରଣ ଆସାମର ଗୁଆହାଟୀଠାରେ ଚଳିତ ମାସ ୪ରୁ ୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ମନୋନୀତ ହୋଇଛି। ପ୍ରତିଯୋଗିତାରେ ଆସାମ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ, ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକିମ ଆଦି ୯ଟି ରାଜ୍ୟଦଳ ଅଂଶଗ୍ରହଣ କରିବେ। ଓଡ଼ିଶା ଦଳକୁ ବିଦାୟ ଜଣାଇବାପାଇଁ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଓ ଓଡ଼ିଶା ରୋଲବଲ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ:** ଅଭିଶାନ୍ତ ପାଣିଗ୍ରାହୀ (ଅଧିନାୟକ), ଅନୁପ ନାୟକ, ଅଂଶୁମାନ ପାତ୍ର, ଅର୍ମାନ ସୁବୁଦ୍ଧି, ବୀରେନ ଦାସ, କୀରଟ ପ୍ରୀତମ୍ ଜେନା, ପ୍ରତୀକ ଅର୍ନକ ଜେନା, ସାଇ ଶ୍ରୀୟାଂଶ ରାଉତ, ସ୍ୱସ୍ତିକ ପଦ୍ମିୟାଂଶ ରାଉତ, ସ୍ୱୟଂଶୁ କାନୁନଗୋ, ସୂର୍ଯ୍ୟ ପ୍ରତ୍ୟୁଷ ନାୟକ।




ପୂର୍ବାଞ୍ଚଳ ରୋଲବଲ୍ ପାଇଁ ମନୋନୀତ ଓଡ଼ିଶା ଦଳକୁ ମଙ୍ଗଳବାର ବିଦାୟୀ ସମ୍ବର୍ଦ୍ଧନା ଦିଆଯାଉଛି।

# 'ୟୁରୋପରେ ତାଲିମ ପାଇଁ ଆର୍ଥିକ ପ୍ରୋତ୍ସାହନ ସହାୟକ ହେବ'

**ଭୁବନେଶ୍ୱର, ୧।୧୧ (କ୍ରୀଡ଼ା ପ୍ରତିନିଧି)**

ଅଦମ୍ୟ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ଆଗକୁ ବଢ଼ିବାର ପ୍ରୟାସ ଜାରି ରଖିଛନ୍ତି ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା। ତାଙ୍କୁ ଏବେ ସହାୟତାର ହାତ ବଢ଼ାଇଛି ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମ। ସ୍ନୋ, ସ୍କି ପରି ବରଫ କ୍ରୀଡ଼ାରେ ପ୍ରଭାବୀ ପ୍ରଦର୍ଶନ କରି ପ୍ରଶଂସା ସାଉଁଟି ଚାଲିଥିବା ରଞ୍ଜିତାଙ୍କୁ ମଙ୍ଗଳବାର ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ଓ ଉପଢୌକନ ପ୍ରଦାନ କରାଯାଇଛି। ଏଥିରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ରଞ୍ଜିତା। ଆସନ୍ତା ଜାନୁୟାରୀରେ ସର୍ବିୟାରେ ଅନ୍ତର୍ଜାତୀୟ ଏବଂ ଫେବୃୟାରୀରେ ଜାତୀୟ ପ୍ରତିଯୋଗିତା ଅଛି। ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ପୂର୍ବରୁ ମୁଁ ୟୁରୋପର ଆଲଭାସରେ ବ୍ୟୟ ବହୁଳ ତାଲିମ ପାଇଁ ଲକ୍ଷ୍ୟ ରଖିଛି। ତେଣୁ ଆର୍ଥିକ ପ୍ରୋତ୍ସାହନ ନିଶ୍ଚିତ ମୋତେ ତାଲିମ ପାଇଁ ସହାୟକ ହେବ। ଓଡ଼ିଶା ସରକାର କ୍ରୀଡ଼ା ପାଇଁ ବହୁତ କିଛି କରୁଛନ୍ତି। ରାଜ୍ୟ ସରକାରଙ୍କଠାରୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ଆଶା ରଖିଛି। ଏହା ହୋଇପାରିଲେ ମୁଁ ଉପଯୁକ୍ତ ତାଲିମ ନେଇ ଆଗାମୀ ଦିନରେ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିପାରିବି'' ବୋଲି ରାଉରକେଲାର ଅନ୍ନପୂର୍ଣ୍ଣା ଓ ରଘୁନାଥ ବେହେରାଙ୍କ କନ୍ୟା ରଞ୍ଜିତା ପ୍ରକାଶ କରିଛନ୍ତି।

ରଞ୍ଜିତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମର କ୍ଷେତ୍ରୀୟ ପ୍ରବନ୍ଧକ ରମେଶ ଚନ୍ଦ୍ର ଖୋରା କହିଛନ୍ତି ଯେ, ''ଓଡ଼ିଶାଭଳି ବରଫହୀନ ରାଜ୍ୟରେ ଜନ୍ମ ହୋଇଥିଲେ ମଧ୍ୟ ଏହା ତାଙ୍କ ପାଇଁ କୌଣସି ପ୍ରତିବନ୍ଧକ ନୁହେଁ ବୋଲି ରଞ୍ଜିତା ପ୍ରମାଣିତ କରିଛନ୍ତି। ତାଙ୍କ ପ୍ରଭାବୀ ପ୍ରଦର୍ଶନ ପାଇଁ ଆଜି ରାଜ୍ୟ ଗର୍ବିତ। ରଞ୍ଜିତା ଆଗାମୀ ଯୁବପୀଢ଼ିଙ୍କ ପାଇଁ ଏକ ରୋଲ୍ ମଡେଲ ଏବଂ ତାଙ୍କର ଏହି ବ୍ୟୟ ବହୁଳ କ୍ରୀଡ଼ା ପାଇଁ ସହାୟତା କରିବାଲାଗି ସରକାରଙ୍କ ସମେତ ବିଭିନ୍ନ ଉଦ୍ୟୋଗପତି ଏବଂ ଶିଳ୍ପାନୁଷ୍ଠାନ ଆଗେଇ ଆସିବା ଉଚିତ''। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିଗମର ଆଞ୍ଚଳିକ ପ୍ରବନ୍ଧକ ଇନ୍ଦ୍ରନୀଳ ରାୟ, ଶାଖା ପ୍ରବନ୍ଧକ ସୁମନ୍ତ ପାଣିଗ୍ରାହୀ ଏବଂ ସ୍କି ଓ ସ୍ନୋ ବୋର୍ଡ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଅନୁପ କୁମାର ନାୟକ, ସମ୍ପାଦକ ସୁଶାନ୍ତ ଦାସ, ଯୁଗ୍ମ ସମ୍ପାଦକ ସୁଜିତ ପଟ୍ଟନାୟକ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।




ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମ ପକ୍ଷରୁ ରଞ୍ଜିତା ବେହେରାଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଉଛି।

**ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମ ଦ୍ୱାରା ସ୍ନୋ ଗର୍ଲ ରଞ୍ଜିତା ସମ୍ବର୍ଦ୍ଧିତ**



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ବିଞ୍ଝାରପୁର,୧।୧୧(ଡି.ଏନ.ଏ.): ଦୁର୍ନୀତି ନିବାରଣ ସପ୍ତାହ-୨୦୨୨ ପାଳନ ଅବସରରେ ବିଞ୍ଝାରପୁର ବ୍ଲକ ଉନ୍ନୟନ ଅଧିକାରୀ ମିନତୀ ଜଗଦେବଙ୍କ ଦ୍ୱାରା ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ୍ କାର୍ଯ୍ୟାଳୟରେ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଜଗଦେବଙ୍କ ସମେତ ବ୍ଲକ ଅଧକ୍ଷ ରଞ୍ଜିତା ଦାସ, ଉପାଧକ୍ଷ ସେକ ଇର୍ସାଦ,ଏବିଡ଼ିଓ ବରେନ୍ଦ୍ର ଦାସ, ଆକାଉଣ୍ଟ ଅଫିସର ରମାକାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ବିଡ଼ିଓ ଜଗଦେବ ଶପଥ ପାଠ କରାଇଥିଲେ। ଦେଶର ଆର୍ଥିକ, ରାଜନୈତିକ, ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ପ୍ରତ୍ୟେକ ନାଗରିକ ସବୁ ସମୟରେ ସାଧୁତା ଓ ସତ୍ୟ ନିଷ୍ଠ ରହି ଦୁର୍ନୀତି ବିରୋଧୀ ସଂଗ୍ରାମକୁ ସମର୍ଥନ କରିବା ଉଚିତ୍ ବୋଲି ବିଡ଼ିଓ ଅଧିକାରୀ, କର୍ମଚାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ସିଂହପୁର,୧।୧୧(ଡି.ଏନ.ଏ.): ବିଂଝାରପୁର ବ୍ଲକ ଅଧୀନ ଅରେଇ ପଞ୍ଚାୟତ ଜ୍ୱାଇଁମରା ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ମହାନ୍ତି(୮୬)ଙ୍କ ସୋମବାର ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସେ ୧୯୯୨ ମସିହାରେ ଆଦର୍ଶ ଶିକ୍ଷକ ଭାବେ ତତ୍କାଳନୀ ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ପ୍ରମିଳା ମଲିକ, ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ବଟକୃଷ୍ଣ ମହାପାତ୍ର, ଡ.ଶ୍ରୀହରୀ ଧଳ, ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ରବିନ୍ଦ୍ର ପରିଡା, ପ୍ରସନ୍ନ ରାଉତ, ଶରତ ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

### ଶିକ୍ଷକଙ୍କୁ ମାଡ଼,ଥାନାରେ ଅଭିଯୋଗ

ଚଣ୍ଡିଖୋଲ,୧।୧୧(ଡି.ଏନ.ଏ.):ବଡ଼ଚଣା ଥାନା ଅନ୍ତର୍ଗତ ଅରଖ ପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜ ବିଦ୍ୟାଳୟକୁ ମଙ୍ଗଳବାର ସକାଳେ ବାଇକ୍‌ରେ ଯାଉଥିବା ସମୟରେ ପଦ୍ମନାଭପୁର ଗ୍ରାମ ନିକଟରେ ତାଙ୍କୁ ଜଣେ ଯୁବକ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ସାମାନ୍ୟ ବଚସାକୁ କେନ୍ଦ୍ର କରି ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଅରଖପୁର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାଣ୍ଡବ ଚରଣ ଜେନା ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ ତାଙ୍କ କର୍ମକ୍ଷେତ୍ର ଅରଖପୁରକୁ ଆସୁଥିଲେ। କେତେଜଣ ଛୋଟ ପିଲା ରାସ୍ତାରେ ଖେଳୁଥିଲେ। ଏହି ସମୟରେ ଗୋଟିଏ ଗୋଡି ଶିକ୍ଷକଙ୍କ ଦେହରେ ବାଜିଥିଲା। ଏହାକୁ ନେଇ ସେ ପିଲାମାନଙ୍କୁ ପାଟି କରିଥିଲେ। ଏହାଦେଖି ପଦ୍ମନାଭପୁର ଗ୍ରାମର ଜଣେ ଯୁବକ ଶିକ୍ଷକଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଶେଷରେ ସେ ଶିକ୍ଷକଙ୍କୁ ମାଡ଼ ମାରିଥିବା ବଡଚଣା ଥାନାରେ ଅଭିଯୋଗ ହୋଇଛି। ଦଳିତ ନେତା ମନୋରଞ୍ଜନ ଜେନା ଏହି ଘଟଣାକୁ ନେଇ ପ୍ରତିବାଦ କରିଛନ୍ତି। ଦଳିତ ବର୍ଗର ଶିକ୍ଷକଙ୍କୁ ମାଡ଼ ମାରି ଆହତ କରିଥିବା ଯୁବକଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ସଂଯୋଗ ନାହିଁ, ଆସୁଛି ବିଲ୍

ଚଣ୍ଡିଖୋଲ,୧।୧୧(ଡି.ଏନ.ଏ.):ଗତ ୨ ମାସ ହେବ ଖୁଣ୍ଟି ଭାଙ୍ଗି ଯିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। କିନ୍ତୁ ପ୍ରତିମାସରେ ବିଲ୍ ଆସୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡ ଅଧୀନ ବଡ଼ଚଣା କାଞ୍ଜିଆ ବଜାରରେ ରହୁଥିବା ପ୍ରଦୀପ କୁମାର ପ୍ରଧାନଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଗତ ଜୁନ ମାସରେ ସେଠାରେ ଥିବା ଖୁଣ୍ଟିଟି ଭାଙ୍ଗି ଯିବାରୁ ସେ ବଡ଼ଚଣା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ନୂଆ ଖୁଣ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ଅଗଷ୍ଟରେ ଖୁଣ୍ଟିଟି ଭାଙ୍ଗି ଯିବାରୁ ଏ ନେଇ ସେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ସେଦିନଠାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଏ ସମ୍ପର୍କରେ ସେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଦୀର୍ଘ ୨ ମାସ ହେବ ତାଙ୍କ ପରିବାର ରାତିରେ ଅନ୍ଧାରରେ ରହୁଛନ୍ତି। ଏଥିପାଇଁ ପିଲାମାନଙ୍କ ପାଠ ପଢ଼ା ବ୍ୟାହତ ହେଉଛି। ଏ ନେଇ ଗତ ୨୮ତାରିଖରେ ସେ ଉପଖଣ୍ଡ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ ତାଙ୍କୁ ଖୁଣ୍ଟି ପଇସା ଡିପୋଜିଟ କରିବା ପାଇଁ କୁହାଯାଉଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବଡ଼ଚଣା ଉପଖଣ୍ଡ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ସିନେ ଷ୍ଟାରଙ୍କ ଉପସ୍ଥିତିରେ ଦର୍ଶକ ବିଭୋର

ଯାଜପୁର ସଦର,୧।୧୧(ଡି.ଏନ.ଏ.)

ଯାଜପୁରର ଗଣପର୍ବ କାଳୀପୂଜା ମଙ୍ଗଳବାର ଅଷ୍ଟମରେ ଦିନରେ ପହଞ୍ଚିଛି। ଅପରାହ୍ନରୁ ଲୋକଙ୍କ ଭିଡ଼ ଜମୁଛି। ପୂଜାମଣ୍ଡପରେ ଲୋକମାନେ ମା'କାଳୀ ଓ ଲକ୍ଷ୍ମୀନାରାୟଣଙ୍କୁ ଦର୍ଶନ କରିବା ସହିତ ମେଳାର ମଜା ଉଠାଉଛନ୍ତି। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ସହରରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଉଛି। ସାଂସ୍କୃତିକ ମଞ୍ଚ ଓ ମେଲୋଡ଼ିରେ ସିନେ ଷ୍ଟାରଙ୍କ ଉପସ୍ଥିତି ଦର୍ଶକଙ୍କୁ ବହୁ ସମୟ ସେଠାରେ ବାନ୍ଧି ରଖୁଛି। ବିଶେଷ କରି ହାସ୍ୟ ଅଭିନେତାଙ୍କ ସଂଳାପରେ ଦର୍ଶକମାନେ ମଜା ଉଠାଉନ୍ତି। ସୋମବାର ସନ୍ଧ୍ୟାରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଶଶାଙ୍କ ଶେଖର, କୁଳଦୀପ, ଚେଲସୀ, ନଟିଆ କମେଡ଼ିର କଳାକାରମାନେ ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ବିଳମ୍ବିତ ରାତ୍ରିପର୍ଯ୍ୟନ୍ତ ପୂଜା ମଣ୍ଡପ ନିକଟରେ ଦର୍ଶକମାନେ ଉପସ୍ଥିତ ରହି ସାଂସ୍କୃତିକ ଓ ମେଲୋଡ଼ି କାର୍ଯ୍ୟକ୍ରମକୁ ଉପଭୋଗ କରିଛନ୍ତି। ଦର୍ଶକଙ୍କ ଭିଡ଼କୁ ସମ୍ଭାଳିବା ପାଇଁ ପ୍ରଶାସନ ଓ ପୋଲିସ ନାକେଦମ ହେଉଛନ୍ତି। ସହରରେ ଖୋଲିଥିବା ବିଭିନ୍ନ ସ୍ଥାୟୀ ଓ


ମେଲୋଡି କାର୍ଯ୍ୟକ୍ରମରେ ଜଣେ କଳାକାର ସଂଗୀତ ପରିବେଷଣ କରୁଛନ୍ତି।

ଅସ୍ଥାୟୀ ଦୋକାନରେ ମହିଳାଙ୍କ ଭିଡ଼ ଲାଗି ରହିଛି। ଛୋଟ ଛୋଟ ପିଲାମାନେ ଦୋଳି ଓ ବୋଟିଂ ପାଖରେ ଭିଡ଼ ଜମାଉଛନ୍ତି। ମଥୁରା କେକ୍, ଲଙ୍କା ଚପ୍, ଗୁପ୍‌ଚୁପ୍, ଚାଟ୍ ଆଦି ଦୋକାନରେ ଯୁବତୀମାନଙ୍କ ଭିଡ଼ ଲାଗି ରହିଛି। ଆଇସ୍‌କ୍ରିମ୍ ଖାଇବା ସହ ସାଙ୍ଗମାନଙ୍କ ସହ ସେଲ୍‌ଫି ନେବାକୁ ସେମାନେ ଭୁଲି ନାହାନ୍ତି। ଆଗକୁ ପଞ୍ଚୁକ ଆସୁଥିବାରୁ ଚଉଁରା ପାଖରେ ମୁରୁଜ ପକାଇବା ପାଇଁ ବୟସ୍କା ମହିଳାମାନେ ବିଭିନ୍ନ ରଙ୍ଗ କିଣୁଥିବା ଦେଖିବାକୁ ମିଳୁଛି। ବିଶେଷ କରି କୁସୁମା ସମ୍ମୁଖରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ଅସମ୍ଭବ ଭିଡ଼ ଜମିଛି। ଜିଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ଖାଦ୍ୟ ସାମଗ୍ରୀ ବଡ଼ି, ଛତୁଆ, ହଳଦୀଗୁଣ୍ଡ, ଆଚାର ସସ୍ ଆଦି କିଣୁଛନ୍ତି। ଏଥି ସହିତ ଅନ୍ୟାନ୍ୟ ଉପକରଣ କିଣିବାକୁ ସେମାନେ ଭୁଲୁ ନାହାନ୍ତି। କଟକ ପ୍ରସିଦ୍ଧ ଠୁଙ୍କାପୁରୀ ଦୋକାନରେ ପିଲାଠୁ ବଡ଼ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି ମେଳାରେ ବିଭିନ୍ନ ପ୍ରକାରର ଚକ୍ରି ଦୋଳି ପଡ଼ିଥିବାରୁ ପିଲାମାନେ ଏହାର ମଜା ନେଉଛନ୍ତି।

- ଯାଜପୁର କାଳୀପୂଜାରେ ଜମୁଛି ମେଲୋଡ଼ି
- ସାଂସ୍କୃତିକ ମଞ୍ଚ ପାଖରେ ଅସମ୍ଭବ ଭିଡ଼
- ପଲ୍ଲିଶ୍ରୀ ମେଳାରେ ମହିଳାଙ୍କ ଗହଳି

# ସ୍ତ୍ରୀ ଟାଙ୍ଗିଆ ମାଡ଼ରେ ସ୍ୱାମୀ ମୃତ

ଦାନଗଦି,୧।୧୧(ଡି.ଏନ୍.ଏ.)–ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ନଛିପୁରା ଗ୍ରାମରେ ଜଣେ ମହିଳାଙ୍କ ଟାଙ୍ଗିଆ ମାଡ଼ରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଟମକା ଥାନା ଅଧୀନ ନଛିପୁରା ପଞ୍ଚାୟତ କବିତ୍ରା ଗ୍ରାମରେ ଏହି ଘଟଣା ଗତ ୨୪ ତାରିଖ ବିଳମ୍ବିତ ରାତିରେ ଘଟିଥିଲା। ମଗୁଲି ପଲେଇ ସ୍ତ୍ରୀ ମଲ୍ଲୀଙ୍କ ସହିତ ଘରେ ଶୋଇଥିଲେ। ହେଲେ କୌଣସି କାରଣରୁ ମଲ୍ଲୀ ମଗୁଲିଙ୍କୁ ଏକ ଟାଙ୍ଗିଆରେ ହାଣି ପକାଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖ ଘରେ ଶୋଇଥିବା ପୁଅ ବିଦ୍ୟାଧର ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ସେତେବେଳେ ମଗୁଲି ରକ୍ତ ଜୁଡୁବୁଡୁ ଅବସ୍ଥାରେ ବିଛଣାରେ ପଡ଼ି ଛଟପଟ ହେଉଥିଲେ। କ'ଣ ହେଲା ବୋଲି ବାପାଙ୍କୁ ପଚାରିବାରୁ ମା'ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିବା କହିଥିଲେ। ବିଦ୍ୟାଧର ତାଙ୍କୁ ପ୍ରଥମେ ଘସିପୁରା ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବିଦ୍ୟାଧର ଟମକା ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୩୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ମଲ୍ଲୀ ନିଜ ସ୍ୱାମୀଙ୍କୁ ହତ୍ୟା କଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ଅଧ୍ୟାପକଙ୍କ ବିୟୋଗରେ ସ୍ମୃତିସଭା

ସିଂହପୁର,୧।୧୧(ଡି.ଏନ.ଏ.)

ବିଂଝାରପୁର ବ୍ଲକ ଜୁଣଭଦ୍ରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡ.ନୃସିଂହ ସାହୁଙ୍କ ପରଲୋକରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ସାଧୁ ଚରଣ ଜେନାଙ୍କ ସଭାପତିତ୍ୱରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧକ୍ଷ ଓ ଅଧ୍ୟାପକମାନେ ସ୍ୱର୍ଗତ ସାହୁଙ୍କ ଜୀବନାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

# ସମର୍ପଣ ଭାବ ଉତ୍କୃଷ୍ଟ ସେବା ପ୍ରଦାନରେ ସହାୟକ ହୁଏ

## ପଞ୍ଚାୟତରେ ଖୋଲିଲା ସ୍ୱାସ୍ଥ୍ୟ,ଆରୋଗ୍ୟ କେନ୍ଦ୍ର

ରସୁଲପୁର,୧।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲିଛି। ପଞ୍ଚାୟତସ୍ତରରେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବା ଦିଗରେ ଏହି କେନ୍ଦ୍ର ସହାୟକ ହେବ। ବିଭିନ୍ନ ରୋଗକୁ ଗ୍ରାମାଞ୍ଚଳସ୍ତରରୁ ଚିହ୍ନଟ କରି ତାର ଆରୋଗ୍ୟ ନିମନ୍ତେ ଆଶୁ ପଦକ୍ଷେପ ନେବା ଏହି କେନ୍ଦ୍ରର ଲକ୍ଷ୍ୟ। ଉକ୍ତ କେନ୍ଦ୍ର ଅଧିକାରୀଙ୍କ ସମର୍ପଣ ଭାବ ଏ ଦିଗରେ ଉତ୍କୃଷ୍ଟ ସେବା ପ୍ରଦାନରେ ସାହାର୍ଯ୍ୟ କରି ପାରିବ ବୋଲି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ରସୁଲପୁର ବିଡିଓ ଅବନୀକାନ୍ତ ସାହୁ, ଜିଲାପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି, ନେଦରଲ୍ୟାଣ୍ଡସ ଦମ୍ପତି ଆଲିସ୍ ମୋନେନ, ଜେରାର୍ଡସ ଇଖୁଇଜେନ, ସମିତି ସଭ୍ୟ ରଞ୍ଜିତ କୁମାର ସାହୁ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ଏଏନଏମ୍ ସାବିତ୍ରୀ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ସପ୍ତାହର ଶନିବାର, ରବିବାର ଓ ସରକାରୀ ଛୁଟି ଦିନ ବ୍ୟତୀତ ସକାଳ ୯ଟାରୁ ୧୨ଟା ମଧ୍ୟରେ ଏହି କେନ୍ଦ୍ର ଖୋଲା ରହିବ। ଉକ୍ତ କେନ୍ଦ୍ର ଜରିଆରେ ବିଭିନ୍ନ ଅଣ ସଂକ୍ରାମକ ରୋଗ ଚିହ୍ନଟ କରାଯିବ। ତାର ପ୍ରତିଶୋଧକ ଓ ଆରୋଗ୍ୟ ବ୍ୟବସ୍ଥା ପାଇଁ ସୁଯୋଗ ସୃଷ୍ଟି କରାଯିବ। ଏ ଦିଗରେ କେନ୍ଦ୍ର ପକ୍ଷରୁ ମାଗଣାରେ ଔଷଧ ପ୍ରଦାନ କରାଯିବ। ରୋଗୀମାନଙ୍କ ରକ୍ତ ଶର୍କରା, ରକ୍ତଚାପ, ଜ୍ୱର, ଗର୍ଭ ପରୀକ୍ଷା ଆଦି ଚିକିତ୍ସା ସୁବିଧା ମିଳିପାରିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ଦାଶ ସୂଚନା ଦେଇଥିଲେ। ନାଏବ ସରପଞ୍ଚ କେଦାର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଞ୍ଚାୟତର ଏମ୍‌ବିକେ ସସ୍ମିତା ଆଏଚ, ନିର୍ବାହୀ ଅଧିକାରୀ ମାନସ ରାଉତ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡାଇ, ୱାର୍ଡସଭ୍ୟାସଭ୍ୟ, ସ୍ୱାସ୍ଥ୍ୟକର୍ମୀମାନେ ଯୋଗଦେଇ ଥିଲେ।

# କୁଶଳୀ ବୁଣାକାରଙ୍କୁ ମିଳିଲା ସହାୟତା

## ଉପକୃତ ହେବେ ୮୦ ପରିବାର

ରସୁଲପୁର,୧।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ଗୋପାଳପୁର ଗାଁର କୁଶଳୀ ବୁଣାକାର ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜରୁ ବୁଣାକାର ସରଞ୍ଜାମ ସହାୟତା ପ୍ରଦାନ କରାଯାଇଛି। ଏହି କ୍ରମରେ ଗୋପାଳପୁର ଗାଁର ଅଗ୍ରଣୀ କୋ-ଅପରେଟିଭ ସୋସାଇଟ୍ ମା'ତାରିଣୀ, ଶ୍ରୀ ବିଷ୍ଣୁ, ରାଧାକୃଷ୍ଣ ତନ୍ତୁବାୟ ସହଯୋଗ ସମିତି ସମେତ ୫ରୁ ଊର୍ଦ୍ଧ୍ୱ ସମିତିର ୮୦ଜଣ କାରିଗରଙ୍କୁ ବୁଣାକାର ସାମଗ୍ରୀ ପ୍ରଦାନ କରାଯାଇଛି। ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଆନୁକୂଲ୍ୟରେ କଟକ ବୟନ ମଣ୍ଡଳ ଜରିଆରେ ପିଓଏଚ୍‌ଆଇ ଯୋଜନା ଅଧୀନରେ ତାଲିମପ୍ରାପ୍ତ କୁଶଳୀ କାରିଗରମାନଙ୍କ ମଧ୍ୟରୁ ୪୦ଜଣଙ୍କୁ ତନ୍ତ ଓ ଜାକଡ, ୨୦ଜଣଙ୍କୁ ଡବି ଓ ଅନ୍ୟ ୨୦ଜଣଙ୍କୁ ଡାଇଂ ପ୍ରସ୍ତୁତ କରିବା ସାମଗ୍ରୀ ପ୍ରଦାନ କରାଯାଇଥିଲା। ମା'ତାରିଣୀ ତନ୍ତୁବାୟ ସହଯୋଗ ସମିତି ଆନୁକୂଲ୍ୟରେ ଆୟୋଜିତ ସାମଗ୍ରୀ ବଣ୍ଟନ ମେଳାରେ ସମିତିର ସଭାନେତ୍ରୀ ରେବତୀ ଗୁଇଁ ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ବୟନ ମଣ୍ଡଳର ଉପ-ନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଏସ୍‌ଆରସି ପ୍ରକାଶ ପାତ୍ର ବୟନ ମଣ୍ଡଳ ବୈଷୟିକ ଅଧିକାରୀ ଶ୍ରୀକାନ୍ତ ମିଶ୍ର, ତାରିଣୀ ତନ୍ତୁବାୟ ସମିତିର ପ୍ରଶାସକ ତାରିଣୀ ଛାଟୋଇ ପ୍ରମୁଖ ଯୋଗଦେଇ ସାମଗ୍ରୀର ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମିତିର କାର୍ଯ୍ୟକର୍ତ୍ତାମାନଙ୍କୁ ବୁଣାକାରମାନଙ୍କ ଘରେ ସେମାନଙ୍କ ସାମଗ୍ରୀ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବୁଣାକାର ନେତା ଅଶୋକ କୁମାର ଗୁଇଁ ସଂଯୋଜନା କରିଥିବା ବେଳେ ରମେଶ ଦାସ, ଦିଲ୍ଲୀପ କୁମାର ଗୁଇଁ ପ୍ରମୁଖ ପରିଚାଳାନା କରିଥିଲେ।

# ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ

## ସଫଳ କୃଷକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା/ଜେନାପୁର,୧।୧୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଭବାନୀପୁର ପଞ୍ଚାୟତ ଭୁବନଠାରେ ଜିଲାସ୍ତରୀୟ ୭୧ତମ ଗୋ ସମ୍ବର୍ଦ୍ଧନା ଉତ୍ସବ, ଗୋ ପୂଜନ ଓ ସଫଳ କୃଷକଙ୍କୁ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦ୍ମନାଭ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ସୁସେନ କୁମାର ପଣ୍ଡା ଯୋଗଦେଇ ଉନ୍ନତମାନର ଗୋ-ଚାଷ କରିବା ସହ ସମନ୍ୱିତ ଭାବେ ବ୍ୟବସାୟିକ ଭିତ୍ତିରେ ଧାନ, ପନିପରିବା, ଛତୁ, କୁକୁଡା ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଯୋଗଦେଇ ସମାଜ ଗୋମାତାଙ୍କୁ ଆଦ୍ୟକାଳରୁ ଗୁରୁତ୍ୱାରୋପ କରିଆସିଛି। ଗୋ-ପାଳନ କରି ଆତ୍ମନିର୍ଭରଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷି ଅଧିକାରୀ ଉଦୀପ୍ତ କୁମାର ତ୍ରିପାଠୀ, ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମିଶ୍ର, ଏଭିଏଏସ ଡା. ସୁବାସ ଚନ୍ଦ୍ର ଜେନା, ଭବାନୀପୁର ସରପଞ୍ଚ ଜ୍ୟୋତିର୍ମୟୀ ନାୟକ ଓ ସମିତିସଭ୍ୟା ସରୋଜିନୀ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଧର୍ମଶାଳା ବ୍ଲକର ବୀରବର ବେହେରା, ପରେଶ କୁମାର ମିଶ୍ର, ପ୍ରଦୀପ୍ତ କୁମାର ନାୟକ, ପ୍ରମୋଦ ପଣ୍ଡା, ବିଂଝାରପୁର ବ୍ଲକର ତପନ କୁମାର ସ୍ୱାଇଁ, ଦାନଗଦୀ ବ୍ଲକର ଉଦୟ କୁମାର ରାଉତ, ଦଶରଥପୁର ବ୍ଲକର ଚିନ୍ମୟ ରଞ୍ଜନ ସାହୁ, ସୁକିନ୍ଦାର ଦେବାଶିଷ ପଣ୍ଡା, କୋରେଇ ବ୍ଲକର ବି.ସି.ସାମଲ, ଯାଜପୁରର ଆଶୁତୋଷ ଦାସ, ନରେନ୍ଦ୍ର ବେହେରା, ସୁଶାନ୍ତ କୁମାର ବିଶ୍ୱାଳ, ରସୁଲପୁରର ଶତ୍ରୁଘ୍ନ ବେହେରା, ବରୀର ଦେବାନନ୍ଦ କର ପ୍ରମୁଖ ୧୪ଜଣ ଚାଷୀଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଚାଷୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏହାର ସମାଧାନର ସୂତ୍ର ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ପ୍ରାରମ୍ଭରେ ଗୋ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଞ୍ଜନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଗୋ ସମ୍ବର୍ଦ୍ଧନା ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

## ରସୁଲପୁର ବ୍ଲକରେ ଭିଜିଲାନ୍ସ ସପ୍ତାହ ପାଳିତ

ରସୁଲପୁର,୧।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ଅବନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲା ଭିଜିଲାନ୍ସ ଡିଏସ୍‌ପି ସୁଶିଲ ଏକ୍କା, ଇନ୍ସପେକ୍ଟର ଅନୁସୟା ସେନାପତି, ଏଏସ୍‌ଆଇ ଶ୍ରୀକାନ୍ତ ନାୟକ, ପ୍ରଦୀପ୍ତ ପତି ପ୍ରମୁଖ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବ୍ଲକ ଅଧୀନରେ କାର୍ଯ୍ୟରତ ସମସ୍ତ ବିଭାଗର ଅଧିକାରୀ କାର୍ଯ୍ୟକ୍ଷେତ୍ରକୁ ଦୁର୍ନୀତିମୁକ୍ତ କରାଇବା ନିମନ୍ତେ ଶପଥ ପାଠ କରିଥିଲେ। ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ଭିଜିଲାନ୍ସ ଓ ଜାତୀୟ ଏକତା ଦିବସ ଭାବେ ସମଗ୍ର ଦେଶରେ ପାଳନ କରାଯାଉଛି। ସରକାରୀ ଅଧିକାରୀ ସେମାନଙ୍କ ସମ୍ପତ୍ତି ତାଲିକା ନିଜ ଅଧିକାରୀଙ୍କୁ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ। ଏହାଛଡା ସରକାରୀ କର୍ମଚାରୀମାନେ ସେମାନଙ୍କ ୨ମାସର ଦରମାଠାରୁ ଅଧିକ ମୂଲ୍ୟର କୌଣସି ସାମଗ୍ରୀ କ୍ରୟ କରିବା ଓ ନିର୍ମାଣ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ଅନୁମତି ହାସଲ କରିବା ଭଳି ନିୟମକୁ ପାଳନ କରିବା ଉପରେ ସୂଚନା ପ୍ରଦାନ କରାଯାଇଥିଲା।

# ପୁରାତନ ଛାତ୍ର ପରିଷଦ ପକ୍ଷରୁ ଗଣ ସତ୍ୟାଗ୍ରହ

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ


କଲେଜ ପରିସରରେ ପୁରାତନ ଛାତ୍ର ପରିଷଦ ପକ୍ଷରୁ ଧାରଣା ଦିଆଯାଇଛି।

ଯାଜପୁର ରୋଡ,୧।୧୧(ଡି.ଏନ୍.ଏ.):

- ଅନିୟମିତତା,ଅଧକ୍ଷ ନିଯୁକ୍ତିର ପ୍ରତିବାଦ
- ପରିଚାଳନା କମିଟି ଦ୍ୱାରା ବରିଷ୍ଠଙ୍କୁ ଅଣଦେଖା

ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବ୍ୟାପକ ଅନିୟମିତତା ହୋଇଛି। ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠଙ୍କୁ ଅଧକ୍ଷ ପଦରେ ନିଯୁକ୍ତ ମିଳିଛି। ପରିଚାଳନା କମିଟି କୋର୍ଟଙ୍କ ଆଦେଶକୁ ଅବମାନନା କରି କଲେଜର ୧ କୋଟି ୪୬ ଲକ୍ଷ ଟଙ୍କା ହଡପକାରୀଙ୍କ ପାଖରୁ ଆଦାୟ କରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ବ୍ୟାସଦେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୁରାତନ ଛାତ୍ର ପରିଷଦ ପକ୍ଷରୁ ଗଣସତ୍ୟାଗ୍ରହ ଆରମ୍ଭ ହୋଇଛି। ଏହି ସତ୍ୟାଗ୍ରହରେ ପରିଷଦର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମହାଳିକ,ଚନ୍ଦ୍ରମଣି ସାମଲ, ଆଲୋକ ମହାନ୍ତି, ସୁଶାନ୍ତ କୁମାର ଭୂୟାଁ, କୁଞ୍ଜବିହାରୀ ମହାନ୍ତି, ଟୁଲଟୁଲ୍ ଜେନା, ଗଣେଶ ମାଝି, ମହେନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସ୍ୱୟଂଶାସିତ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକଙ୍କ ମୁଖ୍ୟଙ୍କୁ ଦାୟିତ୍ୱରୁ ହଟାଇବା ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ମହାବିଦ୍ୟାଳୟରେ ଦେଖାଦେଇଥିବା ବ୍ୟାପକ ଦୁର୍ନୀତି ସମ୍ପର୍କରେ ଯାଜପୁର ଜିଲାପାଳ ଓ ଉଚ୍ଚ ଶିକ୍ଷା ବିଭାଗ ହସ୍ତକ୍ଷେପ ନ କଲେ ପୁରାତନ ଛାତ୍ର ପରିଷଦ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ସ୍ମାର୍ଟ ସ୍କୁଲ ଦୁର୍ନୀତିର ତଦନ୍ତ କଲେ ଯନ୍ତ୍ରୀ

ବିଞ୍ଝାରପୁର,୧।୧୧(ଡି.ଏନ.ଏ.)

ବିଳମ୍ବରେ ହେଲେ ମଧ ବିଦ୍ୟାଳୟ ରୂପାନ୍ତରୀକରଣ ଦୁର୍ନୀତିର ତଦନ୍ତ କଲା ପ୍ରଶାସନ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପିଡି ଡିଆରଡିଏଙ୍କ ବିଭାଗୀୟ ଯନ୍ତ୍ରୀ ବିପ୍ଳବ କୁମାର ଆଚାର୍ଯ୍ୟ ଉକ୍ତ ଅଭିଯୋଗର ତଦନ୍ତ କରିଛନ୍ତି। କାମର ମାନକୁ ନେଇ ଯନ୍ତ୍ରୀ ଆଚାର୍ଯ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ପୁଣି ଥରେ ନିର୍ମାଣ କରିବାକୁ ଠିକାଦାରଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବିଂଝାରପୁର ବ୍ଲକ କପିଳା ଗ୍ରାମରେ ଥିବା ସତ୍ୟଭାମା ଗଣେଶ ଚନ୍ଦ୍ର ହାଇସ୍କୁଲର ରୂପାନ୍ତରୀକରଣ କାମ ନିମ୍ନମାନର ହୋଇଥିବା ଗ୍ରାମବାସୀ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ପିଡି ଡିଆରଡିଏଙ୍କୁ ଜିଲାପାଳ ରାଠୋର ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତିକୁ ୩ ମାସ ପୂରିଥିଲେ ମଧ କାର୍ଯ୍ୟର ତଦନ୍ତ ହୋଇ ନ ଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସହ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ମଧ ମଙ୍ଗଳବାର ପିଡି ଡିଆରଡିଏଙ୍କ ବିଭାଗୀୟ ଯନ୍ତ୍ରୀ ଆଚାର୍ଯ୍ୟ ବିଂଝାରପୁର ବ୍ଲକ କପିଳା ଗ୍ରାମରେ ପହଞ୍ଚି ସ୍କୁଲ ରୂପାନ୍ତରୀକରଣ କାର୍ଯ୍ୟର ତଦନ୍ତ କରିଥିଲେ। ନିମ୍ନମାନର କାର୍ଯ୍ୟ ପାଇଁ ଉପସ୍ଥିତ ଥିବା କନିଷ୍ଠ ଯନ୍ତ୍ରୀ ବିକାଶ ରଞ୍ଜନ ଦାସଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରି ପୁନର୍ବାର କାର୍ଯ୍ୟ କରିବାକୁ ଯନ୍ତ୍ରୀ ଆଚାର୍ଯ୍ୟ ନିର୍ଦ୍ଦେଶ ଦେଇଥିବା ଗ୍ରାମର ପରେଶ ଚନ୍ଦ୍ର ସାହୁ, ଗୁରୁ ଚରଣ ସାମଲ, ଚନ୍ଦ୍ରଶେଖର ସାମଲ, ରାଜକିଶୋର ସାମଲଙ୍କ ସମେତ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବ୍ଲକର କନିଷ୍ଠ ଯନ୍ତ୍ରୀ ଦାସଙ୍କୁ ପଚାରିବାରୁ ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟର ଠିକାଦାରଙ୍କୁ ଟଙ୍କା ପୈଠ କରାଯାଇ ନାହିଁ। ଗ୍ରାମବାସୀଙ୍କୁ ନେଇ ପୁନର୍ବାର କାମ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି।


ଯନ୍ତ୍ରୀ ବିପ୍ଳବ କୁମାର ଆଚାର୍ଯ୍ୟ ଅଭିଯୋଗର ତଦନ୍ତ କରୁଛନ୍ତି।

# କରୁଣା ଗ୍ରାମରେ ଗୋସେବା ଶିବିର

ବିଞ୍ଝାରପୁର,୧।୧୧(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଗୁହାଳି ପଞ୍ଚାୟତ କରୁଣା ଗ୍ରାମର ମା'କରୁଣେଇଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉପଲକ୍ଷେ ଗୀତାବାଣୀ ପ୍ରଚାର ସମିତି,ବାଇଁଶିରିଆ ଆନୁକୂଲ୍ୟରେ ଗୋସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସାମାଜିକ କର୍ମୀ ବିଶ୍ୱନାଥ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଗୋମାତାଙ୍କୁ ପୂଜାର୍ଚ୍ଚନା ସହିତ ଚିକିତ୍ସା କରାଯାଇଥିଲା। ଚିକିତ୍ସକ ଭାବେ ଏଲ୍‌ଆଇ ଅନିଲ କୁମାର ଦାସ, ଅବିନାଶ ପରିଡା, କିଶୋର ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଶରତ କୁମାର ଧଳ, ବ୍ରହ୍ମାନନ୍ଦ ଦାସ, ଗୀତାବାଣୀ ପ୍ରଚାର ସମିତିର ସହ ସମ୍ପାଦକ ବିଶ୍ୱଭୂଷଣ ଜେନା, ଶରତ କୁମାର ଜେନା, କାମଦେବ ଭୂୟାଁ, ବ୍ରଜମୋହନ ତ୍ରିପାଠୀ, ନିରାକାର ଭୂୟାଁ, ରାମଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ସହ ଭ୍ୟାନ ଜବତ



**ଦଶପଲ୍ଲା, ୧।୧୧ (ଡି.ଏନ.ଏ.):** ଦଶପଲ୍ଲା ଗଣିଆ ରାସ୍ତାରେ ଦଶପଲ୍ଲା ବନ ବିଭାଗ ପକ୍ଷରୁ ସୋମବାର ମଧ ରାତ୍ରରେ ଏକ ଭ୍ୟାନର ପିଛା କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ସହ ଗାଡିକୁ ଜବତ

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ସହ ଭ୍ୟାନ ଜବତ

କରାଯାଇଛି। ଏକ ଭ୍ୟାନରେ ଚୋରା କାଠ ଯାଉଥିବା ଖବରପାଇ ଦଶପଲ୍ଲା ରେଞ୍ଜର ଅଖିଳେଶ ମଲିକ, ସଦର ଫରେଷ୍ଟର ଜ୍ୟୋତିରଞ୍ଜନ ମାନସିଂ, ଫରେଷ୍ଟ ଗାର୍ଡ ଅବିନାଶ ସେନାପତି ସହ ସ୍କାଡ୍ ପାର୍ଟି ଗାଡିର ପିଛା କରିଥିଲେ। ଗାଡିର ପିଛା ବେଳେ ଢେଲା ପଥର ମାଡର ସମ୍ମୁଖୀନ ହୋଇଥିବା ବନ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ତେବେ ଗାଡିଟିକୁ ଉକ୍ତ ରାସ୍ତାର ଦିଣ୍ଡାଭୁଇ ଦୁଆରଗା ମଧ ସ୍ଥାନରୁ ଜବତ କରିଥିଲେ। ଗାଡିରୁ ୧୮ଟି ଶାଗୁଆନ ଲଗ୍ ଜବତ କରିଥିଲେ। ଗାଡି ଛାଡି ଚାଳକ ଫେରାର ହୋଇଯାଇଥିଲେ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜବତ ଗାଡି ଏବଂ କାଠକୁ ଗଣିଆ ରେଞ୍ଜର ଅଫିସକୁ ହସ୍ତାନ୍ତର କରାଯାଇଥିବା ଦଶପଲ୍ଲା ରେଞ୍ଜର ସୂଚନା ଦେଇଛନ୍ତି।

### ବଡଟାସରାରେ ଅଁଳା ନବମୀ ଯାତ୍ରା ନେଇ ପ୍ରସ୍ତୁତି

**ଖଣ୍ଡପଡ଼ା,୧।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ସହର ସନ୍ନିକଟ ଘଞ୍ଚ ଜଙ୍ଗଲ ମଧସ୍ଥିତ ବଡଟାସରା ପୀଠରେ ବୁଧବାର ପବିତ୍ର ଅଁଳା ନବମୀ ଯାତ୍ରା ନେଇ ବ୍ୟାପକ ପ୍ରସ୍ତୁତି ଚାଲିଛି । ଏ ଅବସରରେ ପୀଠ ପରିସରରେ ନାମ ସଙ୍କୀର୍ତ୍ତନ, ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ପୀଠାଧିସ ସାଧୁ ସରୋଜ ଦାସମହାରାଜଙ୍କଠାରୁ ପ୍ରକାଶ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଜନସାଧାରଣଙ୍କ ଭିଡକୁ ନଜରରେ ରଖି ଚିତ୍ରକୁଟେଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି।

### ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଗୋଷ୍ଠାଷ୍ଟମୀ ପାଳିତ

**ଓଡଗାଁ, ୧।୧୧(ସ୍ୱ.ପ୍ର.):** ଆମ ସଂସ୍କୃତି ଆମ ପରମ୍ପରା ମଙ୍ଗଳବାର ପବିତ୍ର ଗୋଷ୍ଠାଷ୍ଟମୀ ଅବସରରେ ଓଡ଼ଗାଁ ପ୍ରଖଣ୍ଡ (ବ୍ଲକ ) ବିଶ୍ୱ ହିନ୍ଦୁ ପରିଷଦ ଆନୁକୂଲ୍ୟରେ ଗୋପୂଜନ ଅନୁଷ୍ଠିତ ହୋଇଯାଇଛି। ପ୍ରଖଣ୍ଡ ସମ୍ପାଦକ ଭଗବାନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ୫୦ରୁ ଅଧିକ ଗୋରୁ ଙ୍କୁ ଗହମ, ଚୋକଡ, ଦାନା, ଫଳ ଆଦି ଖାଇବାକୁ ଦିଆଯାଇଥିଲା। ଶ୍ୟାମ ସୁନ୍ଦର ବେହେରା ଓ ବେଣୁଆ ବେହେରା ଦୁଇ ଗୋପାଳକ ଗୋରୁଙ୍କୁ ଖାଇବାକୁ ଦେବାରେ ସାହାଯ୍ୟ କରିଥିଲେ। ଓଡ଼ଗାଁ ବିକାଶ ପରିଷଦ ସଭାପତି ସୁଶାନ୍ତ କୁମାର ସାହୁ, ସଭାପତି ଅଚ୍ୟୁତାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନ୍ୟାୟ ଦାବିରେ ଅନିର୍ଦ୍ଦିଷ୍ଟକାଳ କାର୍ଯ୍ୟ ବନ୍ଦ

## ରାଜସ୍ୱ ବିଭାଗର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ଟ୍ରାକ୍ଟର ସଂଘ

**ନୂଆଗାଁ, ୧।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ତହସିଲ ରାଜସ୍ୱ ବିଭାଗ ପକ୍ଷରୁ ଟ୍ରାକ୍ଟର ମାଲିକମାନଙ୍କ ପ୍ରତି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ହୋଇ ପଡିଲେଣି ଟ୍ରାକ୍ଟର ମାଲିକ। ୭ ଦିନ ମଧରେ ଏହାର ସମାଧାନ କରା ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ ଦେବାକୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରି କଲେଜ ନିକଟ ପଡିଆରେ ଅନିର୍ଦ୍ଦିଷ୍ଟକାଳ ଯାଏ କାର୍ଯ୍ୟ ବନ୍ଦ କରିଛନ୍ତି ନୂଆଗାଁ ବ୍ଲକର ନୂଆଗାଁ, କୋରଡା, ଉଦୟପୁର ପଞ୍ଚାୟତର ଟ୍ରାକ୍ଟର ମାଲିକ।

ନୂଆଗାଁ ବ୍ଲକ ବିରୁପାକ୍ଷେଶ୍ୱର ଟ୍ରାକ୍ଟର ମହାସଂଘର ଅଭିଯୋଗ ମୁତାବକ, ଉଦୟପୁର, କୋରଡା ଓ ନୂଆଗାଁ ପଞ୍ଚାୟତରେ କୌଣସି ବାଲିଘାଟ ନାହିଁ।



କାର୍ଯ୍ୟ ବନ୍ଦ କରି ବସିଛନ୍ତି ଟ୍ରାକ୍ଟର ମାଲିକମାନେ।

ଯାହା ଫଳରେ ସମସ୍ତ ସରକାରୀ ଉନ୍ନୟନ କାର୍ଯ୍ୟ, ଆବାସ ଯୋଜନା ଗୃହ ଓ ବିଭିନ୍ନ ବେସରକାରୀ କାର୍ଯ୍ୟ ପାଇଁ ଆଖପାଖ ନାଳରୁ ବାଲି ସଂଗ୍ରହ କରି ଯୋଗାଇବାକୁ ପଡୁଛି। ବାଲି ଲୋଡ କରୁଥିବା ସମୟରେ କିମ୍ବା ବାଲି ଆଣୁଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଧରପଗଡ କରି ମୋଟା ଅଙ୍କର ଜରିମାନା ଆଦାୟ କରୁଛି। ଫଳରେ ଟ୍ରାକ୍ଟର ମାଲିକମାନଙ୍କ ସହ ଲୋକମାନେ ଅସୁବିଧା ଭୋଗୁଛନ୍ତି। ତେବେ ଏ ବିଷୟରେ ଲିଖିତ ଭାବେ ଜଣାଇବାର ୭ଦିନ ମଧରେ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରାକ୍ଟର ମାଲିକମାନେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏ ବାବଦରେ ଏକ ଲିଖିତ ଦାବିପତ୍ର ନୂଆଗାଁ ବିଡିଓ, ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଦେଇଛନ୍ତି। ତେଣୁ ଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ ଦାବି କରି ୩ ପଞ୍ଚାୟତର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଟ୍ରାକ୍ଟର, ଜେସିବି କଲେଜ ସମ୍ମୁଖ ପଡିଆରେ ଜମା କରିବା ସହ ସମାଧାନ ନ ହେବା ଯାଏ ପରିବହନ କାର୍ଯ୍ୟ ବନ୍ଦ କରି ବସି ରହିବେ ବୋଲି ମହାସଂଘ ସଭାପତି କେ, ବସନ୍ତ କୁମାର ଚୌଧୁରି, ସମ୍ପାଦକ ଅସିତ କୁମାର ପଟ୍ଟନାୟକ କହିଛନ୍ତି।

# ବୋହୂଙ୍କ ନିର୍ଯାତନା ନେଇ ମୁହଁ ଖୋଲିଲେ ଶାଶୁ

## ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

**ନୟାଗଡ ଅଫିସ,୧।୧୧**

ନୟାଗଡ ଜିଲା ଶରଣକୁଳ ଥାନା ପଞ୍ଚରିଡା ପାଇକବାଡ ଗାଁର ଜଣେ ଶାଶୁ ବୋହୂଙ୍କ ନିର୍ଯାତନା ବିରୋଧରେ ମୁହଁ ଖୋଲି ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ଡିଜି କଟକ, ମାନବିକ ଅଧିକାର କମିଶନର, ନୟାଗଡ଼ ଏସ୍‌ପି, ରଣପୁର ବିଧାୟକ, ଶରଣକୁଳ ଥାନା ଆଇଆଇସି, ମାନପୁର ସରପଞ୍ଚଙ୍କୁ ଅବଗତ କରାଇଛନ୍ତି। ଅଭିଯୋଗ ଅନୁସାରେ, ପଞ୍ଚରିଡା ପାଇକବାଡ ଗାଁର ଶାଶୁ ମଲିକା ଦେଇଙ୍କ ଅଭିଯୋଗ ଅନୁସାରେ, ପୁଅ ବସନ୍ତଙ୍କଠାରୁ ୬ ବର୍ଷ ହେଲା ମୁଁ ଅଲଗା ହୋଇ ରହି ଆସୁଛି। ତେବେ ବୋହୂ ଆରତୀ ମୁଦୁଲି କିଛି ଖଳ ଲୋକଙ୍କ ପ୍ରରୋଚନାରେ ଆମ୍ଭକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଛି। ଗତ ୨୦୧୧ ନଭେମ୍ବର ୨୫ରେ ମାରପିଟ୍ ଓ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଲେ। ପରେ ନିଜେ ଯାଇ ଥାନାରେ ମିଥ୍ୟା ଅଭିଯୋଗ କରି ହଇରାଣ ହରକତ କଲେ। ଏହି ଘଟଣାର ସମାଧାନ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ନିର୍ଯାତନା ବଢ଼ିବାରୁ ପୁଅ ଓ ବୋହୂଙ୍କ ନାଁରେ ଓଡ଼ଗାଁ ଥାନାରେ ନଂ.୩୨/୨୨ରେ ମାମଲା କରିଛନ୍ତି। ସେହିପରି ଅଗଷ୍ଟ ୧୦ତାରିଖରେ ପୁଣି ବୋହୂ ମାରପିଟ୍ କରିଥିଲେ। ଏ ସମ୍ପର୍କରେ ଜିଲାପାଳ, ଏସ୍‌ପି, ମହିଳା କମିଶନଙ୍କୁ ଅବଗତ କରାଇଥିଲେ। ପୁଣି ଅକ୍ଟୋବର ୧୭ତାରିଖରେ ବୋହୂ କିଛି ଗାଁ ଲୋକଙ୍କ ସହାୟତାରେ କୋଠଘରକୁ ଡାକି ନିର୍ଯାତନା ଦେଇଥିଲେ। କୋଠଘରେ ତାଙ୍କୁ ଗାଁର କେତେଜଣ ଲୋକ ୪୮ ଲକ୍ଷ ଟଙ୍କା ଦେବାକୁ ବାଧ କରିଥିଲେ। ଟଙ୍କା ନ ଦେଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେଇଛନ୍ତି। ଏହିପରି ବିଭିନ୍ନ ସମୟରେ ଧମକଚମକ ଓ ନିର୍ଯାତନା ବଢ଼ି ଚାଲିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବୋହୂ ଆରତୀ ମୁଦୁଲି କୁହନ୍ତି, ଶାଶୁ ମୋଠାରୁ ପୁଅକୁ ଅଲଗା କରି ମୋତେ ନିର୍ଯାତନା ଦେଉଛନ୍ତି। ମୁଁ ପୋଲିସ ଅଥବା ଗାଁ ଲୋକଙ୍କୁ ଅଭିଯୋଗ କଲେ ସେମାନଙ୍କୁ ଗୁଣ୍ଡା କହି ନାନା ପ୍ରକାରର ଅଭିଯୋଗ ମୋ ନାଁରେ କରି ମୋତେ ବଦନାମ କରୁଛନ୍ତି। ପ୍ରକୃତ କିଏ ହଇରାଣ ହେଉଛି କିଏ ଅଭିଶପ୍ତ ଜୀବନ ଯାପନ କରୁଛି ତଦନ୍ତ କଲେ ସତ୍ୟ ପଦାକୁ ଆସିବ। ମୋର ଏକ ଝିଅକୁ ଧରି ମୁଁ ବହୁ କଷ୍ଟରେ ଶାଶୁ ଘରେ ଚଳୁଛି। ସବୁ ସମୟରେ ଶାଶୁ ମୋତେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ମୋ ନାଁରେ ମିଥ୍ୟାରେ ଅଭିଯୋଗ କରି ହଇରାଣ କରି ଚାଲିଛନ୍ତି। ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତି ପଞ୍ଚରିଡା ପାଇକବାଡ ଗାଁର ଶାଶୁ ମଲିକା ଦେଇଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚରିଡା ପାଇକବାଡ ଗାଁର ମଲିକା କୁହନ୍ତି, ପୋଲିସ ଓ ଗାଁର କିଛି ଲୋକ ମୋତେ ହଇରାଣ ହରକତ କରୁଛନ୍ତି। ପୋଲିସ ମୋର ଅଭିଯୋଗକୁ ଅଣଦେଖା କରି ବୋହୂଙ୍କୁ ସହାୟତା କରୁଛନ୍ତି ବୋଲି କହିଛନ୍ତି।

# ୪ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୧।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବେଣାଗାଡିଆ, କଣ୍ଟିଲୋ, ବାଣପୁର ଓ ସିଧାମୂଳା ଆଦି ୪ଟି ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସହିତ ସଫଳତା ସମ୍ପର୍କରେ ୪ଟି ପଞ୍ଚାୟତର ଲୋକମାନଙ୍କ ନିକଟରେ ପହଞ୍ଚାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଛାତ୍ର ବିଜେଡି ସଭାପତି ବିଦ୍ୟା ରଞ୍ଜନ ପଣ୍ଡା, ସଭାପତି ମାଧବ ଚନ୍ଦ୍ର ସାହୁ, ଶିଖରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ତ୍ରିପାଠୀ, ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ରାଜୀବ କୁମାର ମିଶ୍ର, କଣ୍ଟିଲୋ ସମିତିସଭ୍ୟା ଶିଖା ବେହେରା, ବଡବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ସିଧାମୂଳା ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟ ମହେଶ୍ୱର ରାଉତ, ପ୍ରଭାତ ନାୟକ, ବେଣାଗାଡିଆ ସମିତିସଭ୍ୟା ରଞ୍ଜୁ ଦଳେଇ, ଦୁର୍ଯ୍ୟୋଧନ ସ୍ୱାଇଁ, ଯୁଗଳ କିଶୋର ନାୟକ, ନଗର ମହିଳା ସଭାପତି ସୁପ୍ରିୟା ଦାଶ, କାଉନସିଲର ମୋନାଲି ପ୍ରିୟଦର୍ଶିନୀ ପ୍ରଧାନ ସମେତ ନିର୍ବାଚନ ମଣ୍ଡଳୀର ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

### ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଲେ ଲୋକ

**ନୟାଗଡ଼ ଅଫିସ,୧।୧୧**

ନୟାଗଡ଼ ଖଣ୍ଡପଡା ରାସ୍ତାର ଯୋଗିଆପଲ୍ଲୀ ଘାଟିଠାରେ ମଙ୍ଗଳବାର ହୋଇଥିବା ଏକ ଲୁଟ୍ ଘଟଣାରେ ସ୍ଥାନୀୟ ଲୋକ ଦୁର୍ବୃତ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ତେବେ ଦୁର୍ବୃତ୍ତଙ୍କଠାରୁ ଲୁଟ୍ ୨୨ ହଜାର ଟଙ୍କା ସହ ମୋବାଇଲ ମିଳିନାହିଁ। ପ୍ରାପ୍ତ ସୂଚନା ଅନୁସାରେ, ଖଣ୍ଡପଡା ଥାନା ବାହାଡା ଗାଁର ବିକାଶ କୁମାର ମଲ୍ଲ, ସରୋଜିନୀ ମଲ୍ଲ ଓ ଅମୁଲି ସାହୁ ଏକ ସ୍କୁଟି ଯୋଗେ ନୟାଗଡ଼ ସଦର ଥାନାର ବାରବାଟି ଗାଁକୁ ଆସୁଥିଲେ। ବାଟରେ ଯୋଗଆପଲ୍ଲୀ ଘାଟିଠାରେ ଦୁଇ ଦୁର୍ବୃତ୍ତ ଚଳନ୍ତା ସ୍କୁଟରୁ ଅମୁଲି ସାହୁଙ୍କଠାରୁ ୨୨ ହଜାର ଟଙ୍କା ଓ ଏକ ମୋବାଇଲ ଲୁଟି ନେଇଥିଲେ। ୩ ଜଣଙ୍କ ପାଟି ଶୁଣି ସ୍ଥାନୀୟ ଲୋକ ଜଣେ ଦୁର୍ବୃତ୍ତଙ୍କୁ ଜଙ୍ଗଲ ଭିତରୁ ଧରି ଥିଲେ। ଅନ୍ୟପକ୍ଷେ ଦୁର୍ବୃତ୍ତଙ୍କ ସୂଚନା ଅନୁସାରେ, ଅନ୍ୟ ଜଣଙ୍କୁ ପୋଲିସ କାବୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବାହାଡାର ଏକ ବ୍ୟାଙ୍କରୁ ଅମୁଲି ୧୭ ହଜାର ଟଙ୍କା ଉଠାଣ କରିଥିଲେ। ପୂର୍ବରୁ ତାଙ୍କ ପାଖରେ ୫ ଥିଲା। ପୁଣି ଭ୍ୟାନିଟି ବ୍ୟାଗରେ ମୋବାଇଲ ଓ ବ୍ୟାଙ୍କ ପାସ୍‌ବୁକ୍ ରହିଥିଲା। ଅମୁଲି ବାଇକ୍ ପଛରେ ବସିଥିଲେ। ବିକାଶ ସ୍କୁଟି ଚାଳଉ ଥିଲେ।

# ୨ ଅଭିଯୁକ୍ତ ଭାଇ, ବଣିଆ ଜେଲ ଗଲେ

## ଗଞ୍ଜାମରୁ ଆସି ନୟାଗଡ଼ରେ କରୁଥିଲେ ଚୋରି

**ନୟାଗଡ ଅଫିସ,୧।୧୧**




ଚୋରି ମାମଲାରେ ନୟାଗଡ଼ ଟାଉନ ଥାନା ପୋଲିସ ଗଞ୍ଜାମ ଜିଲା ଆସ୍କା ଥାନା ଗଣ୍ଡପଲ୍ଲୀ ଗାଁର ଦୁଇ ଭାଇ ଏ. ସନ୍ତୋଷ(୨୨) ଓ ଏ. ଅର୍ଜୁନ(୧୯), ଚୋରା ସୁନା ଅଳଙ୍କାର ରଖିଥିବା ବଣିଆ ଭାଲିଆପଲ୍ଲୀର ଗୋଦାବରୀ ସାହୁ(୩୪)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି। ଜାମିନ ନାମଞ୍ଜୁର ପରେ ଏହି ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଦୁଇଭାଇ ଗଞ୍ଜାମରୁ ଆସି ନୟାଗନ ଜିଲା ସଦର ମହକୁମାରେ ଲୁଟ୍ କରିଥିବାବେଳେ ସିସିଟିଭି ଫୁଟେଜ ଏମାନଙ୍କୁ ଧରାଇବାରେ ସକ୍ଷମ ହୋଇଛି। ଏ ନେଇ ନୟାଗଡ଼ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକଙ୍କ ସୂଚନା ଅନୁସାରେ, ଗତ ଅକ୍ଟୋବର ୧୮ରେ ନୟାଗଡ଼ର ନାରାୟଣୀ ମନ୍ଦିରରୁ ନାରାୟଣ ଦୋରା ପତ୍ନୀ ଅନୁସୂୟାଙ୍କ ସହ ପୂଜା ସାରି ଫେରୁଥିବାବେଳେ ସୁନା ଚେନ ଲୁଟ୍ ହୋଇଥିଲା। ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ସୁନାହାର ଲୁଟି ନେଇଥିଲେ। ସେହିପରି ଏହି ଦୁଇ ଭାଇ ଅକ୍ଟୋବର ୩ରେ ଜିଲା ମୁଖ୍ୟ ଚିକିତ୍ସାଳୟର ପଛପାଖ ଦିଆନବନ୍ଧ ସାହିର ଜଣେ ମହିଳାଙ୍କ ବେକରୁ ଘର ସମ୍ମୁଖରେ ଅନୁରୂପ ଭାବେ ଏକ ସୁନା ଚେନ ଲୁଟି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୧୬୫/୨୨ ଓ ୧୮୭/୨୨ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ହେଲେ ସିସିଟିଭି ଫୁଟେଜରୁ ଦୁର୍ବୃତ୍ତଙ୍କ ଫଟୋ ଜଣାପଡିଥିଲା। ଯାହାକି ଦୁଇ ଭାଇଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଥିଲା। ଏହି ଦୁଇ ଭାଇଙ୍କଠାରୁ ୨ଟି ବାଇକ୍, ୧୦ଟି ମୋବାଇଲ, ଗୋଟିଏ ସୁନା ଚେନ ଜବତ କରାଯାଇଛି। ଦୁଇ ଭାଇ ଅଳଙ୍କାର ଲୁଟ୍, ମୋବାଇଲ ଫୋନ ଚୋରି, ଅଟକାଇ ଟଙ୍କା ଲୁଟ୍, ବାଇକ୍ ଡିକି ଭାଙ୍ଗି ଲୁଟ୍, ପରିବା ବଜାରରେ ମୋବାଇଲ ଚୋରି କରି ଭଲ ରୋଜଗାର କରୁଥିଲେ। ଏମାନଙ୍କର ୨ ସହଯୋଗୀଙ୍କୁ ଗିରଫ କରିବାକୁ ଚେଷ୍ଟା ଜାରି ରହିଛି। ଖବରଦାତା ସମ୍ମିଳନୀରେ ନୟାଗଡ଼ ଏସ୍‌ଡିପିଓ ଶୁଭେନ୍ଦ୍ର କୁମାର ସିଂ ଓ ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା ଉପସ୍ଥିତ ଥିଲେ।

# ଦଶପଲ୍ଲାରେ ୭୧ତମ ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ

**ଦଶପଲ୍ଲା,୧।୧୧( ଡି.ଏନ.ଏ.)**

ନୟାଗଡ଼ ଜିଲାରେ ୭୧ ତମ ଗୋସମ୍ବର୍ଦ୍ଧନା ଉତ୍ସବ ଏକ ସପ୍ତାହ ଧରି ଚାଲିଥିବାବେଳେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦଶପଲ୍ଲା ବ୍ଲକ ନିକଟସ୍ଥ,ଖମାରସାହି ପଞ୍ଚାୟତର ପ୍ରାଣୀ ସେବାକେନ୍ଦ୍ରଠାରେ ଏହି ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ, ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଖମାରସାହି ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସମିତିସଭ୍ୟା ମନୋରମା ବେହେରା, ୧୧ ନଂ. ଜିଲା ପ୍ରତିନିଧି ବସନ୍ତ କୁମାର ପ୍ରଧାନ ନୟାଗଡ଼ ଜିଲାର ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ସତ୍ୟନାରାୟଣ ପଣ୍ଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏହି ଉତ୍ସବରେ ଯୋଗଦେଇଥିବା ବେଳେ ଅତିଥିମାନେ ପ୍ରଥମେ ଗୋ ମାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋମାତାର ସୁରକ୍ଷା ଏବଂ ଗୋ ପାଳନ ବିଷୟରେ ମଞ୍ଚାସୀନ ଅତିଥିମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଡା. ପ୍ରତାପ କୁମାର ପ୍ରଧାନ ଉତ୍ସବକୁ ପରିଚାଳନା କରିଥିଲେ। ଡା. ଶ୍ରୀନିବାସ କର ଧନ୍ୟବାଦ ଦେଇଥିଲେ। ଦଶପଲ୍ଲା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ଚୌଧୁରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ସିଦ୍ଧାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଷ୍ଟଲ୍‌ଗୁଡ଼ିକ ବୁଲି ଅତିଥିମାନେ ଦେଖି ପ୍ରଶଂସା କରିଥିଲେ। ଉତ୍ସବରେ ପିଲାଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ଟାଟା ଏସ୍‌ସି ସହ ୪ ଶାଳଗଣ୍ଡି ଜବତ କଲା ବନ ବିଭାଗ

**ନୂଆଗାଁ, ୧।୧୧ (ଡି.ଏନ.ଏ)**

ନୟାଗଡ଼ ବନଖଣ୍ଡ ମହିପୁର ବନ ବିଭାଗ ସୋମବାର ରାତି ୪ ଗୋଟି ଶାଳ କାଠଗଣ୍ଡି ଲୋଡ୍ ଥିବା ଗୋଟିଏ ଟାଟା ଏସ୍‌ସି ଗାଡି ଜବତ କରିଛି। କାଠ ମାଫିଆ ମହିପୁର ବନ ବିଭାଗ ଆଖିରେ ଧୂଳି ଦେଇ ପ୍ରତିଦିନ ରାତିରେ ଜଙ୍ଗଲରୁ ଟ୍ରିପ୍ ଟ୍ରିପ୍ ଶାଳ ଗଛ ଲୁଟ କରି ଚାଲିଥିବା ବେଳେ ବନ ବିଭାଗ ସେମାନଙ୍କୁ ଧରିବାରେ ବିଫଳ ହେଉଛନ୍ତି। ପାଟ୍ରୋଲିଂ ବାବଦରେ ଅର୍ଥ ବ୍ୟୟ କରାଯାଉଥିଲେ ମଧ କାଠ ମାଫିଆଙ୍କୁ ଧରିବାରେ ବିଫଳ ବନ ବିଭାଗ। ଏ ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। କିଭଳି କାଠମାଫିଆଙ୍କୁ ଧରାଯିବ ସେ ନେଇ ବନ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। କାଠ ମାଫିଆ ରଗଡିମଡା ସଂରକ୍ଷିତ ଜଙ୍ଗଲ ବାଡିବାରି ନିକଟରେ କାଠ କାଟୁଥିବା ଖବରପାଇ ମହିପୁର ବନ କର୍ମଚାରୀ ଲୁଚି ରହିଥିଲେ।




ଜବତ କାଠ ଓ ଗାଡି।

ଟାଟା ଏସ୍‌ସି ଗାଡିରେ କାଠ ଲୋଡ କରି ଜଙ୍ଗଲ ମଧରୁ ବାହାରୁଥିବା ସମୟରେ ଗାଡିକୁ ଅଟକାଇବାକୁ ବନ କର୍ମଚାରୀ ପ୍ରସ୍ତୁତ ଥିଲେ। କିନ୍ତୁ ରାତି ୨ଟାରେ ଜଙ୍ଗଲ ମଧରେ ଦୂରରୁ ବନ କର୍ମଚାରୀଙ୍କୁ ଦେଖି ଗାଡି ଛାଡି କାଠମାଫିଆ ଦୌଡି ପଳାଇ ଯାଇଥିବା ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ବନ ବିଭାଗ ସେଠାରୁ ୪ଟି ଶାଳ ଲଗ୍ କାଠ ଲୋଡଥିବା ଟାଟା ଏସ୍‌ସି (ଓଡି ୨୫ ଏ ୩୫୯୮)କୁ ଜବତ କରି ମହିତମା ଫରେଷ୍ଟ ବିଟକୁ ଆଣିଛି। ବିଭିନ୍ନ ସମୟରେ କାଠ, ଗାଡି ଆଦି ଜବତ କରାଯାଉଛି। କିନ୍ତୁ କାଠ ମାଫିଆ ଖସି ଯାଉଥିବା ବନ କର୍ମଚାରୀ କହୁଛନ୍ତି। ଶେଷରେ କାଠ ଓ ଗାଡିକୁ ଜବତ କରି ବନ ବିଭାଗ ଚୁପ୍ ହୋଇ ବସୁଛି। ତେବେ ଏହି କାଠ ଚୋରି ଘଟଣାରେ ସମ୍ପୃକ୍ତ କାଠ ମାଫିଆଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ରଞ୍ଜର ସାହୁ କହିଛନ୍ତି। ମହିପୁର ରେଞ୍ଜର ସାହୁଙ୍କ ନେତୃତ୍ୱରେ ଏହି ପେଟ୍ରୋଲିଂରେ ମହିତମା ଫରେଷ୍ଟର ରାକେଶ କୁମାର ସାହୁ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଅଧିକାରୀଙ୍କୁ ନ ଭେଟି ନିରାଶରେ ଫେରିଲେ ଉପଭୋକ୍ତା

## ଦୁଇ ମାସ ହେଲା ଅନ୍ଧାରରେ ଉଦୁଡା ଗ୍ରାମବାସୀ

**ନୂଆଗାଁ, ୧।୧୧ (ଡି.ଏନ.ଏ.)**

ନୟାଗଡ ଜିଲା ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଞ୍ଚାୟତ ଉଦୁଡା ଗ୍ରାମବାସୀ ଦୁଇ ମାସ ହେଲା ଅନ୍ଧାରରେ ରହିଛନ୍ତି। ଏ ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନି। ତେଣୁ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଭେଟିବାକୁ ମଙ୍ଗଳବାର ଉଦୁଡା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ନୂଆଗାଁ ବିଦ୍ୟୁତ କାର୍ଯ୍ୟାଳୟକୁ ଆସିଥିବା ବେଳେ କୌଣସି ଅଧିକାରୀଙ୍କୁ ନ ଭେଟି ନିରାଶ ହୋଇ ଫେରିଛନ୍ତି। ଗ୍ରାମବାସୀଙ୍କ




ବିଦ୍ୟୁତ୍ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଉଦଡ଼ା ଗାଁରେ ଲୋକମାନେ।

କହିବା ମୁତାବକ, ଉଦୁଡା ଗ୍ରାମବାସୀଙ୍କୁ ବିଦ୍ୟୁତ ଯୋଗାଇବା ନିମନ୍ତେ ଗୋଟିଏ ଟ୍ରାନ୍ସଫର୍ମର ଦିଆଯାଇଛି। ସେହି ଟ୍ରାନ୍ସଫର୍ମରଟି ଦୁଇମାସ ପୂର୍ବେ ପୋଡି ଗଲା। ତେଣୁ ବାରମ୍ବାର କହିବା ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଆଉ ଗୋଟିଏ ଟ୍ରାନ୍ସଫର୍ମର ଲଗା ଯାଇଥିଲା। ଦୁଇଦିନ ପରେ ତାହା ମଧ ପୋଡି ଗଲା। ସେହିଦିନଠାରୁ ଅନ୍ଧାରରେ ଗ୍ରାମବାସୀ ରହିଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କେହି ଶୁଣୁ ନାହାନ୍ତି। ତେଣୁ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବାକୁ ଆସିଥିବା ବେଳେ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଗ୍ରାମବାସୀଙ୍କୁ ନିରାଶ ହୋଇ ଫେରଛନ୍ତି। ଏ ନେଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ।

## ସଂକ୍ଷେପରେ

### ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ପାଣିକୋଇଲି,୧।୧୧(ଡି.ଏନ.ଏ.)- କୋରାଇ ଥାନା ଅନ୍ତର୍ଗତ ସୋଲବନ୍ଦୀ ଗ୍ରାମର ଶତ୍ରୁଘ୍ନ ରାଉତଙ୍କ ଫସଲ କିଆରିରେ ତାଙ୍କ ପଡୋଶୀ ଗୋରୁ ପୁରାଇ ଫସଲ ଉଜାଡି ଥିଲେ । ଏହାପରେ ସେମାନେ ଶତ୍ରୁଘ୍ନଙ୍କୁ ଆକ୍ରମଣ କରିଥିଲେ । ଏନେଇ ଶତ୍ରୁଘ୍ନଙ୍କ ସ୍ତ୍ରୀ ପ୍ରମିଳା ରାଉତ କୋରାଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଏହାର ପ୍ରତିବାଦରେ ମଙ୍ଗଳବାର ପ୍ରମିଳା ରାଉତ ପାଣିକୋଇଲିସ୍ଥିତ ପୋଲିସ ମୁଖ୍ୟାଳୟରେ ପହଞ୍ଚି ଏସ୍‌ପିଙ୍କୁ ଭେଟିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି । ପ୍ରମିଳାଙ୍କ ଅଭିଯୋଗ ମୁତାବକ ତାଙ୍କ ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ଭେଣ୍ଡି ଫସଲ କରି ପରିବାର ପ୍ରତିପୋଷଣ କରନ୍ତି । ଗତ ୨୦ ତାରିଖ ଅପରାହ୍ନରେ ତାଙ୍କ ପଡୋଶୀ ପହଲା ବାରିକ ଏବଂ ଫୁନିଆ ବାରିକ ଆସି ଜୋରଜବରଦସ୍ତ ଗୋରୁ ପୁରାଇ ଫସଲ ଉଜାଡି ଦେଇଥିଲେ । ଏନେଇ ଶତ୍ରୁଘ୍ନ ବିରୋଧ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପହଲା ବାରିକ ଶତ୍ରୁଘ୍ନଙ୍କୁ ପିଟିବାରୁ ତାଙ୍କ କାନ୍ଧ ହାଡ ଭାଙ୍ଗି ଯାଇଥିଲା । ଗ୍ରାମବାସୀ ପହଞ୍ଚିବାରୁ ପହଲା ଓ ଫୁନିଆ ପଳାଇଯାଇଥିଲେ । ୫ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ପ୍ରମିଳା କହିଛନ୍ତି ।

### କଣ୍ଟେନର ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି,୧।୧୧(ଡି.ଏନ.ଏ.)- ୧୬ନଂ. ଜାତୀୟ ରାଜପଥର ପାଣିକୋଇଲି ଥାନା ଅନ୍ତର୍ଗତ ବ୍ରଜନଗର ନିକଟରେ ଏକ ୧୦ ଚକିଆ କାଚ ବୋତଲ ବୋଝେଇ କଣ୍ଟେନର (ନଂ.ଟିଏସ ୦୮ଏବି ୦୭୬୯) ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକ ଆହତ ହୋଇଛନ୍ତି । ଏହି ଗାଡ଼ିଟି ହାଇଦ୍ରାବାଦରୁ କୋଲକତା ଅଭିମୁଖେ ଯାଉଥିଲା । ସ୍ଥାନୀୟ ଲୋକେ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୋଲିସକୁ ଖବର କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ।

### ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ବିୟୋଗରେ ଶୋକ

ବାଲିକୁଦା,୧।୧୧(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଭଗବାନ ସିଣ୍ଡୋଲ ଗାଁର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ବିୟୋଗରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଉପାଧକ୍ଷା ପ୍ରିୟମ୍ୱଦା ପଲାଉର, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ଜିତେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାଶ, ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲା ପରିଷଦ ସଦସ୍ୟା ଡଲି ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ସେହିପରି ଜଗତ୍‌ସିଂହପୁର ପୂବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ,ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ, ଜିଲା କଂଗ୍ରେସ ସଭାପତି ନଟବର ବାରିକ ଓ ଜିଲା କଂଗ୍ରେସ ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଓ ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

### ଗୋଟିଏ ଲେଖାଏ ଚାରା ଲଗାଇଲେ ପରିବେଶ ସୁରକ୍ଷା ହେବ

ବିରିଡି,୧।୧୧(ଡି.ଏନ୍.ଏ.)- ବିରିଡି ବ୍ଲକ ଅନ୍ତର୍ଗତ ଅଣଖିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଶିକ୍ଷା ବିକାଶ ସମିତି ଓଡିଶା ଆନୁକୂଲ୍ୟରେ ପର୍ଯ୍ୟାବରଣ ସୁରକ୍ଷା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ କୁମାର ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ଜଗତ୍‌ସିଂହପୁର ଜିଲା ପର୍ଯ୍ୟାବରଣ ଅଧିକାରୀ ତଥା ପରିବେଶବିତ ଗୟାଧର ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ, ଏ ମଣିଷ ପରିବେଶକୁ ଧ୍ୱଂସ କରି ଚାଲିଛି ଏଣୁ ଆଗାମୀ ଦିନରେ ତୁମେମାନେ ସଙ୍କଟରେ ପଡିବା ଏ ଜୀବ ଜଗତ ଧ୍ୱଂସ ପାଇଯିବାର ଆଶାଙ୍କାକୁ ଏଡ଼ାଇ ହେବନି । ପରିବେଶକୁ ସୁରକ୍ଷା କରିବାକୁ ହେଲେ ପ୍ରଥମେ ଜଳ ସଂରକ୍ଷଣ , ଚାରାରୋପଣ, ଶକ୍ତି ସଂରକ୍ଷଣ, ସ୍ୱଚ୍ଛତା, ପ୍ଲାଷ୍ଟିକ ବର୍ଜନ କରିବା ନିହାତି ଜରୁରୀ। ପତ୍ୟେକ ଛାତ୍ରୀଛାତ୍ର ଗୋଟିଏ ଲେଖାଏ ଚାରା ଲଗାଇଲେ ପରିବେଶ ସୁରକ୍ଷା ହେବାରେ ସହାୟକ ହେବ । ଅନ୍ୟମାନଙ୍କ ମଧରେ କର୍ମଶାଳାରେ ଗୁରୁଜି ସର୍ବେଶ୍ୱର ମହାପାତ୍ର ଓ ଅରୁଣ ପ୍ରସାଦ ଦାସ ଯୋଗଦେଇ ଛାତ୍ରୀ ଛାତ୍ରମାନଙ୍କୁ ପରିବେଶ ଉପରେ ଉଦ୍‌ବୋଧନ ଦେଇଥିଲେ ।

# ୪ ଦଫା ଦାବିରେ ଏସ୍‌ୟୁସିଆଇର ଧାରଣା

ନାଉଗାଁ,୧।୧୧(ସ୍ୱ.ପ୍ର.)



ଏସ୍‌ୟୁସିଆଇ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି ।

୪ ଦଫା ଦାବି ନେଇ ଏସୟୁସିଆଇର ନାଉଗାଁ ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। କମିଟି ସଦସ୍ୟ ସୁବାସ ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ। ଏସଂକ୍ରାନ୍ତରେ ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କ ଜରିଆରେ ଜିଲାପାଳଙ୍କୁ ଦିଆଯାଇଥିବାବେଳେ ଆଉ ଏକ ଦାବିପତ୍ର ବିଇଓଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀଙ୍କ ପାଖକୁ ପଠାଯାଇଛି। ଏସବୁ ଦାବିଗୁଡିକ ମଧ୍ୟରେ ୨୦୦୯ ନଭେମ୍ବରରୁ ୨୦୧୨ ଏପ୍ରିଲ ପର୍ଯ୍ୟନ୍ତ କାମ କରିଥିବା ପାଚିକା, ସହାୟିକାଙ୍କୁ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ, ବିଦ୍ୟାଳୟ ବନ୍ଦ ,ମିଶ୍ରଣ ଓ ପିଲା ସଂଖ୍ୟା କମ୍ ପାଇଁ ବାଦ ପଡିଥିବା ପାଚିକା, ସହାୟିକାଙ୍କୁ ଅନ୍ୟତ୍ର ନିଯୁକ୍ତି, ସେମାନଙ୍କୁ ଚତୁର୍ଥ ଶ୍ରେଣୀର ମାନ୍ୟତା ଓ ସର୍ବନିମ୍ନ ୨୬ ହଜାର ଟଙ୍କା ଦରମା ପ୍ରଦାନ, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ମାସିକ ୨ ହଜାର ଟଙ୍କା ବକେୟା ଦରମା ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହି ଧାରଣାରେ ପ୍ରେମଲତା ସାହୁ, ରୀନାବାଲା ରାଉତ, ନର୍ମଦା ସେନାପତି, ଟୁକୁନି ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ରସୁଲପୁର ବିଇଓଙ୍କ ବିରୋଧରେ ଥାନାରେ ଅଭିଯୋଗ

ରସୁଲପୁର,୧।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି । ଆଣ୍ଟି କରପଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବିଇଓଙ୍କ ନାନା ଅନିୟମିତତା ସମ୍ପର୍କରେ ଏହି ଅଭିଯୋଗରେ ଦର୍ଶାଯାଇଛି। ଫାଉଣ୍ଡେଶନ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ ବିରୋଧରେ ୨୨ଟି ବିଷୟରେ ତଥ୍ୟ ସମ୍ବଳିତ କାଗଜପତ୍ର ଥାନାରେ ଦାଖଲ କରାଯାଇଥିବା ସୂଚନା ମିଳିଛି ।

ବ୍ଲକ ଶିକ୍ଷାଧିକାରୀ ମଲ୍ଲିକ ଟିକରପଡା ପଞ୍ଚାୟତ ବାସୁଳାଇସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଚକ୍ରାନ୍ତ କରି ବେଆଇନ ପଦକ୍ଷେପ ନେବା, ବିଦ୍ୟାଳୟ ସ୍ଥାନାନ୍ତରଣ ପ୍ରସଙ୍ଗକୁ ନେଇ ଉଚ୍ଚ ନ୍ୟାୟଳୟର ଆଦେଶକୁ ଅବମାନନା କରିବା, ବାସୁଳାଇ ସାହି ବିଦ୍ୟାଳୟର ୧୧କୁଇଣ୍ଟାଲ ଚାଉଳ ହଡପ କରିବା, ଶିକ୍ଷକମାନଙ୍କୁ ପଦନ୍ନୋତି ସମୟରେ ଉତ୍କୋଚ ନେବା, ଅବସରପ୍ରାପ୍ତ ଓ ମୃତ ଶିକ୍ଷକଙ୍କ ବକେୟା ପାଉଣା ପାସ୍ କରାଇ ଦେବା ଆଳରେ ସେମାନଙ୍କୁ ଶୋଷଣ କରିବାରେ ବ୍ଲକ ଶିକ୍ଷାଧିକାରୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତାରେ ଆପତ୍ତି ଅଭିଯୋଗ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଧମକ ଚମକ ଦିଆଯାଉଛି । ଥାନାରେ ଅଭିଯୋଗ ହୋଇଥିବା ଘଟଣାକୁ ସ୍ୱୀକାର କରିଛନ୍ତି ଥାନା ଏସ୍‌ଆଇ ଦୁଷ୍ମନ୍ତ ଦାସ । ତାଙ୍କର କହିବା କଥା ହେଲା ଅଭିଯୋଗ ମୁତାବକ ସେ ଘଟଣାର ତଦନ୍ତ କରିବାକୁ ଯାଇ ବିଇଓ ମଲ୍ଲିକଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ଅଭିଯୋଗକାରୀ ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅଭିଯୋଗ ଆଣିଛନ୍ତି ବୋଲି ବିଇଓ ତଦନ୍ତ ଅଧିକାରୀଙ୍କୁ କହିଛନ୍ତି । ଅଭିଯୋଗକାରୀ ତାଙ୍କ ଜରିଆରେ ଏକ ବେଆଇନ କାମ କରିବାକୁ ଅନୁରୋଧ କରିଥିଲେ । ସେ ନ କରିବାରୁ ତାଙ୍କ ବିରୋଧରେ ଅଭିଯୋଗକାରୀ ଏଭଳି ଏତଲା ଦେଇଛନ୍ତି ବୋଲି ସେ ପୋଲିସକୁ ସଫେଇ ଦେଇଛନ୍ତି । ଏ ନେଇ ଆଲୋଚନା ଚାଲିଛି, ମାତ୍ର ପୋଲିସ ପକ୍ଷରୁ ଥାନାରେ ଏଯାଏ କୌଣସି ମାମଲା ରୁଜୁ ହୋଇନାହିଁ ଏ ସଂକ୍ରାନ୍ତରେ ବିଇଓ ମଲ୍ଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା । ହେଲେ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ସମର୍ଥନ କରିବା ଉଚିତ ନୁହେଁ

ଜଗତ୍‌ସିଂହପୁର ଅଫିସ, ୧।୧୧



ଦୁର୍ନୀତି ନିବାରଣ ପାଇଁ ଆୟୋଜିତ ସଚେତନତା ଶୋଭାଯାତ୍ରା ।

ଦୁର୍ନୀତି ଓ ବିକାଶ ଏକ ସଙ୍ଗରେ ଯାଇପାରିବେ ନାହିଁ। ଦୁର୍ନୀତି ମଣିଷର ସହଜାତ ପ୍ରବୃତ୍ତିରେ ପରିଣତ ହୋଇଛି। ସମାଜ ଓ ପରିବାର ପରୋକ୍ଷରେ ଏଥିପାଇଁ ଦାୟୀ। ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ପରିବାର ଓ ସମାଜ ସମର୍ଥନ ବା ପ୍ରୋତ୍ସାହନ ଦେବା କଥା ନୁହେଁ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏହା କହିଛନ୍ତି। ଉତ୍ସବରେ ଜିଲାପାଳ ପାରୁଲ ପଟୱାରୀ ସରକାରୀ କର୍ମଚାରୀଙ୍କୁ ଆତ୍ମ ସମୀକ୍ଷା କରିବା ନେଇ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ ସାଜିଛି । ଏହାର ମୁଳୋତ୍ପାଟନ ପାଇଁ ସରକାରୀ କର୍ମଚାର, ନାଗରିକ ଓ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଦୁର୍ନୀତି କାରଣରୁ ରାଜ୍ୟ ସରକାର ଏଥିମଧ୍ୟରେ ୧୬୦ରୁ ଅଧିକ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରି ସାରିଲେଣି। କର୍ମ କ୍ଷେତ୍ରରେ ସ୍ୱଚ୍ଛତା ରଖି ୫-ଟି ନିୟମ ଆଧାରରେ କାର୍ଯ୍ୟ କରିବା ଜରୁରୀ। ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ କହିଥିଲେ, ଯେଉଁମାନେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି ସେମାନଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ଉଚିତ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ଉପରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଜଗତ୍‌ସିଂହପୁର ଦୁର୍ନୀତି ନିବାରଣ ବିଭାଗ ଉପଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଏସ୍‌କେ ଏକାଡେମୀ ନିକଟରୁ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ।


**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

ବିଷୟ-ସିପିଆର୍‌ଏମ୍‌ଏସ୍‌ଇ ସଦସ୍ୟଙ୍କ ପାଇଁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର

ଏତଦ୍ୱାରା ଏମ୍‌ସିଏଲ/ଅନ୍ୟ ଅନୁଷଙ୍ଗୀ ସଂସ୍ଥା (ଯେଉଁମାନେ ଏମ୍‌ସିଏଲ୍ ଚୟନ କରିଛନ୍ତି)ରୁ ଅବସରପ୍ରାପ୍ତ ସମସ୍ତ ଅଧିକାରୀ ଅଥବା ସେମାନଙ୍କର ପତି/ପତ୍ନୀ (ଅବସରପ୍ରାପ୍ତ ଅଧିକାରୀଙ୍କ ଦେହାନ୍ତ ହୋଇଥିବା ସ୍ଥିତିରେ)ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ସିପିଆରଏମଏସଇର ସଦସ୍ୟ, ସେମାନଙ୍କୁ ସେମାନଙ୍କର ଜୀବନ ପ୍ରମାଣପତ୍ର ନଭେମ୍ବର ୨୦୨୨ରେ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି। ଏଣିକି ଜୀବନ ପ୍ରମାଣପତ୍ର ଯଥା: ଆବାସିକ ଲାଭ ପାଇଁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅନ୍‌ଲାଇନ ଜରିଆରେ ଦାଖଲ କରିହେବ। ସମସ୍ତଙ୍କୁ ନିକଟସ୍ଥ ଜନସେବା କେନ୍ଦ୍ର ବା ବ୍ୟାଙ୍କ୍ ଶାଖା ଅଥବା ସରକାରୀ କାର୍ଯ୍ୟାଳୟ ଯାହାର ସବିଶେଷ ବିବରଣୀ https://jeevanpraman.gov.in ରେ ଦିଆଯାଇଛି ସେଠାକୁ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି। ଲାଭାର୍ଥୀମାନେ ସେମାନଙ୍କର ଜୀବନ ପ୍ରମାଣପତ୍ର ବ୍ୟକ୍ତିଗତ ଭାବେ/ଇମେଲ୍ ଆଇଡି: mclcprmse@gmail.com କିମ୍ବା ଉପ-ମହାପ୍ରବନ୍ଧକ(ଇଇ), ଏମ୍‌ସିଏଲ୍ ମୁଖ୍ୟାଳୟ, ସା/ପୋ: ଜାଗୃତି ବିହାର, ବୁର୍ଲା, ସମ୍ବଲପୁର -୭୬୮୦୨୦ (ଓଡ଼ିଶା)ଠିକଣାରେ ଡାକଯୋଗେ ଅଫ୍‌ଲାଇନ୍‌ରେ ମଧ ଦାଖଲ କରିପାରିବେ। ସଦସ୍ୟମାନେ ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.in ରୁ ସବିଶେଷ ବିବରଣୀ ପାଇ ପାରିବେ।

ସ୍ୱା/-
R-5127 ଉପ-ମହାପ୍ରବନ୍ଧକ(ଇଇ)



**GOVERNMENT OF ODISHA** No. L-82
**OFFICE OF THE EXECUTIVE ENGINEER (AGRIL.) (NORTHERN ZONE) HORTICULTURE**
AT/P.O.: FARM ROAD, SAMBALPUR - 768002
(email: eehortnz@gmail.com)
Identification No. 01/Hort./NZ/2022-23 Dt.31.10.2022

| | | |
|---|---|---|
| 01 | Total Nos. of Works: (Sundargarh, Angul, Bargarh, Jharsuguda & Subarnapur Districts) | 08 Nos. |
| 02 | Estimated Cost | Rs.08,06,750/- to Rs.42,05,648/- |
| 03 | Period of Completion | 60 days to 120 days |
| 04 | Date & Time of availability of bid document in the portal | From 10.00 hrs. of 10.11.2022 to 17.00 hrs. of 21.11.2022 |
| 05 | Last date & time of receipt of copies of uploaded documents, draft, affidavits, schedules etc. in the tender box at the office of the undersigned at Farm Road, Sambalpur - 768002 | Before 17.00 hrs. of 23.11.2022 |
| 06 | Date & Time of opening of Bids | 11.00 hrs. of 25.11.2022 onwards |
| 07 | Name and address of the Officer Inviting Bid | Executive Engineer (Agril.), Northern Zone, Horticulture, C/o. Dy. Director of Horticulture, At/P.O.: Farm Road, Sambalpur, PIN - 768002 |

Further details can be seen from the website: www.tendersodisha.gov.in.
Sd./- Executive Engineer, (Agril.)
OIPR-01465/11/0002/2223 Northern Zone, Horticulture, Sambalpur



**idco** ODISHA NEW OPPORTUNITIES **OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
No. CAD-2374
Tender Call Notice No. IDCO/HO/P&C/EST/E-1017/04/2022/Vol-I/27781 Dated: 29.10.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road, Drain and RCC Culvert at Saw Mill Zone in Industrial Estate, Choudwar, Cuttack, Odisha.
2. Estimated Cost : Rs.831.19 lakh (Approx.)
3. Period of Completion : 06 (Six) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-91/2022-23 | 10.11.2022 at 17.00 hrs. | 25.11.2022 upto 17.00 hrs. |

Further details can be seen from the e-Procurement Portal: www.tendersodisha.gov.in and Corrigendum if any will not be published in Newspapers and can only be seen in the e-Procurement portal www.tendersodisha.gov.in and www.idco.in

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0185/2223



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2373 OSIC GST No. 21AAACO2101M1Z1

**TENDER CALL NOTICE**

The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/Manufacturers/MSMEs for the following works, the details schedules, Terms & Conditions, items and quantity of requirement as per the following Tender Notices mentioned below which can be downloaded from OSIC website www.osicltd.in.

| Name of the work | Tender No. |
|---|---|
| "Supply & Maintenance of Sanitation Items and Sanitation works in the urban areas under the Municipality Anandapur" and "Shifting of High mast pole from Ghasipura Bus stand to Anandapur Barrage" | 4622/OSIC/RE dtd. 31.10.2022 |
| supply & installation of Fire safety equipments to the Model Degree College, Sonepur, Dist: Subarnapur, Nabakrushna Choudhary College of Teacher Education, Angul and Bhadrak Autonomous College, Bhadrak, Odisha | 4634/OSIC/MKT dtd. 01.11.2022 |
| supply & installation of Ceiling Fans in 1128 Nos. of Anganwadi Centres of Jagatsinghpur District | 4639/OSIC/MKT dtd. 01.11.2022. |

Any corrigendum/changes/modifications will appear in OSIC Ltd. website: www.osicltd.in only. All the tenderers are to refer to above website.

By order of MD
OIPR-14073/11/0114/2223 Sd/- GENERAL MANAGER(O)



No. W-61

**ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨**

ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧ ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କ ର କାହା ସହିତ କୌଣସି ବିବାଦ ରହିଛି କି?
୨ ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।
୩ ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର) ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ରାଷ୍ଟ୍ର ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।
୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧିୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମା ର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।
୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତ ରେ ହୋଇପାରିବ ।
୬ ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ।
୭ ଯଦି କୌଣସି ବିଚାରାଧିନ ମକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।
୯ ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତ ରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
OIPR-18008/11/0014/2223 ଇ-ମେଲ୍- oslsa2020@gmail.com



**NOTICE INVITING TENDER**
**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., MALKANGIRI DISTRICT**
Phone: 06861230359, District Website: www.malkangiri.nic.in

No. CAD-2368: Cost of Tender Document: Rs.5900/- inclusive of GST for each Block Unit i.e. for Tender No. 1400 dated 29.10.2022, No. 1401 dated 29.10.2022, No. 1402 dated 29.10.2022, No. 1403 dated 29.10.2022, No. 1404 dated 29.10.2022, No. 1405 dated 29.10.2022 & No. 1406 dated 29.10.2022.
Online tenders are invited from eligible bidders for selection and appointment of Transport Contractors for transportation of paddy from Paddy Purchase Centres (PPC) to Rice Mills with in district or out side the district within the State of Odisha.

| | | |
|---|---|---|
| 1 | Availability of tender documents | From Date: 03.11.2022 downloadable from website: www.oscsc.in & www.tendersodisha.gov.in |
| 2 | Date, time and venue for pre-bid conference | Dt.05.11.2022 at 11.00 A.M., at Collectorate, Malkangiri |
| 3 | Last date and time for online submission of completed tender documents with enclosures | Through e-Procurement Portal: www.tendersodisha.gov.in upto 05.00 P.M. of Dt.15.11.2022 |
| 4 | Date, time and venue for opening of Technical Bid by the Tender Committee | On Dt.16.11.2022 at 11.00 A.M. at Collectorate, Malkangiri |
| 5 | Date, time and venue of submission of original documents in support of scanned copies uploaded in the portal for verification | On Dt.16.11.2022 at 11.00 A.M. onwards at Collectorate, Malkangiri |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | Date: 19.11.2022 |

N.B.: 1. If the office happens to be closed on the date of opening of tenders, tenders will be opened on the next working day in the same time.
Sd./- CSO-cum-District Manager
OIPR-07035/11/0003/2223 OSCSC Ltd., Malkangiri



ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି
**OFFICE OF THE PANCHAYAT SAMITI**
CHITRAKONDA, DIST: MALKANGIRI
e-mail: ori-kudumuluguma@nic.in
Mob. No.: 8895949225, 9090669066

**TENDER CALL NOTICE**

No. 03/2022-23 Dated: 01.11.2022
Sealed tenders are invited from eligible contractors for the following work by the undersigned.

| Annexure | Name of Work | Approx. Cost of Project in Rs. |
|---|---|---|
| 1 | Development of Rural Haat at Panasput | 13,05,000/- |

The detailed terms and conditions is available in the official website http://www.malkangiri.nic.in. Last date of submission of tender paper is 15th Nov., 2022. The authority reserves the right to reject any or all tenders without assigning any reason thereof.

Sd./- Block Development Officer
Chitrakonda



**OFFICE OF THE DEAN & PRINCIPAL M.K.C.G. MEDICAL COLLEGE, BRAHMAPUR - 760 004, ODISHA**
Tel.: 0680 2292746 / Fax: 0680 2292809
email: mkcgmc.bam@gmail.com / Website: www.mkcgmch.org
No. 11064/MCB-2022/Welfare Brahmapur, Dated 1st November, 2022

**TENDER CALL NOTICE**
**(LEASE OF LIBRARY CANTEEN)**

No. E-585: The tender is invited in two bid system from the intending agencies/firm to organize, manage Library Canteen inside the MKCG Medical College Hospital, Berhampur during Library hours i.e. from 8.00 A.M. to 10.00 P.M. The selected party/agency has to pay the monthly fixed charge to the MKCG Medical College Hospital, Berhampur. The applicants should submit their proposal in the prescribed format along with all the supporting documents in a sealed envelope (technical bid & price bid separately) to the Office of the Dean & Principal, MKCG Medical College, Berhampur (Superscribed 'Tender for Lease of Library Canteen') by 17.11.2022 till 5.00 P.M. through Registered Post/Speed Post. The technical bid will be opened on 17.11.2022 at 05.30 P.M. in Telemedicine Conference Hall of MKCG in the presence of the bidders. Details may be obtained from the website i.e. www.mkcgmch.org.
Authority reserve the right to reject & cancel/vitiate at any time the entire process without assigning any reasons thereof.
All disputes are purely subject to jurisdiction of Berhampur only.
For any printing error the authorities shall not be responsible.

Sd./- Dean & Principal
MKCG Medical College, Berhampur
OIPR-10028/11/0014/2223

# ଋଷିକୁଲ୍ୟାରେ ଆରମ୍ଭ ହେଲା ଅଲିଭ ରିଡ୍ଲେ ସୁରକ୍ଷା ଅଭିଯାନ

**ଗଞ୍ଜାମ, ୧।୧୧ (ଡି.ଏନ.ଏ.)**



ପାଟ୍ରୋଲିଂ ସ୍କ୍ୱାର୍ଡ।

ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣରେ ପ୍ରତିବର୍ଷ ପରି ଚଳିତ ବର୍ଷ ନଭେମ୍ବର ୧ ତାରିଖରୁ ଅଲିଭ ରିଡଲେ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ପୂର୍ବାହ୍ନରେ ବ୍ରହ୍ମପୁର ଡିଏଫ୍ଓ ଅମ୍ଲାନ କୁମାର ନାୟକ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗ୍ରାମ ନିକଟ ମା' ଗଙ୍ଗାଦେବୀ ପୀଠ ନିକଟସ୍ଥ ଋଷିକୁଲ୍ୟା ନଦୀ କୂଳରୁ ଅଲିଭ ରିଡଲେ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ବୋଟ ସାହାର୍ଯ୍ୟରେ ସମୁଦ୍ରରେ ପାଟ୍ରୋଲିଂ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୧ ତାରିଖରୁ ଉତ୍ତରରେ ପ୍ରୟାଗି ଠାରୁ ଦକ୍ଷିଣ ଦିଗରେ ଆର୍ଯ୍ୟପଲ୍ଲୀ ଏବଂ ସମୁଦ୍ରର ୨୦କିଲୋମିଟର ଗଭିରତା ମଧ୍ୟରେ ଯନ୍ତ୍ର ଚାଳିତ ଡ଼ଙ୍ଗାରେ ମାଛ ମାରିବାକୁ ବାରଣ କରାଯାଇଛି। ବନ ବିଭାଗ ପକ୍ଷରୁ ଏହି କଟକଣା ପ୍ରାୟ ୮ମାସ ବଳବତର ରହିବ ବୋଲି ଜଣାପଡ଼ିଛି। ଡିଏଫ୍ଓଙ୍କ ସହ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ, ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀ, ଫରେଷ୍ଟ ଗାର୍ଡ ମାଧବ ବେହେରା ପ୍ରମୁଖଙ୍କ ସହ ପାଟ୍ରୋଲିଂ ସ୍କ୍ୱାର୍ଡ ପେଟ୍ରୋଲିଂରେ ସମୁଦ୍ରର ନୀଳ ଜଳରାଶୀ ମଧ୍ୟକୁ ଯାଇ ସାମୁଦ୍ରିକ କଇଁଚଙ୍କ ସୁରକ୍ଷା ସମ୍ପର୍କରେ ଅନୁଧ୍ୟାନ କରିଥିବା ଜଣାପଡିଛି। ସୂଚନାଥାଉକି, ଋଷିକୁଲ୍ୟା ମୁହାଁଣକୁ ନଭେମ୍ବର ମାସରେ ସମୁଦ୍ର ଜଳପଥ ଦେଇ ହଜାର ହଜାର କିଲୋମିଟର ଜଳପଥ ଅତିକ୍ରମ କରି ସାମୁଦ୍ରିକ କଇଁଚ ଋଷିକୁଲ୍ୟା ମୁହାଁଣକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଆସିଥାନ୍ତି। ପର୍ଯ୍ୟାୟକ୍ରମେ ମିଳନ, ସାମୂହିକ ଗଣ ଅଣ୍ଡାଦାନ ଓ ଛୁଆ ଫୁଟିବା ପ୍ରକ୍ରିୟା ହୋଇଥାଏ।

# ମିଶନ ଶକ୍ତି ନିର୍ଦ୍ଦେଶିକାଙ୍କୁ ସାକ୍ଷାତ କଲେ ଭାପୁର ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ

**ଭାପୁର, ୧।୧୧ (ଡି.ଏନ.ଏ.)**



ମିଶନ ଶକ୍ତି ନିର୍ଦ୍ଦେଶିକାଙ୍କୁ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଦମ୍ପତି ସାକ୍ଷାତ କରିବା ଅବସରରେ।

ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଏବଂ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମିଶନ ଶକ୍ତି ନିର୍ଦ୍ଦେଶିକାଙ୍କୁ ଭେଟିଥିବା ନେଇ ସୂଚନା ମିଳିଛି। ପୁରୁଷ ପ୍ରଧାନ ଯୁଗରେ ସ୍ୱାମୀ ଉପାଧ୍ୟକ୍ଷ ହୋଇ ଘରର ଜଣେ ସାଧାରଣ ଗୃହିଣୀଙ୍କୁ ଅଧ୍ୟକ୍ଷା କରି ମହିଳା ସଶକ୍ତିକରଣ ପାଇଁ ନେଇଥିବା ପଦକ୍ଷେପ ଯୋଗୁ ଭାପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଏବଂ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ ପାଇଁ ସପ୍ତାହରେ ନିମନ୍ତ୍ରଣ କରିଥିଲେ ମିଶନ ଶକ୍ତିର ନିର୍ଦ୍ଦେଶିକା ସୁଜାତା ପାଣ୍ଡିଆନ। ମଙ୍ଗଳବାର ପୂର୍ବାହ୍ନରେ ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ଉଭୟ ସଚିବାଳୟରେ ନିର୍ଦ୍ଦେଶିକାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଭାପୁର ଅଞ୍ଚଳର ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବାକୁ ୧୦୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ପାଇଁ ଦାବି ଉପସ୍ଥାପନା କରିଥିଲେ। ଭାପୁର ବ୍ଲକରେ ଗୋଟିଏ କଫେ ପ୍ରତିଷ୍ଠା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଦୁଇଟି ଏମ୍ଏସ୍ ଟେଲରିଂ ୟୁନିଟ୍ ପ୍ରତିଷ୍ଠା, ମିଶନ ଶକ୍ତି ଦ୍ୱାରା ପରିଚାଳିତ ୫ ଟି ଶୀତଳ ଭଣ୍ଡାର, ମିଶନ ଶକ୍ତି ଦ୍ୱାରା ବଜାର ପ୍ରତିଷ୍ଠା ଓ ଭାପୁର ବ୍ଲକକୁ ମିଲେଟ ମିଶନରେ ଅନ୍ତର୍ଭୁକ୍ତ କରି ମାଣ୍ଡିଆ ଚାଷ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଦମ୍ପତି ଲିଖିତ ଆକାରରେ ନିର୍ଦ୍ଦେଶିକାଙ୍କୁ ଜଣାଇଥିଲେ। ଏ ଅବସରରେ ପ୍ରକଳ୍ପଗୁଡିକୁ ପୂରଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନେବେ ବୋଲି ନିର୍ଦ୍ଦେଶିକ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ଭୂତତ୍ତ୍ୱରେ ସୁଶୀଲ ଶୁଭଦୀପ ପ୍ରଥମ

## ସହକାରୀ ଅଧ୍ୟାପକ ପଦବୀ ପରୀକ୍ଷାଫଳ

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**



ସୁଶୀଲ ଶୁଭଦୀପ ନାୟକ

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ସହକାରୀ ଅଧ୍ୟାପକ ପଦବୀ ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ଗତ ୨୯ ତାରିଖରେ ପ୍ରକାଶ ପାଇଛି। ଏଥିରେ ଭୂତତ୍ତ୍ୱ ବିଭାଗରେ କେନ୍ଦୁଝରର ସୁଶୀଲ ଶୁଭଦୀପ ନାୟକ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ସୁଶୀଲ କେନ୍ଦୁଝର ହାଟଡ଼ିହି ବ୍ଲକ ଅଧୀନ ନୂଆରମ୍ପାସ ଗ୍ରାମର ଶିଶୁ ବିକାଶ ପ୍ରକଳ୍ପ ପରିଦର୍ଶିକା କାଦମ୍ବିନୀ ଜେନା ଏବଂ ଆନନ୍ଦପୁର ମହାବିଦ୍ୟାଳୟର ଇଂଲିଶ ରିଡର ତଥା ସାହିତ୍ୟିକ ରବୀନ୍ଦ୍ର କୁମାର ନାୟକଙ୍କ ପୁତ୍ର। ସୁଶୀଲ ଛାତ୍ର ଜୀବନରୁ ମେଧାବୃତ୍ତି ଲାଭ କରିବା ସହ ଜପିଦାସ ବିଦ୍ୟା ମନ୍ଦିର, ବଡ଼ରମ୍ପାସରୁ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର, ବିଜେବି ମହାବିଦ୍ୟାଳୟରୁ ଯୁକ୍ତ୨ରେ ପ୍ରଥମ ଶ୍ରେଣୀ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୁକ୍ତ୩ରେ ପ୍ରଥମ ଶ୍ରେଣୀ ଓ ଡିଷ୍ଟିଙ୍କସନ, ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ପ୍ରଥମ ଏବଂ ଆଇଆଇଟି ଖଡ଼ଗପୁରରୁ ଏମ୍‌ଟେକ୍‌ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେବାର ଗୌରବ ଅର୍ଜନ କରିଛନ୍ତି। ଏଥିସହ ସେ ୨୦୧୯ରେ ସରକାରଙ୍କ ଅଧୀନରେ ଏସ୍ଏସ୍‌ବି ପରିଚାଳିତ ଭୂତତ୍ତ୍ୱରେ ଏକମାତ୍ର ଅଧ୍ୟାପକ ପଦବୀପ୍ରାପ୍ତ ହେବାର ଯୋଗ୍ୟତା ଅର୍ଜନ କରିଛନ୍ତି। ସମ୍ପ୍ରତି ସୁଶୀଲ ଗଞ୍ଜାମ ଜିଲା ଦିଗପହଣ୍ଡିର ଖେମୁଣ୍ଡି ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟରତ।

# ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ୟୁଜିସିର ନାକ୍ ପିୟର ଟିମର ଅନୁଧ୍ୟାନ

**ନୟାଗଡ଼ ଅଫିସ, ୧।୧୧**



ନାକ୍ ଟିମ୍ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ପରିଦର୍ଶନ କରୁଛନ୍ତି।

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଜାତୀୟ ମୂଲ୍ୟାୟନ ଓ ମାନ୍ୟତା କାଉନସିଲ (ୟୁଜିସିର ନାକ୍ ପିୟର ଟିମ୍) ନାକ୍ ମାନ୍ୟତାର ନବୀକରଣ ପାଇଁ ପରିଦର୍ଶନରେ ମଙ୍ଗଳବାର ପହଞ୍ଚିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ ନାକ୍ ପିୟର ଟିମ୍‌କୁ ସ୍ୱାଗତ କରିଥିଲେ। ନାକ ପିୟର ଟିମ୍‌ର ଚେୟାରମ୍ୟାନ ସଞ୍ଜୀବ କୁମାର ଶର୍ମାଙ୍କ ନେତୃତ୍ୱରେ ମେମ୍ବର ସେକ୍ରେଟାରୀ ଉତ୍ତରାଖଣ୍ଡରୁ ପ୍ରଫେସର ସୁବାଶ ଚନ୍ଦ୍ର ଭଟ୍ଟ ଓ ମେମ୍ବର ତାମିଲନାଡୁର ନାଲାପାନ ରମଣ ୩ ଜଣିଆ ଦଳ ଆସିଛନ୍ତି। ଏହି ୩ ଜଣିଆ ଦଳ ପୁଣି ମହାବିଦ୍ୟାଳୟର ସ୍ଥିତି ପରଖି ରିପୋର୍ଟ ପ୍ରସ୍ତୁତ କରିବେ। ନାକ ପିୟର ଟିମ୍‌ର ପରିଦର୍ଶନ ଅବସରରେ ମହାବିଦ୍ୟାଳୟର ମୁଖ୍ୟ ଫାଟକ, ରାସ୍ତା, ଖେଳପଡିଆ, ପାଠାଗାର, ମହାବିଦ୍ୟାଳୟର କୋଠରୀର ରୂପ ବଦଳି ଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବଲସକୁମ୍ପା, ୧।୧୧**

ଖଜୁରିପଡା ବ୍ଲକ ସଦରମହକୁମାରେ ମଙ୍ଗଳବାର ବିଜେଡି ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ପଞ୍ଚାୟତର ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିବାବେଳେ ବିଜୁ ଜନତା ଦଳର ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଜିଲା ସଭାପତି ସରୋଜ କର୍ଣ୍ଣ, ଖଜୁରିପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର, ଚକାପାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୈନେତ୍ରୀ କହଁର, ଫୁଲବାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର, ଜିଲା ପରିଷଦ ସଭ୍ୟା ମମତା ମଲ୍ଲିକ, ଜିଲା ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକ, ଏମ୍‌ପି ପ୍ରତିନିଧି ତଥା ସିନେ ତାରକା, ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଜଳନ୍ଧର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, ବିଜୁ ମହିଳା ଜିଲା ଉପସଭାନେତ୍ରୀ ମାମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏମପି ପ୍ରତିନିଧି ପଙ୍କଜ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦଯାତ୍ରାକୁ ସଫଳ କରିବା ପାଇଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନିମା କହଁର ସ୍ଥାନୀୟ କର୍ମୀଙ୍କ ସହଯୋଗରେ ଉଦ୍ୟମ କରିଥିଲେ।

# ହାଇୱା ମାଲିକ ସଂଘର ବୈଠକ

**ବୁଗୁଡ଼ା, ୧।୧୧ (ଡି.ଏନ.ଏ.)**

ବୁଗୁଡ଼ା ବାଙ୍କେଶ୍ୱରୀ ପୀଠରେ ପୋଲସରା ଓ ବୁଗୁଡ଼ା ଅଞ୍ଚଳର ହାଇୱା ମାଲିକମାନଙ୍କୁ ନେଇ ଗଠିତ ସଂଘର ଏକ ବୈଠକ ସଭାପତି ରାହୁଲ ବିଷୋୟୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ପାଦକ ଦୁର୍ଗା ପ୍ରସାଦ ଗୌଡ଼ଙ୍କ ଦ୍ୱାରା ସଂଘର ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ଅବସରରେ କୌଣସି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ନଦେବା, ଲୋକଙ୍କ ନିକଟରେ ନିର୍ଦ୍ଧାରିତ ଦରରେ ଜିନିଷ ପଇଠ କରିବା, ସମସ୍ୟାର ସମାଧାନ ପାଇଁ ସାମୁହିକ ଭାବେ ଉଦ୍ୟମ କରିବା ଆଦି ବିଷୟ ଉପରେ ସର୍ବସମ୍ମତି ପ୍ରକାଶ ପାଇଥିଲା। ସୁଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
MCL
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

**ବିଷୟ-ସିପିଆର୍ଏମ୍ଏସ୍‌ଇ ସଦସ୍ୟଙ୍କ ପାଇଁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର**

ଏତଦ୍ୱାରା ଏମ୍‌ସିଏଲ/ଅନ୍ୟ ଅନୁଷଙ୍ଗୀ ସଂସ୍ଥା (ଯେଉଁମାନେ ଏମ୍‌ସିଏଲ୍ ଚୟନ କରିଛନ୍ତି)ରୁ ଅବସରପ୍ରାପ୍ତ ସମସ୍ତ ଅଧିକାରୀ ଅଥବା ସେମାନଙ୍କର ପତି/ପତ୍ନୀ (ଅବସରପ୍ରାପ୍ତ ଅଧିକାରୀଙ୍କ ଦେହାନ୍ତ ହୋଇଥିବା ସ୍ଥିତିରେ)ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ସିପିଆରଏମଏସଇର ସଦସ୍ୟ, ସେମାନଙ୍କୁ ସେମାନଙ୍କର ଜୀବନ ପ୍ରମାଣପତ୍ର ନଭେମ୍ବର ୨୦୨୨ରେ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି। ଏଣିକି ଜୀବନ ପ୍ରମାଣପତ୍ର ଯଥା: ଆବାସିକ ଲାଭ ପାଇଁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅନ୍‌ଲାଇନ ଜରିଆରେ ଦାଖଲ କରିହେବ। ସମସ୍ତଙ୍କୁ ନିକଟସ୍ଥ ଜନସେବା କେନ୍ଦ୍ର ବା ବ୍ୟାଙ୍କ୍ ଶାଖା ଅଥବା ସରକାରୀ କାର୍ଯ୍ୟାଳୟ ଯାହାର ସବିଶେଷ ବିବରଣି **https://jeevanpraman.gov.in** ରେ ଦିଆଯାଇଛି ସେଠାକୁ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି। ଲାଭାର୍ଥୀମାନେ ସେମାନଙ୍କର ଜୀବନ ପ୍ରମାଣପତ୍ର ବ୍ୟକ୍ତିଗତ ଭାବେ/ଇମେଲ୍ ଆଇଡି: **mclcprmse@gmail.com** କିମ୍ବା ଉପ-ମହାପ୍ରବନ୍ଧକ(ଇଇ), ଏମସିଏଲ୍ ମୁଖ୍ୟାଳୟ, ସା/ପୋ: ଜାଗୃତି ବିହାର, ବୁର୍ଲା, ସମ୍ବଲପୁର -୭୬୮୦୨୦ (ଓଡ଼ିଶା)ଠିକଣାରେ ଡାକଯୋଗେ ଅଫ୍‌ଲାଇନ୍‌ରେ ମଧ୍ୟ ଦାଖଲ କରିପାରିବେ। ସଦସ୍ୟମାନେ ଏମ୍‌ସିଏଲ୍ ୱେବ୍‌ସାଇଟ୍ **www.mahanadicoal.in** ରୁ ସବିଶେଷ ବିବରଣୀ ପାଇ ପାରିବେ।

ସ୍ୱା/-
ଉପ-ମହାପ୍ରବନ୍ଧକ(ଇଇ)

R-5127



**GOVERNMENT OF ODISHA** No. L-82
**OFFICE OF THE EXECUTIVE ENGINEER (AGRIL.) (NORTHERN ZONE) HORTICULTURE**
AT/P.O.: FARM ROAD, SAMBALPUR - 768002
(email: eehortnz@gmail.com)
Identification No. 01/Hort./NZ/2022-23 Dt.31.10.2022

| | | | |
|---|---|---|---|
| 01 | Total Nos. of Works: (Sundargarh, Angul, Bargarh, Jharsuguda & Subarnapur Districts) | : | 08 Nos. |
| 02 | Estimated Cost | : | Rs.08,06,750/- to Rs.42,05,648/- |
| 03 | Period of Completion | : | 60 days to 120 days |
| 04 | Date & Time of availability of bid document in the portal | : | From 10.00 hrs. of 10.11.2022 to 17.00 hrs. of 21.11.2022 |
| 05 | Last date & time of receipt of copies of uploaded documents, draft, affidavits, schedules etc. in the tender box at the office of the undersigned at Farm Road, Sambalpur - 768002 | : | Before 17.00 hrs. of 23.11.2022 |
| 06 | Date & Time of opening of Bids | : | 11.00 hrs. of 25.11.2022 onwards |
| 07 | Name and address of the Officer Inviting Bid | : | Executive Engineer (Agril.), Northern Zone, Horticulture, C/o. Dy. Director of Horticulture, At/P.O.: Farm Road, Sambalpur, PIN - 768002 |

Further details can be seen from the website: www.tendersodisha.gov.in.
Sd./- Executive Engineer, (Agril.)
OIPR-01465/11/0002/2223 Northern Zone, Horticulture, Sambalpur



idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
IDCO, IDCO TOWERS, JANPATH, BHUBANESWAR - 751022
No. CAD-2374
Tender Call Notice No. IDCO/HO/P&C/EST/E-1017/04/2022/Vol-I/27781 Dated: 29.10.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road, Drain and RCC Culvert at Saw Mill Zone in Industrial Estate, Choudwar, Cuttack, Odisha.
2. Estimated Cost : Rs.831.19 lakh (Approx.)
3. Period of Completion : 06 (Six) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-91/2022-23 | 10.11.2022 at 17.00 hrs. | 25.11.2022 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0185/2223



No. W-61

ACCESS TO JUSTICE FOR ALL

**ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୨**

ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର)

**ବିଶେଷ ସୂଚନା**

୧ ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କ ର କାହା ସହିତ କୌଣସି ବିବାଦ ରହିଛି କି?
୨ ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ।
୩ ତା ୧୨.୧୧.୨୦୨୨ ରିଖ (ଦ୍ୱିତୀୟ ଶନିବାର) ରେ ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ରାଷ୍ଟ୍ର ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି।
୪ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ବୈବାହିକ ବିବାଦ (ଛାଡପତ୍ର ବ୍ୟତିତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧିୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ), ରାଜସ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରୀ ମକଦ୍ଦମା ର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫ କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ ଦେଇ), ଭରଣପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତ ରେ ହୋଇପାରିବ।
୬ ଲୋକ ଅଦାଲତରେ ମକଦ୍ଦମା /ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡାନ୍ତ ଏବଂ ଅମଲଯୋଗ୍ୟ।
୭ ଯଦି କୌଣସି ବିଚାରାଧିନ ମକଦ୍ଦମା ର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮ ଦୀର୍ଘ ଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯ ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତ ରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

ସଦସ୍ୟ ସଚିବ
ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ,
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ :
ମୋ-୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍- oslsa2020@gmail.com

OIPR-18008/11/0014/2223



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2373 OSIC GST No. 21AAACO2101M1Z1

**TENDER CALL NOTICE**

The Odisha Small Industries Corporation Ltd., Cuttack invites sealed bids from experienced registered Distributors/Dealers/Manufacturers/MSMEs for the following works, the details schedules, Terms & Conditions, items and quantity of requirement as per the following Tender Notices mentioned below which can be downloaded from OSIC website www.osicltd.in.

| Name of the work | Tender No. |
|---|---|
| "Supply & Maintenance of Sanitation Items and Sanitation works in the urban areas under the Municipality Anandapur" and "Shifting of High mast pole from Ghasipura Bus stand to Anandapur Barrage" | 4622/OSIC/RE dtd. 31.10.2022 |
| supply & installation of Fire safety equipments to the Model Degree College, Sonepur, Dist: Subarnapur, Nabakrushna Choudhary College of Teacher Education, Angul and Bhadrak Autonomous College, Bhadrak, Odisha | 4634/OSIC/MKT dtd. 01.11.2022 |
| supply & installation of Ceiling Fans in 1128 Nos. of Anganwadi Centres of Jagatsinghpur District | 4639/OSIC/MKT dtd. 01.11.2022. |

Any corrigendum/changes/modifications will appear in OSIC Ltd. website: www.osicltd.in only. All the tenderers are to refer to above website.

By order of MD
Sd/- GENERAL MANAGER(O)
OIPR-14073/11/0114/2223



**NOTICE INVITING TENDER**
**OFFICE OF THE DISTRICT MANAGER ODISHA STATE CIVIL SUPPLIES CORPORATION LTD., MALKANGIRI DISTRICT**
Phone: 06861230359, District Website: www.malkangiri.nic.in

No. CAD-2368: Cost of Tender Document: Rs.5900/- inclusive of GST for each Block Unit i.e. for Tender No. 1400 dated 29.10.2022, No. 1401 dated 29.10.2022, No. 1402 dated 29.10.2022, No. 1403 dated 29.10.2022, No. 1404 dated 29.10.2022, No. 1405 dated 29.10.2022 & No. 1406 dated 29.10.2022.

Online tenders are invited from eligible bidders for selection and appointment of Transport Contractors for transportation of paddy from Paddy Purchase Centres (PPC) to Rice Mills with in district or out side the district within the State of Odisha.

| | | |
|---|---|---|
| 1 | Availability of tender documents | From Date: 03.11.2022 downloadable from website: **www.oscsc.in** & **www.tendersodisha.gov.in** |
| 2 | Date, time and venue for pre-bid conference | Dt.05.11.2022 at 11.00 A.M., at Collectorate, Malkangiri |
| 3 | Last date and time for online submission of completed tender documents with enclosures | Through e-Procurement Portal: **www.tendersodisha.gov.in** upto **05.00 P.M. of Dt.15.11.2022** |
| 4 | Date, time and venue for opening of Technical Bid by the Tender Committee | On **Dt.16.11.2022 at 11.00 A.M. at Collectorate, Malkangiri** |
| 5 | Date, time and venue of submission of original documents in support of scanned copies uploaded in the portal for verification | On **Dt.16.11.2022 at 11.00 A.M.** onwards at **Collectorate, Malkangiri** |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | Date: 19.11.2022 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.

Sd./- CSO-cum-District Manager
OSCSC Ltd., Malkangiri
OIPR-07035/11/0003/2223



ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା: ମାଲକାନଗିରି
**OFFICE OF THE PANCHAYAT SAMITI**
CHITRAKONDA, DIST: MALKANGIRI
e-mail: ori-kudumuluguma@nic.in
Mob. No.: 8895949225, 9090669066

**TENDER CALL NOTICE**

No. 03/2022-23 Dated: 01.11.2022

Sealed tenders are invited from eligible contractors for the following work by the undersigned.

| Annexure | Name of Work | Approx. Cost of Project in Rs. |
|---|---|---|
| 1 | Development of Rural Haat at Panasput | 13,05,000/- |

The detailed terms and conditions is available in the official website **http://www.malkangiri.nic.in**. Last date of submission of tender paper is 15th Nov., 2022. The authority reserves the right to reject any or all tenders without assigning any reason thereof.

Sd./- Block Development Officer
Chitrakonda



**OFFICE OF THE DEAN & PRINCIPAL M.K.C.G. MEDICAL COLLEGE, BRAHMAPUR - 760 004, ODISHA**
Tel.: 0680 2292746 / Fax: 0680 2292809
email: mkcgmc.bam@gmail.com / Website: www.mkcgmch.org
No. 11064/MCB-2022/Welfare Brahmapur, Dated 1st November, 2022

**TENDER CALL NOTICE**
**(LEASE OF LIBRARY CANTEEN)**

No. E-585: The tender is invited in two bid system from the intending agencies/firm to organize, manage Library Canteen inside the MKCG Medical College Hospital, Berhampur during Library hours i.e. from 8.00 A.M. to 10.00 P.M. The selected party/agency has to pay the monthly fixed charge to the MKCG Medical College Hospital, Berhampur. The applicants should submit their proposal in the prescribed format along with all the supporting documents in a sealed envelope (technical bid & price bid separately) to the Office of the Dean & Principal, MKCG Medical College, Berhampur (Superscribed 'Tender for Lease of Library Canteen') by 17.11.2022 till 5.00 P.M. through Registered Post/Speed Post. The technical bid will be opened on 17.11.2022 at 05.30 P.M. in Telemedicine Conference Hall of MKCG in the presence of the bidders. Details may be obtained from the website i.e. **www.mkcgmch.org**.
Authority reserve the right to reject & cancel/vitiate at any time the entire process without assigning any reasons thereof.
All disputes are purely subject to jurisdiction of Berhampur only.
For any printing error the authorities shall not be responsible.

Sd./- Dean & Principal
MKCG Medical College, Berhampur
OIPR-10028/11/0014/2223

# ସଜେଇ ହେଉଛି ସାତକୋଶିଆ ପର୍ଯ୍ୟଟନ କେନ୍ଦ୍ର

## ନଭେମ୍ବର ୧୫ରେ ବାଲୁକା ଟେଣ୍ଟ ଉଦ୍‌ଘାଟନ୍

ଗଣିଆ,୧।୧୧(ଡି.ଏନ.ଏ.)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ନୟାଗଡ଼ ଜିଲା ଗଣିଆ ବ୍ଲକ ସାଉଥ୍ ବଡମୂଳ ମଙ୍ଗାନାସୀଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଅନ୍ୟତମ। ପର୍ଯ୍ୟଟନ ଋତୁ ପ୍ରବେଶ କରିବା ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ସଜେଇ ହେଉଥିବା ଦେଖିବାକୁ ମିଳିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାନଦୀର ବାଲୁକା ଶଯ୍ୟାରେ ଲାଗୁଥିବା ବାଲୁକା ଟେଣ୍ଟଗୁଡିକର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଲେ ମଧ୍ୟ ଆସନ୍ତା ୧୫ତାରିଖରେ ଏହାକୁ ଉଦ୍‌ଘାଟନ କରାଯିବାକୁ ଦିନ ସ୍ଥିରୀକୃତ ହୋଇଥିବା ମା' ସାତଭଉଣୀ ପର୍ଯ୍ୟଟନ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

ପୂର୍ବବର୍ଷ ପରି ମହାନଦୀର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ୧୬ଟି ଅଣ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ନିର୍ମାଣ କରାଯିବ। ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଆବଶ୍ୟକସ୍ଥଳେ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ଟେଣ୍ଟ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ ବୋଲି ସୂଚନା ମିଳିଛି। ସାତକୋଶିଆ ଗଣ୍ଡକୁ ଲାଗି ରହିଥିବା ଏହି ପର୍ଯ୍ୟଟନସ୍ଥଳ ନିକଟରେ ମହାନଦୀର ନୀଳ ଜଳରାଶୀ କଳ କଳ ନାଦ କରି ପ୍ରବାହିତ ହେଉଥିବାରୁ ଚଳିତବର୍ଷ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ରୋପ ୱେ, ପିଲାଙ୍କ ପାଇଁ ଖେଳଣା ପାର୍କ, ଦୋଳି, ପର୍ଯ୍ୟଟକଙ୍କ ପାଇଁ ଭଲି, ବ୍ୟାଡମିଣ୍ଟନ, ସାଇକେଲିଂ, ଜଙ୍ଗଲ ଟ୍ରାକିଂ, ଲାଇବ୍ରେରୀ, ବୋଟିଂ, କ୍ୟାମ୍ପ ଫାୟାର ଓ ମନୋରଞ୍ଜନ ପାଇଁ ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଦେଶ ବିଦେଶରୁ ବହୁ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି। ପର୍ଯ୍ୟଟନ ଋତୁରେ ବାଲୁକା ଶଯ୍ୟାରେ ଅସ୍ଥାୟୀ ଟେଣ୍ଟ ବ୍ୟତୀତ ମଙ୍ଗାନାସୀ ପାହାଡରେ ୩ଟି ଶୀତତାପ ନିୟନ୍ତ୍ରିତ କଟେଜ ଓ ପାହାଡ ପାଦଦେଶରେ ୪ଟି ଶୀତତାପ ନିୟନ୍ତ୍ରିତ ଟେଣ୍ଟ ବର୍ଷତମାମ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଜୈବ ବିବିଧତାର ଗନ୍ତାଘର ପାଲଟି ଥିବା ସାତକୋଶିଆ ଗଣ୍ଡରେ ନାନା ରଙ୍ଗବେରଙ୍ଗର ଦେଶୀ ଓ ବିଦେଶୀ ପକ୍ଷୀଙ୍କୁ ଦେଖି ପର୍ଯ୍ୟଟକମାନେ ଖୁସି ହେବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଭରପୁର ମଜା ଉଠାଇବା ପାଇଁ ବହୁ ପ୍ରକୃତିପ୍ରେମୀଙ୍କର ଆଗମନ ହେଲାଣି। ଏହି ପର୍ଯ୍ୟଟନ କେନ୍ଦ୍ରଟି ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଏଠାରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ସରକାରଙ୍କ ତହବିଲକୁ ଯାଇଥାଏ। ହେଲେ ପ୍ରତିଦିନ ଏଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହେଉଥିଲେ ହେଁ ଗଣିଆଠାରୁ ବଡମୂଳ ପର୍ଯ୍ୟନ୍ତ ସଙ୍କୀର୍ଣ୍ଣ ଓ ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।


ସାତକୋଶିଆ ମହାନଦୀ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ଟେଣ୍ଟ ନିର୍ମାଣ ଚାଲିଛି।


ପର୍ଯ୍ୟଟକମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଟେଣ୍ଟ।

# ଜିଲାପାଳଙ୍କ କଣ୍ଟିଲୋ ଅସମ୍ପୂର୍ଣ୍ଣ ମିନି ଷ୍ଟାଡିୟମ ପରିଦର୍ଶନ


ଜିଲାପାଳ ରବୀନ୍ଦ୍ରନାଥ ସାହୁ ଅସମ୍ପୂର୍ଣ୍ଣ ମିନିଷ୍ଟାଡିୟମକୁ ବୁଲି ଦେଖୁଛନ୍ତି।

ଖଣ୍ଡପଡା,୧।୧୧(ସ୍ୱ.ପ୍ର)

ନୟାଗଡ଼ ଜିଲାପାଳ ରବୀନ୍ଦ୍ରନାଥ ସାହୁ ସୋମବାର ଅପରାହ୍ନରେ ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ପୂର୍ବ ପାର୍ଶ୍ୱରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ମିନିଷ୍ଟାଡିୟମର ଷ୍ଟାଟସ ସମ୍ପର୍କରେ ଅନୁଧ୍ୟାନ କରିବାକୁ ପରିଦର୍ଶନରେ ଆସିଛନ୍ତି। ମିନିଷ୍ଟାଡିୟମ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖଣ୍ଡପଡା ବିଡିଓ ଅରୁଣୀମା ସାହୁଙ୍କଠାରୁ ପ୍ରକାଶ ଯେ, ଆଗାମୀଦିନରେ ହେବାକୁ ଥିବା ହକି ୱାର୍ଲଡ କପ ପୂର୍ବରୁ ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସମସ୍ତ ମିନିଷ୍ଟାଡିୟମଗୁଡିକ ଯେପରି ଖେଳିବାକୁ ଉପଯୋଗୀ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାରୁ ଏ ନେଇ ଜିଲାପାଳ ଏହି ମିନିଷ୍ଟାଡିୟମ୍‌କୁ ପରିଦର୍ଶନରେ ଆସିଥିଲେ। ଏହାଛଡା ସମ୍ପୃକ୍ତ ମିନିଷ୍ଟାଡିୟମ୍‌ଟି ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ଶେଷ ହୋଇନାହିଁ। ତୁରନ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବାକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବିଡିଓ ସାହୁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖେଳ ପଡିଆଗୁଡିକ ଆବଶ୍ୟକ ସ୍ଥଳେ ଆସନ୍ତା ଡ଼ିସେମ୍ବର ସୁଦ୍ଧା ମିନିଷ୍ଟାଡିୟମରେ ପରିଣତ କରିବା ଯୋଜନା ଥିବାରୁ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବାକୁ ଜିଲାପାଳ ସାହୁ ଉପସ୍ଥିତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ନୟାଗଡ଼ ଜିଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ରରାୟ, ବିଡିଓ ସାହୁ, ସହନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ଦଳବେହେରା, କନିଷ୍ଠଯନ୍ତ୍ରୀ ମୌସୁମୀ ମିଶ୍ରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ, କ୍ରୀଡାର ବିକାଶ ପାଇଁ ୨୦୧୬ ଡ଼ିସେମ୍ବର ୧୩ରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପଞ୍ଚାୟତ ପଲଟନ ପଡିଆରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାକୁ ଏକ ମିନିଷ୍ଟାଡିୟମରେ ପରିଣତ କରିବାକୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଦୀର୍ଘ ୫ବର୍ଷ ବିତିଯାଇଥିଲେ ହେଁ ସରକାରଙ୍କ ସୀମିତ ପରିମାଣର ଅନୁଦାନ ଅର୍ଥ ପଡିଆର ଉନ୍ନତିକରଣ ହୋଇ ପାରି ନ ଥିବାରୁ କ୍ରୀଡା ପ୍ରେମୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ପାଇଁ ୨୦୧୮ରେ ହୋଇଥିବା ଟେଣ୍ଡର ଅନୁସାରେ ୧୭ ଲକ୍ଷ ଟଙ୍କା ଅନୁଦାନ ସହ ଏମ୍‌ପିଙ୍କ ପାଣ୍ଠିରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ମିନିଷ୍ଟାଡିୟମର ଆବଶ୍ୟକ ଉନ୍ନତିକରଣ ପୂରଣ କରିବା ଅସମ୍ଭବ ହୋଇପଡିଛି। ଏହି ଅର୍ଥରେ ପଡିଆ ମଧ୍ୟରେ ଏକ ଗୃହ ନିର୍ମାଣ, ପ୍ରବେଶ ତୋରଣ (ଗେଟ) ସହ ଦକ୍ଷିଣ ପାର୍ଶ୍ୱର ୩୨୦ ଫୁଟ ସୁରକ୍ଷା ପ୍ରାଚୀର ମଧ୍ୟରୁ ମାତ୍ର ୧୬୦ ଫୁଟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ତେବେ ଅନ୍ୟ ୩ ପାର୍ଶ୍ୱ ପ୍ରାଚୀର(ପ୍ରାୟ ୪୮୦ ଫୁଟ ଲମ୍ବ) ସହ ଅବଶିଷ୍ଟ ଦକ୍ଷିଣ ପାର୍ଶ୍ୱ ୧୬୦ ଫୁଟ ଲମ୍ବର ପ୍ରାଚୀର ନ ଥିବାରୁ ପଡିଆର ସୁରକ୍ଷା ଦିଗରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗୋଷ୍ଠାଷ୍ଟମୀ ଉତ୍ସବ: ବିଛା ଯାଇଥିବା ଘାସ ତୁଳନାରେ ଗୋରୁଙ୍କ ସଂଖ୍ୟା କମ୍

ଖଣ୍ଡପଡ଼ା,୧।୧୧(ସ୍ୱ.ପ୍ର)

ଖଣ୍ଡପଡ଼ା, ଖଳିସାହି, କୋସକା, ଜଗନ୍ନାଥପ୍ରସାଦ, ବେଣାଗାଡିଆ, ସିଧାମୂଳା, ଶାଳଝରିଆ ଆଦି ଅଞ୍ଚଳରେ ମଙ୍ଗଳବାର ପବିତ୍ର ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପୀଠରେ ଗୋଷ୍ଠାଷ୍ଟମୀ ଉତ୍ସବ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଧାମୋହନ ଜୀଉ ମଠରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟାରେ ଶ୍ରୀଜୀଉଙ୍କ ବିଗ୍ରହକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ମାଘମେଳା ପଡିଆକୁ ବିଜେ କରାଯାଇଥିଲା। ସେଠାରେ ଗ୍ରାମର ସମସ୍ତ ଗୋରୁଙ୍କୁ ଏକାଠି କରାଯାଇ ଶ୍ରୀଜୀଉଙ୍କ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମହିଳାମାନେ ଗୋମାତାଙ୍କୁ ବନ୍ଦାପନା କରିଥିଲେ। ପରେ ସମସ୍ତ ଗୋରୁଙ୍କୁ ଘାସ ଓ ଖାଦ୍ୟ ପ୍ରଦାନ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରୀଜୀଉ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପୂଜା ଦେଖିବାକୁ ଶ୍ରଦ୍ଧାଳୁ ଓ କାର୍ତ୍ତିକ ବ୍ରତ ପାଳନ କରୁଥିବା ମହିଳାମାନଙ୍କ ସମାଗମ ହୋଇଥିଲା। ସେହିପରି ଅନୁରୂପ ଭାବେ ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉଙ୍କ ଚଳନ୍ତି ପ୍ରତିମାଙ୍କୁ ନିକଟସ୍ଥ ରାମଲୀଳାସ୍ଥଳକୁ ବିଜେ କରାଯାଇ ଗାନ୍ଧୀ ପାର୍କଠାରେ ସେ ଅଞ୍ଚଳର ଗୋରୁମାନଙ୍କୁ ଏକାଠି କରାଯାଇ ମହିଳାମାନେ ବନ୍ଦାପନା କରି ଘାସ ଖାଇବାକୁ ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଖାଦ୍ୟ ତଥା ଚାରଣ ଭୂମିର ଅଭାବ ସାଙ୍ଗକୁ ଗାଈ ଚରାଇବାକୁ ଗୋପାଳମାନଙ୍କ ଅଭାବ ଦେଖାଯାଇଛି। ଘରେ ଏବେ ଲୋକେ ଗାଈ ଗୋରୁ ରଖିବା ସମ୍ଭବ ହେଉନାହିଁ। ଫଳରେ ଗାଁ ଗଣ୍ଡାରେ ପୂର୍ବ ପରି ଗୋରୁ ଦେଖିବା ବିରଳ ହୋଇଗଲାଣି। ଗୋଷ୍ଠାଷ୍ଟମୀରେ ମହିଳାମାନେ ଘାସ ବିଛାଇ ରଖିଥିଲେ ମଧ୍ୟ ସେପରି ଆଖି ଦୃଷ୍ଟିଆ ଗୋରୁ ଦେଖିବାକୁ ମିଳି ନ ଥିଲା।


ଗୋଷ୍ଠାଷ୍ଟମୀ ଅବସରରେ ଗୋରୁଙ୍କୁ ପୂଜାର୍ଚ୍ଚନା ପରେ ଘାସ ଖାଇବାକୁ ଦିଆଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକି


@ ରୋଜିତ୍


@ ସିତୁ


@ ଏସ୍.କେ. ଅମାନତ


@ ସୁଜାତା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନରେ ବାର୍ଷିକ ଉତ୍ସବ

ରଣପୁର,୧।୧୧ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳାରେ ଥିବା ଜିଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ କେନ୍ଦ୍ରରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇବର୍ଷ ହେବ କରୋନା କଟକଣା ଯୋଗୁ ବାର୍ଷିକ ଉତ୍ସବ ପାଳିତ ହୋଇ ପାରି ନ ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ରାଜସୁନାଖଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର କର, ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ରାଜସୁନାଖଳା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ସମିତିସଭ୍ୟ ତପନ କୁମାର ପ୍ରଧାନ, ଶିକ୍ଷକ ପ୍ରଶିକ୍ଷକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭା କାର୍ଯ୍ୟକୁ ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଶିକ୍ଷକ ପ୍ରଶିକ୍ଷିକା ଅନିନ୍ଦିତା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ବିଜୟ କୁମାର ତ୍ରିପାଠୀ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଭକ୍ତ ଚରଣ ବାଟିକା ଉଦ୍ୟାନର ଉଦ୍‌ଘାଟନ କରାଯାଇଥିଲା। ଶିକ୍ଷକ ପ୍ରଶିକ୍ଷକ ମନୋରଞ୍ଜନ ଦାଶ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର ବାର୍ଷିକ ପତ୍ରିକା 'ସ୍ୱର୍ଣ୍ଣାଭ' ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷାରେ ଗୋଷ୍ଠୀ ସମ୍ପୃକ୍ତି ନେଇ କଲ୍ୟାଣପୁର କ୍ଲଷ୍ଟରର ସିଆରସିସି ଦେବାଶିଷ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ଶିକ୍ଷକ ମାନସ ପଟ୍ଟନାୟକ ଓ ପ୍ରଭାତ କୁମାର ପଣ୍ଡା, ପ୍ରଶିକ୍ଷକ ବଟକୃଷ୍ଣ ସାହୁଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଇଂ. ପଟ୍ଟନାୟକ ତାଙ୍କ ଭାଷଣରେ କହିଥିଲେ ଯେ, ଶିକ୍ଷା ହିଁ ଶିଶୁ ତଥା ଗ୍ରାମ ଓ ସହରର ବିକାଶର ମୂଳ ମନ୍ତ୍ର ଅଟେ। ପ୍ରଶିକ୍ଷକ ମାନସ କୁମାର ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଗୁରୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷା ପ୍ରଶିକ୍ଷିକା ଦିପ୍ତୀପ୍ରଭା ଦାଶ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରଶିକ୍ଷଣ କେନ୍ଦ୍ରର ସମସ୍ତ ପ୍ରଶିକ୍ଷକ, ପ୍ରଶିକ୍ଷିକା, ଗୁରୁ ଛାତ୍ରୀଛାତ୍ର, ସୋମନଙ୍କ ମୌଳିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପାନୀୟ ଜଳ ପାଇଁ ରାସ୍ତାରୋକୋ

- ୩ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ଯୋଗାଇ ନ ଥିଲା ପାଣି
- ନୟାଗଡ଼ ପୁରୁଣା ସହରବାସୀଙ୍କ ଆନ୍ଦୋଳନକୁ ଅଣଦେଖା
- ମ୍ୟୁନିସିପାଲିଟିର ଟ୍ୟାଙ୍କର ଫେରାଇ ଦେଲେ ଆନ୍ଦୋଳନକାରୀ
- ଜିଲାପାଳଙ୍କ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ

ନୟାଗଡ଼ ଅଫିସ,୧।୧୧

ନୟାଗଡ଼ ସହରରେ ପାନୀୟ ଜଳସଙ୍କଟ ଲାଗି ରହୁଛି। ବର୍ଷତମାମ ପାନୀୟ ଜଳ ସମସ୍ୟା ଲାଗି ରହୁଥିଲେ ମଧ୍ୟ ଏଯାବତ ସ୍ଥାୟୀ ପ୍ରତିକାର ନାହିଁ। ଏଭଳିସ୍ଥଳେ ୩ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗ ପାଇପ ଯୋଗେ ଓ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଲେ ନାହିଁ। ଏଣୁ ପୁରୁଣା ସହରବାସୀ ଉତ୍ତ୍ୟକ୍ତ ହୋଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ମଙ୍ଗଳବାର ରାସ୍ତାରୋକୋ କରିଥିଲେ। ଆନ୍ଦୋଳନ ସମୟରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ କି ଅଧିକାରୀ କେହି ଆସି ବୁଝାଶୁଝା କରି ନ ଥିଲେ। ଏଣୁ ପାଣି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ଆନ୍ଦୋଳନକାରୀ ଜିଦ୍ ଧରି ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ଏଭଳି ସମୟରେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ଏକ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଆସିଥିଲା। ୭ ହଜାର ଲୋକଙ୍କ ପାଇଁ ମାତ୍ର ଗୋଟିଏ ଟ୍ୟାଙ୍କର ଜଳ ପାଇବ ନାହିଁ ବୋଲି ଆନ୍ଦୋଳନକାରୀ ଯୁକ୍ତି ବାଢ଼ି ଫେରାଇ ଦେଇଥିଲେ। ଘଟଣାସ୍ଥଳରେ ଜିଲାପାଳ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହୋଇଥିବା ରାସ୍ତରୋକୋ ମଧ୍ୟାହ୍ନ ସାଢ଼େ ୧୨ଟାରେ ପ୍ରତ୍ୟାହାର ହୋଇଥିଲା।

ପୁରୁଣା ସହର ରୁଖି ଓ ବଳରାମ ପାହାଡ ପାଦ ଦେଶରେ ଗଢ଼ି ଉଠିଛି। ଏହି ଅଞ୍ଚଳରେ ନଳକୂପରୁ ପାଣି ବାହାରୁନି। ପୁଣି କୂପ ଜଳ ପର୍ଯ୍ୟାପ୍ତ ନୁହେଁ। ଏଠାକାର ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଇପ ପାଣି ଉପରେ ନିର୍ଭରଶୀଳ। ତେବେ ୩ ଦିନ ପାଣି ନ ଆସିବାରୁ ଅଧିକାଂଶ ଲୋକଙ୍କ ଘରେ ଚୁଲି ଜଳି ନ ଥିଲା। ପୁଣି ସ୍ନାନ ଓ ଶୌଚରେ ବାଧା ସୃଷ୍ଟି ହୋଇଥିଲା। ପାଣି ସମସ୍ୟା ନେଇ ପୁରୁଣାସହର ବାସିନ୍ଦା ଜନସ୍ୱାସ୍ଥ୍ୟ ବିଭାଗରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏଭଳିସ୍ଥଳେ ଲୋକେ ଉତ୍ତେଜିତ ହୋଇ ରାସ୍ତାରୋକେର କରିଥିଲେ। ସାଇକେଲ, ବାଇକ୍‌କୁ ମଧ୍ୟ ଛାଡି ନ ଥିଲେ। ଘଟଣାସ୍ଥଳକୁ ମ୍ୟୁନିସିପାଲିଟିର ଭାଇସ ଚେୟାରମ୍ୟାନ ଗୁରୁ ପ୍ରସାଦ ଜେନା ଆସି ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ସାହୁ କୁହନ୍ତି, ୩ଟି ଟରବାଇନ ପମ୍ପ ଖରାପ ଯୋଗୁ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଭୁବନେଶ୍ୱରରୁ ମିସ୍ତ୍ରୀ ଆସି ୨ଟି ମରାମତି କରିଛନ୍ତି। ଆଉ ଏକ ମରାମତି ଚାଲିଛି। ରାତିରେ ଏହା ମରାମତି ହେବାର ଆଶା ରହିଛି। ବୁଧବାର ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। କିଛି ଅସୁବିଧା ହେଲେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବୁ। ଟରବାଇନ ପମ୍ପ ପୁରୁଣା ହୋଇଯିବା ଯୋଗୁ ସମସ୍ୟା ଦେଖାଦେଇଛି। ନୂଆ କିଣିବାକୁ ସରକାରଙ୍କୁ ଏ ନେଇ ଅବଗତ କରାଇଛୁ। ଅନ୍ୟପକ୍ଷେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଆମେ ବ୍ୟବସ୍ଥା କରିଥିଲୁ। ହେଲେ କିଛି ଲୋକ ବିରୋଧ କରିବାରୁ ଏହା ଲାଗୁ କରି ପାରି ନ ଥିଲୁ। ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ବୁଧବାର ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲୁ ରହିଛି। ସହର ମଧ୍ୟରେ ପାଣି ପାଇଁ ରାସ୍ତାରୋକୋ ଖବରପାଇ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲି।


ପୁରୁଣା ସହରବାସୀ ପାନୀୟ ଜଳ ଦାବିରେ ରାସ୍ତାରୋକୋ କରିଛନ୍ତି।

